ଧରିତ୍ରୀ 50 Years
DHARITR
ଭୁବନେଶ୍ୱର, ବୁଧବାର, ମେ ୨୯/୨୦୨୪ (୧୬ ପୃଷ୍ଠା) Bhubanesw
୫୦ଶ ଭାଗ ୧୮୪ ସଂଖ୍ୟା www.orissakhabar.com/www.dharitri.com | Printed at Sa

# ରତ୍ନଭଣ୍ଡାରର ଖୋଲା ସତ୍ୟ



## ରତ୍ନଭଣ୍ଡାର

ଶ୍ରୀମନ୍ଦିରର ଜଗନ୍ନାଥଙ୍କ ଗର୍ଭଗୃହ ପୂର୍ବରୁ ଥିବା ଜଗମୋହନ ମଧ୍ୟରେ ରତ୍ନଭଣ୍ଡାର ଅବସ୍ଥିତ । ରତ୍ନଭଣ୍ଡାର ଭିତରେ ଦୁଇଟି କକ୍ଷ ଅଛି । ପ୍ରଥମ କକ୍ଷକୁ 'ବାହାର ରତ୍ନଭଣ୍ଡାର' ଓ ଦ୍ୱିତୀୟ କକ୍ଷକୁ 'ଭିତର ରତ୍ନଭଣ୍ଡାର' କୁହାଯାଏ । ଉଭୟ ରତ୍ନଭଣ୍ଡାରକୁ ପ୍ରବେଶ କରିବା ପାଇଁ ଗୋଟିଏ ମାତ୍ର ଦ୍ୱାର । ବାହାର ରତ୍ନଭଣ୍ଡାର ଖୋଲିଲା ପରେ ହିଁ ଭିତର ରତ୍ନଭଣ୍ଡାର ଖୋଲାଯାଇପାରିବ । ବାହାର ରତ୍ନଭଣ୍ଡାରରେ ମହାପ୍ରଭୁଙ୍କ ରୀତିନୀତି ପାଇଁ ଆବଶ୍ୟକୀୟ ପରିଧାନ, ସୁନାବେଶ ଭଳି ଦିନଗୁଡ଼ିକରେ ବ୍ୟବହୃତ ଅଳଙ୍କାର ଓ ପୂଜାବିଧି ସାମଗ୍ରୀ ରହିଛି । ବାହାର ରତ୍ନଭଣ୍ଡାର ପ୍ରତି ବର୍ଷ ଅନେକ ଥର ଖୋଲାଯାଇଥାଏ ।

## ବାହାର ରତ୍ନଭଣ୍ଡାର କାହିଁକି ଖୋଲା ହୁଏ ?

ବାହାର ରତ୍ନଭଣ୍ଡାରର ମୁଖ୍ୟ ଦ୍ୱାର ମହାପ୍ରଭୁଙ୍କ ଆବଶ୍ୟକତା ଓ ବିଧି ଅନୁଯାୟୀ ଖୋଲାଯାଏ । ଏହି ଦ୍ୱାର ଖୋଲିବା ପାଇଁ ତିନୋଟି ଚାବି ଆବଶ୍ୟକ । ଗଜପତି ମହାରାଜାଙ୍କ ପ୍ରତିନିଧି, ମନ୍ଦିର ମୁଖ୍ୟ ପ୍ରଶାସକ ଓ ଭଣ୍ଡାର ମେକାପ ସେବକ ଏହି ଚାବି ଆଣି ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ଅନ୍ୟ ପ୍ରଧାନ ସେବକଙ୍କ ଉପସ୍ଥିତିରେ ବାହାର ରତ୍ନଭଣ୍ଡାର ଖୋଲିଥାନ୍ତି । ଏହି ବ୍ୟକ୍ତିବିଶେଷଙ୍କ ଉପସ୍ଥିତି ବିନା ବାହାର ରତ୍ନଭଣ୍ଡାର ଖୋଲିବା ଅସମ୍ଭବ । ଭିତର ରତ୍ନଭଣ୍ଡାରକୁ ଗତ ୪୦ ବର୍ଷ ହେଲା ଖୋଲାଯାଇନାହିଁ ।

## ହୀନ ରାଜନୀତି କାହିଁକି ?

ପରିକ୍ରମା ପ୍ରକଳ୍ପ ଯାହା ୫୦୦ ବର୍ଷରୁ ହୋଇପାରିନଥିଲା, ମହାପ୍ରଭୁଙ୍କ ଇଚ୍ଛାରେ ଏବେ ସଫଳ ହେଲା । ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର, ପ୍ରସିଦ୍ଧି ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତାକୁ ସହ୍ୟ କରି ନପାରି ବିରୋଧୀ ଗୋଟିଏ ମିଛ ପ୍ରଚାର ଆରମ୍ଭ କରିଛନ୍ତି, ରତ୍ନଭଣ୍ଡାର ପ୍ରସଙ୍ଗ । ଏହି ପ୍ରସଙ୍ଗକୁ ରାଜନୈତିକ ରଙ୍ଗ ଦେଉଥିବା ବିରୋଧୀ ଦଳର ନେତା ୧୦ ବର୍ଷ ଯାଏଁ ସେହି ବିଭାଗର ମନ୍ତ୍ରୀ ଥିଲେ, ଯାହା ଅଧୀନରେ ମନ୍ଦିର ପରିଚାଳନା କମିଟି ଥିଲା କିନ୍ତୁ ତାଙ୍କୁ ରତ୍ନଭଣ୍ଡାର କଥା ମନେ ପଡ଼ିଲା ନାହିଁ ମାତ୍ର ନିର୍ବାଚନର ୧୦ ଦିନ ପୂର୍ବରୁ ମହାପ୍ରଭୁଙ୍କ ଆଢୁଆଳରେ ମିଛ ପ୍ରଚାର କରୁଛନ୍ତି । ତାଙ୍କ ପାଖରେ କିଛି ଏଜେଣ୍ଡା ନାହିଁ, ନୀଚ ରାଜନୈତିକ ଉଦ୍ଦେଶ୍ୟରେ ରତ୍ନଭଣ୍ଡାର ବିଷୟରେ ଅପପ୍ରଚାର କରିବା ସହ ଭକ୍ତଙ୍କ ଭାବନା ସହ ଛଳନା କରୁଛନ୍ତି ।



## ରତ୍ନଭଣ୍ଡାରର ସତ୍ୟ

୧୯୮୫ ମସିହାରୁ ଭିତର ରତ୍ନଭଣ୍ଡାର ବନ୍ଦ ରହିଛି । ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗର ପୂର୍ଣ୍ଣାଙ୍ଗ ରିପୋର୍ଟ ଉପରେ ଉଚ୍ଚ ନ୍ୟାୟାଳୟ ଶୁଣାଣି ସ୍ପଷ୍ଟ କରିଛି ଯେ ଏହି ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇନାହିଁ । ଚାବି ହଜିବା ପ୍ରସଙ୍ଗରେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅରିଜିତ ପଶାୟତଙ୍କ ନେତୃତ୍ୱରେ ଗଠିତ କମିଟି ନିଷ୍ପତ୍ତି ନେଇଛି ଯେ ଏହି ବର୍ଷ ୨୦୨୪ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ଖୋଲାଯିବ । ତେବେ ମାନ୍ୟବର କୋର୍ଟ ଓ କମିଟିର ନିଷ୍ପତ୍ତି ପରେ ବି ବିରୋଧୀଙ୍କ ଏହି କୁମ୍ଭୀର କାନ୍ଦଣା କାହିଁକି ?



# ମହାପ୍ରଭୁଙ୍କ ନାଁ'ରେ ମିଛ - ମହାପାପ

ଓଡ଼ିଶାବାସୀଙ୍କ ହିତରେ ଜାରି

ବିଜୁ ଜନତା ଦଳ

PUBLISHED BY BIJU JANATA DAL, SANKHA BHAWAN , UNIT 6, BHUBANESWAR

# ସୋସିଆଲ ମିଡିଆରୁ ହଟିଲା ୪୨୦ ଆପତ୍ତିଜନକ ପୋଷ୍ଟ

## ନିର୍ବାଚନ ବେଳେ ଓଡ଼ିଶା ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୮।୫(ସତ୍ୟଜିତ୍ ରାଉତ)

ଚଳିତ ଲୋକ ସଭା ଓ ବିଧାନସଭା ନିର୍ବାଚନକୁ ଅବାଧ, ମୁକ୍ତ, ନିରପେକ୍ଷ ଓ ଶୃଙ୍ଖଳିତ କରିବାକୁ ରାଜ୍ୟ ପୋଲିସର ସୋସିଆଲ ମିଡିଆ ମନିଟରିଂ ସେଲ୍ ପକ୍ଷରୁ ବିଭିନ୍ନ ସାମାଜିକ ଗଣମାଧ୍ୟମରୁ ୪୨୦ଟି ଆପତ୍ତିଜନକ ପୋଷ୍ଟକୁ ହଟାଯାଇଛି। ସୋସିଆଲ ମିଡିଆରେ ନିର୍ବାଚନୀ ସଂକ୍ରାନ୍ତୀୟ ଆପତ୍ତିଜନକ ପୋଷ୍ଟ କରି ନିୟମ ଉଲ୍ଲଙ୍ଘନ କରିଥିବା ବିଶୃଙ୍ଖଳାକାରୀଙ୍କ ବିରୋଧରେ ଏଭଳି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ମଙ୍ଗଳବାର ସୂଚନା ଦିଆଯାଇଛି। ଏହି ପୋଷ୍ଟଗୁଡ଼ିକ ବିଭିନ୍ନ ରାଜନୈତିକ ଦଳର ସମର୍ଥକ ଓ ଅନ୍ୟ ଗ୍ରୁପ ପକ୍ଷରୁ ୟୁଟ୍ୟୁବ୍, ଇନ୍‌ଷ୍ଟାଗ୍ରାମ, ଫେସ୍‌ବୁକ୍ ଓ ଏକ୍ସ(ପୂର୍ବରୁ ଟୁଇଟର)ରେ ଛଡ଼ାଯାଇଥିଲା।

ରିପୋର୍ଟ ଅନୁଯାୟୀ, ଫେସ୍‌ବୁକ୍‌ରେ ୭୮୮ ପୋଷ୍ଟ/ଆକାଉଣ୍ଟ ଓ ଇନ୍‌ଷ୍ଟାଗ୍ରାମରେ ୪୭୧ଟି ପୋଷ୍ଟକୁ ହଟାଇବାକୁ ଅନୁରୋଧ କରାଯାଇଥିଲା। ମେଟା ପକ୍ଷରୁ ଫେସ୍‌ବୁକ୍‌ରୁ ୨୫୬ ଓ ଇନ୍‌ଷ୍ଟାଗ୍ରାମରୁ ୧୫୪ ପୋଷ୍ଟକୁ



ବ୍ଲକ୍ କରାଯାଇଛି। ସେହିପରି ୟୁଟ୍ୟୁବ୍‌ରେ ୯୬ଟି କଣ୍ଟେଣ୍ଟକୁ ହଟାଇବାକୁ ଅନୁରୋଧ କରାଯାଇଥିବାବେଳେ ଗୁଗଲ ପକ୍ଷରୁ ୯ଟିକୁ ହଟାଯାଇଛି। ଏହାବ୍ୟତୀତ ଏ ସଂକ୍ରାନ୍ତରେ ୫ଟି ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେହିପରି ବିଭିନ୍ନ ସୋସିଆଲ ମିଡିଆରେ ପ୍ରାୟ ୯୫୦ଟି ଆକାଉଣ୍ଟକୁ ପୋଲିସ ସୋସିଆଲ ମିଡିଆ ସେଲ ପକ୍ଷରୁ ନଜର ରଖାଯାଇ ତଦାରଖ କରାଯାଉଛି। ନିୟମ ଉଲ୍ଲଂଘନ କଲେ ଏହି ଆକାଉଣ୍ଟ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରଥମେ କ୍ରାଇମବ୍ରାଞ୍ଚରେ ସୋସିଆଲ୍ ମିଡିଆ ୟୁନିଟ ଖୋଲାଯାଇଥିଲା। ହେଲେ ପରେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ପୋଲିସ ଜିଲାରେ ସୋସିଆଲ୍ ମିଡିଆ ସେଲ୍ ଖୋଲାଯାଇଥିଲା। କ୍ରାଇମବ୍ରାଞ୍ଚର ସୋସିଆଲ୍ ମିଡିଆ ୟୁନିଟ ଓ ସମସ୍ତ ଜିଲାର ସୋସିଆଲ ମିଡିଆ ସେଲ୍‌ର ମିଳିତ ଉଦ୍ୟମରେ ଏହି ପଦକ୍ଷେପ ନିଆଯାଇଥିବା ସୂଚନା ଦିଆଯାଇଛି। ଏଥିସହ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବୃତ୍ତିଧାରୀମାନେ ମଧ୍ୟ ସାଇବର ଭଲ୍ୟୁଣ୍ଟର ବା ସ୍ୱେଚ୍ଛାସେବୀ ଭାବେ ରାଜ୍ୟ ପୋଲିସ ସହ ଯୋଡ଼ି ହୋଇ ଏହି ଦିଗରେ କାମ କରୁଛନ୍ତି। କ୍ରାଇମବ୍ରାଞ୍ଚର ସାଇବର କ୍ରାଇମ ୟୁନିଟ ସାଇବର ଅପରାଧ ସଂକ୍ରାନ୍ତରେ ନିୟମିତ ସୋସିଆଲ୍ ମିଡିଆରେ ପୋଷ୍ଟ କରି ସଚେତନ କରାଉଛି। ଏଥିସହ ସାମାଜିକ ଗଣମାଧ୍ୟମଗୁଡ଼ିକୁ ଠିକ୍ ଓ ଭଦ୍ରାମିର ସହ ବ୍ୟବହାର କରିବାକୁ ଲୋକମାନଙ୍କୁ କ୍ରାଇମବ୍ରାଞ୍ଚ ମଧ୍ୟ ନିବେଦନ କରିଛି।

# ୪୫ ଡିଗ୍ରୀ ଡେଇଁଲା ପାରଦ

## ୪୫.୯ ଡିଗ୍ରୀ ସହ ଦେଶରେ ୧୦ମ ସ୍ଥାନରେ ବୌଦ୍ଧ

ଭୁବନେଶ୍ୱର, ୨୮।୫(ଅସମାପିକା ସାହୁ)

କିଛିଦିନର ବ୍ୟବଧାନ ପରେ ରାଜ୍ୟକୁ ପୁଣି ଫେରିଛି ଗ୍ରୀଷ୍ମ ପ୍ରବାହ। ବାତ୍ୟା 'ରେମାଲ' ଯୋଗୁ ତାପମାତ୍ରା ହ୍ରାସ ପାଇଥିବାବେଳେ ମଙ୍ଗଳବାର ପାରଦ ୪୫ ଡିଗ୍ରୀ ସେଲସିୟସ୍ ଡେଇଁଛି। ରାଜ୍ୟର ୩ଟି ସହରରେ ଦିନ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ୍ ଉପରେ ରେକର୍ଡ କରାଯାଇଛି। ୪୫.୯ ଡିଗ୍ରୀ ସହିତ ବୌଦ୍ଧ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ହେବା ସହ ଦେଶର ୧୦ମ ଏବଂ ସୁବର୍ଣ୍ଣପୁର ୪୫.୩ ଡିଗ୍ରୀ ସେଲ୍‌ସିୟସ ସହ ୧୧ତମ ସ୍ଥାନରେ ରହିଛି। ସେହିପରି ଟିଟିଲାଗଡ଼ରେ ୪୫ଡିଗ୍ରୀ ତାପମାତ୍ରା ରହିଥିଲା। ୧୭ ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠୁ ଅଧିକ ଥିବାବେଳେ ୧୦ ସହରରେ ୪୩ ଡିଗ୍ରୀ ସେଲସିୟସ୍ କିମ୍ବା ଅଧିକ ରେକର୍ଡ କରାଯାଇଛି। ଆସନ୍ତା ଦୁଇଦିନ ରାଜ୍ୟରେ ଏହିଭଳି ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଏହି ଦୁଇଦିନ ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ସମ୍ବଲପୁର, ନୂଆପଡ଼ା, ସୁବର୍ଣ୍ଣପୁର, ବୌଦ୍ଧ, କଳାହାଣ୍ଡି ଏବଂ କନ୍ଧମାଳକୁ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ପଶ୍ଚିମ ଓଡ଼ିଶାରେ ତାତି ଅସମ୍ଭାଳ ଥିବାବେଳେ ଉପକୂଳରେ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଉପକୂଳରେ ତାପମାତ୍ରା କମ୍ ରହିଥିଲେ ମଧ୍ୟ ଆର୍ଦ୍ରତା ଅଧିକ ରହୁଥିବାରୁ ଗୁଳୁଗୁଳି ଅଧିକ ଲାଗୁଥିଲା। ମଙ୍ଗଳବାର ଅପରାହ୍ନ ସାଢ଼େ ୨ଟାରେ ଭୁବନେଶ୍ୱରରେ ତାପମାତ୍ରା ୩୯.୪ ଡିଗ୍ରୀ ଥିବାବେଳେ ଆର୍ଦ୍ରତା ୬୩ଡିଗ୍ରୀ ରହିଥିଲା। ରାଜ୍ୟରେ ଆସନ୍ତା ଦୁଇଦିନ ଏହିଭଳି ଗୁଳୁଗୁଳି ଅନୁଭୂତ ହେବ ବୋଲି ଆକଳନ କରାଯାଇଛି। ଏହି ଦୁଇଦିନ ବାଲେଶ୍ୱର,



ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ୧୧ ଜିଲାକୁ ଉଷ୍ମ ଏବଂ ଆର୍ଦ୍ର ପାଣିପାଗ ପାଇଁ ୟେଲୋ ୱାର୍ନିଂ ଜାରି ହୋଇଛି। ୩୧ ତାରିଖରୁ ପାଗରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ବିଭିନ୍ନ ଜିଲାରେ କାଳବୈଶାଖୀ ବର୍ଷା ହେବା ସହିତ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦କିମି ବହିବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଅପରପକ୍ଷେ ଆଗାମୀ ୩ରୁ ୪ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି।

# ଅଂଶୁଘାତ ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି

## ୧,୨୧୯ ଡାକ୍ତରଖାନାରେ ଭର୍ତ୍ତି

ଭୁବନେଶ୍ୱର, ୨୮।୫(ଅସମାପିକା ସାହୁ)

ରାଜ୍ୟରେ ଅଂଶୁଘାତଜନିତ ମୃତ୍ୟୁ ସଂଖ୍ୟା ୪କୁ ବୃଦ୍ଧି ପାଇଛି। ମୟୂରଭଞ୍ଜରେ ୨ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଢେଙ୍କାନାଳ ଓ ବାଲେଶ୍ୱରରେ ଜଣେ ଲେଖାଏ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ସେହିପରି ଆଉ ୧୪ ଅଂଶୁଘାତ ମୃତ୍ୟୁ ଅଭିଯୋଗର ତଦନ୍ତ ଚାଲିଥିବା ମଙ୍ଗଳବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ରାଜ୍ୟରେ ସୋମବାର ସୁଦ୍ଧା ୧,୨୧୯ ଜଣ ଅଂଶୁଘାତ ଯୋଗୁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଢେଙ୍କାନାଳରୁ ସର୍ବାଧିକ ୧୯୮ ଜଣ ଥିବାବେଳେ ମୟୂରଭଞ୍ଜରୁ ୧୪୬, ସୁନ୍ଦରଗଡ଼ରୁ ୧୩୧, ସମ୍ବଲପୁରରୁ ୧୨୧ ଜଣ ରହିଛନ୍ତି। ଆଗକୁ ରାଜ୍ୟରେ ପୁଣି ଗ୍ରୀଷ୍ମପ୍ରବାହ ଜାରି ରହିବାକୁ ଥିବାରୁ ହସ୍ପିଟାଲ ପ୍ରସ୍ତୁତ ରଖାଯିବା ସହିତ ଜନସାଧାରଣଙ୍କୁ ସତର୍କ ରହିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରତ୍ୟେକ ଦିନ ୨ରୁ ୫ ଜଣ ଅଂଶୁଘାତ ଦ୍ୱାରା ପ୍ରଭାବିତ ବ୍ୟକ୍ତି ହସ୍ପିଟାଲକୁ ଆସୁଛନ୍ତି। ଅଂଶୁଘାତ ଦ୍ୱାରା ପ୍ରଭାବିତ ହେଉଥିବା ସମସ୍ତ ବ୍ୟକ୍ତିଙ୍କୁ ହସ୍ପିଟାଲ ଆଣିବା ପୂର୍ବରୁ ପ୍ରାଥମିକ ଚିକିତ୍ସା ଯୋଗାଇଦେବାର ଆବଶ୍ୟକତା ରହିଛି। ପ୍ରଥମେ ବ୍ୟକ୍ତିଙ୍କ ଶରୀରକୁ ଓଦା କପଡ଼ାରେ ଗୁଡ଼ାଇ ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟକୁ ନେଇ ଆସିବା ଜରୁରୀ ବୋଲି କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ କହିଛନ୍ତି।

# ନାବାଳିକା, ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ରାଉରକେଲା,୨୮।୫(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ବିଶ୍ରା ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ଗୋଟିଏ ଘରୁ ଗୁରୁତର ଅବସ୍ଥାରେ ନାବାଳିକା ଓ ଯୁବକଙ୍କୁ ଉଦ୍ଧାର କରାଯାଇଥିଲା। ଉଭୟଙ୍କୁ ବିଶ୍ରା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ନାବାଳିକାଙ୍କୁ ମୃତ ଘୋଷଣା କରିଥିଲେ। ଯୁବକଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା( ଆରଜିଏଚ)କୁ ସ୍ଥାନାନ୍ତର ବେଳେ ରାସ୍ତାରେ ତାଙ୍କ ପ୍ରାଣବାୟୁ ଉଡି ଯାଇଥିଲା। ମୃତକ ହେଲେ ବିକ୍ରମ ମିଶ୍ର(୨୪)। ଘଟଣା ସ୍ଥଳରେ ଡିଏସ୍‌ପି ନିର୍ମଳ ମହାପାତ୍ର ଓ ବିଶ୍ରା ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ଥାନାରେ ଉଭୟଙ୍କ ପରିବାର ପକ୍ଷରୁ ପୃଥକ ଏତଲା କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ୩ଟାରେ ବିଶ୍ରା ଗୋଷ୍ଠୀ ଚିକିତ୍ସାଳୟ ପଛପଟେ ଥିବା ଏକ ବସ୍ତିରେ ଜଣେ ବ୍ୟକ୍ତିଙ୍କ ଘରୁ ଚିତ୍କାର ଶୁଣିବାକୁ ମିଳିଥିଲା। ଘଟଣା ସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ନାବାଳିକା ଓ ବିକ୍ରମ ଅଚେତ ଅବସ୍ଥାରେ ପଡିଥିବା ଦେଖିଥିଲେ। ଘଟଣାର ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ପୋଲିସ ଉଭୟଙ୍କ ପରିବାର ଲୋକଙ୍କୁ ପଚରାଉଚରା କରୁଥିବା ଜଣାପଡିଛି।

# ବହୁଗୁଣ ଲାଭ ଦେବା ଆଳରେ ୫୦ କୋଟି ଠକେଇ

## କମ୍ପାନୀ ନିର୍ଦ୍ଦେଶକ ଗିରଫ

- ସ୍ତ୍ରୀଙ୍କୁ ଖୋଜା ଚାଲିଛି, ରାଜ୍ୟରେ ଫସିଛନ୍ତି ୨ହଜାର ନିବେଶକାରୀ
- ମାସକୁ ୨୬ ପ୍ରତିଶତ ଲାଭ ଦେବାର ମିଛ ପ୍ରତିଶ୍ରୁତି ଦେଉଥିଲେ

ଭୁବନେଶ୍ୱର,୨୮।୫(ସତ୍ୟଜିତ୍ ରାଉତ)

ମିଛ ପ୍ରତିଶ୍ରୁତି ଦେଇ ନିବେଶ ଆଳରେ ଲୋକଙ୍କଠାରୁ ଟଙ୍କା ନେଲେ। ବିଶ୍ୱାସଭାଜନ ପାଇଁ ପ୍ରଥମେ କିଛିଟଙ୍କା ମଧ୍ୟ ଫେରାଇଲେ, ହେଲେ ପରେ ଅଫିସ ବନ୍ଦ କରି ଫେରାର ହୋଇଗଲେ ଦମ୍ପତି। ରାଜ୍ୟରେ ଏଭଳି ଉପାୟରେ ପ୍ରାୟ ୫୦ କୋଟି ଟଙ୍କା ଠକିନେବା ଅଭିଯୋଗରେ ସମ୍ପୃକ୍ତ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି)ଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମଙ୍ଗଳବାର ଗିରଫ କରିଛି। ସେ ହେଲେ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଞ୍ଚଳର ମୋହନ କୁମାର ପରିଡ଼ା। ଅଭିଯୁକ୍ତ ମୋହନଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କମ୍ପାନୀ ନିର୍ଦ୍ଦେଶକ ଥିବା ମୋହନଙ୍କ ସ୍ତ୍ରୀ ପୁଷ୍ପଲତା ବେହୁରାଙ୍କୁ ଗିରଫ କରିବା ପାଇଁ ଇଓଡବ୍ଲ୍ୟୁ ଖୋଜାଖୋଜି କରୁଛି।

ଇଓଡବ୍ଲ୍ୟୁ ସୂଚନା ଅନୁଯାୟୀ, ଭୁବନେଶ୍ୱର କଳିଙ୍ଗନଗରର ଚିତ୍ତରଞ୍ଜନ ପାଲ୍‌ଙ୍କ ଏତଲା ଆଧାରରେ ଇଓଡବ୍ଲ୍ୟୁ ମେ' ୧୬ରେ ଏ ନେଇ ଏକ ମାମଲା (ନଂ. ୬/୨୦୨୪)



ମୋହନ ପରିଡ଼ା

ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୋହନ ଓ ତାଙ୍କ ସ୍ତ୍ରୀ ଏମ୍/ଏସ୍ ୱେ ଟୁ ଆଡ୍ ଇଣ୍ଡିଆ ପ୍ରାଇଭେଟ ଲିଃ ନାମରେ କମ୍ପାନୀ ଖୋଲି ଭୁବନେଶ୍ୱରସ୍ଥିତ ପଳାଶୁଣୀ ପ୍ରାଚୀ ବିହାରରେ ଅଫିସ କରି ଠକାମି କରିଥିଲେ। ଅଭିଯୋଗକାରୀ ଚିତ୍ତରଞ୍ଜନ ୨୦୨୩ରେ ୪୪.୬୦ ଲକ୍ଷ ଟଙ୍କା ନିବେଶ କରି ପ୍ରଥମେ ୧୨ ହଜାର ୬୦୦ ଟଙ୍କା ଲାଭ ପାଇଥିଲେ। ହେଲେ ପରେ ଆଉ ତାଙ୍କୁ ଟଙ୍କା ଦିଆଯାଇ ନ ଥିଲା। ୨୦୨୦ରୁ ୨୦୨୩ ମଧ୍ୟରେ ବିଭିନ୍ନ ସ୍କିମ୍ ନାଁରେ ରାଜ୍ୟର ଦୁଇ ହଜାର ନିବେଶକାରୀଙ୍କଠାରୁ ମୋହନ ୫୦ କୋଟି ଟଙ୍କା ଠକିଥିବା ଇଓଡବ୍ଲ୍ୟୁ ସୂଚନା ଦେଇଛି। ସେ ଅଟୋପୋଲ ପ୍ୟାକେଜ, ବୁଷ୍ଟିଂ ପ୍ୟାକେଜ ଆଦି ସ୍କିମ୍ କରି ଠକୁଥିଲେ। ପ୍ରତି ମାସରେ ୨୬ ପ୍ରତିଶତ ଲାଭ ଓ ୩ ମାସ ଧରି ଏଭଳି ଲାଭ ମିଳିବ ବୋଲି କହୁଥିଲେ। ଏଥିସହ ନୂଆ ସଦସ୍ୟଙ୍କୁ ଯୋଡ଼ିଲେ ୨ ପ୍ରତିଶତ ବୋନସ୍ ମିଳିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଉଥିଲେ। ନିବେଶକାରୀଙ୍କଠାରୁ ପ୍ରଥମେ ୨୫୦୦ ଟଙ୍କା ନେଇ ଲଗ୍ ଇନ୍ ଆଇଡି ଦେଉଥିଲେ। ଉକ୍ତ ଲଗ୍ ଇନ୍ ଆଇଡି ଦ୍ୱାରା ସଦସ୍ୟମାନେ ଆଉ ୩ଜଣଙ୍କୁ ଯୋଡ଼ିଲେ କମିଶନ୍ ମିଳିବ ବୋଲି କହୁଥିଲେ। ମୋହନ କୁମାର ଯେଉଁ କମ୍ପାନୀ କରିଥିଲେ, ସେହି କମ୍ପାନୀ ଦ୍ୱାରା କେବଳ ଅନଲାଇନ ରିଚାର୍ଜ, ବିମାନ ଟିକେଟ, ବସ୍ ଟିକେଟ ବୁକିଂ ଆଦି କରିଥାନ୍ତେ। ହେଲେ ସେ ଆର୍‌ବିଆଇର ବିନା ଅନୁମତିରେ ଏଭଳି ପୋଞ୍ଜି ସ୍କିମ୍ ଚଳାଉଥିଲେ। ତେବେ ନିବେଶ ଟଙ୍କା ବହୁ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ ହୋଇଥିବା ଇଓଡବ୍ଲ୍ୟୁ ସୂଚନା ଦେଇଛି।

ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ବୁଧବାର, ମେ ୨୯/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, May 29/2024 | Page 16 | ₹ 7.00 | SAMBALPUR
୫୦ଶ ଭାଗ ୧୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 184 | ମୂଲ୍ୟ ₹୭/-

# ଓଡ଼ିଶାର ମଙ୍ଗଳ ପାଇଁ ନବୀନଙ୍କ ସହ ସମ୍ପର୍କ ତ୍ୟାଗ କରିବି: ମୋଦି

ନୂଆଦିଲ୍ଲୀ,୨୮।୫


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଓଡ଼ିଶାର ମଙ୍ଗଳ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ନିଜ ସୁସମ୍ପର୍କ ତ୍ୟାଗ କରିବାକୁ ଆଗ୍ରହୀ ବୋଲି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ନ୍ୟୁଜ୍ ଏଜେନ୍ସି ଏଏନ୍ଆଇକୁ ସାକ୍ଷାତ୍କାର ଦେଇ ମୋଦି କହିଛନ୍ତି, ଭାରତରେ ସବୁ ଦଳର ନେତାଙ୍କ ସହ ଆମର ଭଲ ସମ୍ପର୍କ ରହିଛି। ଗଣତନ୍ତ୍ରରେ କାହା ସହିତ ଆମର ଶତ୍ରୁତା ନାହିଁ। ବର୍ତ୍ତମାନର ପ୍ରଶ୍ନ ହେଉଛି, ମୁଁ ମୋ ସମ୍ପର୍କ ବଜାୟ ରଖିବି ନା ଓଡ଼ିଶାର ଭାଗ୍ୟକୁ ନେଇ ଚିନ୍ତା କରିବି। ମୁଁ ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନିଜକୁ ସମର୍ପିତ କରିବି। ଯଦି ଆବଶ୍ୟକ ପଡ଼େ ସେମାନଙ୍କ ସହ ସମ୍ପର୍କକୁ ବଳି ପକାଇଦେବି ବୋଲି ମୋଦି ସ୍ପଷ୍ଟ କରିଛନ୍ତି।

ସାକ୍ଷାତ୍କାର ବେଳେ ପ୍ରଧାନମନ୍ତ୍ରୀ ମୋଦି ଶାସକ ବିଜୁ ଜନତା ଦଳ (ବିଜେଡି)କୁ ସମାଲୋଚନା କରି କହିଛନ୍ତି, ନବୀନଙ୍କ ୨୫ ବର୍ଷର ଶାସନ କାଳରେ ରାଜ୍ୟର କିଛି ଉନ୍ନତି ହୋଇନାହିଁ। ସବୁଠୁ ଚିନ୍ତାଜନକ ବିଷୟ ହେଉଛି, ଏକ ଗୋଷ୍ଠୀ ସମଗ୍ର ଓଡ଼ିଶାର ସିଷ୍ଟମ୍ (ବ୍ୟବସ୍ଥା)କୁ ନିଜ ହାତକୁ ନେଇଯାଇଛି। ମନେହେଉଛି, ସିଷ୍ଟମ୍‌କୁ ପଣବନ୍ଦୀ କରାଯାଇଛି। ଓଡ଼ିଶା ଏହି ସିଷ୍ଟମ୍ ଭିତରୁ ମୁକ୍ତ ହୋଇପାରିଲେ ଉନ୍ନତି କରିବା ସ୍ୱାଭାବିକ। ଓଡ଼ିଶାର ଅସ୍ମିତା କଥା ଉଠାଇ ସେ ଆହୁରି କହିଛନ୍ତି, ରାଜ୍ୟରେ ଅନେକ ପ୍ରାକୃତିକ ସମ୍ପଦ ରହିଛି। ଓଡ଼ିଶା ଭଳି ଏକ ସମୃଦ୍ଧ ରାଜ୍ୟର ଲୋକଙ୍କ ଦାରିଦ୍ର୍ୟ ଦେଖି ଦୁଃଖ ଲାଗୁଛି।

☞ପୃଷ୍ଠା-୨

# କୁଚ୍ଛେଙ୍କୁ ନିଲମ୍ବନ କଲେ ଇସିଆଇ


ଡି.ଏସ୍. କୁଚ୍ଛେ


ଆଶିଷ କୁମାର ସିଂ

ଭୁବନେଶ୍ୱର,୨୮।୫(ଅନିଲ ଦାସ)

ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ତଥା ୧୯୯୭ ବ୍ୟାଚ୍ ଆଇପିଏସ୍ ଅଫିସର ଡି.ଏସ୍. କୁଚ୍ଛେଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଏଥିସହିତ ୨୦୧୦ ବ୍ୟାଚ୍ ଆଇପିଏସ୍ ଅଫିସର ଆଶିଷ କୁମାର ସିଂଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବାକୁ ଭାରତର ନିର୍ବାଚନ କମିଶନ (ଇସିଆଇ) ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ମଙ୍ଗଳବାର କମିଶନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏଥିସହିତ କୁଚ୍ଛେଙ୍କୁ ନୂଆଦିଲ୍ଲୀସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ବୁଧବାର ଅପରାହ୍ନ ୩ଟା ସୁଦ୍ଧା ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଡି.ଏସ୍. କୁଚ୍ଛେଙ୍କ ବିରୋଧରେ ଥିବା ଚିଠା ଚାର୍ଜସିଟ୍‌କୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଦେବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୁଚ୍ଛେଙ୍କ ବିରୋଧରେ ଚାକିରି ସର୍ତ୍ତାବଳୀ ଅନୁସାରେ ଆବଶ୍ୟକ ଚାର୍ଜସିଟ୍ ମେ' ୩୦ତାରିଖ ସୁଦ୍ଧା ପ୍ରସ୍ତୁତ

☞ପୃଷ୍ଠା-୨

### ଆଶିଷ ସିଂଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବ ଏମ୍ସର ସ୍ୱତନ୍ତ୍ର ମେଡିକାଲ ବୋର୍ଡ

ଆଜିର ସମ୍ପାଦକୀୟ
ସାପ କାମୁଡ଼ା

ସାକ୍ଷାତ୍କାର ପୃଷ୍ଠା-୬


ଓଡ଼ିଶାରେ ସରକାର ଗଢ଼ି ଇତିହାସ ରଚିବ ଭାଜପା: ନଡ୍ଡା




# ଭାଜପା କହେ, ପାରେନାହିଁ: ନବୀନ

ନୂଆଦିଲ୍ଲୀ,୨୮।୫(ପି.ଟି.)


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଭାରତୀୟ ଜନତା ପାର୍ଟି (ଭାଜପା) କେବଳ କହିଥାଏ, କିନ୍ତୁ ପାରି ନ ଥାଏ। ଭାଜପା ପୂର୍ବରୁ କର୍ନାଟକରେ ସରକାର ଗଢ଼ିବ ବୋଲି ଦାବି କରିଥିଲା। ହେଲେ ଏଥିରେ ବିଫଳ ହୋଇଥିଲା। ଭାଜପା ନେତାମାନେ ତେଲଙ୍ଗାନାରେ ସରକାର ଗଢ଼ିବୁ ବୋଲି କହି ବିଫଳ ହୋଇଥିଲେ। ସେହିପରି ହିମାଚଳ ପ୍ରଦେଶରେ ସେମାନେ ଅନୁରୂପ ଦୃଢ଼ୋକ୍ତି ପ୍ରକାଶ କରି ବିଫଳ ହୋଇଥିଲେ। ଓଡ଼ିଶା ନିର୍ବାଚନରେ ମଧ୍ୟ ସେମାନଙ୍କ ପରାଜୟର ଧାରା ଜାରି ରହିବ ବୋଲି ମଙ୍ଗଳବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଏବଂ ଭାଜପା ନେତାମାନେ ଓଡ଼ିଶାରେ ସରକାର ଗଠନ କରିବେ ଓ ସେମାନଙ୍କ ଦଳର ଜଣେ ନେତା ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ଦାବି କରୁଥିବାବେଳେ ନବୀନ ନ୍ୟୁଜ୍ ଏଜେନ୍ସି ପିଟିଆଇକୁ ସାକ୍ଷାତ୍କାର ଦେଇ ଏଭଳି ଜବାବ ରଖିଛନ୍ତି।

# ଜଣେ ତାମିଲ ମୁଖ୍ୟମନ୍ତ୍ରୀଙ୍କୁ ଥାପିବାକୁ ଚାହୁଁଛନ୍ତି ନବୀନ: ଶାହା

ଯାଜପୁର,୨୮।୫
(ହର୍ଷବର୍ଦ୍ଧନ ବେହେରା)



ଓଡ଼ିଶାର ଜନସାଧାରଣଙ୍କ ଉପରେ ଜଣେ ତାମିଲ ମୁଖ୍ୟମନ୍ତ୍ରୀଙ୍କୁ ଥାପିଦେବାକୁ ଚାହୁଁଛନ୍ତି ନବୀନ ପଟ୍ଟନାୟକ। ସେ ତାଙ୍କ ଉତ୍ତରାଧିକାରୀ ଭାବେ ପାଣ୍ଡିଆନଙ୍କୁ ବାଛିଛନ୍ତି। ଏହାକୁ ଆମେ ସହିବୁ ନାହିଁ ବୋଲି କହିଛନ୍ତି ବରିଷ୍ଠ ଭାଜପା ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା। ଯାଜପୁର ଜିଲା କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ପାଣିକୋଇଲିଠାରେ ମଙ୍ଗଳବାର ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଶାହା ଏଭଳି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ଟାର୍ଗେଟ କରିଛନ୍ତି। ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରି ଶାହା କହିଛନ୍ତି ଯେ, ଖାଲି ବ୍ୟାଗ୍‌ରେ ପେଟ ପୂରିବ ନାହିଁ, ଯଦି ସାହସ ଅଛି ୫ କିଲୋ ଚାଉଳ ଦିଅ। ଶାହା ପାଣିକୋଇଲି

☞ପୃଷ୍ଠା-୨






**ଆଜିର ମନ୍ତବ୍ୟ**
"କୌଣସି ଅଞ୍ଚଳର ଭୌଗୋଳିକ ଏବଂ ସାମାଜିକ ସ୍ଥିତି ଆଧାରରେ ସଂରକ୍ଷଣ ଦିଆଯାଇଥାଏ। କଂଗ୍ରେସ ଧର୍ମ ଆଧାରରେ ସଂରକ୍ଷଣ ଦେବାକୁ ଚାହୁଁଛି।
– ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଫିଲ୍ମ 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ' ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ସୂର୍ଯ୍ୟାଂଶ, ଜୟଦେବ ବିହାର, ସମୟ: ସନ୍ଧ୍ୟା ୭ଟା ୩୦।

### କଟକ
- କଳାବିକାଶ କେନ୍ଦ୍ର ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିରର ତୃତୀୟ ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର ପରିସର, ସମୟ: ଅପରାହ୍ନ ୪ଟା ୩୦।
- ନୂଆପାଟଣାସ୍ଥିତ ମଦନମୋହନଙ୍କ ଚନ୍ଦନ ଯାତ୍ରା, ସ୍ଥାନ: ନୂଆପାଟଣା ବଡ଼ସାହି, ତିଗିରିଆ, ସମୟ: ଅପରାହ୍ନ ୫ଟା।

### ପୁରୀ
- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରୋଡ଼ ଶୋ', ସ୍ଥାନ: ନିମାପଡ଼ା, ସମୟ: ଅପରାହ୍ନ ୨ଟା।
- ପ୍ରଭୁ ଶ୍ରୀ କପିଳେଶ୍ୱରଙ୍କ ଚନ୍ଦନ ଉତ୍ସବ, ସ୍ଥାନ: ଚନ୍ଦନ ପୁଷ୍କରଣୀ ପାଟପୁର, ନିମାପଡ଼ା, ସମୟ: ଦିନ ଚାପ ଅପରାହ୍ନ ୪ଟା ଓ ରାତ୍ରି ଚାପ ସନ୍ଧ୍ୟା ୬ଟା।

### ଖୋର୍ଦ୍ଧା
- ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ୧୧ତମ ସାମ୍ବତ୍ସରିକ ଉତ୍ସବ ଓ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ପନ୍ଦରଦୋଳ ଯାତ୍ରା ପଡ଼ିଆ, ବୋଲଗଡ଼, ସମୟ: ଅପରାହ୍ନ ୫ଟା ୩୦।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ, ସ୍ଥାନ: ଅସରଳା, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

### ବାଲେଶ୍ୱର
- ଭାଜପା ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ଥାନ: ନରହରିପୁର ପଡ଼ିଆ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସର ନିର୍ବାଚନୀ ସଭାରେ ଯୋଗଦେବେ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ସ୍ଥାନ: କୁରୁଡ଼ା ହାଟ ପଡ଼ିଆ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

### ଭଦ୍ରକ
- ଭାଜପାର ବାଇକ୍ ରାଲି, ସ୍ଥାନ: ଓଡ଼ଙ୍ଗ, ବନ୍ତ, ସମୟ: ଅପରାହ୍ନ ୨ଟା।
- କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନିର୍ବାଚନୀ ସଭା, ସ୍ଥାନ: ମତ୍ତୋ, ଚାନ୍ଦବାଲି, ସମୟ: ଅପରାହ୍ନ ୨ଟା।
- ଅପରାଜିତା ଷଡ଼ଙ୍ଗୀଙ୍କ ନିର୍ବାଚନୀ ସଭା, ସ୍ଥାନ: କାଦବରାଙ୍ଗ, ବନ୍ତ, ସମୟ: ଅପରାହ୍ନ ୨ଟା ୩୦।
- ଭାଜପାର ଯୁବ ସମାବେଶ, ସ୍ଥାନ : ଶିଶୁ ବିଦ୍ୟାମନ୍ଦିର ପଡ଼ିଆ,ଆନନ୍ଦପୁର, ଧାମନଗର, ସମୟ : ଅପରାହ୍ନ ୩ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା ବିଜେଡି କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚାର, ସ୍ଥାନ: ବିଲଣା, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।

### ମୟୂରଭଞ୍ଜ
- ଓଆର୍ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- କଂଗ୍ରେସର ରୋଡ୍ ଶୋ', ସ୍ଥାନ: ଚିତ୍ରଡ଼ା ଓ ମୋରଡା ବଜାର,ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜେଏମ୍ଏମ୍ର ନିର୍ବାଚନୀ ପ୍ରଚାର ସଭା, ସ୍ଥାନ: କାଣିମହୁଲି ହାଟ ପଡିଆ, ଶୁଳିଆପଦା, ସମୟ: ପୂର୍ବାହ୍ନ ୧୧ଟା।
- ଚିତ୍ରଡ଼ାରେ ବିଜେଡିର ସମାବେଶ, ସ୍ଥାନ: କାଣିମହୁଲି ପଡ଼ିଆ, ଶୁଳିଆପଦା, ସମୟ: ଅପରାହ୍ନ ୩ଟା।

### ବ୍ରହ୍ମପୁର
- କନକଦୁର୍ଗା ଠାକୁରାଣୀ ଯାତ୍ରା ଆରମ୍ଭ, ସ୍ଥାନ:ଆଙ୍କୁଲି, ସମୟ:ସକାଳ ୬ଟା।
- ପରଳ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ:ବ୍ରହ୍ମପୁର ରେଲୱେ ଇନଷ୍ଟିଚ୍ୟୁଟ୍,ସମୟ: ସକାଳ ୮ଟା ୩୦।

### ଗଞ୍ଜାମ
- ବ୍ରାହ୍ମଣୀଦେବୀଙ୍କ ନଗର ଭ୍ରମଣ, ସ୍ଥାନ: ଭଞ୍ଜନଗର ସହର ଭେଜିପୁଟ, ସମୟ: ସନ୍ଧ୍ୟା ୭ଟା।

### ରାୟଗଡ଼ା
- ମା' ଠାକୁରାଣୀଙ୍କ ଘଟ ବିସର୍ଜନ, ସ୍ଥାନ: ମିଲୁ ଢ଼େପ ସାହି, ଗୁଡ଼ାରୀ, ସମୟ: ସକାଳ ୮ଟାରୁ ଆରମ୍ଭ।
- ଅଗ୍ନି ଗାଙ୍ଗାମା ଯାତ୍ରା ଉଦ୍ଘାଟନ, ସ୍ଥାନ: ଚିକିରି ଦୋରା ସାହି, ସମୟ: ସକାଳ ୮ ଟା।
- ରଜ ପାଇଁ ପାରମ୍ପରିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ସାନ ବ୍ରାହ୍ମଣ ସାହି, କଲ୍ୟାଣସିଂପୁର, ସମୟ: ସନ୍ଧ୍ୟା ୭ ଟା।

### କୋରାପୁଟ
- ବ୍ୟାଙ୍କର୍ସ ସମନ୍ୱୟ ବୈଠକ, ସ୍ଥାନ: ସଦ୍ଭାବନା ସଭାଗୃହ, ସମୟ: ଅପରାହ୍ନ ୪ଟା।
- ଶାବର ଶ୍ରୀକ୍ଷେତ୍ର ବାହାର ଚାପ ଖେଳ ସମାପନ କାର୍ଯ୍ୟକ୍ରମ, ସ୍ଥାନ: ଚନ୍ଦନ ପୋଖରୀ ପାର୍କ କୋରାପୁଟ, ସମୟ: ସନ୍ଧ୍ୟା ୭ଟା୩୦।

### ସମ୍ବଲପୁର
- ଭାରତୀ ସମାଜର ବୈଠକ, ସ୍ଥାନ: ଗୁରୁ ପଦ୍ମସମ୍ଭବ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା କୁଡୋ ହଲ, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- କେପିଏଲ୍ ଧମାକାର ଚତୁର୍ଥ ଦିବସ, ସ୍ଥାନ: କୋଟସମଲାଇ, ଉଲୁଣ୍ଡା, ସମୟ: ସକାଳ ୭ଟା।
- ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଉପଭୋକ୍ତା ସଂଘ ପକ୍ଷରୁ ଧାରଣା, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ଗ୍ରୀଡ୍ ଅଫିସ ସମ୍ମୁଖ, ସମୟ: ସକାଳ ୮ଟା।
- ନବାହ୍ନ ପାରାୟଣର ଚତୁର୍ଥ ଦିବସ, ସ୍ଥାନ: ବଡବର୍ଡାକଟା ହରିହର ମନ୍ଦିର ପ୍ରାଙ୍ଗଣ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।

### ରାଉରକେଲା
- ମିଳିତ ଶ୍ରମିକ ସଂଘ ପକ୍ଷରୁ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୮ଟା।
- ନିଶା ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଛେଣ୍ଡ ପାଠାଗାର, ସମୟ: ସକାଳ ୯ଟା।

### ବରଗଡ଼
- ବୁଢ଼ାରଜା ଓ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଜାମମାଲ, ଗାଇସିଲେଟ୍, ସମୟ: ସକାଳ ୮ଟା।
- ମାତ୍ରିକ ଟପ୍ପର ଶୁଭକାନ୍ତ ସାହୁଙ୍କ ସମ୍ବର୍ଦ୍ଧନା, ସ୍ଥାନ: ଦୁର୍ଗା ମଣ୍ଡପ, ଗୋଡ଼ଭଗା, ସମୟ: ସନ୍ଧ୍ୟା ୭ଟା।

### କଳାହାଣ୍ଡି
- ଡ୍ରପ୍ଆଉଟ ଫ୍ରି ପଞ୍ଚାୟତ କାର୍ଯ୍ୟକ୍ରମ, ସ୍ଥାନ: ତଲଜାରିଂ, ଜୁନାଗଡ଼ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

### ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ କୋନାବିରା ପଞ୍ଚାୟତ ପାଣ୍ଡେଳବାହାଲି, ସମୟ: ସକାଳ ୮ଟା ୩୦।
- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ସକାଳ ୯ଟା ୪୫।

### ବୌଦ୍ଧ
- ବରଗାଁ ଶ୍ରୀ ଶ୍ରୀ ରଘୁନାଥ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଓ ଚବିଶ ପ୍ରହର ନାମଯଜ୍ଞ ଅବସରରେ କଳସଯାତ୍ରା, ସ୍ଥାନ: ବରଗାଁ,କଣ୍ଟାମାଳ ବ୍ଲକ, ସମୟ: ସକାଳ ୯ଟା।

### ଦେବଗଡ଼
- ମାସିକ ଋତୁସ୍ରାବ ଦିବସରେ ସ୍ୱଚ୍ଛତା ଅବଲମ୍ବନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରିଆମାଳ ବ୍ଲକ, ରେଙ୍ଗାଲବେଡ଼ା ସେବାଧାମ, ସମୟ: ସକାଳ ୯ଟା।

### ଝାରସୁଗୁଡ଼ା
- ପୂଜାର୍ଚ୍ଚନା ସହିତ ଆଳତୀ, ସ୍ଥାନ: ଝାଡେଶ୍ୱର ମନ୍ଦିରସ୍ଥିତ ଗଣେଶ ମନ୍ଦିର, ସମୟ: ସକାଳ ୬ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉଦଯାପିତ ଉତ୍ସବ, ସ୍ଥାନ: ସହରସ୍ଥିତ କୁମେଲସିଂହା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା ୩୦।

### ଢେଙ୍କାନାଳ
- ଶ୍ରୀଜଗନ୍ନାଥ କଥାମୃତ ପ୍ରବଚନ ଉଦ୍ଯାପନୀ ସନ୍ଧ୍ୟା, ସ୍ଥାନ: ଢେଙ୍କାନାଳ ଶରଣ ଶ୍ରୀକ୍ଷେତ୍ର ଏକଘରିଆ, ସମୟ: ସନ୍ଧ୍ୟା ୭ଟା।

### ଅନୁଗୋଳ
- ଭୋଟ ଗଣନା ସକାଶେ ସମୀକ୍ଷା, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଭୋଟ ଗଣନା ପାଇଁ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟ ଗଣନା ଲାଗି ପ୍ରସ୍ତୁତି ବୈଠକ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

### ଜଗତ୍ସିଂହପୁର
- ଭାଜପାର ଜନସମାବେଶ, ସ୍ଥାନ: ରଘୁନାଥପୁର ବ୍ଲକ ମାଘ ମେଳା ପଡ଼ିଆ, ସମୟ: ଅପରାହ୍ନ ୫ଟା।

### ନୟାଗଡ଼
- ଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବରେ ପୂର୍ଣ୍ଣାହୁତି, ସ୍ଥାନ: ଓଡ଼ଗାଁ ବ୍ଲକ ଆମ୍ବରାପୁର ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୪ଟା।
- କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚନ୍ଦନ ଯାତ୍ରାର ୨୦ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ୨୦ତମ ଦିବସ, ସ୍ଥାନ:ନୟାଗଡ଼ ସାଗର ପୋଖରୀ, ସମୟ:ଅପରାହ୍ନ ୫ଟା।
- ରାମଚରିତ ମାନସ ପାରାୟଣର ୩ୟ ଦିବସରେ ଶ୍ରୀରାମ ଜନ୍ମର କାରଣ ଓ ଜନକଙ୍କ ବ୍ରହ୍ମ ଦର୍ଶନ ଉପରେ ପ୍ରବଚନ, ସ୍ଥାନ: ନୟାଗଡ଼ ମାଛିପଡ଼ା ତିନି ଦୋଳ ଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀରଘୁନାଥଜୀଉଙ୍କ ଭଉଁରୀ ଯାତ୍ରାର ୨୦ତମ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀରାମ ସାଗର,ସମୟ:ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ୨୦ତମ ଦିବସ, ସ୍ଥାନ:ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ,ସମୟ:ସନ୍ଧ୍ୟା ୭ଟା।

### କେନ୍ଦ୍ରାପଡ଼ା
- ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମ, ସ୍ଥାନ: ସିଦ୍ଧ ମଠପଡ଼ିଆ, ବାରୋ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୩ଟା।
- ୧୧୧ତମ ବାର୍ଷିକ ଭାଗବତ ପାରାୟଣ ଓ ଅଷ୍ଟମ ପ୍ରହରୀ ନାମଯଜ୍ଞ, ସ୍ଥାନ: କୁତରଙ୍ଗ, ସମୟ: ପ୍ରାତଃରୁ ଆରମ୍ଭ।

# ବସ୍ ଓଲଟି ୨ ମୃତ, ୩୦ରୁ ଉର୍ଦ୍ଧ୍ୱ ଆହତ

**ଫୁଲବାଣୀ/ଫିରିଙ୍ଗିଆ,୨୮।୫ (ରାକେଶ କୁମାର ରାଉତ/ବିକ୍ରମ ଦିଗାଲ)**

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ କାଳିଆ ସାହି ନିକଟ ବୁଲାଣି ରାସ୍ତାରେ ମଙ୍ଗଳବାର ସନ୍ଧ୍ୟାରେ 'ସାଲୁଙ୍କି' ନାମକ ଘରୋଇ ବସ ଓଲଟି ପଡ଼ିଛି। ଏଥିରେ କଣ୍ଡକ୍ଟର ରୁଲୁ ପଟ୍ଟନାୟକ ଓ ଅନ୍ୟ ଜଣେ ଯାତ୍ରୀ ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ ସାରୁକୋଇ ଗାଁର ଅର୍ଜୁନ କହଁରଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଫିରିଙ୍ଗିଆ ଅଗ୍ନିଶମ ବାହିନୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ବେଳେ ଫୁଲବାଣୀ ଓ ଅନ୍ୟାନ୍ୟ ସ୍ଥାନରୁ ୫ରୁ ଉର୍ଦ୍ଧ୍ୱ ଆମ୍ବୁଲାନ୍ସ ସେଠାରେ ପହଞ୍ଚିଥିଲା। ଆହତମାନଙ୍କୁ ଫିରିଙ୍ଗିଆ ମେଡିକାଲକୁ ନିଆଯାଇଥିଲା। ସେଠାରେ ଫୁଲବାଣୀ ସଦର ଥାନା ଅଧିକାରୀ, ଉପଜିଲାପାଳ ଓ ଫିରିଙ୍ଗିଆ ତହସିଲଦାର ଅନାମିକା ପାଣ୍ଡେ ଉପସ୍ଥିତ ରହି ଆହତମାନଙ୍କ ଚିକିତ୍ସା ତଦାରଖ କରିବା ସହ ଗୁରୁତରମାନଙ୍କୁ ଫୁଲବାଣୀ ମେଡିକାଲକୁ ସ୍ଥାନାନ୍ତର କରାଇଥିଲେ। ସାଲୁଙ୍କି ବସଟି ମୁନିଗୁଡ଼ାରୁ ଫୁଲବାଣୀ ଅଭିମୁଖେ ଆସୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। କେଉଁ କାରଣରୁ ବସ ଓଲଟିଲା ତାହା ଜଣାପଡ଼ିନାହିଁ।

# ବ୍ରହ୍ମପୁର ପୁଣି ଅଶାନ୍ତ: ଦୋକାନରେ ଯୁବକଙ୍କୁ ହତ୍ୟା

**ବ୍ରହ୍ମପୁର,୨୮।୫(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ସହର ପୁଣି ଅଶାନ୍ତ ହୋଇଛି। ମଙ୍ଗଳବାର ରାତି ପ୍ରାୟ ସାଢ଼େ ୮ଟାରେ ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ହାଉସିଂବୋର୍ଡ ନିକଟରେ ଥିବା ଏକ ଟାଟୁ ଦୋକାନ ଭିତରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଖଲାସି ସାହିର ଚୁନା ଦାସ (୩୮)। ଏହି ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରୁଛି। ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ମୃତଦେହ ଏମକେସିଜିରେ ଥିବା ସଂରକ୍ଷଣ ଗୃହରେ ରଖାଯାଇଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଚୁନା ଟାଟୁ ଦୋକାନ ଭିତରେ ଥିବାବେଳେ କେତେଜଣ ଯୁବକ ସେଠାରେ ପହଞ୍ଚିଥିଲେ। କେହି କିଛି ବୁଝିବା ପୂର୍ବରୁ ସେମାନେ ହଠାତ ଚୁନାଙ୍କୁ ଲୁହାଛଡ଼ ଓ ଅନ୍ୟାନ୍ୟ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡ ଓ ଶରୀରରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସେ ତଳେ ଛଟପଟ ହେଉଥିବା ବେଳେ ଦୋକାନଟି ସମ୍ପୂର୍ଣ୍ଣ ରକ୍ତାକ୍ତ ହୋଇଯାଇଥିଲା। ଆକ୍ରମଣକାରୀମାନେ ଅଞ୍ଚଳରେ ଆତଙ୍କ ଖେଳାଇବା ସହ ଟାଟୁ ଦୋକାନ ଭିତରେ ଥିବା ବିଭିନ୍ନ ସାମଗ୍ରୀ ଭଙ୍ଗାରୁଜା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଚୁନାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଉପଶାସ୍ତ୍ରୀ ପରୀକ୍ଷା ଫଳାଫଳ ପ୍ରକାଶ: ପାସ୍ ହାର ୮୯.୮୩%

**ପୁରୀ,୨୮।୫(ଅଜିତ୍ କୁମାର ମହାନ୍ତି)**

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀ ଦ୍ୱାରା ପରିଚାଳିତ ୨୦୨୪ ମସିହାର ଉପଶାସ୍ତ୍ରୀ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷା ଫଳାଫଳ ମଙ୍ଗଳବାର ଶ୍ରୀବିହାରସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷ ପରିସରରେ ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ ସୂଚନା ଦେଇ କହିଛନ୍ତି, ଚଳିତବର୍ଷ ଫେବୃଆରୀ ୨୦ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ୨୨ଗୋଟି ଜିଲାରେ ଥିବା ୧୬୬ ସଂସ୍କୃତ ମହାବିଦ୍ୟାଳୟର ପରୀକ୍ଷାର୍ଥୀମାନେ ୧୨୬ କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଚଳିତବର୍ଷ ପରୀକ୍ଷା ନିମନ୍ତେ ମୋଟ ୮,୫୩୭ ପିଲା ଫର୍ମ କିଣିଥିଲେ। ତେବେ ପରୀକ୍ଷା ସମୟରେ ୯୯୭ଜଣ ଅନୁପସ୍ଥିତ ରହିଥିଲେ। ଫଳରେ ଚଳିତବର୍ଷ ମୋଟ ୭,୫୪୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୬,୭୬୪ ଜଣ କୃତକାର୍ଯ୍ୟ ହୋଇଥିବାବେଳେ, ୭୬୫ ଜଣ ଛାତ୍ରୀଛାତ୍ର ଫେଲ୍ ହୋଇଛନ୍ତି। ଚଳିତ ବର୍ଷ ମୋଟ ପାସ୍ ହାର ଶତକଡା ୮୯.୮୩ ରହିଛି। ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୬,୭୬୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧,୯୯୦ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବାବେଳେ, ଦ୍ୱିତୀୟ ଶ୍ରେଣୀରେ ୪,୦୧୬ ଓ ତୃତୀୟ ଶ୍ରେଣୀରେ ୬୮୦ ଜଣ ପାସ୍ ହୋଇଛନ୍ତି। ଅପରପକ୍ଷରେ କମ୍ପାର୍ଟମେଣ୍ଟାଲରେ ୭୮ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଅନ୍ୟାନ୍ୟ କାରଣବଶତଃ ୭ଜଣ ଓ ପରୀକ୍ଷା ସମୟରେ କପି କରି ୪ଜଣ ବିଦ୍ୟାର୍ଥୀଙ୍କ ପରୀକ୍ଷାଫଳକୁ ସ୍ଥଗିତ ରଖାଯାଇଛି। ତେବେ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ପାସ୍ ହାର ବୃଦ୍ଧି ପାଇଥିବା କୁଳପତି ପ୍ରଫେସର ପ୍ରଧାନ ସୂଚନା ଦେଇଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ବସନ୍ତ କୁମାର ମିଶ୍ରଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକମାନେ ଉପସ୍ଥିତ ରହିଥିଲେ।

ପ୍ରଥମ ପୃଷ୍ଠାରୁ...

## କୁଟେଙ୍କୁ ନିଲମ୍ବନ କଲେ...

କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ନିର୍ଦ୍ଦେଶ ଜାରି ହୋଇଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ୨୦୧୦ ବ୍ୟାଚ୍ ଆଇପିଏସ୍ ଅଫିସର ଆଶିଷ କୁମାର ସିଂ ମେ' ୪ ତାରିଖରୁ ସ୍ୱାସ୍ଥ୍ୟ ଖରାପ ଥିବା ଦର୍ଶାଇ ଛୁଟିରେ ଅଛନ୍ତି। ମାତ୍ର ସେ ନିର୍ବାଚନ କାର୍ଯ୍ୟରେ ସମ୍ପୃକ୍ତ ଥିବା ନେଇ କ୍ଷେତ୍ରସ୍ତରରୁ ବାରମ୍ବାର ଖବର ଆସୁଥିବାରୁ ତାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏକ ସ୍ୱତନ୍ତ୍ର ମେଡିକାଲ ବୋର୍ଡ ଗଠନ କରି ମେ' ୩୦ ତାରିଖ ସୁଦ୍ଧା ଆଶିଷଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଭୁବନେଶ୍ୱର ଏମ୍ସ ନିର୍ଦ୍ଦେଶକଙ୍କୁ କୁହାଯାଇଛି। ଏଥିସହ ଆଶିଷ କେଉଁସବୁ ରୋଗ ପାଇଁ ଚିକିତ୍ସିତ ହେଉଛନ୍ତି ତା'ର ବିସ୍ତୃତ ରିପୋର୍ଟ ମେ' ୩୧ ତାରିଖ ସୁଦ୍ଧା ପ୍ରଦାନ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଚିଲିକା ବିଧାୟକ ତଥା ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ଇଭିଏମ୍ ମେଶିନ ଭଙ୍ଗା ମାମଲାର ତଦନ୍ତକୁ ଆଇନ ଅନୁସାରେ ତ୍ୱରିତ କରିବାକୁ ମଧ୍ୟ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୁପାରିସ ଓ ରିପୋର୍ଟ ଆଧାରରେ ନିର୍ବାଚନ କମିଶନ ଏହି ଦୁଇ ଆଇପିଏସ୍ ଅଫିସରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ନିର୍ବାଚନ ସମୟରେ ହେଉଥିବା ହିଂସାକାଣ୍ଡକୁ ରୋକିବା ସହ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ କମିଶନ ଏଭଳି ପଦକ୍ଷେପ ନେଇଥିବା ଚିଠିରେ ଉଲ୍ଲେଖ କରାଯାଇଛି।

## ଓଡ଼ିଶାର ମଙ୍ଗଳ ପାଇଁ...

ଏଭଳି ଦାରିଦ୍ର୍ୟ ପାଇଁ ରାଜ୍ୟ ସରକାର ଦାୟୀ। ତେଣୁ ରାଜ୍ୟବାସୀ ନିଜ ଅଧିକାର ଏବଂ ଓଡ଼ିଶା ନିଜ ପରିଚୟ ପାଇବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି। ଜୁନ୍ ୧୦ରେ ଓଡ଼ିଶାରେ ଜଣେ ଭାଜପା ମୁଖ୍ୟମନ୍ତ୍ରୀ ଶପଥ ନେବେ। ଓଡ଼ିଶାର ଭାଗ୍ୟ ବଦଳିବାକୁ ଯାଉଛି। ସରକାର ପରିବର୍ତ୍ତନ ହେବାକୁ ଯାଉଛି। ଓଡ଼ିଶାରେ ବର୍ତ୍ତମାନ ଚାଲିଥିବା ସରକାରର ଅବଧି (ଏକ୍ସପାଏରି ଡେଟ୍) ଜୁନ୍ ୪ରେ ଶେଷ ହେବ ଏବଂ ୧୦ ତାରିଖରେ ଭାଜପାର ମୁଖ୍ୟମନ୍ତ୍ରୀ ଶପଥ ନେବେ ବୋଲି ମୁଁ କହିସାରିଛି। ପ୍ରକାଶ ଯେ, ମେ' ୧୩ରୁ ୨୫ ମଧ୍ୟରେ ଓଡ଼ିଶାରେ ୩ଟି ପର୍ଯ୍ୟାୟରେ ୧୫ ଲୋକ ସଭା ଓ ଏହା ଅଧୀନ ୧୦୫ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଜୁନ୍ ୧ରେ ଅବଶିଷ୍ଟ ୬ ଲୋକ ସଭା ଓ ୪୨ ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ କରାଯିବ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଉପରୋକ୍ତ ମନ୍ତବ୍ୟକୁ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି।

## ଜଣେ ତାମିଲ ମୁଖ୍ୟମନ୍ତ୍ରୀଙ୍କୁ...

ସମେତ ଭଦ୍ରକ ଜିଲାର ଚାନ୍ଦବାଲି ଏବଂ ପୁରୀ ଜିଲାର ନିମାପଡ଼ାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ନବୀନ ପଟ୍ଟନାୟକ ଜୁନ୍ ୪ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେବେ ଏବଂ ରାଜ୍ୟରେ ଭାଜପା ସରକାର ଗଢ଼ିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପାଣିକୋଇଲିରେ ଶାହା ଭାଷଣ ଆରମ୍ଭରୁ ନବୀନଙ୍କୁ ଟାର୍ଗେଟ କରି କହିଛନ୍ତି, ତାଙ୍କ ସ୍ଥାନରେ ଜଣେ ଓଡ଼ିଆ କହିପାରୁଥିବା ଏବଂ ପ୍ରଭୁ ଜଗନ୍ନାଥଙ୍କ ଗୌରବକୁ ଆହୁରି ବଢ଼ାଇପାରୁଥିବା ନେତାଙ୍କୁ ଆମେ ମୁଖ୍ୟମନ୍ତ୍ରୀ କରିବା। ଓଡ଼ିଆ ମୁଖ୍ୟମନ୍ତ୍ରୀ ନା ତାମିଲ ବାବୁଙ୍କ ଶାସନ ଦରକାର ବୋଲି ସେ ଜନସାଧାରଣଙ୍କୁ ପ୍ରଶ୍ନ କରିଛନ୍ତି। ଓଡ଼ିଶାରେ ଥରେ ଭାଜପା କ୍ଷମତାକୁ ଆସିଲେ ଏଠାକାର ଯୁବତୀଯୁବକଙ୍କୁ ଆଉ ରୋଜଗାର ପାଇଁ ବାହାରକୁ ଯିବାକୁ ପଡ଼ିବ ନାହିଁ। ସଙ୍କଳ୍ପ ପତ୍ରରେ ଘୋଷଣା କରାଯାଇଛି, ଚିଟ୍ଫଣ୍ଡରେ ବୁଡ଼ିଥିବା ଅର୍ଥ ସମସ୍ତଙ୍କୁ ଫେରସ୍ତ କରାଯିବ। ଏହାର ଲୁଟ୍କାରୀଙ୍କୁ ଓଲଟା ଲଟ୍କା ଯିବ। କୃଷକମାନଙ୍କଠାରୁ କୁଇଣ୍ଟାଲ ପିଛା ଧାନ ୩୧୦୦ ଟଙ୍କାରେ କିଣାଯିବ। ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ୨ ବର୍ଷରେ ୫୦ହଜାର ଟଙ୍କାର ଭାଉଚର ପ୍ରଦାନ କରାଯିବ। ପ୍ରତ୍ୟେକ ମତ୍ସ୍ୟଜୀବୀଙ୍କୁ ୧୦ ହଜାର ଟଙ୍କାର ବାର୍ଷିକ ଭତ୍ତା, ୧ ବର୍ଷରେ ଦେଢ଼ଲକ୍ଷ ଯୁବତୀଯୁବକଙ୍କୁ ସରକାରୀ ଚାକିରି ଦିଆଯିବ। ରାଉରକେଲା, ସମ୍ବଲପୁର, ପାରାଦୀପ ଓ ଧାମରାରେ ଇଣ୍ଡଷ୍ଟ୍ରିଆଲ କରିଡର ନିର୍ମାଣ କରାଯିବ। ସେଠାରେ ସାଢେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ନିଯୁକ୍ତି ମିଳିବ। ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର ଓ ବାଲେଶ୍ୱରରେ ଷ୍ଟେଟ୍ ଅଫ୍ ଦି ଆର୍ଟ ଆଇଟି ପାର୍କ ନିର୍ମାଣ ହେବ। ୧୫ ଲକ୍ଷ ଗରିବ ଲୋକଙ୍କୁ ଘର, ୨୬ ଲକ୍ଷ ବାକି ପରିବାରଙ୍କୁ ପାନୀୟ ଜଳ ଓ ୩୬ ହଜାର ଶଯ୍ୟାବିଶିଷ୍ଟ ଡାକ୍ତରଖାନା ନିର୍ମାଣ କରାଯିବ। ମହାପ୍ରଭୁଙ୍କ ରତ୍ନଭଣ୍ଡାରର ଯାଞ୍ଚ ରିପୋର୍ଟ ୧ ମାସ ମଧ୍ୟରେ ସାଧାରଣ ଲୋକଙ୍କୁ ଜଣାଇ ଦିଆଯିବ। ତେବେ ନକଲି ଚାବି ତିଆରି କରି ରତ୍ନଭଣ୍ଡାରର ଅଳଙ୍କାର ଆଦି କିଏ ନେଇଯାଇଛି ଏବଂ କିଏ ତାଙ୍କୁ ସୁରକ୍ଷା ଦେଉଛି ବୋଲି ମନ୍ତ୍ରୀ ଶାହା ପ୍ରଶ୍ନ କରିଛନ୍ତି। ଯିଏ ବି ରତ୍ନଭଣ୍ଡାରରେ ହାତ ଲଗେଇଛି ତାକୁ ଭାଜପା କଦାପି ଛାଡ଼ିବ ନାହିଁ ବୋଲି ଶାହା ଚେତାବନୀ ଦେଇଛନ୍ତି। ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ) ଭାରତର। ହେଲେ କଂଗ୍ରେସ କହୁଛି ପାକିସ୍ତାନ ପାଖରେ ଆଟମ୍ ବମ୍ ରହିଛି। ସେହି କଥା କୁହ ନାହିଁ। ମହାପ୍ରଭୁଙ୍କ ମାଟିରେ ପ୍ରତିଜ୍ଞା କରୁଛି, ପିଓକେ ଭାରତର, ଭାରତର ହୋଇ ରହିବ ଏବଂ ତାହାକୁ ନିଶ୍ଚିତ ଭାବେ ଅଧିକାର କରିବୁ ବୋଲି ଶାହା କହିଛନ୍ତି। ଦୀର୍ଘ ୫୦୦ ବର୍ଷ ପରେ ରାମମନ୍ଦିର ନିର୍ମାଣ ହୋଇଛି। ସମଗ୍ର ଦେଶ ରାମ ମହୋତ୍ସବ ପାଳନ କରୁଥିବାବେଳେ ମୁଖ୍ୟମନ୍ତ୍ରୀ ଏବଂ ତାମିଲ ବାବୁ ଓଡିଆ ଲୋକଙ୍କୁ ଅଟକାଇବାକୁ ଉଦ୍ୟମ କରିଛନ୍ତି। ଯେଉଁମାନେ ରାମଭକ୍ତଙ୍କୁ ଅଟକାଇବାକୁ ଉଦ୍ୟମ କରିଛନ୍ତି, ସେମାନଙ୍କୁ ପୁଣି ଥରେ ସମର୍ଥନ ଦେବେ କି ବୋଲି ଶାହା ପ୍ରଶ୍ନ କରିଛନ୍ତି।

ସୁକିନ୍ଦା ଅଞ୍ଚଳରେ ବିପୁଳ ପରିମାଣର କ୍ରୋମାଇଟ ଗଚ୍ଛିତ ରହିଛି। ହେଲେ ଏଠାକାର ଆଦିବାସୀମାନେ ଭୋକରେ ମରୁଛନ୍ତି। ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍ଏଫ୍) ପାଣ୍ଠିରୁ ପ୍ରଧାନମନ୍ତ୍ରୀ ମୋଦି ଏହି ଅଞ୍ଚଳର ବିକାଶ ପାଇଁ ବିପୁଳ ଅର୍ଥ ଯୋଗାଇ ଦେଇଛନ୍ତି। ହେଲେ ସରକାରୀ ବାବୁମାନେ ଏହାକୁ ଚଳୁ କରି ଦେଇଛନ୍ତି। ତେଣୁ ଭାଜପା ସରକାର ଆସିଲେ ଖଣି ଖାଦାନରୁ ଆୟ ହେଉଥିବା ପାଣ୍ଠି ସଂପୃକ୍ତ ଅଞ୍ଚଳରେ ଖର୍ଚ୍ଚ କରାଯିବ । ଜିଲାର ବରୀ, ବିଞ୍ଝାରପୁର, ରସୁଲପୁର ଓ ବଡ଼ଚଣା ଅଞ୍ଚଳରେ ପ୍ରାୟ ପ୍ରତିବର୍ଷ ବନ୍ୟା ହୋଇଥାଏ। ହେଲେ ଭାଜପା ସରକାର ଜଳସେଚନ ଯୋଜନାରେ ସେହି ବନ୍ୟାପାଣିକୁ କୃଷକଙ୍କ କ୍ଷେତରେ ଜଳସେଚିତ କରାଯିବାର ବ୍ୟବସ୍ଥା କରିବ। ଖରସ୍ରୋତା ନଦୀରେ ମୋଟର ବେସ ବା ଜଳପଥ ପ୍ରକଳ୍ପ ମଞ୍ଜୁର ହୋଇଛି। କାମ ଆରମ୍ଭ ହୋଇଥିଲା, ହେଲେ କମିଶନ ନ ମିଳିବାରୁ ତାମିଲ ବାବୁ ଉକ୍ତ କାର୍ଯ୍ୟକୁ ବନ୍ଦ କରିଦେଇଛନ୍ତି। ଜଳସେଚନ, ପାନୀୟଜଳ ଯୋଗାଣ ଇତ୍ୟାଦି ପ୍ରକଳ୍ପଗୁଡିକରେ ବ୍ୟାପକ ଦୁର୍ନୀତି ହୋଇଛି। ତେଣୁ ଭାଜପା ସରକାର ହେଲେ ଦୁର୍ନୀତିଖୋର ବାବୁମାନେ ଜେଲରେ ରହିବେ ବୋଲି ଶାହା କହିଛନ୍ତି।

ଓଡ଼ିଶାରେ ଗରିବ ଲୋକଙ୍କୁ ୫ କେଜି ଚାଉଳ ମୋଦି ସରକାର ଦେଉଛନ୍ତି। ହେଲେ ନବୀନ ସରକାର ନିଜର ଫଟୋ ଲଗାଇ ଖାଲି ବ୍ୟାଗ୍ ପ୍ରଦାନ କରିଥାନ୍ତି। ଫଟୋଲଗା ବ୍ୟାଗ୍ରେ କୌଣସି ଗରିବ ଲୋକଙ୍କ ପେଟ ପୂରିବନି, କିଛି ଚାଉଳ ଅଧିକ ଦେଇଥିଲେ ଗରିବ ଲୋକ ଭୋକରେ ରହୁ ନ ଥାଆନ୍ତେ। ନରେନ୍ଦ୍ର ମୋଦି ସରକାର ୭ ଲକ୍ଷ କୋଟି ଟଙ୍କା ଯୋଗାଇଦେଇ ଗରିବ ଲୋକଙ୍କୁ ଘର, ବିଜୁଳି, ପାଇଖାନା ଆଦି ଦେଇଛନ୍ତି। ହେଲେ ଏହିସବୁ ଯୋଜନା ଲୋକଙ୍କ ପାଖରେ ଠିକ୍ଭାବେ ପହଞ୍ଚିପାରିନାହିଁ। ତେଣୁ ଭାଜପା ସରକାର ଆସିଲେ ଓଡ଼ିଶାକୁ ଭାରତର ଏକ ନମ୍ବର ରାଜ୍ୟ କରାଯିବ ବୋଲି ଶାହା ପ୍ରତିଶ୍ରୁତି ଦେଇଛନ୍ତି। ସଭାରେ ଦଳର ଯାଜପୁର ଲୋକ ସଭା ପ୍ରାର୍ଥୀ ରବିନାରାୟଣ ବେହେରା, ଯାଜପୁର ବିଧାୟକ ପ୍ରାର୍ଥୀ ଗୌତମ ରାୟ, କୋରେଇ ବିଧାୟକ ପ୍ରାର୍ଥୀ ଆକାଶ ଦାସନାୟକ, ଓଡ଼ିଶା ପ୍ରଭାରୀ ବିଜୟପାଲ ସିଂ ତୋମାର, ଯତିନ ମହାନ୍ତି, ସଞ୍ଚିତା ମହାନ୍ତି, ସିପ୍ରା ବାଜପାୟୀ ପ୍ରମୁଖ ବକ୍ତବ୍ୟ ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଧନାଧିପ ଶୁକ୍ରଙ୍କ ସ୍ଥିତି ବିଭିନ୍ନ ବାଟରେ ଆର୍ଥିକ ଉନ୍ନତି ପାଇଁ ମାର୍ଗ ସୁଗମ କରିବ। କାର୍ଯ୍ୟ ହାସଲଜନିତ ମନରେ ପ୍ରଫୁଲ୍ଲତା ଭରି ରହିବା ସଙ୍ଗକୁ ପ୍ରତିକୂଳ ପରିସ୍ଥିତିର ଚାପ କମିପାରେ। ପୂର୍ବ ଯୋଜନା ଅନୁଯାୟୀ କର୍ମାରମ୍ଭ ପୂର୍ବରୁ ପରିସ୍ଥିତିକୁ ସାମ୍ନା କରିବା କଷ୍ଟକର ହେବ। କୃତ୍ତିକା ନକ୍ଷତ୍ର ବନ୍ଧୁଙ୍କ ଦ୍ୱାରା ସମସ୍ୟା ସମାଧାନ ହୋଇପାରିବ।

**ବୃଷ** ରାଶିରେ ଶୁକ୍ରଙ୍କ ସହ ରବିଙ୍କ ସ୍ଥିତି ସୁସ୍ଥ ପାରିବାରିକ ଜୀବନ ସହ ବାଣିଜ୍ୟ କ୍ଷେତ୍ରକୁ ଉନ୍ନତ କରିବ। ଦିନଟିରେ ପଡ଼ୋଶୀ କିମ୍ବା ଆତ୍ମୀୟଙ୍କ ସହଯୋଗ ଲାଭକରି କାର୍ଯ୍ୟ ହାସଲ କରିବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଭାବପ୍ରବଣ ବଶତଃ ବନ୍ଧୁମେଳରେ ଗୁଡ଼ାଏ କଥା କହି ଅନ୍ୟମାନଙ୍କଠାରୁ ସହାନୁଭୂତି ହରାଇବେ।

**ମିଥୁନ** କର୍ମସ୍ଥ ରାହୁ ସହ ମଙ୍ଗଳ ବିବାଦୀୟ ଘଟଣାରେ, ମାଲିମକଦ୍ଦମାରେ ପ୍ରତିବନ୍ଧକ ହଟାଇବ। ଉପରିସ୍ଥଙ୍କ ଅନୁକମ୍ପା ଲାଭ ସକାଶେ ଦିନଟି ଉପଯୁକ୍ତ ହେବ। ବନ୍ଧୁଙ୍କ ସହ ଆଲୋଚନା ସମୟରେ ଅବାନ୍ତର ଯୁକ୍ତିର ସାମ୍ନା କରି ବହୁ ଚର୍ଚ୍ଚିତ ହୋଇପାରନ୍ତି। ପାରିବାରିକ ସୁଖ, ସୌହାର୍ଦ୍ଦ୍ୟ ସହ ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**କର୍କଟ** ତୃତୀୟ ବ୍ୟୟାଧିପ କର୍ମସ୍ଥାନରେ ଅବସ୍ଥାନ କରି ଶନିଦୃଷ୍ଟିରେ ଥିବାରୁ ନିଜର ଭଳି ମନେ ହେଉଥିବା ଲୋକଟି ସମସ୍ୟା ସୃଷ୍ଟି କରିପାରେ। ଚତୁର୍ଥଭାବକୁ ବୁଧଙ୍କ ଦୃଷ୍ଟି କୌଣସି ଜିନିଷ ବିକ୍ରୟ କରିବାର ଯୋଜନା କରିପାରନ୍ତି। ସାମାଜିକ ସ୍ତରରେ ଦକ୍ଷତା, ନିଜର କୃତି ଓ କୃତିତ୍ୱରୁ ସମ୍ମାନିତ ହେବେ।

**ସିଂହ** ଭାଗ୍ୟାଧିପତି ଅଷ୍ଟମଭାବସ୍ଥ ଯୋଗୁ ଶିକ୍ଷା, ସନ୍ତାନ ଓ ବନ୍ଧୁ ସମ୍ପର୍କ କ୍ଷେତ୍ରରେ ମନସ୍ତାପ କରିବାକୁ ପଡ଼ିପାରେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ମଘା ନକ୍ଷତ୍ର କାରଣ ନ ଥାଇ ଦୋଷୀ ସାବ୍ୟସ୍ତ ହେବେ। କ୍ରୀଡା, ସଂଗୀତ, ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କଲେ ସାମୟିକ ଆନନ୍ଦପ୍ରାପ୍ତି ହୋଇପାରେ।

**କନ୍ୟା** ଚତୁର୍ଥାଧିପତି ସ୍ୱଭାବରୁ ଷଷ୍ଠସ୍ଥ ଯୋଗୁ କାର୍ଯ୍ୟ ସାଧନ ଲାଗି ସଂଘର୍ଷ କରିବାକୁ ପଡ଼ିବ। ଭିତିରିଆ ଉଦ୍ଦେଶ୍ୟ ସାଧନ ସକାଶେ ବନ୍ଧୁ ପ୍ରଶଂସାରେ ଶତମୁଖ ହେବେ। ଆର୍ଥିକ ସମସ୍ୟା ସୁଧାରିବା ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବାକୁ ପଡ଼ିପାରେ। ଯାତ୍ରା ସମ୍ପର୍କରେ ଚିନ୍ତା ବଢିବ ତଥାପି ଉନ୍ନତ ଚିନ୍ତା ଓ ସେବା ମନୋଭାବରୁ ପ୍ରଶଂସିତ ହେବେ।

**ତୁଳା** କର୍ମାଧିପଙ୍କ କର୍ମସ୍ଥାନକୁ ଦେଖୁଥିବାରୁ ମନ ଅନୁଯାୟୀ କାମ ହାସଲ କରିବାରେ ଅସୁବିଧା ହେବ ନାହିଁ। ପଡ଼ୋଶୀ କିମ୍ବା ପ୍ରିୟଜନଙ୍କ ସାହାଯ୍ୟ କାର୍ଯ୍ୟ ସାଧନରେ ସହାୟକ ହେବ। ଉପରିସ୍ଥଙ୍କ ଅନୁକମ୍ପାରୁ ଦୀର୍ଘ ଦିନର ଯୋଜନାକୁ ବାସ୍ତବ ରୂପ ଦେବେ। ଆଜିର ଦୂରଯାତ୍ରା ଶୁଭପ୍ରଦ ହେବ କିନ୍ତୁ ଅପରାହ୍ନରେ ବ୍ୟସ୍ତତା ବୃଦ୍ଧି ଘଟିପାରେ।

**ବିଛା** ଆଜିର ତୃତୀୟସ୍ଥ ଚନ୍ଦ୍ର ପ୍ରଭାବରେ ପ୍ରତ୍ୟେକ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ। ରାହୁଯୁକ୍ତ ରାଶ୍ୟାଧିପତି ଯୋଗୁ ଯାହା କରୁଛନ୍ତି ଭାବିଚିନ୍ତି କରିବା ଭଲ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରି କୃତକାର୍ଯ୍ୟ ଅବଶ୍ୟ ହେବେ। କଳା ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ମୁଖଭାବରେ ଚନ୍ଦ୍ରଙ୍କ ପ୍ରଭାବରୁ ମିଠାକଥାରେ ଅନ୍ୟମାନଙ୍କ ବିଶ୍ୱାସଭାଜନ ହେବେ। ଆଜି ଯେଉଁ କାମରେ ହାତ ଦେଇଛନ୍ତି, ତାହା ପୂରଣ ହେବ। ଚଳନ୍ତା ଗାଡ଼ିରେ ଜଣେ ଅଜଣା ବ୍ୟକ୍ତିଙ୍କୁ ବିଶ୍ୱାସ କରି ସଙ୍କଟଜନକ ପରିସ୍ଥିତିରେ ପଡ଼ିବାର ସୂଚନା ରହିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ।

**ମକର** ଶନିକ୍ଷେତ୍ରସ୍ଥ ଉତ୍ତରାଷାଢା ନକ୍ଷତ୍ରର ଚନ୍ଦ୍ର ଅଧିକାଂଶ ସମୟ ଡିପ୍ରେସନରେ ରଖିପାରେ। ଶ୍ରବଣା ନକ୍ଷତ୍ର ଯାତ୍ରା, ବାଣିଜ୍ୟ, ହାତକୁ ନେଇଥିବା କାମ, କଚେରି ମାମଲା କ୍ଷେତ୍ରରେ ସଫଳତା ମିଳିବ। ପରୋକ୍ଷ ଶତ୍ରୁତା କାରଣରୁ ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ। କାର୍ଯ୍ୟଦକ୍ଷତାକୁ ନେଇ ପଡ଼ୋଶୀ ପ୍ରଶଂସା କରିବେ।

**କୁମ୍ଭ** ଯେତେ ଭଲ କାମ କଲେ ମଧ୍ୟ ସବୁ କାମରେ କିଛିଟା ସମସ୍ୟାଜନିତ ମନ ଭାରାକ୍ରାନ୍ତ ରହିବ। ପଦମର୍ଯ୍ୟାଦା ବୃଦ୍ଧି ସଙ୍ଗକୁ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ପୂର୍ବଭାଦ୍ରବ ନକ୍ଷତ୍ରର ଆର୍ଥିକ ସ୍ଥିତି ଭଲ ରହିବ। ଜିଦ୍ଖୋର ପ୍ରବୃତ୍ତି ତ୍ୟାଗକରି କୌଶଳ ପ୍ରୟୋଗ କରି କାମ କଲେ ହାସଲରେ ସମର୍ଥ ହେବେ।

**ମୀନ** ଦ୍ୱିତୀୟସ୍ଥ ବୁଧ ପ୍ରଭାବରେ ସତ୍ୟଭାଷଣଜନିତ ସମସ୍ୟା ଆସିବା ସୂଚନା ରହିଛି। ସାଧାରଣ କଥାକୁ କେନ୍ଦ୍ରକରି ମତାନ୍ତର ଘଟିବାଜନିତ କ୍ଷୋଭ ପ୍ରକାଶ କରିପାରନ୍ତି। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ସଭାସମିତିରେ ପ୍ରଶଂସିତ ହେବେ। ବନ୍ଧୁମାନଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ସତ୍ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି ମେ ୨୯ ତାରିଖ, ଶ୍ରୀକ୍ଷେତ୍ରେ ଭଉଁରି, ଜ୍ୟେଷ୍ଠ କୃଷ୍ଣ ଷଷ୍ଠୀଯୁକ୍ତ ସପ୍ତମୀ ବୁଧବାର, ରାଶି ନକ୍ଷତ୍ର-ଦିବା ଘ.୦୮.୩୮ମି. ଗତେ ଧନିଷ୍ଠା/ମକର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ସପ୍ତମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୭.୪୮ ମି. ଗତେ ଘ.୦୮.୨୭ମି. ମଧ୍ୟେ, ଘ.୧୦.୦୫ମି. ଗତେ ଘ.୧୧.୧୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୪ମି. ଗତେ ଘ.୦୧.୨୨ମି. ମଧ୍ୟେ ରାହୁକାଳ।

ନବୀନ ଗ୍ୟାରେଣ୍ଟି
ମଧ୍ୟବିତ୍ତ ପରିବାରଙ୍କ ଖୁସିର ଗ୍ୟାରେଣ୍ଟି
ବିଜୁ ଜନତା ଦଳ
BSKY କାର୍ଡ଼
₹୨୦ ଲକ୍ଷ ଗୃହ ଋଣରେ ରିହାତି ସୁଧ
ମାଗଣା ବିଜୁଳି
₹୧୦ ଲକ୍ଷ ଶିକ୍ଷା ଋଣରେ ରିହାତି ସୁଧ
ନୂଆ-ଓ ଛାତ୍ରବୃତ୍ତି
ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ
ଲୋକସଭା
ବିଧାନସଭା
PUBLISHED BY DR SASMIT PATRA, GENERAL SECRETARY, BIJU JANATA DAL





# ବିଜେଡି ନେତାଙ୍କୁ ହତ୍ୟା ଅଭିଯୋଗ

**ଛେଣ୍ଡିପଦା,୨୮।୫ (ଅଜିତ ଧଳ)/ ଅନୁଗୋଳ (ଅମିତ କୁମାର ସାମଲ)**

■ ରାଜନୈତିକ ଶତ୍ରୁତା କାରଣ ବୋଲି ପରିବାର ଲୋକଙ୍କ ଏତଲା

■ ଶୋଇଥିବା ବେଳେ ଛାତରୁ ଖସି ପଡ଼ିଥିବା ପୋଲିସର ସନ୍ଦେହ

ଅନୁଗୋଳ ଜିଲା ଜରପଡ଼ା ଥାନା ଜେରେଙ୍ଗ ଦେହୁରୀ ସାହିର ବିଜେଡି ନେତା ତଥା ପୂର୍ବତନ ସରପଞ୍ଚ ବିଭୂତି ଗଡ଼ନାୟକଙ୍କ ମୃତଦେହ ମଙ୍ଗଳବାର ଭୋର୍ ସମୟରେ ତାଙ୍କ ଘର ତୁଳସୀ ଚଉରାମୂଳରୁ ପୋଲିସ ଜବତ କରିଛି। ରାଜନୈତିକ ଶତ୍ରୁତା କାରଣରୁ ବିଭୂତିଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପୁଅ ବିକାଶ ରଞ୍ଜନ ଗଡ଼ନାୟକ ଥାନାରେ ଅଭିଯୋଗ କରିଛନ୍ତି। ତେବେ ହତ୍ୟା ଅଭିଯୋଗକୁ ଅନୁଗୋଳ ଏସ୍‌ପି ଦାୟିତ୍ୱରେ ଥିବା ଡିଆଇଜି ଉମା ଶଙ୍କର ଦାସ ଖଣ୍ଡନ କରିଛନ୍ତି। ପାରିପାର୍ଶ୍ୱିକ ସ୍ଥିତିରୁ ବିଭୂତିଙ୍କୁ ହତ୍ୟା କରାଯାଇଥିବା ନେଇ ପୋଲିସକୁ କୌଣସି ପ୍ରମାଣ ମିଳିନାହିଁ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଡିଆଇଜି କହିଛନ୍ତି। ସେହିପରି ପରିବାର ଲୋକେ ଆଣିଥିବା ହତ୍ୟା ଅଭିଯୋଗ ଉପରେ ମଧ୍ୟ ତଦନ୍ତ ଜାରି ରହିବ। ଏପରି କି ପରିବାର ପକ୍ଷରୁ ମାନସୀ ସାହୁ ସୁରକ୍ଷା ମାଗିଥିବାରୁ ସେ ଅଞ୍ଚଳରେ ପାଟ୍ରୋଲିଂ ବଢ଼ାଯିବା ସହ ପୋଲିସ ଟିମ୍ ସଜାଗ ରହିବ ବୋଲି ଖବରଦାତା ସମ୍ମିଳନୀରେ ଡିଆଇଜି ଦାସ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ବିଜେଡି ନେତା ବିଭୂତିଙ୍କର ଭାଗୀରଥିପୁର ଠାରେ ଥିବା କ୍ୟାମ୍ପ ଘରକୁ ୨ ଦିନ ତଳେ କେତେଜଣ ଅସାମାଜିକ ଯୁବକ ରାତିରେ ପଥର ମାରିଥିଲେ। ସୋମବାର ଜରପଡା ଥାନାରେ ଉକ୍ତ ଘଟଣାର ସମାଧାନ ହୋଇଥିଲା। ଥାନାରୁ ରାତିରେ ଫେରି ବିଭୂତି ଘରେ ଖାଇବା ସହ ଛାତ ଉପରକୁ ଶୋଇବାକୁ ଚାଲିଯାଇଥିଲେ। ତେବେ ଭୋର୍ ୪ଟା ବେଳେ ତାଙ୍କ ମୃତଦେହ ଘର ସମ୍ମୁଖ ତୁଳସୀ ଚଉରା ନିକଟରେ କ୍ଷତବିକ୍ଷତ ଅବସ୍ଥାରେ ପଡ଼ିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ରାଜନୈତିକ ଶତ୍ରୁତାକୁ ନେଇ କେହି ବିଭୂତିଙ୍କୁ ହତ୍ୟା କରିଥିବା ପରିବାର ଲୋକେ ସନ୍ଦେହ କରିଥିଲେ। ଏ ନେଇ ଥାନାରେ ବିଭୂତିଙ୍କ ପୁଅ ବିକାଶ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ ନିର୍ମଳା ଗୋଛାୟତ ଓ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଲିକ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱ ସ୍ଥିତି ଏବଂ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଥିଲେ। ମୃତଦେହ ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଛାତରୁ ପଡ଼ି ବିଭୂତିଙ୍କ ମୃତ୍ୟୁ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇବା ପରେ ନଂ. ୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ଅନୁଗୋଳ ଡିଆଇଜି ଦାସ ମଧ୍ୟାହ୍ନରେ ଖବରଦାତା ସମ୍ମିଳନୀ ଡାକି ହତ୍ୟା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଡିଆଇଜି କହିଛନ୍ତି, ଜରପଡ଼ା ଥାନାରେ ଅଭିଯୋଗ ହେବା ପରେ ତୁରନ୍ତ ଘଟଣାସ୍ଥଳରେ ଅନୁଗୋଳ ଏସ୍‌ଡିପିଓ ଓ ଥାନା ଅଧିକାରୀଙ୍କ ସହ ଅନ୍ୟ ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଛାତ ଉପରେ ଶୋଇଥିବା ସମୟରେ ବିଭୂତି ତଳକୁ ଖସି ପଡ଼ିଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ବିଭୂତିଙ୍କ ମୃତ୍ୟୁ ଖବରପାଇ ଛେଣ୍ଡିପଦା ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରାଙ୍କ ସମେତ ଛେଣ୍ଡିପଦା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଯାଇଛି।


ବିଭୂତି ଗଡ଼ନାୟକ

# ବିଏଡ୍, ବିଏଚ୍‌ଏଡ୍, ଏମ୍‌ଏଡ୍ ନାମଲେଖା

## ପ୍ରବେଶିକା ପରୀକ୍ଷା ପାଇଁ ଆଜିଠୁ ଆବେଦନ

**ଭୁବନେଶ୍ୱର, ୨୮।୫ (ଅସମାପିକା ସାହୁ)**

୨୦୨୪-୨୫ ଶିକ୍ଷାବର୍ଷରେ ବିଏଡ୍, ବିଏଚ୍‌ଏଡ୍ ଏବଂ ଏମ୍‌ଏଡ୍ ନାମଲେଖା ପାଇଁ ବୁଧବାର ଠାରୁ ପ୍ରବେଶିକା ପରୀକ୍ଷା ନିମନ୍ତେ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ବୁଧବାର ଅପରାହ୍ନ ୨ଟାରୁ www.samsodisha.gov.in ୱେବ୍‌ସାଇଟ୍‌ରେ ଆବେଦନଫର୍ମ ଉପଲବ୍ଧ ହେବ। ଛାତ୍ରୀଛାତ୍ରମାନେ ଜୁନ୍ ୧୦ ତାରିଖ ରାତି ୧୧ଟା ୪୫ମିନିଟ୍ ଭିତରେ ଆବେଦନ କରିପାରିବେ। ଫର୍ମରେ କିଛି ପରିବର୍ତ୍ତନ କରିବାକୁ ଚାହୁଁଥିଲେ ଛାତ୍ରୀଛାତ୍ର ଜୁନ୍ ୧୧ ତାରିଖ ପୂର୍ବାହ୍ନ ୧୦ଟାରୁ ୧୧ଟା ୪୫ମିନିଟ୍ ଭିତରେ କରିପାରିବେ। ୧୫ତାରିଖ ପୂର୍ବାହ୍ନ ୧୧ଟାରେ ଷ୍ଟେଟ୍ ସିଲେକ୍ସନ ବୋର୍ଡ (ଏସ୍‌ଏସ୍‌ବି) ୱେବ୍‌ସାଇଟ୍ https://ssbodisha.sc.in ଏବଂ ସାମ୍ସ ପୋର୍ଟାଲରେ ହଲ୍ ଟିକେଟ୍ ଉପଲବ୍ଧ ହେବ। ଜୁନ୍ ୨୪ରେ ବିଏଡ୍ ଏବଂ ବିଏଚ୍‌ଏଡ୍ ଓ ୨୫ ତାରିଖରେ ଏମ୍‌ଏଡ୍ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏ ନେଇ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ରେଜଲ୍ଟ କେବେ ପ୍ରକାଶ ପାଇବ ତାହା ପରବର୍ତ୍ତୀ ସମୟରେ ବିଭାଗ ପକ୍ଷରୁ ସୂଚନା ଦିଆଯିବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।


ASBM UNIVERSITY
Established by Govt. of Odisha
Founded & Led by Prof. Biswajeet Pattanayak,
Distinguished former Professor, IIM Indore, Lucknow & Mumbai
ADMISSION - 2024
Programmes for +2 Students
4-Year Integrated MBA
5-Year Integrated BA-LLB (Hons.) | BBA-LLB (Hons.)
(Approved by Bar Council of India)
B.Tech. (CS & IT)
Uniquely designed integrating Computer Science & Information Technology
Tie-up with Blackbuck Education for Employability Training
B.Com. (Hons) | BBA (Hons) | BCA
BA (Hons) - English | Liberal Arts | Economics | Psychology
PG Programmes
MBA | MBA- Pharmaceutical Management
M.Com | LLM | M.Tech (IT) | MCA
MA - English | Economics | Applied Psychology | HRM & LR
Doctoral Programmes
Ph.D - Management | Ph.D - Commerce
EXCELLENT PLACEMENT RECORD | FINISHING SCHOOL for EMPLOYABILITY | STATE - OF - ART CAMPUS | MERIT SCHOLARSHIP
For details : www.asbm.ac.in | admission@asbm.ac.in
77499 39643 | 90408 84628 | 0674-2744881 | Toll Free - 1800 3456 5855
Shiksha Vihar, Bhola (Chandaka), Bhubaneswar-754012, Odisha


# ଆସାମ କ୍ଷୟକ୍ଷତିକୁ ନେଇ ଚିନ୍ତାପ୍ରକଟ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୮।୫(ଅନିଲ ଦାସ)**

ରାଜ୍ୟରେ ନିର୍ବାଚନ ପ୍ରଚାର ଜୋରସୋର ଚାଲିଛି। ବିଜେଡି ଓ ଭାଜପା ମଧ୍ୟରେ ବୟାନବାଜି ଚରମ ସୀମାରେ ପହଞ୍ଚିଛି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗତ କିଛିଦିନ ହେବ ଓଡ଼ିଶାରେ ଭାଜପା ପ୍ରାର୍ଥୀଙ୍କ ପାଇଁ ଜୋରଦାର ପ୍ରଚାର ଚଳାଇଛନ୍ତି। ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ଢଙ୍ଗରେ ସମାଲୋଚନା କରୁଛନ୍ତି। ନିର୍ବାଚନ ମାହୋଲ ସରଗରମ ଭିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାନବିକତାକୁ ଭୁଲିନାହାନ୍ତି। ସେ ନିଜକୁ ଜଣେ ଉତ୍ତମ ରାଷ୍ଟ୍ରନେତାର ପରିଚୟ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ବାତ୍ୟା ରେମାଲ ପ୍ରଭାବରେ ଆସାମର କ୍ଷୟକ୍ଷତିକୁ ନେଇ ଗଭୀର ଚିନ୍ତାପ୍ରକଟ କରିଛନ୍ତି। ସେ 'ଏକ୍ସ' ଜରିଆରେ କହିଛନ୍ତି ଯେ ବାତ୍ୟା ରେମାଲ ଦ୍ୱାରା ଆସାମରେ ହୋଇଥିବା କ୍ଷୟକ୍ଷତି ଅତ୍ୟନ୍ତ ଚିନ୍ତାର କାରଣ। ଏହାଦ୍ୱାରା ହୋଇଥିବା ଜୀବନହାନି ଓ କ୍ଷୟକ୍ଷତିକୁ ନେଇ ସେ ଗଭୀର ଦୁଃଖପ୍ରକାଶ କରିଛନ୍ତି।

**ବାତ୍ୟା ରେମାଲ ତାଣ୍ଡବ**

■ ଦୁର୍ଦ୍ଦିନରେ ଆସାମ ସହ ଦୃଢ଼ଭାବେ ଛିଡ଼ା ହୋଇଛି ଓଡ଼ିଶା

ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଓଡ଼ିଶା ଆସାମ ସହ ଦୃଢ଼ତାର ସହ ଛିଡ଼ା ହୋଇଛି। ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ଓଡ଼ିଶା ଯଥାସମ୍ଭବ ସହାୟତା କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବାତ୍ୟା ରେମାଲ ବାଂଲାଦେଶ ଓ ପଶ୍ଚିମବଙ୍ଗ ଉପକୂଳରେ ସ୍ଥଳଭାଗ ଛୁଇଁଥିଲେ ମଧ୍ୟ ଏହାର ପ୍ରଭାବ ଆସାମ ଓ ମିଜୋରାମ ଉପରେ ପଡ଼ିଛି। ବାତ୍ୟାଜନିତ ଲଗାଣ ବର୍ଷା ଯୋଗୁ ଏହି ଦୁଇ ରାଜ୍ୟରେ ଜୀବନହାନି ସହ ବହୁ କ୍ଷୟକ୍ଷତି ଘଟିଛି। ଗତ ୨୪ ଘଣ୍ଟା ମଧ୍ୟରେ ମିଜୋରାମ ଏବଂ ଆସାମରେ ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ଓ ଗଛ ପଡ଼ି ପ୍ରାୟ ୨୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭ ଜଣ ନିଖୋଜ ଥିବା ସୂଚନା ମିଳିଛି।

# ବେଗୁନିଆ ମତଦାନ କେନ୍ଦ୍ର ଭିଡିଓର ଯାଞ୍ଚ ହେବ

## ଡିଇଓଙ୍କୁ ନିର୍ଦ୍ଦେଶ ଦେଲେ ସିଇଓ

**ଭୁବନେଶ୍ୱର,୨୮।୫(ଅନିଲ ଦାସ)**

ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋଟିଏ ମତଦାନ କେନ୍ଦ୍ର ବୁଥ୍‌ର ଭିଡିଓ କେତେକ ଇଲେକ୍ଟ୍ରୋନିକ ଓ ସାମାଜିକ ଗଣମାଧ୍ୟମରେ ପ୍ରଦର୍ଶିତ ହେଉଛି। ଏହା ନଜରକୁ ଆସିବା ପରେ ଏହି ଭିଡିଓର ଯାଞ୍ଚ କରିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଖୋର୍ଦ୍ଧା ଜିଲା ନିର୍ବାଚନ ଅଧିକାରୀ(ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ନିର୍ବାଚନ ଦିନ ପ୍ରାୟ ୬୦ ପ୍ରତିଶତ ମତଦାନ କେନ୍ଦ୍ରର ୱେବ୍‌କାଷ୍ଟିଂ କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲା ନିର୍ବାଚନ ଅଧିକାରୀ ଏବଂ ରିଟର୍ନିଂ ଅଫିସର କଣ୍ଟ୍ରୋଲ ରୁମ୍‌ରୁ ଲାଇଭ ୱେବ୍‌କାଷ୍ଟିଂକୁ ଦେଖିଛନ୍ତି। ଜିଲା ନିର୍ବାଚନ ଅଧିକାରୀ ୱେବ୍‌କାଷ୍ଟିଂ ରେକର୍ଡ ଦାୟିତ୍ୱରେ ଅଛନ୍ତି। ଏହାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲା ନିର୍ବାଚନ ଅଧିକାରୀଙ୍କୁ ଉକ୍ତ ଭିଡିଓର ତଦନ୍ତ କରିବେ ଓ ଏହି ବିଷୟର ସ୍ପଷ୍ଟୀକରଣ ରଖିବାକୁ ସିଇଓଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ୫ ବିଜେଡି କର୍ମୀ ଗିରଫ

## ଭାଜପା ଗଞ୍ଜାମ ଜିଲା ସଭାପତିଙ୍କୁ ଆକ୍ରମଣ ଘଟଣା

**ଚାନ୍ଦବାଲି,୨୮।୫(କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ତୋଟାପଡ଼ା ଛକଠାରେ ଭାଜପାର ଗଞ୍ଜାମ ଜିଲା ସଭାପତି ଡ. ସୁବାସ ସାହୁ ଏବଂ ତାଙ୍କ ସହଯୋଗୀମାନଙ୍କୁ ଆକ୍ରମଣ ଘଟଣାରେ ୫ ବିଜେଡି କର୍ମୀଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ଘଣ୍ଟେଶ୍ୱର ଅଞ୍ଚଳର ସିପା ଜେନା, ଦିପୁନ ଜେନା, ରବୀନ୍ଦ୍ର ବଳ, ବିଜୟ କୁମାର ଜେନା ଓ ପପିନା ଜେନା। ପ୍ରକାଶ ଯେ, ସୋମବାର ସୁବାସ ସାହୁ ଏବଂ ତାଙ୍କର ୩ଜଣ ସହଯୋଗୀ ଏକ କାର୍‌ରେ ଚାନ୍ଦବାଲି ବ୍ଲକର ଘଣ୍ଟେଶ୍ୱରକୁ ଯାଉଥିଲେ। ସୁବାସଙ୍କ ଗାଡ଼ିରେ ଭାଜପା ପତାକା ଲାଗିଥିଲା। ପତାକା ଦେଖି ବିଜେଡି କର୍ମୀମାନେ ତୋଟାପଡ଼ା ଛକଠାରେ ସେମାନଙ୍କ ଗାଡ଼ିକୁ ଅଟକାଇଥିଲେ। ଯୁକ୍ତିତର୍କ କରିବା ସହ ସେମାନଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ତାଙ୍କ ଗାଡ଼ି ଭଙ୍ଗାରୁଜା କରିଥିବା ବେଳେ ଆକ୍ରମଣରେ ସୁବାସଙ୍କ ଶାର୍ଟ ଚିରି ଯାଇଥିବା ସହ ତାଙ୍କ ହାତରେ କ୍ଷତ ସୃଷ୍ଟି ହୋଇଥିଲା। ସେ ଘଣ୍ଟେଶ୍ୱର ଫାଣ୍ଡିରେ ଅଭିଯୋଗ କରିଥିଲେ। ଏନେଇ ବାଂଶଡ଼ା ଥାନାରେ ମାମଲା (ନଂ.୧୮୪/୨୪) ରୁଜୁ ହୋଇଥିଲା। ଆକ୍ରମଣକାରୀଙ୍କୁ ଗିରଫ ଦାବି କରି ଭାଜପା କର୍ମୀମାନେ ହୋହଲ୍ଲା କରିଥିଲେ। ମଙ୍ଗଳବାର ବାଂଶଡ଼ା ଥାନାଧିକାରୀ ଦେବରାଜ ଜେନା ଓ ଘଣ୍ଟେଶ୍ୱର ଫାଣ୍ଡି ଅଧିକାରୀ ସୂର୍ଯ୍ୟକାନ୍ତ ମହାନ୍ତି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଘଟଣାରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛନ୍ତି।


SAI INTERNATIONAL RESIDENTIAL SCHOOL
Eastern India's Best Residential School (CUTTACK)
SAI International Residential School
CBSE 2024 CLASS XII-COMMERCE
State Rank #1 99.2%
Saswat Panigrahi
CBSE 2024 CLASS XII-HUMANITIES
State Rank #1 99%
Adyasha Syam
CBSE 2024 CLASS X
State Rank #1 99.4%
Shagun Samantarai
JEE ADVANCED 2023
State Rank #1
Amrutanshu Mohanty
NEET 2023
State Rank #1
Swayam Shakti Tripathy
AILET 2024
State Rank #1
Adyasha Syam
SCHOLARSHIPS UP TO 100%*
*Terms & Conditions Apply
FOR CLASSES IV-IX ONLINE SCHOLARSHIP TEST : MAY 26TH 2024
360° holistic development

Eastern India's largest school based Indoor Stadium
Futuristic AI & Robotics lab
Horse Riding
National level Swimmers
CALL : 0671-7100100, +91-8114368700 | www.sirs.edu.in
SAI Vihar, 1400 Ramdaspur, Nuagaon, Cuttack, Pin: 754008, Odisha

ଭାରତମାତା କେବଳ କିଛି ମାଟି ନୁହଁ। ସେ ଏକ ଶକ୍ତି- ଏକ ଦେବୀ। କାରଣ, ଏହିପରି ଜଣେ ଜଣେ ଦେବୀ ପ୍ରତ୍ୟେକ ରାଷ୍ଟ୍ରର ଭିନ୍ନ ଭିନ୍ନ ଅସ୍ତିତ୍ୱକୁ ଧରି ରଖିଛନ୍ତି ଓ ସେମାନଙ୍କୁ ଜୀବିତ ରଖିଛନ୍ତି। -ଶ୍ରୀଅରବିନ୍ଦ



# ସାପ କାମୁଡ଼ା

ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତ ଅଧୀନ ବାଲିଡିଆର ଆଶା ବେହେରା ଅସ୍ତରଙ୍ଗ ଥାନାକୁ ଅଭିଯୋଗ ଜଣାଇବାକୁ ଯାଇଥିଲେ। ଥାନା ପରିସରରେ ଥିବା ମେଳା ଚାନ୍ଦିନୀ ଉପରେ ତାଙ୍କ କୁନି ପୁଅ ଖେଳୁଥିବା ସମୟରେ ତାକୁ ସାପ କାମୁଡ଼ିଦେବାରୁ ଥାନା ଅଧିକାରୀ ଶିଶୁକୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)କୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଶିଶୁକୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଶିଶୁକୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପକାମୁଡ଼ାର ଉନ୍ନତ ସ୍ୱାସ୍ଥ୍ୟସେବା ଅଭାବକୁ ସୂଚିତ କରୁଛି। କେବଳ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୁହେଁ, ରାଜ୍ୟର ପ୍ରାୟ ସବୁ ସିଏଚ୍‌ସି ଓ ପିଏଚ୍‌ସି (ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର)ରେ ସାପ କାମୁଡ଼ା ପାଇଁ ଉନ୍ନତ ଚିକିତ୍ସା ବ୍ୟବସ୍ଥାର ଅଭାବ ରହିଛି। ଚିନ୍ତାର ବିଷୟ ହେଉଛି, ସାପ କାମୁଡ଼ା ଘଟଣା ଗ୍ରାମାଞ୍ଚଳରେ ଅଧିକ ଘଟୁଥିଲେ ମଧ୍ୟ ଉନ୍ନତ ଚିକିତ୍ସା ବ୍ୟବସ୍ଥା ରହୁଛି ସୁଦୂର ସହରରେ। ଏଣୁ ଓଡ଼ିଶାରେ ସମୟାନ୍ତରରେ ଘଟୁଥିବା ସାପ କାମୁଡ଼ାଜନିତ ମୃତ୍ୟୁକୁ ନେଇ ଜରୁରୀ ଚିକିତ୍ସା ସୁବିଧାର ଅଭାବକୁ ଦାୟୀ କରାଯାଏ। ସାଧାରଣତଃ ଗ୍ରାମାଞ୍ଚଳରେ କୌଣସି ବ୍ୟକ୍ତିଙ୍କୁ ସାପ କାମୁଡ଼ିଲେ ବଞ୍ଚିବାର ଆଶା କ୍ଷୀଣ। ଘଟଣା ଏଭଳି ମଧ୍ୟ ଦେଖାଦେଇଛି ଯେ, ଅନେକ ସମୟରେ ବିଷଧର ସାପ ପରିବର୍ତ୍ତେ ବିନା ବିଷଥିବା ସାପ କାମୁଡ଼ିଲେ ମଧ୍ୟ ଭୟଭୀତ ହୋଇ ଅନେକ ଲୋକଙ୍କର ପ୍ରାଣହାନି ଘଟିଛି। ଏହା ବ୍ୟତୀତ ଅନେକ ଘଟଣାରେ ସାପ କାମୁଡ଼ିଥିବା ବ୍ୟକ୍ତିଙ୍କୁ ଯଦି ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଏ, ସେଠାରେ ପହଞ୍ଚିବା ବେଳକୁ ବିଳମ୍ବ ହୋଇଯାଇଥାଏ। କାରଣ ପ୍ରଭାବୀ ପରିବହନ ବ୍ୟବସ୍ଥାର ସୁବିଧା ନାହିଁ। ଅନ୍ୟପକ୍ଷରେ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତିବିଷଧର ସାପ କୁମୁଡ଼ାର ଚିକିତ୍ସା ଲାଗି ଆଣ୍ଟି ସ୍ନେକ ଭେନମ୍ (ସାପ ବିଷ ନିରୋଧୀ ଔଷଧ)ର ଅଭାବ ଥିବା ଅଭିଯୋଗ ହୁଏ। ଉଲ୍ଲେଖନୀୟ ଯେ, ଭାରତରେ ୭ଟି କମ୍ପାନୀ ଦ୍ୱାରା ବର୍ଷକୁ ପ୍ରାୟ ୮ ନିୟୁତ ସାପ ବିଷ ନିରୋଧୀ ଔଷଧ ପ୍ରସ୍ତୁତ ହୋଇଥାଏ। ଏହି ଦେଶରେ ସମସ୍ୟା ହେଉଛି ଯେ, ଏଠାରେ ବିଭିନ୍ନ ଅଞ୍ଚଳରେ ଭିନ୍ନ ପ୍ରକାରର ସାପ ଅଛନ୍ତି। ସବୁ ସାପ କାମୁଡ଼ାରୁ ମୃତ୍ୟୁ ଘଟେ ନାହିଁ। ଅନେକ ସାପ କାମୁଡ଼ା ଯୋଗୁ ପ୍ରବଳ ଶାରୀରିକ ବ୍ୟଥା, ସ୍ନାୟୁଗତ ସମସ୍ୟା, ପଙ୍ଗୁ ଓ ପକ୍ଷାଘାତ (ପାରାଲିସିସ୍) ଭଳି ସମସ୍ୟା ମଧ୍ୟ ଉପୁଜିଥାଏ। ମୃତ୍ୟୁ ଘଟାଉଥିବା ଭିନ୍ନ ପ୍ରଜାତିର ସାପ ବିଭିନ୍ନ ଅଞ୍ଚଳରେ ମିଳିଥା'ନ୍ତି। ଏଥିସହ ଏହି ସମସ୍ୟା ମୁଖ୍ୟତଃ ଗରିବ ଗ୍ରାମାଞ୍ଚଳବାସିନ୍ଦାଙ୍କୁ ଅଧିକ ଆକ୍ରାନ୍ତ କରୁଥିବା ହେତୁ ସାପ ବିଷ ନିରୋଧୀ ଔଷଧର ଦର ବୃଦ୍ଧି କରାଯାଇପାରୁନାହିଁ। କିନ୍ତୁ ଏହି ଔଷଧ ପ୍ରସ୍ତୁତ ପ୍ରଣାଳୀରେ ବିପୁଳ ଅର୍ଥ ଖର୍ଚ୍ଚ ହେଉଥିବା ହେତୁ ବଡ଼ ଔଷଧ କମ୍ପାନୀଗୁଡ଼ିକ ସେଥିରେ ଯୋଗଦାନ କରୁନାହାନ୍ତି। ଅପରପଟେ ସରକାର ବଡ଼ କମ୍ପାନୀଠାରୁ ପୋଲିଓ ଭଳି ଅନେକ ଔଷଧକୁ ଚଢ଼ା ଦରରେ କିଣି ଜନସାଧାରଣଙ୍କୁ ମାଗଣା କିମ୍ବା ରିହାତି ଦରରେ ଯୋଗାଇ ଦେଉଥିବାବେଳେ ସାପ କାମୁଡ଼ା ଔଷଧ ପାଇଁ ସେଭଳି କୌଣସି ବ୍ୟବସ୍ଥା ଏଯାବତ୍ କରାଯାଇନାହିଁ। ସାପ ବିଷ ନିରୋଧୀ ଔଷଧର ଅଭାବ ବ୍ୟତୀତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ର ତଥା ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ନ ଥିବାରୁ ସେଠାରୁ ପୀଡ଼ିତଙ୍କୁ ସହରର ବଡ଼ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ପଡୁଛି। ଫଳରେ ଅଧିକାଂଶ ପୀଡ଼ିତଙ୍କର ବିଳମ୍ବ କାରଣରୁ ମୃତ୍ୟୁ ଘଟୁଛି।

ଇଣ୍ଡିଆନ୍ କାଉନସିଲ ଫର୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର୍) ତଥ୍ୟ ମୁତାବକ ଭାରତରେ ପ୍ରତିବର୍ଷ ୪୫ ହଜାରରୁ ଅଧିକ ଲୋକଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟୁଛି। ଦେଶରେ ଓଡ଼ିଶା ସମେତ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ବିହାର, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଓ ଗୁଜରାଟରେ ୭୦ ପ୍ରତିଶତ ସାପ କାମୁଡାଜନିତ ମୃତ୍ୟୁ ଘଟୁଛି ବୋଲି ଆଇସିଏମ୍ଆର ଦର୍ଶାଇଛି। ଓଡ଼ିଶା ଷ୍ଟେଟ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ ଅଥରିଟି (ଓଏସ୍‌ଡିଏମ୍ଏ) ରିପୋର୍ଟ ଅନୁଯାୟୀ ୨୦୧୮ରୁ ୨୦୨୩ ମଧ୍ୟରେ ସାପ କାମୁଡ଼ାଜନିତ ମୃତ୍ୟୁ ବୃଦ୍ଧି ପାଇଛି ଓ ଏହି ସମୟ ମଧ୍ୟରେ ୪,୮୭୦ ଜଣଙ୍କର ମୃତ୍ୟୁ ଘଟିଛି। ଓଡ଼ିଶାର ୩୪ ପ୍ରତିଶତ ଜଙ୍ଗଲ ଥିବାରୁ ବିଷଧର ସାପଙ୍କ ସଂଖ୍ୟା ଅଧିକ। ଏହା ବ୍ୟତୀତ ରାଜ୍ୟର ପାଖାପାଖି ୭୦ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ରହୁଥିବାରୁ ସେଠାରେ ସାପ କାମୁଡ଼ା ଘଟଣା ବେଶି ଘଟୁଛି ଓ ମୃତ୍ୟୁହାର ମଧ୍ୟ ଅଧିକ। ଏହାର କାରଣ ସ୍ପଷ୍ଟ। ଦେଖିବାକୁ ଗଲେ ନାଗ, ଚିତି, ରଣା ଓ ଚନ୍ଦନବୋଡ଼ା ଆଦି ବିଷଧର ସାପ ସମ୍ପର୍କିତ ସୂଚନା, ସତର୍କତା ତଥା ଚିକିତ୍ସା ସଚେତନତାର ଅଭାବ ରହିଛି। ଏହା ବ୍ୟତୀତ ବିଷଧର ସାପ କାମୁଡ଼ା ଘଟଣାରେ ମାତ୍ର ଏକ ତୃତୀୟାଂଶ ଲୋକ ଚିକିତ୍ସା ପାଇଁ ମେଡିକାଲ ଯାଉଛନ୍ତି ବୋଲି ଆଇସିଏମ୍ଆର ଦର୍ଶାଇଛି। ଅଧିକାଂଶ ପୀଡ଼ିତ ଅନ୍ଧବିଶ୍ୱାସ ଯୋଗୁ ତ୍ରୁଟିପୂର୍ଣ୍ଣ ଦେଶୀ ଚିକିତ୍ସା ଉପରେ ଭରସା କରୁଛନ୍ତି। ସେମାନେ ଗାଁ ଗହଳିରେ କ୍ୱାକ୍, ଝଡ଼ାଫୁଙ୍କା ଉପରେ ନିର୍ଭର କରୁଛନ୍ତି କିମ୍ବା ମନ୍ଦିରକୁ ନେଇ ସେଠାରେ ଦୈବୀ ଚିକିତ୍ସାକୁ ଆପଣାଉଛନ୍ତି। ଏହି ସମୟରେ ସେବା ପାଇବାର ସୀମିତ ସମୟ (ଗୋଲ୍‌ଡେନ ଆୱାର) ଶେଷ ହୋଇଯାଇଥାଏ, ଯାହା ପୀଡ଼ିତଙ୍କ ମୃତ୍ୟୁର କାରଣ ହୋଇଥାଏ। ପରିତାପର ବିଷୟ, ୨୦୧୫ରୁ ଓଡ଼ିଶା ସରକାର ସାପ କାମୁଡ଼ାକୁ ରାଜ୍ୟ ବିପର୍ଯ୍ୟୟ ଆଖ୍ୟା ଦେଇ ଚିକିତ୍ସା ସେବାରେ ଉନ୍ନତି ଆଣିବାକୁ ଘୋଷଣା କରିଥିଲେ ମଧ୍ୟ ଚିକିତ୍ସା ବ୍ୟବସ୍ଥାରେ କୌଣସି ଉନ୍ନତି ଦେଖାଯାଉନାହିଁ।

# ମୁଁ ତ ଅମୃତସାଗର ବିନ୍ଦୁ



ଡ. ପବିତ୍ର ସୁବୁଦ୍ଧି

ଜନ୍ମ ହୁଏତ ଜୀବନର ଆରମ୍ଭ ହୋଇପାରେ, କିନ୍ତୁ ମୃତ୍ୟୁ ଏହାର ପରିସମାପ୍ତି ନୁହେଁ। ଶରୀର ଅନ୍ତର୍ହିତ ହୋଇପାରେ, ମାତ୍ର ଆତ୍ମ ପ୍ରକାଶର ଦୀପଶିଖା ନିର୍ବାପିତ ହୋଇପାରେନା। ଆତ୍ମା ଏକ ଅନିର୍ବାଣ ଦୀପଶିଖା। ମୃତ୍ୟୁ ଏକ ପ୍ରହେଳିକା। ଆଜକୁ ଅଢ଼େଇ ହଜାର ବର୍ଷ ତଳୁ ଅଥର୍ବ ବେଦରେ ଉତ୍କୀର୍ଣ୍ଣ ହୋଇ ରହିଛି ଏହି ଅଭୟବାଣୀ- 'ମା ବିଭେଃ, ନ ମରିଷ୍ୟସି' 'ଭୟ କରନାହିଁ, ତୁମେ ମରିବ ନାହିଁ' ଏହା ସତ୍ତ୍ୱେ ଏ ମଣିଷ ମୃତ୍ୟୁ ପ୍ରତି ଏତେ ପରାଙ୍ମୁଖ କାହିଁକି? ଶଙ୍କରଙ୍କ ପିତା ମୃତ୍ୟୁବରଣ କରିଛନ୍ତି। ସମସ୍ତଙ୍କ ମୁହଁରେ ଗୋଟିଏ କଥା- ସବୁ ଶେଷ ହୋଇଗଲା। ହଠାତ୍ ଶିଶୁ ଶଙ୍କରଙ୍କ ମୁହଁରୁ ଭାସି ଆସିଲା- 'ଶେଷ ନା ଆରମ୍ଭ'? କଠୋପନିଷଦରେ ଜଣେ କିଶୋର ବାଳକ ହାତରେ ମୃତ୍ୟୁଦେବ ଯମଙ୍କର ଅସହାୟ ପରାଜୟ ଆଉ ଏକ ବଳିଷ୍ଠ ଦୃଷ୍ଟାନ୍ତ। ଋଷିପୁତ୍ର ନଚିକେତା ଯମଦ୍ୱାରରେ ଉପସ୍ଥିତ ହୋଇଛନ୍ତି ପିତା ବାଜଶ୍ରବାଙ୍କ ଆଦେଶରେ। ସାମ୍ନାରେ ମୃତ୍ୟୁ ଦେବଙ୍କୁ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଛନ୍ତି ଜିଜ୍ଞାସୁ ନଚିକେତା। ତୃତୀୟ ବରର ପ୍ରଶ୍ନରେ ସ୍ତବ୍ଧ ହୋଇଯାଇଛନ୍ତି ଯମରାଜ। କେହି କେହି କହନ୍ତି ମୃତ୍ୟୁ ପରେ ଜୀବନ ରହେ, କେହି କେହି କହନ୍ତି ରହେ ନାହିଁ। ଏଥିରୁ କେଉଁଟି ସତ? ହେ ମୃତ୍ୟୁଦେବ। ମୋତେ ମୃତ୍ୟୁ ଓ ପରଲୋକର ରହସ୍ୟଜ୍ଞାନ ବତେଇଦିଅନ୍ତୁ। ଯମ କହିଲେ- ଏ ପ୍ରଶ୍ନ ଦେବତାଙ୍କୁ ମଧ୍ୟ ବିଚଳିତ କରିଛି। ତେଣୁ ହେ ନଚିକେତା। ତୁମେ ଏ ପ୍ରଶ୍ନର ଉତ୍ତର ଛାଡ଼ି ପାର୍ଥିବ ଜୀବନରେ ଯାହା ଶ୍ଲାଘ୍ୟ ଓ ଦୁର୍ଲଭ ତାହା ମାଗିପାର। ନଚିକେତା, କହିଲେ- ତାହା ତ ମୋତେ ଅବଶ୍ୟ ଦେଇପାରିବେ। ତେବେ ମୋ ଆଗରେ ଏବେ ଦଣ୍ଡାୟମାନ, କିନ୍ତୁ ସମୟକ୍ରମେ ଆପଣ ଏସବୁକୁ କବଳିତ ବି କରିବେ। ଏ ନଶ୍ୱର ଗୌରବରେ ମୋର ଲାଭ କ'ଣ? ଦୟା କରି ମୋତେ ଅମର ଜୀବନର ତତ୍ତ୍ୱ କୁହନ୍ତୁ। ଜଣେ ବାରବର୍ଷ ବାଳକର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଆରମ୍ଭ ହେଲା ଉପନିଷଦ।

ଯମ କହିଲେ- 'ହେ ପୁତ୍ର! ପ୍ରାକୃତିକ ପ୍ରକ୍ରିୟାରେ ସଂଜାତ ଶରୀରର ବିନାଶ ଅନିର୍ବାଯ୍ୟ ହେଲେ ମଧ୍ୟ ଆତ୍ମା ଅମର। ନା ଏହାର ମୃତ୍ୟୁ ଅଛି ନା ଜନ୍ମ ଅଛି। ଏହା ନିତ୍ୟ, ଶାଶ୍ୱତ, ସନାତନ। ମୃତ୍ୟୁରେ କେବଳ ସ୍ଥୂଳ ଶରୀର ଧ୍ୱଂସ ହୁଏ। ଆତ୍ମାର ନାଶ ହୋଇ ନଥାଏ। ଏହା ସୂକ୍ଷ୍ମରୁ ସୂକ୍ଷ୍ମତମ, ମହାନ୍‌ରୁ ମହାନତମ। ଏଣୁ ଜ୍ଞାନବାନ୍ ଆତ୍ମା କଦାପି ମରନ୍ତି ନାହିଁ। ସେ ଅଜର, ଅମର। ହନ୍ତା ଯଦି ମନେକରନ୍ତି ମୁଁ କାହାକୁ ହନନ କଲି ଅଥବା ହତବ୍ୟକ୍ତି ଯଦି ମନେକରନ୍ତି ମୁଁ ହତ ହେଲି, ତେବେ ଉଭୟଙ୍କୁ ସତ୍ୟ ସମ୍ବନ୍ଧରେ ଅନଭିଜ୍ଞ ବୋଲି ବୁଝିବାକୁ ହେବ। ଯେଉଁ ପୁରୁଷ କାଳ କବଳିତ ହେବା ପୂର୍ବରୁ ଏହି ବିଦ୍ୟା (ଆତ୍ମତତ୍ତ୍ୱ)କୁ ଜାଣିବାରେ ସକ୍ଷମ ହୋଇଥା'ନ୍ତି, ସେ ଜୀବନ୍ମୁକ୍ତ ହେବା ସହ ରୋଗ, ଶୋକ, ଜରା-ବ୍ୟାଧିକୁ ଦୂରୀଭୂତ କରି ପରମାନନ୍ଦ ପ୍ରାପ୍ତ ହୋଇଥା'ନ୍ତି। ଏହା ଆତ୍ମଜ୍ଞାନ। ବୃହଦାରଣ୍ୟକ



ଉପନିଷଦରେ ଅତି କାବ୍ୟିକ ଢଙ୍ଗରେ ଜୀବନ ବିବର୍ତ୍ତନର ଚିତ୍ର ପ୍ରଦାନ କରିଛନ୍ତି ଯାଜ୍ଞବଲ୍କ୍ୟ। ଜୋକ ଯେମିତି ଗୋଟିଏ ଘାସ ଅଗରୁ ଅନ୍ୟ ଗୋଟିଏ ଘାସ ଅଗକୁ ନିଜର ସମସ୍ତ ଶରୀରର ଭାରା ଦେଇ ଗତିକରେ, ସେହିପରି ମାନବ ଗୋଟିଏ ଜୀବନରୁ ଆଉ ଗୋଟିଏ ଜୀବନକୁ ଅବଲୀଳାକ୍ରମେ ନିଜର ସମସ୍ତ କର୍ମ ସଂସ୍କାରର ଭାର ବହନ କରି ଗତି କରୁଛି। ସ୍ୱର୍ଣ୍ଣକାର ଯେମିତି ପୁରୁଣା ସୁନାକୁ ଅଗ୍ନିରେ ଦଗ୍ଧ କରି ଅନ୍ୟ ଏକ ଜାଜ୍ୱଲ୍ୟମାନ ରୂପ ପ୍ରଦାନ କରେ ଏବଂ ସର୍ପ ଯେମିତି ଜୀର୍ଣ୍ଣ କାତି ଫିଙ୍ଗି ନୂତନ କାନ୍ତି ଧାରଣ କରେ, ସେମିତି ମୃତ୍ୟୁରେ ମଣିଷର ନବକଳେବର ହୁଏ। ମୃତ୍ୟୁରେ ମଣିଷର କିଛି ହରାଏନି, ବରଂ ସତତ ନିତ୍ୟ ନୂତନତାକୁ ଅଭିବାଦନ କରେ।

ଆମେରିକାର କବି ଇମରସନଙ୍କ 'ବ୍ରହ୍ମ' ଶୀର୍ଷକ କବିତାରେ ଏକ ତତ୍ତ୍ୱ ସ୍ନିଗ୍ଧ ଓ ସରଳଭାବରେ ରୂପାୟିତ। ସେ କହନ୍ତି ମୃତ୍ୟୁ କାହିଁ? ମୁଁ ଅଛି, ଯାଉଛି ଏବଂ ପୁନଃ ପ୍ରତ୍ୟାବର୍ତ୍ତନ କରୁଛି। ଏକ ଦ୍ୱାରରୁ ବାହାରି ଅନ୍ୟ ଏକ ଦ୍ୱାରରେ ପ୍ରବେଶ ମାତ୍ର। ଅବ୍ୟକ୍ତରୁ ବ୍ୟକ୍ତ ଏବଂ ବ୍ୟକ୍ତରୁ ଅବ୍ୟକ୍ତ। ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଗଣନାରେ ଦିନ, ମାସ, ବର୍ଷର ସଂକୀର୍ଣ୍ଣ ହିସାବ ରଖି ମଣିଷ ଦୁଃଖୀ ହୋଇଥାଏ। ବସ୍ତୁତଃ ଯେତେବେଳେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ନାହିଁ, ଏହା ପୃଥିବୀର ସ୍ଥିତି ଓ ଗତିର ପରିଣତି ମାତ୍ର, ସେତେବେଳେ ଆମେ ଏକ ଅନନ୍ତ ଜୀବନ ଯାତ୍ରାକୁ ବରଣ କରିଛେ। ଏହା ମହାଯାତ୍ରା ଏକ ସଂପୂର୍ଣ୍ଣ ଜୀବନର କାହାଣୀ। ଏକ ନିତ୍ୟ ଉଦୟର ଲୀଳା। ଏକ ସଫଳ ଓ ସଂପୂର୍ଣ୍ଣ ଜୀବନର ମହାକାବ୍ୟ। ପୂର୍ଣ୍ଣତାରୁ ପୂର୍ଣ୍ଣକୁ ନେଲେ କ'ଣ ପୂର୍ଣ୍ଣତାର ପରିସମାପ୍ତି ଘଟେ? ଗ୍ରୀକ୍ ଦାର୍ଶନିକ ପ୍ଲୋଟିନସ ତାଙ୍କ 'ଇନିଆଡ୍'ରେ ବି ଏହି ତତ୍ତ୍ୱର ଉତ୍‌ଥାପନ କରିଛନ୍ତି। ଯେପରି ସ୍ୱତଃ ନିସ୍ୟନ୍ଦିନୀ ପ୍ରସ୍ରବଣ ତା'ର ସମସ୍ତ ପ୍ରବାହକୁ ନଦୀଗର୍ଭରେ ଢାଳି ଦେଇ ମଧ୍ୟ ନିଃଶେଷ ହୁଏନା, ଯେତିକି ସେତିକି ରହେ, ସେହିପରି ଅନୁକ୍ଷଣ ବହମାନ ଏ ଜୀବନ ନିର୍ଝରିଣୀ। ଜନ୍ମ-ମୃତ୍ୟୁ କେବଳ ବସ୍ତ୍ର ବଦଳେଇବା ଭଳି ଏକ ପ୍ରକ୍ରିୟା।

ମାତ୍ର ଅଠର ବର୍ଷର ଯୁବକ ଖୁଦିରାମ ବୋଷ। ଦେଶ ପାଇଁ କ୍ରାନ୍ତିକାରୀ କାର୍ଯ୍ୟ କରି ହସି ହସି ଫାଶିଖୁଣ୍ଟରେ ଝୁଲିଥିଲେ। ଫାଶୀ ଦେବା ପୂର୍ବରୁ ବ୍ରିଟିଶ୍ ଜେଲ ଅଧୀକ୍ଷକ ଖୁଦିରାମଙ୍କୁ ପ୍ରଶ୍ନ କଲେ-''ମାତ୍ର ଅଠର ବର୍ଷର ଯୁବକ ତୁମେ, ଆଗକୁ ଲମ୍ବା ଭବିଷ୍ୟତ ପଡ଼ିଛି, ଅଥଚ ଫାଶିଖୁଣ୍ଟକୁ ଯିବା ବେଳେ ଭୟଭୀତ ହେବା ପରିବର୍ତ୍ତେ ଆହ୍ଲାଦିତ ହେଉଛ କିପରି?'' ଖୁଦିରାମ କହିଲେ- ମୁଁ ଶରୀର ନୁହେଁ, ମୁଁ ଆତ୍ମା। ମୁଁ ଜାଣେ ଆତ୍ମାର ମୃତ୍ୟୁ ନାହିଁ। ଇଂରେଜ କବି ଜନ୍‌ଡନ୍ ତାଙ୍କ କାଳଜୟୀ କବିତା 'ଡେଥ ବି ନଟ୍ ପ୍ରାଇଡ୍'ରେ ମୃତ୍ୟୁକୁ ଯେପରି ଭାବେ ଅପଦସ୍ଥ କରିଛନ୍ତି, ତା'ର ତୁଳନା ନାହିଁ। ସେ କହିଛନ୍ତି- ହେ ମୃତ୍ୟୁ! ତୋର ଅହଂକାର ମୂଲ୍ୟହୀନ। ଦେଖ୍! ତୁ ଯେଉଁ ସ୍ଥୂଳ କ୍ଷଣଭଙ୍ଗୁର ଶରୀରକୁ କବଳିତ କରୁ, ସେଥିରେ ତୋ'ର କିଛି ବାହାଦୁରି ନାହିଁ। ସ୍ଥୂଳଶରୀର ଧ୍ୱଂସରେ ଆମେ ଯେତେବେଳେ ମୁକ୍ତି ମାର୍ଗର ପାବଚ୍ଛ ଆରୋହଣ କରୁ ଏବଂ ମୁକ୍ତ ଆତ୍ମା ଆଲୋକ ରାଜ୍ୟରେ ବିଚରଣ କରେ, ସେହି ମୃତ୍ୟୁ ନିଜେ ହିଁ ମୃତ୍ୟୁବରଣ କରେ। ବସ୍ତୁତଃ ମୃତ୍ୟୁ ଲଭେ ଏ କ୍ଷଣଭଙ୍ଗୁର ଶରୀର। ମନ, ବୁଦ୍ଧି ଓ ଅହଂକାର ଇତ୍ୟାଦି ଉପାଧିର ବିଲୋପ ଘଟେ। କିନ୍ତୁ ଅନନ୍ତଜୀବନ ପ୍ରାପ୍ତିରେ ଆମେ ଉର୍ଜସ୍ୱଳ ହୋଇଉଠୁ। ମୋହଗ୍ରସ୍ତ ପାର୍ଥିବ ଜୀବନର ସ୍ୱପ୍ନଭଙ୍ଗ ହୁଏ ଏବଂ ଆତ୍ମସ୍ୱରୂପରେ ଆମେ ନିଜକୁ ଆବିଷ୍କାର କରୁ।

ବାସ୍ତବରେ ମୃତ୍ୟୁହୀନ ଏ ଜୀବନ। କାରଣ ଚେତନାର ବିନାଶ ନାହିଁ। ପଦ୍ମପତ୍ରରେ ଜଳ ଭଳି ସଦା ଢଳ ଢଳ ଏ ଜୀବନ। ମଣିଷ ଏଯାଏଁ ନିଜକୁ ଚିହ୍ନିନାହିଁ। ତେଣୁ ସେ ନିଜକୁ ହିଁ ଖୋଜିବୁଲୁଛି ଜୀବନ ପରେ ଜୀବନ ବା ଜନ୍ମ ପରେ ଜନ୍ମ। ସ୍ଫିଙ୍କ୍‌ସ ବା ସିଂହାସୁରୀର କାହାଣୀ ଆପଣମାନଙ୍କର ସ୍ମରଣ ଥିବ ନିଶ୍ଚୟ। ସେ ଅଦ୍ଭୁତ ପ୍ରାଣୀ ପର୍ବତ ଶିଖରରେ ଥାଇ ପଥଚାରୀକୁ ପ୍ରଶ୍ନ କରେ- ''କେଉଁ ଜୀବ ସକାଳେ ଚାରିପାଦରେ, ଦିନବେଳେ ଦୁଇପାଦରେ ଓ ସନ୍ଧ୍ୟାରେ ତିନିପାଦରେ ଚାଲେ?'' ଏ ପ୍ରଶ୍ନର ଉତ୍ତର କେହି ଦେଇପାରନ୍ତି ନାହିଁ। ସୂର୍ଯ୍ୟ ଅସ୍ତଯାଏ। ସିଂହାସୁରୀ ପଥିକକୁ ମାରିପକାଏ। ଦିନେ ସେହି ଭୟଙ୍କର ପଥ ଦେଇ ଯାତ୍ରା କରୁଥିଲେ ମହାବୀର ଓଡ଼ିପାସ୍। ସିଂହାସୁରୀ ଓଡ଼ିପାସ୍‌ଙ୍କୁ ସେହି ପ୍ରଶ୍ନ କରନ୍ତେ ସେ ଜବାବ ଦେଲେ- ''ତମର ପ୍ରଶ୍ନର ଉତ୍ତର 'ମୁଁ ସ୍ୱୟଂ'। ଅର୍ଥାତ୍ ମୁଁ ମଣିଷ ଜୀବନ ପ୍ରଭାତରେ ଦୁଇ ଗୋଡ଼ ଓ ଦୁଇହାତ ଯୋଗେ ହାମୁଡ଼ି ହାମୁଡ଼ି ଚାଲେ, ଦିନବେଳେ ଅର୍ଥାତ୍ ବୟସ ବଢ଼ିଲେ ଦୁଇଗୋଡ଼ରେ ଚାଲେ ଏବଂ ଜୀବନ ସନ୍ଧ୍ୟାରେ ଏକ ଯଷ୍ଟିର ଆଶ୍ରୟ ସହ ଅର୍ଥାତ୍ ତିନିଗୋଡ଼ରେ ଚାଲେ।'' ଓଡ଼ିପାସ୍‌ଙ୍କ ଏ ଉତ୍ତର ଶୁଣିବା ମାତ୍ରେ ସିଂହାସୁରୀ ପର୍ବତ ଶିଖରରୁ ଡେଇଁ ପଡ଼ି ମୃତ୍ୟୁବରଣ କଲା। ଏ କଥାର ମର୍ମ ହେଲା- ମଣିଷ ମରେ, ଯେହେତୁ ସେ ନିଜକୁ ଜାଣେନା। ଯେଉଁ ଦିନ ସେ ନିଜକୁ ଜାଣିବ, ସେହିଦିନ ମୃତ୍ୟୁ ହିଁ ମୃତ୍ୟୁବରଣ କରିବ।

ପାଠକେ! ଯିଏ ଆତ୍ମାରେ ବାସକରେ, ସେ ହିଁ ଅମର। ଆତ୍ମାର ଉପଲବ୍ଧି ହିଁ ଅମରତ୍ୱର ଉପଲବ୍ଧି। ମୁଁ ଅମୃତ। ମୁଁ ଅମୃତ। ସ୍ୱଭାବ କବି ଗଙ୍ଗାଧରଙ୍କ ଭାଷାରେ ମୁଁ ତ ଅମୃତସାଗର ବିନ୍ଦୁ, ନଭେ ଉଠିଥିଲି ତେଜି ସିନ୍ଧୁ...। ଏଣୁ ଆସନ୍ତୁ ନିଜେ ନିଜକୁ ଚିହ୍ନିବା। ଆପଣା ଭିତରେ ଥିବା ମହାନ୍ ଅବସ୍ଥିତିକୁ ଅନୁଭବ କରିବା।

**ପ୍ରାକ୍ତନ ପ୍ରାଧ୍ୟାପକ, ନୀଳମାଧବ କଲେଜ, କଣ୍ଟିଲୋ, ମୋ: ୬୩୭୦୬୪୫୭୮୯**

# ବିଦ୍ୟା ଅଟଇ ମହାବଳ...



ସୌରଚନ୍ଦ୍ର ମହାପାତ୍ର

'ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ। ବିଦ୍ୟା ଅଟଇ ମହାରତ୍ନ, ହୃଦୟେ ଘେନ କରି ଯତ୍ନ। ବିଦ୍ୟା ଅଟଇ ମହାମିତ୍ର, ସେ ସଙ୍ଗେ ହୁଅ ହେ ପବିତ୍ର। ବିଦ୍ୟା ଅଟଇ ମହାବଳ, ସେ ବଳେ ଜିଣ ଭୂମଣ୍ଡଳ' - ଭକ୍ତ କବି ମଧୁସୂଦନଙ୍କ ଏହି ବିଲକ୍ଷଣ ଧାଡ଼ି ଜୀବନରେ ବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ସମ୍ପର୍କରେ ଆମମାନଙ୍କୁ ଆଲୋକ ବର୍ତ୍ତିକା ବାର୍ତ୍ତା ପ୍ରଦାନ କରୁଛି। ମନୁଷ୍ୟ ଶରୀରରେ ଆଖି, କାନ, ପାଟି ଆଦି ସବୁ ଅଙ୍ଗଗୁଡ଼ିକ ପରସ୍ପର ସହିତ ଅଭିନ୍ନ ଭାବରେ ସମ୍ପୃକ୍ତ। ଏହି ଅଙ୍ଗଗୁଡ଼ିକ ଯେପରି ମନୁଷ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ସେହିପରି ସାମାଜିକ ପ୍ରକ୍ରିୟାର ଏକ ଅଙ୍ଗ ଭାବରେ ମନୁଷ୍ୟ ମଧ୍ୟ ସମାଜ ପାଇଁ ଗୁରୁତ୍ୱ ପୂର୍ଣ୍ଣ। ମନୁଷ୍ୟ ମାନବଜାତିର ଏକ ଅଂଶ। ପ୍ରକୃତି ଈଶ୍ୱରଙ୍କର ଏକ ଅଂଶ। ଏହି ପାରସ୍ପରିକ ସମ୍ପର୍କକୁ ମନୁଷ୍ୟ ଜାଣିପାରି ନାହିଁ।

ଆମ୍ଭେମାନେ ପ୍ରକୃତରେ ଜଣେ ଜଣେ ମଞ୍ଚ ନିର୍ଦ୍ଦେଶକଙ୍କ ପରି ଜୀବନ ନିର୍ବାହ କରୁଛେ। ମନୁଷ୍ୟ ନିଜ ଅଧିକାର ପାଇଁ ସଂଗ୍ରାମ କରୁଛି ନିଜର ଦାୟିତ୍ୱକୁ ଭୁଲିଯାଇ। ଗଭୀର ଭାବରେ ଅନୁସନ୍ଧାନ କଲେ ଜଣାଯିବ ଯେ ଏ ସଂସାରରେ ମନୁଷ୍ୟର କୌଣସି ଅଧିକାର ନାହିଁ। ତା'ର କେବଳ କର୍ତ୍ତବ୍ୟ ଅଛି, ଅଧିକାର ନୁହେଁ। ନିଜର କର୍ତ୍ତବ୍ୟ ସମ୍ପାଦନ ନ କରି ଅଧିକାର ପାଇଁ ଲଢ଼ିବା ନିର୍ବୋଧତା। ''ସଂସାରରେ ସବୁ ପ୍ରକାର ଦ୍ୱନ୍ଦ୍ୱ ଓ ବିଶୃଙ୍ଖଳାର କାରଣ ହେଉଛି ମନୁଷ୍ୟ ନିଜର କର୍ତ୍ତବ୍ୟକୁ ଭୁଲିଯିବା। ଆମ୍ଭେମାନେ ନିଜର କର୍ତ୍ତବ୍ୟର ସୁସମ୍ପାଦନ କଲେ ଜଗତ ଶାନ୍ତ ଓ ସମୃଦ୍ଧ ହେବ। ତା'ର ଏକମାତ୍ର ଅଧିକାର ହେଉଛି ନିଜର କର୍ତ୍ତବ୍ୟ ସମ୍ପାଦନ କରିବା। ତା'ର ଆଉ ଅନ୍ୟ କୌଣସି ଅଧିକାର ନାହିଁ। ପିତାମାତାମାନେ ନିଜର କର୍ତ୍ତବ୍ୟ ସମ୍ପାଦନ କଲେ ପିଲାମାନେ ମଧ୍ୟ ନିଜର ଦାୟିତ୍ୱ ହୃଦୟଙ୍ଗମ କରିବେ। ପିଲାମାନେ ନିଜର ମାତାପିତାଙ୍କ ପ୍ରତି କର୍ତ୍ତବ୍ୟ ସମ୍ପାଦନ କଲେ ମାତାପିତାମାନେ ସମ୍ମାନିତ ହେବେ। ସେହିପରି ଶିକ୍ଷକମାନେ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କଲେ ଛାତ୍ରମାନେ ଠିକ୍ ଭାବରେ ଆଚରଣ କରିବେ। ଛାତ୍ରୀଛାତ୍ରମାନେ ସେମାନଙ୍କର କର୍ତ୍ତବ୍ୟ ଠିକ୍ ଭାବରେ ସମ୍ପାଦନ କଲେ, କର୍ମକର୍ତ୍ତାମାନେ ସମ୍ମାନ ଲାଭ କରିବେ।''

ଆଜିର ସମୟକୁ ଦେଖିଲେ, ଆମ୍ଭେମାନେ ବାସ୍ତବରେ ଆମ ଦାୟିତ୍ୱ ସବୁକୁ ନିର୍ବାହ କରିବାରେ ଏକ ପ୍ରକାର ଭୁଲି ଯାଇଛୁ। ପ୍ରତ୍ୟେକ ନିଜର କର୍ତ୍ତବ୍ୟ କଲେ ସମସ୍ତଙ୍କୁ ଲାଭ ମିଳିବ। ମଣିଷ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ଯୋଗ୍ୟ, ତାହାର ଫଳ ପାଇଁ ନୁହେଁ। ଶିକ୍ଷା କ୍ଷେତ୍ରକୁ ଦେଖିଲେ ସେଠାରେ ମଧ୍ୟ ମୂଲ୍ୟବୋଧର ଅବକ୍ଷୟ। ଆଜି ଶିକ୍ଷା ଜଗତ ବହୁବିଧ ସମସ୍ୟାରେ ପରିପୂର୍ଣ୍ଣ; ଯାହା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ବିଚଳିତ କରୁଛି। ଶିକ୍ଷା ପଦ୍ଧତି ସମାଜରେ ମାନବୀୟ ମୂଲ୍ୟବୋଧର ବିଧ୍ୱଂସରେ ସହାୟକ ହେଉଛି। ଦେଶର ସର୍ବବିଧ ଅଭିବୃଦ୍ଧି ଦିଗରେ ଶିକ୍ଷାନୁଷ୍ଠାନଗୁଡ଼ିକ ନେତୃତ୍ୱ ନେବା କଥା, କିନ୍ତୁ ସେଗୁଡ଼ିକ ଦେଶକୁ ପଥଭ୍ରଷ୍ଟ କରୁଛନ୍ତି। ତ୍ୟାଗ, ଚରିତ୍ରବତ୍ତା, ସାଧୁତା ଓ ନୈତିକତା ଆଦି



ମାନବୀୟ ମୂଲ୍ୟବୋଧଗୁଡ଼ିକ ପ୍ରାୟ ଉଭେଇ ଗଲେଣି। ଆମର ଯାହା ଦରକାର ତାହା ଏକ ନୂତନ ଶିକ୍ଷାପଦ୍ଧତି ବା ଏକ ନୂତନ ସମାଜ ବ୍ୟବସ୍ଥା କିମ୍ବା ଏକ ନୂଆ ଧର୍ମ ନୁହେଁ। ନୂତନ ସମାଜ ତିଆରି ପାଇଁ ଏବଂ ଏହାର ଆଦର୍ଶଗତ ପ୍ରଗତି ପାଇଁ ଅନେକ ଉଦ୍ୟମ, କଳ୍ପନାଜଳ୍ପନା ଦେଖିବାକୁ ମିଳୁଛି କିନ୍ତୁ ଏସବୁ ବୃଥାରେ ପରିଣତ ହେଉଛି। କେବଳ ଉତ୍ତମ ଲୋକ ଚରିତ୍ର ହିଁ ଉତ୍ତମ ରାଷ୍ଟ୍ର ପରିଚାଳନାରେ ସହାୟକ ହୋଇଥାଏ। ମହତ୍ ମନ ଓ ହୃଦୟସମ୍ପନ୍ନ ଲୋକମାନେ ରହିଲେ ରାଷ୍ଟ୍ର ପ୍ରଗତିଶୀଳ ହେବ। ଏପରି ଲୋକମାନେ ସମାଜରେ ସେତିକିବେଳେ ବାହାରିବେ ଯେତେବେଳେ ସମାଜରେ ମାନସିକ ନିର୍ମଳତା ଓ ନୈତିକତା ରହିବ। ନୈତିକ ମୂଳଦୁଆରେ ପ୍ରତିଷ୍ଠିତ ସମାଜ ହିଁ ଏପରି ମହତ୍ ଲୋକମାନଙ୍କର ପୁଷ୍ଟି କରିପାରିବ।

ଆଜି ଆମେମାନେ ଆଧ୍ୟାତ୍ମିକତାକୁ ଭୁଲିଯାଇ ବିଷୟ ବାସନା ଉପରେ ଆଧାରିତ କୃତ୍ରିମ ଜୀବନଯାପନ କରୁଛୁ। ରାଷ୍ଟ୍ରର କଲ୍ୟାଣ ନିମନ୍ତେ ଶିକ୍ଷାର ପ୍ରୟୋଗ ହେବା ଉଚିତ। ଶିକ୍ଷା ମାଧ୍ୟମରେ ଉପଲବ୍ଧ ଜ୍ଞାନ ସମାଜର କଲ୍ୟାଣ ନିମନ୍ତେ ନିଃସ୍ୱାର୍ଥପର ଭାବରେ ବିନିଯୋଗ କରାଯିବା ଉଚିତ। ଛାତ୍ରମାନଙ୍କ ମଧ୍ୟରେ ଏହିପରି ମନୋଭାବ ବିକଶିତ କରିବାକୁ ହେଲେ ସେମାନେ ଉତ୍ତମ ଗୁଣାବଳୀର ଅନୁଶୀଳନ କରିବା ଉଚିତ। କେବଳ ଉତ୍ତମ ଚରିତ୍ରସମ୍ପନ୍ନ ଛାତ୍ରର ମାତୃଭୂମି ପ୍ରତି ପ୍ରେମ ଓ ସମାଜକଲ୍ୟାଣ ପାଇଁ ଚିନ୍ତା ରହିବ। ଶିକ୍ଷା ଆତ୍ମ କଲ୍ୟାଣ ବା ନିଜର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ନୁହଁ ଏହା ବିଶ୍ୱକଲ୍ୟାଣ ଲାଗି ଉତ୍ସର୍ଗିତ ହେବା ଉଚିତ। ଛାତ୍ରଠାରେ ଉତ୍ତମ ଗୁଣାବଳୀ ରହିଲେ ହିଁ ସେ ଜାତୀୟ ନିରାପତ୍ତା, ସମୃଦ୍ଧି ଓ କଲ୍ୟାଣ ଏବଂ ରାଷ୍ଟ୍ରର ଉନ୍ନତି ଓ ମାନବଜାତି ପ୍ରତି ପ୍ରେମ ପାଇଁ କାମ କରିପାରିବ। ଆମ୍ଭେମାନେ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ପ୍ରତ୍ୟେକେ ବିଶ୍ୱାସ କରିବା ଉଚିତ।

ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ଉଲ୍ଲେଖ କରିଛନ୍ତି - 'ଜଣେ ଯେତେ ଜ୍ଞାନ ଆହରଣ କଲେ ବି ତାହା ସମସ୍ତଙ୍କ ହିତ ପାଇଁ ପ୍ରୟୋଗ କରିବା ଉଚିତ। ତା'ହେଲେ ହିଁ ସେ ଜ୍ଞାନ-ସମ୍ପନ୍ନ ହୋଇପାରିବ। ଏପରି ଜ୍ଞାନୀଜନ ସମସ୍ତ ସଦ୍‌ଗୁଣରେ ଅଳଙ୍କୃତ ହେବା ଉଚିତ।' ଏହି ମହତ୍ ଅଭିପ୍ରାୟରେ ପ୍ରାଚୀନ ଶିକ୍ଷାପଦ୍ଧତି ପ୍ରଚଳିତ ଥିଲା। ଆଜି ଛାତ୍ରମାନେ ଯାହା ସବୁ ଶିଖୁଛନ୍ତି ତାହା ଭାରତୀୟ ଶିକ୍ଷାପଦ୍ଧତି ସହିତ ଅସମ୍ପୃକ୍ତ। ଯେଉଁ ଶିକ୍ଷାପଦ୍ଧତି ମନକୁ ଭୃତ୍ୟଭାବାପନ୍ନ କରି ପକାଏ ଏବଂ ଚାକିରି ଖୋଜିବାର ମନୋବୃତ୍ତି ସୃଷ୍ଟି କରେ, ତାହାର ଭାରତୀୟ ଶିକ୍ଷା ସହିତ କୌଣସି ସମ୍ପର୍କ ନାହିଁ। ତମାମ ଜୀବନ ଭିତରେ ଜ୍ଞାନର ଜିଜ୍ଞାସା, ଅଧ୍ୟୟନର ଅନ୍ତ ହୋଇ ନ ଥାଏ। ଜୀବନ ବିସ୍ତାରୀ ଜ୍ଞାନ, ମଣିଷର ଆୟୁଷ ଭିତରେ ସେ ସହିପାରି ନ ଥାଏ। ଭକ୍ତ କବି ମଧୁସୂଦନଙ୍କ ସେହି କାଳଜୟୀ ଧାଡ଼ିଟି ଉଦ୍ଧୃତ କରୁଛି - 'ନୁହେଁ ବୃଦ୍ଧ ସେହି ଜନ, ଶୁକ୍ଳକେଶ ଅଟେ ଜାର ଶିର। ଯୌବନେ ଯେ ଜ୍ଞାନେରତ, ଦେବେ ତାକୁ ବୋଲନ୍ତି ସ୍ଥବିର।'

**ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ମୋ : ୯୪୩୭୦୦୪୪୬୬**

## ଏଇ ଭାରତରେ

କିଛି ନୂତନତ୍ୱ ନିଶାରେ କଲ୍ୟାଣ କୁମାର କଲେଜ ପଢ଼ାରେ ଡୋରି ବାନ୍ଧିଦେଲେ। ପରେ ତାଙ୍କ ପିତାଙ୍କ କମ୍ପାନୀରେ ଏକ ମେଶିନ ତିଆରି କରି ସେଥିରେ ଶସ୍ୟଜାତ ବର୍ଜ୍ୟରୁ କପ୍, ଗିନା ଓ ଚାମଚ ଆଦି ତିଆରି କରୁଛନ୍ତି। ତାମିଲନାଡୁ କୋଏମ୍ବାଟୁର ନିବାସୀ କଲ୍ୟାଣ ଏଥିରେ ଭଲ ଆୟ କରିବା ସହ ପରିବେଶ ସୁରକ୍ଷା ମଧ୍ୟ କରିପାରୁଛନ୍ତି। କୁଣ୍ଡା ଓ ଗହମ ଚୋପା, କଇଁଆ ମଞ୍ଜି, କଦଳୀ ପତ୍ରରୁ ସେ ଏହିସବୁ ଉତ୍ପାଦ ତିଆରି କରୁଛନ୍ତି। କଲ୍ୟାଣ ବିବିଏ କୋର୍ସ ଛାଡ଼ି ପ୍ରଥମେ ତାଙ୍କ ପିତାଙ୍କ କମ୍ପାନୀରେ ୨୦୧୭ରେ ପ୍ଲାଷ୍ଟିକ ବିକଳ୍ପ ଉତ୍ପାଦ ପାଇଁ ମେଶିନ ତିଆରି କରିବା ଆରମ୍ଭ କରିଥିଲେ। ପ୍ରଥମେ ଗୁଆପତ୍ର ଖୋଳପାରୁ ପ୍ଲେଟ୍ ପାଇଁ ଓ ପରେ ଶସ୍ୟ ବର୍ଜ୍ୟରୁ କପ୍ ତିଆରି ଲାଗି ମେଶିନ ନିର୍ମାଣ କରିଥିଲେ। ସେ ତିଆରି କରୁଥିବା ଛୋଟ ମେଶିନର ଦାମ୍ ୩ ଲକ୍ଷ ଓ ବଡ଼ ମେଶିନ ୩୦ ଲକ୍ଷ ଟଙ୍କାରେ ବିକ୍ରି କରାଯାଉଛି। ସେ ଏବେ ଯେଉଁ ମେଶିନ ବ୍ୟବହାର କରୁଛନ୍ତି ତାହା ଏକାଥରକେ ୧୦୦୦ କପ୍ ତିଆରି କରୁଛି ଓ ବଡ଼ ମେଶିନରେ ଦିନକୁ ୧୦,୦୦୦ କପ୍ ତିଆରି ହେଉଛି। ମୋଟିଏ ମାସରେ ସେ ୧୦ ଲକ୍ଷ କପ୍ ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୯ ମେ ୧୯୭୫**

- ଉତ୍ତର ଇଂଲଣ୍ଡରେ ଏକ ଯାତ୍ରୀବାହୀ ବସ୍ ଏକ ଗଭୀର ଗିରିଗହ୍ୱର ନିକଟରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩୪ ଜଣଙ୍କ ମୃତ୍ୟୁ।
- ବାଂଲାଦେଶ ଓ ଯୁଗୋସ୍ଲୋଭିଆ ମଧ୍ୟରେ ଏକ ଦୁଇବର୍ଷିଆ କାରିଗରି ସହଯୋଗ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ବଧୂ ଆସେ ମୋର ଧୀର ସୁଲଳିତ
ତୃତୀୟା ଜୋଛନା ସମ
ବଢ଼ାଏ ମୋ କରେ କମ୍ପିତ କର
ସୁକୁମାର ଅନୁପମ
ଲାଜଲା ଗଣ୍ଡେ ନ କହଇ କଥା
ଭାଦର ବଉଦେ ଲୁଚାଏ ତା' ମଥା
କି ନିବିଡ଼ ବ୍ୟଥା ଲାଗେ ଏ ପୀରତି-
ପୀଡ଼ିତ ମରମେ ମମ
ବଧୂ ଆସେ ମୋର ଧୀର ସୁଲଳିତ
ତୃତୀୟା ଜୋଛନା ସମ।
-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 8 | 4 | | | 2 |
| | | | | 7 | | | | |
| 5 | | | | | 1 | | 9 | |
| 1 | | | | 2 | | | 7 | |
| | 7 | | | 4 | 5 | | 2 | |
| 2 | | | | | 6 | | 1 | 5 |
| | 9 | | 6 | | | | | |
| 7 | 5 | | 3 | | | 4 | | |
| | | 2 | | 5 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 2 | 4 | 5 | 3 | 9 | 7 | 8 |
| 4 | 5 | 9 | 1 | 7 | 8 | 3 | 6 | 2 |
| 8 | 3 | 7 | 6 | 2 | 9 | 1 | 5 | 4 |
| 2 | 4 | 5 | 9 | 1 | 6 | 7 | 8 | 3 |
| 9 | 8 | 1 | 7 | 3 | 2 | 5 | 4 | 6 |
| 7 | 6 | 3 | 8 | 4 | 5 | 2 | 9 | 1 |
| 5 | 7 | 4 | 3 | 8 | 1 | 6 | 2 | 9 |
| 1 | 9 | 8 | 2 | 6 | 7 | 4 | 3 | 5 |
| 3 | 2 | 6 | 5 | 9 | 4 | 8 | 1 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ପତ୍ତି ତାଲିକା କ'ଣ ସତ

ମହାଶୟ,

ଏବେକାର ସାଧାରଣ ନିର୍ବାଚନରେ ପ୍ରାର୍ଥୀମାନଙ୍କ ସମ୍ପତ୍ତି ତାଲିକାର ସତ୍ୟତା ଉପରେ ସଂଶୟ ଆସୁଛି। ବିଭିନ୍ନ ଦଳର ପ୍ରାର୍ଥୀମାନେ ନିର୍ବାଚନ କମିଶନଙ୍କ ନିକଟରେ ଉପସ୍ଥାପିତ ନିଜ ନିଜର ସମ୍ପତ୍ତି ତାଲିକା ଦାଖଲର ପ୍ରକୃତ ସତ୍ୟତା କେତେ ତାହା ଉପରେ କମିଶନ ପରୀକ୍ଷା କରିବା ଉଚିତ। ଯେମିତି ୧୦୦ ଭାଗରୁ ଜଣେ ନିଜ ନିଜର ସମ୍ପତ୍ତି ତାଲିକାର ବିବରଣୀ ପ୍ରକାଶ କରୁଛନ୍ତି। କିଏ କହୁଛି ମୋ ପାଖରେ ମାତ୍ର ୧୦୦ ଟଙ୍କା ଅଛିତ କିଏ ପୁଣି ଲକ୍ଷେ ଓ ମୋଟରଯାନ ଆଦୌ ନାହିଁ ବୋଲି କହୁଛି। ଏହାର ବାସ୍ତବତା ଉପରେ ସରଜମିନ ତଦନ୍ତ ହେବା ଉଚିତ। ଭାରତରେ ପାରିବାରିକ ଶାସନ ଜାତି ଧର୍ମକୁ ନେଇ ରାଜନୀତି ଜୋର ଧରଛି। ବେକାରୀ, ଦାରିଦ୍ର୍ୟ, ଜନସଂଖ୍ୟା ବିସ୍ଫାରଣ ଭାରତରେ ଛିଡ଼ଭିନ୍ କରିଛି। ୬୦ପ୍ରତିଶତ ଡାକ୍ତରଖାନାରେ ଡାକ୍ତର ନ ଥିବା ବେଳେ ୭୦ପ୍ରତିଶତ ଜାଗାରେ ବିଜୁଳି, ପାଣି ନାହିଁ। ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ପ୍ରାର୍ଥୀମାନଙ୍କର ସମ୍ପତ୍ତିକୁ ବିଶ୍ଳେଷଣ କରିବା ଦରକାର।

**-ଦେବାଶିଷ ପତି, ବରୀ, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)





# ଟିଟିଲାଗଡ଼ରେ ୪୫, ବଲାଙ୍ଗୀରରେ ୪୪.୫ ଡିଗ୍ରୀ ତାପମାତ୍ରା

**ବଲାଙ୍ଗୀର,୨୮।୫(ବୀରେନ୍ଦ୍ର କୁମାର ଝାଙ୍କର)**

■ କଲବଲ କରୁଛି ଖରା, ଗୁଳୁଗୁଳି
■ ଦିନ ୧୦ଟାରୁ ରାସ୍ତା, ବଜାର ଶୂନଶାନ୍
■ ଗଛ ଛାଇ ଖୋଜୁଛନ୍ତି ମଣିଷ, ପଶୁପକ୍ଷୀ
■ ମୋବାଇଲ ଆପ୍‌ରେ ତାପମାତ୍ରା ଯାଞ୍ଚ କରୁଛନ୍ତି ଲୋକେ

ବଲାଙ୍ଗୀର ଜିଲାରେ ତାପମାତ୍ରା ବୃଦ୍ଧି ଲୋକଙ୍କୁ କଲବଲ କରୁଛି। ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ଅତିଷ୍ଠ ହୋଇ ପଡିଲେଣି ବଲାଙ୍ଗୀର ଜିଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକେ। ମଙ୍ଗଳବାର ରାଜ୍ୟର ତୃତୀୟ ସର୍ବାଧିକ ତାପମାତ୍ରା ବଲାଙ୍ଗୀର ଜିଲାର ଟିଟିଲାଗଡ ଠାରେ ରେକର୍ଡ କରାଯାଇଛି। ଟିଟିଲାଗଡରେ ମଙ୍ଗଳବାର ତାପମାତ୍ରା ୪୫ ଡିଗ୍ରୀ ଓ ବଲାଙ୍ଗୀରରେ ତାପମାତ୍ରା ୪୪.୫ ଡିଗ୍ରୀ ରେକର୍ଡ କରାଯାଇଛି। ପ୍ରବଳ ଖରା, ଗୁଳୁଗୁଳି ଏବଂ ଗ୍ରୀଷ୍ମଲହର ଯୋଗୁ ଜିଲାର ଗାଁ ଓ ସହରର ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ବିଶେଷକରି ଛୋଟ ଶିଶୁ, ବୃଦ୍ଧା ବୃଦ୍ଧ, ରୋଗୀଙ୍କ ଅବସ୍ଥା ସଙ୍ଗୀନ ହୋଇପଡୁଥିବା ଦେଖିବାକୁ ମିଳିଛି। ହସ୍ପିଟାଲରେ ରୋଗୀ ଓ ରୋଗୀ ପରିଜନଙ୍କ ଅବସ୍ଥା ନ କହିବା ଭଲ। ପ୍ରଚଣ୍ଡ ଗରମ ଓ ଗୁଳୁଗୁଳିରେ ଇନ୍‌ଡୋର ରୋଗୀମାନେ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି। ଅନେକ ରୋଗୀ ପରିଜନ ହସ୍ପିଟାଲ ବାହାରେ ଥିବା ଗଛ ତଳେ ବସୁଥିବା ଦେଖିବାକୁ ମିଳୁଛି। ସନ୍ଧ୍ୟା ହେବା ଆଗରୁ ରୋଗୀ ପରିଜନ ହସ୍ପିଟାଲରୁ ବାହାରି ଆସୁଥିବା ଦେଖାଯାଉଛି। କେତେକ ରୋଗୀ ପରିଜନ ହସ୍ପିଟାଲ ଭିତର ଗରମ ଓ ଗୁଳୁଗୁଳିରେ ଅତିଷ୍ଠ ହୋଇ ସାରା ରାତି ହସ୍ପିଟାଲ ବାହାରେ ବୁଲୁଛନ୍ତି କି ବସି ରହୁଛନ୍ତି। ରୋଗୀଙ୍କ ଅବସ୍ଥା ଦେଖି ସେଠାରେ ଅଧିକ କୁଲର ଏବଂ ଏସି ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଛନ୍ତି। କିଛିଦିନ ଧରି ଗ୍ରୀଷ୍ମପ୍ରବାହ ସାମାନ୍ୟ ରହିବା ପରେ ଏବେ ପୁଣି ଥରେ ଗ୍ରୀଷ୍ମ ଲହର ଆରମ୍ଭ ହୋଇଯାଇ ଥିବାରୁ ଲୋକଙ୍କୁ ଅଂଶୁଘାତ ଭୟ ଘାରିଛି। ଲୋକେ ପୂର୍ବାହ୍ନ ୧୦ଟା ପରେ ଘରୁ ବାହାରିବାକୁ ଡରୁଛନ୍ତି। ଏଭଳି ସ୍ଥିତିରେ ପଥଚାରୀ ଓ ଯାତ୍ରୀମାନଙ୍କ ଅବସ୍ଥା ସାଂଘାତିକ ହୋଇପଡୁଛି। କୌଣସି ସ୍ଥାନକୁ ଯିବା ଆସିବା ବେଳେ ସେମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୋଟର ସାଇକେଲ, ଯାତ୍ରୀବାହୀ ବସ ଏବଂ ଅନ୍ୟାନ୍ୟ ଯାନବାହନରେ ଯିବା ଆସିବା ବେଳେ ଲୋକେ ମୁହଁରେ ଗାମୁଛା ଘୋଡେଇ ହେବା ସହ ଗଛ ଛାଇରେ କିଛି ସମୟ ଅଟକୁ ଥିବା ଦେଖିବାକୁ ମିଳୁଛି।

ପ୍ରଚଣ୍ଡ ଖରା ଯୋଗୁ ଗାଁରୁ ଲୋକେ ସହରକୁ ପ୍ରାୟତଃ ଆସୁ ନ ଥିବା ଏବଂ ସହର ଲୋକେ ବି ଘରୁ ବାହାରୁ ନ ଥିବାରୁ ସହର ରାସ୍ତାଘାଟ ଶୂନଶାନ୍ ହୋଇପଡୁଛି। ଡେଲିମାର୍କେଟ, ମେନ୍ ମାର୍କେଟରେ ଭିଡ ଜମୁନାହିଁ। ସକାଳ ୯ଟାରୁ ଡେଲିମାର୍କେଟ ଭିଡ କମିବାରେ ଲାଗୁଛି। ସନ୍ଧ୍ୟା ୬ଟା ପରେ ଲୋକେ ଘରୁ ବାହାରୁଛନ୍ତି। ରାତିରେ ବି ଗୁଳୁଗୁଳି ଅନୁଭୂତ ହେଉଛି। ଆଞ୍ଚଳିକ ପାଣିପାଗ ବିଭାଗ ଗ୍ରୀଷ୍ମ ଲହରକୁ ନେଇ ଜନସାଧାରଣଙ୍କୁ ସତର୍କ କରିଛନ୍ତି। ଆଉ ଦୁଇଦିନ ଧରି ଏହି ଗ୍ରୀଷ୍ମ ଲହର ଜାରି ରହିବ ବୋଲି ଲୋକଙ୍କୁ ଜଣାଇଥିବାକୁ ଲୋକେ ଚିନ୍ତାରେ ପଡିଛନ୍ତି।


ପ୍ରଚଣ୍ଡ ଖରା ଯୋଗୁ ବଲାଙ୍ଗୀର ସହରର ବ୍ୟସ୍ତବହୁଳ ଭାଗୀରଥି ଛକ ଶୂନଶାନ୍ ହୋଇପଡିଛି।

# ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର

**ଲୋଇସିଂହା,୨୮।୫(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକର ଏକ ଶହ ଗ୍ରାମରେ ପ୍ରଥମ ଏଜୁକେଶନ ଫାଉଣ୍ଡେଶନ ପକ୍ଷରୁ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମୌଳିକ ଦକ୍ଷତା ଠାରୁ କମ ଥିବା ପ୍ରଥମରୁ ଷଷ୍ଠ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ମେ ମାସ ପ୍ରାରମ୍ଭରୁ ଏହି ଶିକ୍ଷା ଶିବିର ଗ୍ରାମାଞ୍ଚଳରେ ଆରମ୍ଭ ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ଆବଶ୍ୟକ ଶିକ୍ଷଣ ସାମଗ୍ରୀ ପ୍ରଦାନ କରି ଖେଳକୁଦ ଓ ମନୋରଞ୍ଜନ ମାଧ୍ୟମରେ ମୌଳିକ ଶିକ୍ଷା, ଭାଷା ଓ ଗଣିତ ଶିକ୍ଷା ପ୍ରଦାନ କରାଯାଇଥିଲା। ଏଥିରେ ଲୋଇସିଂହା ବ୍ଲକର ୮୫ ଗାଁ ଓ ଆଗଲପୁର ବ୍ଲକର ୧୫ ଗ୍ରାମର ୧୨୬୮ ପିଲା ଉପକୃତ ହୋଇଛନ୍ତି। ଜିଲା ସଂଯୋଜକ ସୁଧୀର କୁମାର ଦାଶ, ସସ୍ମିତା ସ୍ୱାଇଁଙ୍କ ନେତୃତ୍ୱରେ ୨୮୨ ସ୍ୱେଚ୍ଛାସେବୀ ସାମିଲ ହୋଇ ଶିକ୍ଷା ପ୍ରଦାନ କରିଥିଲେ। ରାଜ୍ୟ ସଂଯୋଜକ କାଞ୍ଚନ ଲେଙ୍କା, ମୋନାସିନୀ ବେହେରା, ଦିପ୍ତିମୟୀ ଦାସଙ୍କ ସମେତ ସ୍ଥାନୀୟ ଅଭିଭାବକ, ପ୍ରଧାନ ଶିକ୍ଷକ, ସିଆରସିସି, ଅଙ୍ଗନବାଡି, ଆଶା, ପଞ୍ଚାୟତ ପ୍ରତିନିଧି ପ୍ରମୁଖ ଶିବିର ପରିଦର୍ଶନ କରି ତଦାରଖ କରିଥିଲେ।

# ଛାତ୍ରୀଛାତ୍ରଙ୍କ ଗ୍ରେଡକୁ ନେଇ ଅଭିଭାବକ ଚିନ୍ତିତ

**ଲାଠୋର,୨୮।୫(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ୧୦ ଗୋଟି ସରକାରୀ ହାଇସ୍କୁଲ ରହିଛି। କିନ୍ତୁ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏହି ସ୍କୁଲଗୁଡିକରୁ ଜଣେ ହେଲେ ଛାତ୍ରୀଛାତ୍ର ଏ୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇନାହାନ୍ତି। ଫଳରେ ପିଲାଙ୍କ ଭବିଷ୍ୟତ ନେଇ ଅଭିଭାବକ ମହଲରେ ଚିନ୍ତା ବଢିଯାଇଛି।

ଶିକ୍ଷାର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ ସହ ବିପୁଳ ପରିମାଣର ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ଲାଠୋର ଅଞ୍ଚଳରେ ଜଣେ ହେଲେ ଛାତ୍ରୀଛାତ୍ର ଏ୧ ଗ୍ରେଡ ଛୁଇଁ ନ ପାରିବା ଶିକ୍ଷା ବ୍ୟବସ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଚଳିତବର୍ଷ ଲାଠୋର ଅଞ୍ଚଳର ଲାଠୋର ଶ୍ରୀ ଦୁର୍ଗେଶ୍ୱରି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରୁ ୧୧୦ ଛାତ୍ରୀଛାତ୍ର, ମାଲପଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୧୧୪ ଜଣ, ବେନ୍ଦେର ଉଚ୍ଚ ବିଦ୍ୟାଳୟରୁ ୩୨, କରୁଆଁଝର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରୁ ୬୧, ଫୁଲକିମୁଣ୍ଡା ଉଚ୍ଚ ବିଦ୍ୟାଳୟରୁ ୮୬, ଘୁନସର ପ୍ରଗତି ପଞ୍ଚାୟତ ହାଇସ୍କୁଲରୁ ୩୬, ଚଟରାଭଟା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରୁ ୪୨, ସରେଇବାହାଲ ଉଚ୍ଚ ବିଦ୍ୟାଳୟରୁ ୧୦୮ ଛାତ୍ରୀଛାତ୍ର, ଟେଲେନପାଲି ନବରତ୍ନ ଉଚ୍ଚ ବିଦ୍ୟାଳୟରୁ ୫୯, ରେଙ୍ଗାଲି ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୮୨ ଜଣଙ୍କୁ ମିଶାଇ ମୋଟ ୭୩୦ ଜଣ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିଲେ ମଧ୍ୟ ଜଣେ ଛାତ୍ରୀଛାତ୍ର ଏ୧ କିମ୍ବା ଏ୨ ଗ୍ରେଡ ଛୁଇଁ ପାରିନାହାନ୍ତି। ସେଥିମଧ୍ୟରୁ ୯୭.୯୪ ପ୍ରତିଶତ ହାରରେ ବି୧ ଗ୍ରେଡରେ ୯ ଜଣ, ବି୨ ଗ୍ରେଡରେ ୪୧ ଜଣ, ସି ଗ୍ରେଡରେ ୧୭୮ ଜଣ, ଡି ଗ୍ରେଡରେ ୨୪୭ ଜଣ ଏବଂ ଇ ଗ୍ରେଡରେ ୨୪୦ ଜଣ ଛାତ୍ରୀଛାତ୍ର ହିସାବରେ ୭୧୫ ଜଣ ଛାତ୍ରୀଛାତ୍ର ପାସ୍ କରିଥିବା ବେଳେ ୧୫ ଜଣ ଛାତ୍ରୀଛାତ୍ର ଫେଲ ହୋଇଛନ୍ତି। ସରକାର ବିଦ୍ୟାଳୟଗୁଡ଼ିକୁ ରୂପାନ୍ତରିକରଣ କରି ପୁସ୍ତକଗାର, ବିଜ୍ଞାନଗାର ନିର୍ମାଣ ସହ ସ୍ମାର୍ଟ କ୍ଲାସ ରୁମରେ ଶିକ୍ଷାଦାନର ବ୍ୟବସ୍ଥା କରିଥିଲେ ମଧ୍ୟ ତାହା ନିରର୍ଥକ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି ଅଞ୍ଚଳର ଛାତ୍ରୀଛାତ୍ର ଭଲ ଗ୍ରେଡ ରଖି ପାସ କରି ନ ଥିବାରୁ ଆଗକୁ ଭଲ କଲେଜରେ ପାଠ ପଢିବା ସୁଯୋଗରୁ ବଞ୍ଚିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଛାତ୍ରୀଛାତ୍ରଙ୍କ ଗ୍ରେଡକୁ ନେଇ ଜଣେ ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ନୀଳମାଧବ ପଣ୍ଡା କହିଛନ୍ତି, ଅଭିଭାବକ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ଶିକ୍ଷା ପ୍ରତି ସଚେତନ ହେବା ସହ ଶିକ୍ଷକମାନଙ୍କୁ ଅନ୍ୟ କାମରେ ନିୟୋଜିତ ନ କରି ମୁକ୍ତ ଭାବେ ଶିକ୍ଷାଦାନ ପାଇଁ ସୁଯୋଗ ଦେଲେ ଏପରି ପରିସ୍ଥିତି ସୃଷ୍ଟି ହେବନାହିଁ। ନିଶ୍ଚିତ ଭାବେ ଛାତ୍ରୀଛାତ୍ର ଭଲ ଗ୍ରେଡରେ ଉତ୍ତୀର୍ଣ୍ଣ ହେବେ ବୋଲି ସେ କହିଛନ୍ତି। ସେହିପରି ଖପ୍ରାଖୋଲ ବ୍ଲକ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ଶଙ୍କର ପ୍ରସାଦ ମାଝୀଙ୍କୁ ପଚାରିବାରେ ଭଲ ପାଠ ପଢୁଥିବା ଛାତ୍ରୀଛାତ୍ର ବେସରକାରୀ ସ୍କୁଲକୁ ଚାଲି ଯାଉଛନ୍ତି। ଯେଉଁ ଛାତ୍ରୀଛାତ୍ରମାନେ ସରକାରୀ ବିଦ୍ୟାଳୟରେ ରହିଲେ ସେମାନେ ବିଭିନ୍ନ କାରଣରୁ ପାଠ ପଢ଼ିବାରେ ଅଧିକ ସମୟ ଦେଉନାହାନ୍ତି। ଆଗାମୀ ଦିନରେ ଏଥିପ୍ରତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏଥିପ୍ରତି ଶିକ୍ଷା ବିଭାଗ ତତ୍ପରତା ପ୍ରକାଶ କରିବାକୁ ଦାବି ହେଉଛି।

# ଆଇନ ସଚେତନତା ଶିବିର

**ଦେଓଗାଁ,୨୮।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିକୁଆଁ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ବିଦ୍ୟୁତଲତା ଖମାରୀ ଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସିଭିଲ ଜଜ୍ ତଥା ଆଇନସେବା ପ୍ରାଧିକରଣର ସଚିବ ଯୋଗଦେଇ ରାଷ୍ଟ୍ରୀୟ ଆଇନସେବା ବିଷୟରେ ଅବଗତ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେଓଗାଁ ବ୍ଲକ ଏବିଡିଓ ପୁଷ୍ପାଞ୍ଜଳୀ ମେହେର, ସ୍ଥାନୀୟ ସରପଞ୍ଚ ରାଜ କୁମାର ଭୋଇ, ବଲାଙ୍ଗୀର ମ୍ୟୁନିସିପାଲିଟିର ସହକାରୀ ଯନ୍ତ୍ରୀ ଲିଲାମୟ ସାହୁ, ସିକୁଆଁ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ବିରେନ୍ଦ୍ର କୁମାର ଛତ୍ରିଆ, ଦୀପକ ପଣ୍ଡା, ଆଶୁତୋଷ ପୁଟେଲ ଓ ପ୍ରକାଶ ସେଠ ପ୍ରମୁଖ ଯୋଗ ଦେଇଥିଲେ।

# ମହାରାଣୀ ସାଗର ଉନ୍ନୟନ କାମ ତଦାରଖ କଲେ ପୌରାଧକ୍ଷା

**ବଲାଙ୍ଗୀର,୨୮।୫(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହରର ସର୍ବବୃହତ ଜଳାଶୟ ମହାରାଣୀ ସାଗରର ଉନ୍ନତିକରଣ କାମକୁ ପୌରାଧକ୍ଷା ଲିକା ସାହୁ ମଙ୍ଗଳବାର ତଦାରଖ କରିଥିଲେ। ପୌରାଧକ୍ଷା ସାହୁଙ୍କ ସହ ପୌରପାଳିକାର ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଜୁନ ୧୫ ପୂର୍ବରୁ ଏହି ଉନ୍ନୟନ କାମ ସାରିବାକୁ ସେ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ବର୍ଷା ପୂର୍ବରୁ କାମ ଶେଷ ହେବା ଉପରେ ଧ୍ୟାନ ଦେବାକୁ କହିଥିଲେ। ସହକାରୀ ଯନ୍ତ୍ରୀ ଇଂ ପ୍ରଶାନ୍ତ ନାଏକ ଓ କନିଷ୍ଠ ଯନ୍ତ୍ରୀ ଇଂ ରୋଜାଲିସା ରାଉତଙ୍କ ଉପସ୍ଥିତିରେ ପୌରାଧକ୍ଷା ସାହୁ ମହାରାଣୀ ସାଗରରେ ପହଞ୍ଚି କାମ ତଦାରଖ କରିଥିଲେ। ଏହି ସାଗରରେ ବହୁ ପରିମାଣରେ ପଙ୍କ ରହିଥିଲା। ବହୁବର୍ଷ ହେଲା ପଙ୍କୋଦ୍ଧାର ହୋଇ ନ ଥିବାରୁ ଏକା ସାଙ୍ଗରେ ଏବେ ପଙ୍କୋଦ୍ଧାର କରାଯାଉଥିବାରୁ ସାମାନ୍ୟ ଅସୁବିଧା ହେଉଥିବା ଯନ୍ତ୍ରୀ ନାଏକ କହିଥିଲେ। ଅଟକଳ ଅନୁଯାୟୀ ପଙ୍କ ଜଳାଶୟରୁ ଉଠାଇ ବାହାରକୁ ନେଇ ପକାଇବାକୁ ଏବଂ ଆବଶ୍ୟକ ଡ୍ରେନ ନିର୍ମାଣ ଉପରେ ଗୁରୁତ୍ୱ ଦେବାକୁ ପୌରାଧକ୍ଷା ସାହୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମହାରାଣୀ ସାଗର ଉନ୍ନୟନ କାମର ଦାୟିତ୍ୱ ନେଇଥିବା ୧୦୦ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସହ ସ୍ଥାନୀୟ କାଉନସିଲର ଗଙ୍ଗାଧର ଚାନ୍ଦ ଓ ବରିଷ୍ଠ ନାଗରିକ ମାନଙ୍କ ସହିତ ପୌରାଧକ୍ଷା ସାହୁ ଆଲୋଚନା କରିଥିଲେ। ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ ତଥା ପୂର୍ବତନ ଏମ୍‌ପି କଲିକେଶ ନାରାୟଣ ସିଂଦେଓଙ୍କ ଉଦ୍ୟମରେ ସହରାଞ୍ଚଳ ବିକାଶ ବିଭାଗ ପକ୍ଷରୁ ୧୨ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ସୂଚନା ଦିଆଯାଇଥିଲା। ଏହି ଉନ୍ନୟନ କାମ କରିବାକୁ ଇଚ୍ଛାପଡା, ଇନ୍ଦିରାନଗର, ତୁଳସୀନଗର, ସାଗରପଡା ଅଞ୍ଚଳର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଗତ ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ୬୦ରୁ ଅଧିକ ଜେସିବି, ହାଇୱା ଓ ଟ୍ରାକ୍ଟର ଲାଗି ଏଠାରେ ମାଟିକାମ କରାଯାଉଥିବା ସୂଚନା ଦିଆଯାଇଛି। ନିୟମ ଅନୁଯାୟୀ ମାଟି ବର୍ଷା ପୂର୍ବରୁ ଉଠାଯିବ ବୋଲି ପୌର ସହକାରୀ ଯନ୍ତ୍ରୀ ଇଂ ପ୍ରଶାନ୍ତ ନାଏକ ସୂଚନା ଦେଇଛନ୍ତି। ମାଟିକାମ ଓ ଡ୍ରେନ କାମ ସରିଲା ପରେ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ସୂଚନା ଦିଆଯାଇଛି।


ପୌରାଧକ୍ଷା ଲିକା ସାହୁ ମହାରାଣୀ ସାଗର ଜଳାଶୟ କାର୍ଯ୍ୟ ତଦାରଖ କରୁଛନ୍ତି।

**ବର୍ଷାପୂର୍ବରୁ ମାଟିକାମ ସାରିବାକୁ ନିର୍ଦ୍ଦେଶ**

# କଳାରେ ୯୨%, ବିଜ୍ଞାନରେ ୭୩% ପାସ୍

**ଲୋଇସିଂହା,୨୮।୫(ସୁଶାନ୍ତ ବାରିକ)**

**ଲୋଇସିଂହା କଲେଜ**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ବଲାଙ୍ଗୀର ଜିଲା ଲୋଇସିଂହା କଲେଜରେ କଳାରେ ୯୨ % ଓ ବିଜ୍ଞାନ ବିଭାଗରେ ୭୩ % ପାସ୍ ହାର ରହିଛି। କଳା ରେଗୁଲାର ଛାତ୍ରୀ ଅନମୋଲ ଅଗ୍ରୱାଲ ୫୧୩ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଯୁକ୍ତ ୨ କଳାରେ ୨୭୩ ରେଗୁଲାର ପରୀକ୍ଷାର୍ଥୀ ଥିଲେ। ସେଥିରୁ ଜଣେ ପରୀକ୍ଷାରେ ଅନୁପସ୍ଥିତ ରହିଥିବା ବେଳେ ୯ ଜଣ ପରୀକ୍ଷାର୍ଥୀ ଫେଲ ହୋଇଛନ୍ତି। ୧ଶହ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱିତୀୟ ଶ୍ରେଣୀରେ ୫୦ ଏବଂ ତୃତୀୟ ଶ୍ରେଣୀରେ ୮୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଏକ୍ସରେଗୁଲାର ୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨ ଜଣ ତୃତୀୟ ଶ୍ରେଣୀରେ ପାସ୍ ହୋଇଛନ୍ତି। ୧୬ ଜଣ ପରୀକ୍ଷାର୍ଥୀ କରେସପଣ୍ଡେନ ପରୀକ୍ଷା ଦେଇଥିଲେ। ୯ ଜଣ ଫେଲ ହୋଇଥିବା ବେଳେ ଜଣେ ଦ୍ୱିତୀୟ ସ୍ରେଣୀ ଓ ୬ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସେହିପରି ବିଜ୍ଞାନ ବିଭାଗରେ ୧୧୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୩ ଜଣ ପ୍ରଥମ ଶ୍ରେଣୀ,୩୫ ଜଣ ଦ୍ୱିତୀୟ ଶ୍ରେଣୀ ଓ ୧୬ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୭ ପରୀକ୍ଷାର୍ଥୀ ଫେଲ ହୋଇଛନ୍ତି। ୩୧ ଏକ୍ସରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ଦ୍ୱିତୀୟ ଶ୍ରେଣୀ ଓ ୨ ଜଣ ତୃତୀୟ ଶ୍ରେଣୀରେ ପାସ୍ ହୋଇଥିବା ବେଳେ ୨ ଜଣ କମ୍ପାର୍ଟମେଣ୍ଟାଲ ପରୀକ୍ଷା ପାଇଁ ନମ୍ବର ପାଇଥିବା କଲେଜ ସୂତ୍ରରୁ ପ୍ରକାଶ।

# ବିଭାଗୀୟ ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ ଉପଭୋକ୍ତା

**ଲୋଇସିଂହା,୨୮।୫(ସୁଶାନ୍ତ ବାରିକ)**

■ ପାଣି ପାଉଚ୍ ଫ୍ୟାକ୍ଟ୍ରିକୁ ବେଆଇନ ବିଦ୍ୟୁତ୍ ସଂଯୋଗ ଅଭିଯୋଗ ଆଣିଲେ ଗ୍ରାମବାସୀ
■ ପଧାନପାଲିରେ ଲୋ ଭୋଲ୍‌ଟେଜ୍ ସମସ୍ୟା

ବଲାଙ୍ଗୀର ଜିଲା ଲୋଇସିଂହା ବିଦ୍ୟୁତ୍ ସେକ୍ସନ ଅଫିସ ପକ୍ଷରୁ ପଧାନପାଲି ଗ୍ରାମର ଏକ ପାଣି ପାଉଚ ଫ୍ୟାକ୍ଟ୍ରିକୁ ବେଆଇନ ଭାବେ ବିଦ୍ୟୁତ ସଂଯୋଗ ଦିଆଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଗ୍ରାମରେ ଲୋ ଭୋଲଟେଜ ସମସ୍ୟା ଦେଖାଦେଇଛି। ଏହାର ପ୍ରତିକାର ପାଇଁ ବିଭାଗୀୟ ଏସଡିଓଙ୍କୁ ମେ ୨୫ ତାରିଖରେ ଉପଭୋକ୍ତା ଲିଖିତ ଭାବେ ଜଣାଇଥିଲେ। ୩ ଦିନ ବିତି ଯାଇଥିଲେ ସୁଦ୍ଧା ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ମଙ୍ଗଳବାର ଉପଭୋକ୍ତାମାନେ ଲୋଇସିଂହାସ୍ଥିତ ଏସଡିଓଙ୍କ କାର୍ଯ୍ୟାଳୟକୁ ଆସି କ୍ଷୋଭ ପ୍ରକାଶ କରିଥିଲେ। ଏଡି ଅବସରରେ ବିଦ୍ୟୁତ୍ ସମସ୍ୟାରେ ସୁଧାର ଆଣିବା ପାଇଁ ଗ୍ରାମରେ ୬୩ କେଭି ଟ୍ରାନ୍ସଫର୍ମର ପ୍ରତିଷ୍ଠା କରିବାକୁ ଦାବି କରିଥିଲେ। ଏହାପରେ ବିଭାଗୀୟ ସେକ୍ସନ ଅଫିସର ଗାଁକୁ ଯାଇ ସ୍ଥିତି ପରଖିଥିଲେ ସୁଦ୍ଧା ପ୍ରତିକାର କରାଯାଇନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ୨୦୧୭ ମସିହାରେ ସୌଭାଗ୍ୟବତୀ ଯୋଜନାରେ ପଧାନପାଲିଠାରେ ୨୫ କେଭିର ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ବସାଯାଇଛି। ଉକ୍ତ ଟ୍ରାନ୍ସଫର୍ମରରୁ ଲୋଇସିଂହା ବ୍ଲକର ବୁଢୀପଦର ପଞ୍ଚାୟତ ଅଧୀନ ପଧାନପାଲି, ଜାଲପାଲି ଓ ବାଦିବାହାଲ ପଞ୍ଚାୟତ ବିଶାଳପାଲି ଗ୍ରାମର ପ୍ରାୟ ୨୮ ଜଣ ବିଦ୍ୟୁତ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଣ ହେଉଛି। ଆରମ୍ଭରୁ ଅଦ୍ୟାବଧି ଉକ୍ତ ଟ୍ରାନ୍ସଫର୍ମରରୁ ଉପଭୋକ୍ତାମାନେ ଭଲ ସେବା ପାଇ ଆସୁଥିଲେ। ଲୋ ଭୋଲଟେଜ ସମସ୍ୟା ନ ଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ନିକଟରେ ଗ୍ରାମର ଜଣେ ବ୍ୟକ୍ତି ପାଣି ପାଉଚ ଫ୍ୟାକ୍ଟ୍ରି ଖୋଲିଛନ୍ତି। ସେହି ପାଣି ପାଉଚ ଫ୍ୟାକ୍ଟ୍ରିକୁ ଉକ୍ତ ଟ୍ରାନ୍ସଫର୍ମରରୁ ୩ ଫେଜ କମର୍ସିଆଲ ବିଦ୍ୟୁତ ସଂଯୋଗୀକରଣ କରାଯାଇଛି। ଦିନ ରାତି ଉକ୍ତ ପାଣି ପାଉଚ ଫ୍ୟାକ୍ଟ୍ରିରେ କାମ ଚାଲିଛି। ଫଳରେ ବିଦ୍ୟୁତ ଉପଭୋକ୍ତମାନେ ଲୋ ଭୋଲଟେଜ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଲୋଭୋଲଟେଜ ଯୋଗୁ ପଙ୍ଖା,କୁଲର ଆଦି ଚାଲୁନାହିଁ। ଲୋକେ ହଇରାଣ ହେଉଛନ୍ତି। ଏପରି କି ସନ୍ଧ୍ୟା ସମୟରେ ଛାତ୍ରୀଛାତ୍ରଙ୍କ ପାଠପଢାରେ ବାଧା ସୃଷ୍ଟି ହେଉଛି। ଏ ନେଇ ଉପଭୋକ୍ତା ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟୁତ ବିଭାଗ ମୋଟା ଅଙ୍କର ଟଙ୍କା କାରବାର କରି ସେହି ପାଣି ପାଉଚ ଫ୍ୟାକ୍ଟ୍ରିକୁ ବେଆଇନ ଭାବେ ସଂଯୋଗ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସେକ୍ସନ ଅଫିସର ଶୁଭେନ୍ଦୁ ପ୍ରକାଶ ଗିରି କହିଛନ୍ତି, କ୍ଷେତ୍ର ପରିଦର୍ଶନରେ ଯାଇଥିଲି,୨ଜଣ ଉପଭୋକ୍ତାଙ୍କ ଲୋ ଭୋଲଟେଜ ସମସ୍ୟା ରହୁଛି। ସେମାନଙ୍କ ଫେଜ୍‌କୁ ପରିବର୍ତ୍ତନ କରିବାକୁ ଷ୍ଟାଫ୍‌ଙ୍କୁ କୁହାଯାଇଛି। ୨୫ କେଭିରୁ ୩୦ ଉପଭୋକ୍ତାଙ୍କୁ ବିଦ୍ୟୁତ ସଂଯୋଗ ଦିଆଯାଇ ପାରିବ। ସେଠାରେ ୧୦ରୁ ୧୨ ଉପଭୋକ୍ତା ଅଛନ୍ତି। ବିଦ୍ୟୁତ୍ ପାଇଁ ଯିଏ ଆବେଦନ କରିବ ତାକୁ ଦିଆଯିବ। ଗ୍ରାମବାସୀଙ୍କ ଅଭିଯୋଗକୁ ସେ ଖଣ୍ଡନ କରିଥିଲେ। ଗ୍ରାମରେ ୨୮ ଜଣ ଉପଭୋକ୍ତା ଥିବା ବେଳେ ବିଦ୍ୟୁତ ବିଭାଗ ପକ୍ଷରୁ କମ ଉପଭୋକ୍ତା ଥିବା ଦର୍ଶାଯିବା ନେଇ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।


ଗ୍ରାମରେ ଥିବା ଟ୍ରାନ୍ସଫର୍ମର ନିକଟରେ ଗ୍ରାମବାସୀ।

# ମନୋଜ ଜୈନ ଅଧ୍ୟକ୍ଷ ନିର୍ବାଚିତ

**ବଲାଙ୍ଗୀର,୨୮।୫(ବୀରେନ୍ଦ୍ର କୁମାର ଝାଙ୍କର)**

**ଓଡ଼ିଶା ଜୈନ ଶ୍ୱେତାମ୍ବର ତେରାପନ୍ଥ ସଭା ନିର୍ବାଚନ**

ବଲାଙ୍ଗୀର ସହରସ୍ଥିତ ତେରାପନ୍ଥ ଭବନ ଠାରେ ମଙ୍ଗଳବାର ଓଡିଶା ଜୈନ ଶ୍ୱେତାମ୍ବର ତେରାପନ୍ଥ ସଭାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଜୈନ ଧର୍ମର ଶ୍ରମଣୀ ନିର୍ଦ୍ଦେଶିକା ଜିନ ପ୍ରଜ୍ଞାଜୀ ଓ ଶ୍ରବଣୀ କ୍ଷତି ପ୍ରଜ୍ଞାଜୀଙ୍କ ନମସ୍କାର ମହାମନ୍ତ୍ର ପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଶ୍ୱେତାମ୍ବର ତେରାପନ୍ଥ ସଭା ଅଧ୍ୟକ୍ଷ ମୁକେଶ କୁମାର ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ସମ୍ପାଦକ ସମ୍ପାଦକ ଅନୁପ ଜୈନ ଓ କୋଷାଧକ୍ଷ ସୁଦର୍ଶନ ଜୈନ ଦୁଇ ବର୍ଷର ଆୟବ୍ୟୟର ହିସାବ ଦେଇଥିଲେ। ଅଧ୍ୟକ୍ଷ ପଦବୀ ପାଇଁ ଦୁଇଜଣ ପ୍ରାର୍ଥୀ ଥିବାରୁ ନିର୍ବାଚନ ଅଧିକାରୀ ନରେନ୍ଦ୍ର ଜୈନଙ୍କ ଉପସ୍ଥିତରେ ମତଦାନ ଆରମ୍ଭ ହୋଇଥିଲା। ମୋଟ ୩୭୧ ଜଣ ଭୋଟରଙ୍କ ମଧ୍ୟରୁ ୧୫୩ ଜଣ ମତଦାନ କରିଥିଲେ। ମନୋଜ କୁମାର ଜୈନଙ୍କୁ ୯୧ ଖଣ୍ଡ ଭୋଟ ମିଳିଥିବା ଓ ଗୋବିନ୍ଦ ଜୈନଙ୍କୁ ୬୦ ଖଣ୍ଡ ଭୋଟ ମିଳିଥିଲା। ୨ଟି ଭୋଟ ନାକଚ ହୋଇଥିଲା। ମନୋଜ ଅଧ୍ୟକ୍ଷ ଭାବେ ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ ଜୈନ ଘୋଷଣା କରିଥିଲେ। ନବନିର୍ବାଚିତ ଅଧ୍ୟକ୍ଷ ମନୋଜ ତାଙ୍କ ପ୍ରତିକ୍ରିୟାରେ ଆଗାମୀ ଦିନରେ ଜୈନ ଧର୍ମ ଓ ସଂଘ ପାଇଁ ସବୁ ପ୍ରକାରର ଗଠନମୂଳକ କାର୍ଯ୍ୟ କରିବେ ବୋଲି କହିଥିଲେ। ଆଞ୍ଚଳିକ ପ୍ରଭାରୀ ଛତ୍ରପାଳ ଜୈନ, ସାଧାରଣ ସମ୍ପାଦକ ସୁନୀଲ ଜୈନ, କୋଷାଧକ୍ଷ ସୁଦର୍ଶନ ଜୈନ, ମହାସଭାର କାର୍ଯ୍ୟକାରିଣୀ ସଦସ୍ୟ ଭୂପେନ ଜୈନ, ଯୁବରାଜ ଜୈନ, ବଲାଙ୍ଗୀର ସଭା ଅଧ୍ୟକ୍ଷ ଧ୍ରୁବ ଜୈନ, ତୁଷୁରା ସଭା ଅଧ୍ୟକ୍ଷ ଅଶୋକ ଜୈନ, ସାଓରିଆ ଜୈନ, ଗଣେଶ ଜୈନ, ସଞ୍ଜୟ ଜୈନଙ୍କ ସହ ଟିଟିଲାଗଡ, ତୁଷୁରା, ସିନ୍ଦେକେଲା, ବଙ୍ଗୋମୁଣ୍ଡା, ନବରଙ୍ଗପୁର, ରାୟଗଡା, କେସିଙ୍ଗା, ସଇଁତଳାର ବହୁ ଜୈନ ଧର୍ମାବଲମ୍ବୀ ଉପସ୍ଥିତ ଥିଲେ।




**ପାରଦ ୪୫.୩ ଡିଗ୍ରୀ ଉପରେ**

# ସୁବର୍ଣ୍ଣପୁରରେ ଅସହ୍ୟ ତାତି

ସୋନପୁର,୨୮।୫(ମୃତ୍ୟୁଞ୍ଜୟ ଶତପଥୀ)

ନଦୀକୂଳିଆ ସହର ସୁବର୍ଣ୍ଣପୁରରେ ଅସହ୍ୟ ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଜିଲାରେ ମହାନଦୀ, ତେଲନଦୀ, ଅଙ୍ଗନଦୀ ଭଳି ବଡ ନଦୀ ଥିବା ସତ୍ତ୍ୱେ ସହରଟି ଦେଶର ଅନ୍ୟତମ ଉତ୍ତପ୍ତ ସହର ଭାବେ ପରିଗଣିତ ହେଉଛି। ମଙ୍ଗଳବାର ସହରର ସର୍ବୋଚ୍ଚ ତାପମାତ୍ରା ୪୫.୩ ଡିଗ୍ରୀ ଉପରେ ଥିବା ରେକର୍ଡ ହୋଇଛି। ଏହା ରାଜ୍ୟର ଦ୍ୱିତୀୟ ଉତ୍ତପ୍ତ ସହର ପାଲଟିଛି। ଆକାଶରୁ ସତେ ଯେମିତି ଅଗ୍ନି ବର୍ଷୁଛି। ଅସହ୍ୟ ଗ୍ରୀଷ୍ମପ୍ରବାହ ସୁବର୍ଣ୍ଣପୁର ଜିଲାବାସୀଙ୍କୁ ଆଉଟୁ ପାଉଟୁ କରୁଛି। ତାପମାତ୍ରା ବୃଦ୍ଧିକୁ ନେଇ ଏକ ଅଦିନିଆ କର୍ଫ୍ୟୁ ପରିସ୍ଥିତି ସୃଷ୍ଟି ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଆଗକୁ ତାପମାତ୍ରା ଆହୁରି ବଢ଼ିବ। ଏଠାରେ ଅପ୍ରେଲ ମାସ ଆରମ୍ଭରୁ ତାପମାତ୍ରା ୪୦ଡିଗ୍ରୀ ଉପରେ ରହୁଛି। ଏହାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିବା ସହିତ କଂକ୍ରିଟ୍‌କରଣ, ଅବାଧ ଗଛକଟା ଓ ଜଳାଶୟ ପୋତିହେବାକୁ ଦାୟୀ କରୁଛନ୍ତି।

ସୁବର୍ଣ୍ଣପୁର ସହରକୁ ତିନି ପଟୁ ମହାନଦୀ ଓ ତେଲନଦୀ ଘେରି ରହିଛି। ତେବେ ଗ୍ରୀଷ୍ମ ଋତୁରେ ନଦୀରେ



ଗ୍ରୀଷ୍ମ ଯୋଗୁ ସୋନପୁର ବ୍ଲକ ଛକରେ ଯାନବାହାନ ଚଳାଚଳ ହ୍ରାସ ପାଇଛି।

ଜଳସ୍ତର କମ୍ ରହୁଛି। ନଦୀଶଯ୍ୟାରେ ବିରାଟ ପଥର ଖଣ୍ଡ ଓ ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ଯୋଗୁ ଚତୁଃପାର୍ଶ୍ୱରେ ଗ୍ରୀଷ୍ମର ତାତି ବଢ଼ିବାରେ ଲାଗିଛି। ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଲୋକେ ଘରୁ ବାହାରକୁ ବାହାରି ପାରୁନାହାନ୍ତି। ସୁବର୍ଣ୍ଣପୁର ଜିଲା ଏକପ୍ରକାର ଜଳୁଛି। ଅସହ୍ୟ ତାତିରେ ସିଝୁଛନ୍ତି ଜିଲାବାସୀ। ତାପମାତ୍ରା ବୃଦ୍ଧିକୁ ନେଇ ସହରବାସୀ ଚିନ୍ତାରେ ପଡିଛନ୍ତି। ପ୍ରଚଣ୍ଡ ରୌଦ୍ରତାପରୁ ମୁକ୍ତି ପାଇବା ପାଇଁ ତତ୍କାଳୀନ ମହାରାଜା ସହରରେ ଅନେକ ଜଳାଶୟ ଖୋଳି ତାତିକୁ ନିୟନ୍ତ୍ରଣ କରୁଥିଲେ। ସହରରେ ବିସାଗର ବନ୍ଧ, ନୂଆବନ୍ଧ, ଗୋବିନ୍ଦ ବନ୍ଧ, ବୁଢାରଜା ବନ୍ଧ, ଭଗବତୀ ବାନ୍ଧ, ବୁଢୀସମଲେଇ ବନ୍ଧ, ଦୁଷି ବନ୍ଧ, ଗୁଲା ନଗର ବନ୍ଧ, ପାଣିନାଗର ବନ୍ଧ, ସିଙ୍ଗଡା ବନ୍ଧ, କାନକଟା ବନ୍ଧ ଭଳି ୪୬ଟି ଜଳାଶୟ ରହିଥିଲା। ବାୟୁମଣ୍ଡଳ ଉତ୍ତପ୍ତ ହେବା ପରେ ଜଳାଶୟ ସଂସ୍ପର୍ଶରେ ଆସି ବାହାରୁଥିବା ବାଷ୍ପ ସହରକୁ ଶୀତଳ କରିଥାଏ। ଜଳାଶୟ ଗୁଡିକ ଏବେ ପୋତି ହୋଇଗଲାଣି। ସେଗୁଡିକୁ ପୁନଃରୁଦ୍ଧାର କରାଯାଉନି। ଲୋକଙ୍କ ଆମୋଦ ପ୍ରମୋଦ ପାଇଁ ଯେଉଁ ଗୋଟିଏ ଦୁଇଟି ପୋଖରୀର ପୁନରୁଦ୍ଧାର ଓ ଉନ୍ନତୀକରଣ ନିମନ୍ତେ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି ତାହା ସମ୍ପୂର୍ଣ୍ଣ ହୋଇପାରୁନି। ସେହିପରି ନଦୀର ଆଡିବନ୍ଧ ଜବରଦଖଲ କରି ପକ୍କାଗୃହ ନିର୍ମାଣ ଓ ପୋଖରୀ ବନ୍ଧ କଂକ୍ରିଟ୍ କରାଯିବା ଦ୍ୱାରା ଜଳସ୍ତର କମିଯିବା ଅନ୍ୟତମ କାରଣ ବୋଲି ପରିବେଶବିତ୍‌ମାନେ ମତ ଦେଉଛନ୍ତି। ସହର ମଧ ଦେଇ ଯାଇଥିବା ଛୋଟବଡ ନାଳ, ଖାଲଖମା ଓ ଜଳାଶୟ ଗୁଡିକୁ ପୋତି ଦିଆଯାଇ କୋଠା ଘର ନିର୍ମାଣ କରାଯାଉଛି। ରାସ୍ତାଗୁଡିକ ପ୍ରଶସ୍ତୀକରଣ କରିବା ଉଦ୍ଦେଶ୍ୟରେ ବଡ ବଡ ବୃକ୍ଷକୁ କଟାଯିବା, ଜନସଂଖ୍ୟା ବୃଦ୍ଧି ଯୋଗୁ ସହରରେ ଶତାଧିକ ବୋରୱେଲ ଖୋଳାଯିବା, ମାଟି ଉପରେ କଂକ୍ରିଟ୍ ଓ ସିମେଣ୍ଟ ଟାଇଲ ବସାଯିବା, ଗାଁ ଗଣ୍ଡାରେ ଥିବା ଜଙ୍ଗଲ ଧ୍ୱଂସ କରିବା ଓ ଜଳସ୍ତର ନିମ୍ନଗାମୀ ହେବା ଯୋଗୁ ତାପମାତ୍ରା ବୃଦ୍ଧି ପାଇବାର ଅନ୍ୟ ଏକ କାରଣ ବୋଲି ପରିବେଶବିତ୍ କହିଛନ୍ତି। ସହର ତଥା ଆଖପାଖ ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି କରାଯାଇ ଜଳାଶୟଗୁଡିକରେ ଜଳଧାରଣ କ୍ଷମତା ବୃଦ୍ଧିକୁ ଗୁରୁତ୍ୱ ଦିଆଗଲେ ତାପମାତ୍ରା ନିୟନ୍ତ୍ରଣ ହୋଇପାରିବ। ଏଥିପାଇଁ ଯୁବପିଢି ସଚେତନ ହୋଇ ଜୀବନ ରକ୍ଷାକାରୀ ବୃକ୍ଷ ପ୍ରତି ସଜାଗ ରହି ସବୁଜ ବନାନୀ ସୃଷ୍ଟି କରିବା ଅତ୍ୟନ୍ତ ଜରୁରି ହୋଇପଡିଛି।

# ବୌଦ୍ଧରେ ଅସହ୍ୟ ଗରମ, ଜନଜୀବନ ଅସ୍ତବ୍ୟସ୍ତ

ବୌଦ୍ଧ,୨୮।୫( ଅଜିତ କୁମାର ବାରିକ)

- ୪୫ ଡିଗ୍ରୀ ଉପରେ ତାପମାତ୍ରା
- ଧ୍ୱଂସ ପାଉଛି ଜଙ୍ଗଲ

ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବୌଦ୍ଧ ଜିଲାରେ ତାପମାତ୍ରା ମଙ୍ଗଳବାର ଦିନ ୪୫ ଡିଗ୍ରୀ ଉପରେ ରହିଥିଲା। ତାପମାତ୍ରା ବୃଦ୍ଧି ସାଙ୍ଗକୁ ଗୁଳଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପୂର୍ବାହ୍ନ ୧୦ଟାରୁ ଘରୁ ବାହାରିବା କଷ୍ଟକର ହୋଇପଡିଛି। ବୌଦ୍ଧ ଜିଲାରେ ପ୍ରତିବର୍ଷ ପ୍ରାକୃତିକ ଜଙ୍ଗଲଗୁଡିକର ରକ୍ଷଣାବେକ୍ଷଣ ଓ ନୂତନ ବନୀକରଣ ସାଙ୍ଗକୁ ଅଧିକରୁ ଅଧିକ ମାତ୍ରାରେ ବୃକ୍ଷରୋପଣ କରିବା ଲାଗି ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରାଯାଉଛି । କିନ୍ତୁ ଏହା କାଗଜକଲମରେ ସୀମିତ ଥିବା ଅନୁମାନ କରାଯାଉଛି । ଅନ୍ୟପକ୍ଷରେ ପ୍ରତିବର୍ଷ ଜଙ୍ଗଲ କ୍ଷୟ ହେବା ସହ ବିଭିନ୍ନ ସ୍ଥାନରେ କ୍ରଶର ସ୍ଥାପନ ହେଉଛି । ବ୍ଲାଷ୍ଟିଂ ହେବା ଫଳରେ ବଡ ବଡ ପାହାଡ ନଷ୍ଟ ହେଉଥିବା ବେଳେ ଜଙ୍ଗଲରେ ବେଆଇନ ଗଞ୍ଜେଇ ଚାଷ ଯୋଗୁ ପ୍ରତିବର୍ଷ ଜଙ୍ଗଲ ନଷ୍ଟ ହେଉଛି । ଜଙ୍ଗଲ କ୍ଷୟ ଯୋଗୁ ଗ୍ରୀଷ୍ମ ଋତୁରେ ତାପମାତ୍ରା ଅହେତୁକ ଭାବରେ ବୃଦ୍ଧି ପାଇବା ଯୋଗୁ ଏହାର କୁପରିଣାମ ଜନସାଧାରଣଙ୍କ ଉପରେ ପଡୁଛି । ବୌଦ୍ଧ ସହର ଦେଇ ଚିରସ୍ରୋତା ମହାନଦୀ ପ୍ରବାହିତ ହୋଇଥିବା ବେଳେ ଏବେ ମହାନଦୀ ଶୁଖିଲା ପଡିଛି । ମହାନଦୀ ଶୁଖିଲା ପଡିବା ଯୋଗୁ ନଦୀର ବାଲି ଓ ନଦୀ ଭିତରେ ଥିବା ବଡ ବଡ ପଥର ତାତି ତାପମାତ୍ରା ବୃଦ୍ଧି ହେବାରେ ଲାଗିଛି । ପ୍ରବଳ ଖରା ସାଙ୍ଗକୁ ତତଲା ପବନ ପୁରା ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି । ସନ୍ଧ୍ୟା ନ ହେଲେ ଘରୁ ବାହାରିବା କଷ୍ଟକର ହୋଇପଡୁଛି । ବୌଦ୍ଧ ସହର ବର୍ତ୍ତମାନ ବୃକ୍ଷଶୂନ୍ୟ ହୋଇପଡିଛି। ସହରର ପ୍ରମୁଖ ରାସ୍ତାଗୁଡିକ ପ୍ରଶସ୍ତିକରଣ କରାଯିବା ଯୋଗୁ ରାସ୍ତା କଡରେ ଥିବା ବଡ ବଡ ଗଛଗୁଡିକ କାଟି ଦିଆଯାଇଥିଲା। ଗଛ କଟାଯିବା ଉତ୍ତାପ ବୃଦ୍ଧିର କାରଣ ପାଲଟିଛି। ବର୍ତ୍ତମାନ ସମୟ ଆସିଛି, ମହାନଦୀରେ ଖରାଦିନେ ଯେପରି ପାଣି ଭରପୁର ରହିପାରିବ ସେନେଇ ପଦକ୍ଷେପ ନେବା ଏକ ପ୍ରକାର ଜରୁରୀ ହୋଇପଡିଛି । ଏହାସହ ବୌଦ୍ଧ ସହରରେ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଗଲେ ଆଗାମୀ ଦିନରେ ଖରାରୁ ସାମାନ୍ୟ ଆଶ୍ୱସ୍ତି ମିଳିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ଗାଡ଼ି ଧକ୍କାରେ ଜଣେ ମୃତ

ବିନିକା ୨୮।୫( ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ମେଘେଲା ପତ୍ରଫଡ଼ି ଖେଳପଡିଆ ନିକଟ ବୁଲାଣିଆ ରାସ୍ତାରେ ଏକ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ମେଘେଲା ଗ୍ରାମର କବିରାଜ ପୋଢ଼ (୪୬)। ସେ ମଙ୍ଗଳବାର ସକାଳେ ନିଜ ଝିଅ ଘର ସାରଙ୍ଗପାଲି ଗ୍ରାମରୁ ବାଇକ ଯୋଗେ ନିଜ ଗ୍ରାମକୁ ଫେରୁଥିବାବେଳେ ମେଘେଲା ପତ୍ରଫଡି ଖେଳପଡ଼ିଆ ନିକଟ ବୁଲାଣିଆ ରାସ୍ତାରେ ଏକ ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ଛିଟିକି ହୋଇ ପଡ଼ିଯାଇଥିଲେ। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଆଣି ବିନିକା ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା କଲାପରେ ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ଭାଇ ଶୁକ୍ରୁପୋଢ଼ ବିନିକା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବିଡ଼ିଓଙ୍କ ଦ୍ୱାରସ୍ଥ ହେଲେ ମହିଳା



ଉଫୁଲା ଗ୍ରାମର ମହିଳାମାନେ ପାଣି ପାଇଁ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଅମରପାଲି,୨୮।୫(ପୀତାମ୍ବର ସାହୁ)

**ଉଫୁଲା ଗ୍ରାମରେ ପାନୀୟ ଜଳ ସମସ୍ୟା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ଗ୍ରାମପଞ୍ଚାୟତର ସଦର ଉଫୁଲା ଗ୍ରାମରେ ଦେଖା ଦେଇଛି ପାନୀୟ ଜଳର ଉତ୍କଟ ସମସ୍ୟା। ଦୀର୍ଘ ବର୍ଷ ହେଲା ସେମାନେ ଏକ କିଲୋମିଟର ଦୂରରୁ ପିଇବା ପାଣି ଆଣୁଛନ୍ତି। ପୁରୁଷମାନେ ସାଇକେଲ ଓ ମହିଳାମାନେ ମୁଣ୍ଡରେ ବୋହି ପାଣି ଆଣୁଥିବାବେଳେ କିଛି ବର୍ଷ ହେଲା ରଣାପାଲି ଗ୍ରାମର ବୋରୱେଲ ପଏଣ୍ଟରୁ ପାଇପ ଯୋଗେ ପାଣି ପାଉଛନ୍ତି। ଖରାଦିନ ସାଙ୍ଗକୁ ନିଅଣ୍ଟିଆ ପାଣି ଯୋଗାଣ ଏବେ ଗ୍ରାମବାସୀଙ୍କୁ ଅତିଷ୍ଠ କରିପକାଇଛି। ପାଣି ପାଇଁ ଏବେ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ପାନୀୟ ଜଳଠାରୁ ଆରମ୍ଭ କରି ସ୍ନାନ ଶୌଚ ପାଇଁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ମଙ୍ଗଳବାର ଉଫୁଲା ଗ୍ରାମର ଶତାଧିକ ମହିଳା ପୂର୍ବାହ୍ନ ୧୧ଟାରେ ବୀରମହାରାଜପୁର ବିଡ଼ିଓ ପ୍ରିୟଦର୍ଶନୀ ମିର୍ଦ୍ଧାଙ୍କୁ ଭେଟି ସେମାନଙ୍କ ସମସ୍ୟା ଜଣାଇଥିଲେ। ଆନ୍ଦୋଳନକାରୀ ମହିଳାଙ୍କ କହିବା ଅନୁସାରେ ଦିନକୁ ଦୁଇବେଳା ପିଇବା ପାଣି ଯୋଗାଣ ହେଉଥିଲେ ମଧ୍ୟ କେତେକ ବ୍ୟକ୍ତି ଇଲେକ୍ଟ୍ରିକ ମୋଟର ଲଗାଇ ପାଣି ଶୋଷି ନେଉଥିବାରୁ ସମସ୍ତେ ପାଣି ପାଉନାହାନ୍ତି। ଘରକୁ ସଂଯୋଗ ହୋଇଥିବା ପାଣି ମୋଟର ନ ଲଗାଇବାକୁ ସେମାନେ ବିଡ଼ିଓଙ୍କ ଠାରେ ଜଣାଇଛନ୍ତି। ତୁରନ୍ତ ଏହାର ସମାଧାନ ନ ହେଲେ ସେମାନେ ବୀରମହାରାଜପୁର-ସୋନପୁର ରାସ୍ତା ଅବରୋଧ କରିବେ ବୋଲି ଧମକ ଦେଇଛନ୍ତି। ଏନେଇ ବୀରମହାରାଜପୁର ବିଡ଼ିଓ ମିର୍ଦ୍ଧାଙ୍କୁ ପଚାରିବାରୁ ଖୁବଶୀଘ୍ର ଏହାର ସମାଧାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

## କାର ସହ ଗଞ୍ଜେଇ ଜବତ

ବିନିକା, ୨୮।୫(ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ଚୌକିଜୋରଠାରୁ ମଙ୍ଗଳବାର କାର ସହ ଗଞ୍ଜେଇ ଜବତ କରିଛି ଅବକାରୀ ବିଭାଗ। ପୂର୍ବାହ୍ନ ପ୍ରାୟ ୧୦ଟାରେ ସୋନପୁର ପଟରୁ ଏକ କାର ଓଡି ୧୪କ୍ୟୁ ୧୦୪୩ରେ ଚୋରା ଗଞ୍ଜେଇ ଚାଲାଣ ହେଉଥିଲା। ଏସମ୍ପର୍କରେ ଖବରପାଇ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଅବକାରୀ, ବିନିକା ଅବକାରୀ ଟିମ୍ ମିଳିତ ଭାବରେ ଚୌକିଜୋର୍‌ଠାରେ ଛପି ରହିଥିଲେ। କାରଟି ଦ୍ରୁତ ଗତିରେ ଆସୁଥିଲା। ଅବକାରୀ ବିଭାଗର ଗାଡ଼ିକୁ ଦେଖି ଧକ୍କା ଦେଇ ପଳାଇବାକୁ ଚେଷ୍ଟା କରୁଥିବାବେଳେ ଓଲଟି ପଡ଼ିଥିଲା। ଗାଡ଼ି ଛାଡ଼ି ଦେଇ ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ଘଟଣାସ୍ଥଳରୁ ଅବକାରୀ ବିଭାଗ କାର ସହ ୪୦କେଜି ଗଞ୍ଜେଇ ଜବତ କରିଛି। ଏନେଇ ବିନିକା ଅବକାରୀ ଥାନାରେ ଏକ ମାମଲା (ନଂ.୪୪/୨୦୨୪) ରୁଜୁ ହୋଇଛି। ଫେରାର୍ ମାରିଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତନାଘନା ଜାରି ରହିଛି ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ପ୍ରକାଶ ସା, ବିନିକା ଅବକାରୀ ଓଆଇସି ବଲବିର ଗଡ଼ନାୟକ, ଅବକାରୀ ମୋବାଇଲ ୟୁନିଟର ଓଆଇସି ସୁମିତ୍ରା ହେମ୍ବ୍ରମ, ଏଏସ୍‌ଆଇ ପିଣ୍ଟୁ ସାହୁ, ପୃଥ୍ୱୀରାଜ କହଁର, ଭାଗ୍ୟବାନ କୁମ୍ଭାରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

## ସମ୍ବର୍ଦ୍ଧିତ ହେଲେ ମାଟ୍ରିକ ଏ-ୱାନ ଛାତ୍ରୀଛାତ୍ର




ଏ-୧ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଅମରପାଲି,୨୮।୫(ପୀତାମ୍ବର ସାହୁ)

ଦଶମ ଶ୍ରେଣୀ ପରୀକ୍ଷାରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ବୀରମହାରାଜପୁର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତ ନମ୍ବର ରଖିଥିବା ଅମରପାଲି ଉଚ୍ଚ ବିଦ୍ୟାଳୟର ଛାତ୍ରୀ କୁନ୍ତୀ ସାହୁଙ୍କ ସମେତ ସିବିଏସଇ ପରିଚାଳିତ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ମୁକ୍ତେଶର ନନ୍ଦ (୯୭%), ପୁଣ୍ୟଶ୍ଳୋକ ପ୍ରିୟଦର୍ଶନୀ କର୍ମୀ (୯୬.୨ %), ଆଦ୍ୟଶା ନାଏକ (୯୧%), ସାଗରୀକା ନନ୍ଦ (୯୦.୨୦ %), ଶିବାନୀ ମେହେର (୯୦.୬୦ %) ଓ ସୁନୟନା ପଧାନ(୯୦ %)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ଏହି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରି ସେମାନଙ୍କର ଉଜ୍ଜ୍ୱଳ ଏବଂ ସୁନ୍ଦର ଭବିଷ୍ୟତ କାମନା କରିଥିଲେ। ଉକ୍ତ ସଭାକୁ କେନଝିରିଆପାଲି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିନୟ କୁମାର ବିଶ୍ୱାଳ ପରିଚାଳନା କରିଥିବାବେଳେ ସହ-ଗୋଷ୍ଠୀ ଶିକ୍ଷା ଅଧିକାରୀ ବାର୍ଣ୍ଣା ଡୁଙ୍ଗଡୁଙ୍ଗ ତଥା ବ୍ଲକର ବିଭିନ୍ନ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ତଥା ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ।

# ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ତରଭା,୨୮।୫(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ସରଗଜ ଗ୍ରାମରେ ବୋହି ଯାଉଥିବା ନର୍ଦ୍ଦମା ପାଣି ଅବରୋଧକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖାଯାଇଛି। ଆଜକୁ ପ୍ରାୟ ପନ୍ଦର ଦିନ ହେବ ସରଗଜ ଗ୍ରାମର ରାମଲୀଳା ମଣ୍ଡପଠାରୁ ଗ୍ରାମର ଶେଷ ଅବସ୍ଥିତି ନିବୃତ୍ତି ଯୋର ପର୍ଯ୍ୟନ୍ତ ବୋହି ଆସୁଥିବା ନର୍ଦ୍ଦମା ପାଣିକୁ ଗ୍ରାମର ଜନୈକ ବ୍ୟକ୍ତି ମଣ୍ଡପ ନିକଟରେ ଅବରୋଧ କରିଥିବା ଏବଂ ସେହିପରି ପୁରୁଣା ଡାକଘର ସମ୍ମୁଖରେ ଆଉ ଜଣକ ଦ୍ୱାରା ମଧ୍ୟ ନର୍ଦ୍ଦମାପାଣି ଅବରୋଧ ହୋଇଥିବା ନେଇ ଗ୍ରାମବାସୀ ତହସିଲଦାର ତୁଳା ମୁଦୁଲିଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ନର୍ଦ୍ଦମା ପାଣି ଜମା ହେଉଥିବା ସ୍ଥାନ ଏକ ସାର୍ବଜନିନ ସ୍ଥାନ ଏବଂ ବିଶେଷକରି ମଣ୍ଡପ ରହିଥିବା ଏବଂ ତାକୁ ଲାଗି ଭାଗବତ ମନ୍ଦିର ଓ ମା' ପାଟମେଶ୍ୱରୀ ମନ୍ଦିର ରହିଥିବାରୁ ସମସ୍ତଙ୍କ ମନରେ ଆସ୍ଥା ବିଶ୍ୱାସ ପବିତ୍ରତା



ସରଗଜ ଗ୍ରାମରେ ନର୍ଦ୍ଦମା ପାଣି ଜମା ହୋଇଛି।

**ନର୍ଦ୍ଦମା ପାଣି ଅବରୋଧକୁ ନେଇ ଅସନ୍ତୋଷ**

ନେଇ ଗଭୀର ଆଘାତ ଦେଇଛି। ଏପରିକି ଦୀର୍ଘ ଦିନ ଧରି ପାଣି ଜମି ରହିବାରୁ ସନ୍ତସନ୍ତିଆ ହୋଇ ଦୁର୍ଗନ୍ଧ ବାହାରିବା ସହ ମଶାମାଛିଙ୍କ ପ୍ରାଦୁର୍ଭାବ ବଢିବା ସହ ବିଭିନ୍ନ ରୋଗ ବ୍ୟାପିବାର ଆଶଙ୍କା ରହିଛି। ଏଣୁ ସମସ୍ୟାର ସମାଧାନ ନେଇ ଶତାଧିକ ଲୋକ ଅଭିଯୋଗପତ୍ର ସ୍ଥାନୀୟ ତହସିଲଦାରଙ୍କୁ ଦେବା ସହ ବିଡିଓ ଅନିଲ କୁମାର କୁଲୁ ଏବଂ ଆଇଆଇସି ଅନିତା କିଡୋ ଏବଂ ସରଗଜ ଗ୍ରାମ ପଞ୍ଚାୟତ ସରପଞ୍ଚ ନର୍ମଦା ମିଶ୍ରଙ୍କ ଅବଗତି ନିମନ୍ତେ ଜଣାଇଥିବା ଦରଖାସ୍ତରେ ଉଲ୍ଲେଖ ରହିଛି।

# ପ୍ରିମିୟର ଲିଗ୍ କ୍ରିକେଟ: ବାଘପାଲି, ନାକଡେଇଁ ବିଜୟୀ

ଅମରପାଲି,୨୮।୫(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇ ଗ୍ରାମରେ ହେଉଥିବା ୧୪ ତମ କୋଟସମଲାଇ ପ୍ରିମିୟର ଲିଗ୍ କ୍ରିକେଟର ମଙ୍ଗଳବାର ଥିଲା ତୃତୀୟ ଦିବସ। ମଙ୍ଗଳବାର ଦୁଇଟି ମ୍ୟାଚ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ ବାଘପାଲି ଓ କୋଟସମଲାଇ ମଧ୍ୟରେ ହୋଇଥିବାବେଳେ ଏଥିରେ ବାଘପାଲି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ପାତ୍ରପାଲି ଓ ନାକଡେଇଁ ମଧ୍ୟରେ ହୋଇଥିବା ବେଳେ ଏଥିରେ ନାକଡେଇଁ ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚରେ ବାଘପାଲି ଟସ୍ ଜିଣି କୋଟସମଲାଇକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। କୋଟସମଲାଇ ଦଳ ୮ଓଭରରେ ସମସ୍ତ ଉଇକେଟ ହରାଇ ୫୫ ରନ କରିଥିଲା। ଜବାବରେ



ବିଜୟୀ ନାକଡେଇଁ ଦଳର ଖେଳାଳି।

ବାଘପାଲି ଦଳ ୯.୫ ଓଭରରେ ୭ଉଇକେଟ ହରାଇ ଆବଶ୍ୟକୀୟ ୫୬ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ପାତ୍ରପାଲି ଓ ନାକଡେଇଁ ମଧ୍ୟରେ ହୋଇଥିଲା। ନାକଡେଇଁ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୭ ଉଇକେଟ ହରାଇ ୮୧ ରନ କରିଥିଲା। ଜବାବରେ ପାତ୍ରପାଲି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୭୩ ରନ କରି ପରାସ୍ତ ହୋଇଥିଲା। ମ୍ୟାଚଗୁଡିକରେ ଶେଷଦେବ ବାରିକ ଓ ବିଶ୍ୱନାଥ ବାରିକ ଅମ୍ପାୟାର, ବିଦ୍ୟା ସେଠୀ ସ୍କୋରିଂ ଏବଂ ନିତ୍ୟାନନ୍ଦ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ।




## ସଂକ୍ଷେପରେ

### ଜଙ୍ଗଲରେ ଯୁବକଙ୍କ ମୃତଦେହ, ହତ୍ୟା ସନ୍ଦେହ

**ନୂଆପଡ଼ା,୨୮।୫(ମକାରୁ ବେମାଲ):** ନୂଆପଡ଼ା ଜିଲା ସୁନାବେଡ଼ା ଅଭୟାରଣ୍ୟ କୋମନା ଥାନା ସୋସେଙ୍ଗ ପଞ୍ଚାୟତ ଗୋତମା ନିକଟ ନାଥନିସିଲ ଜଙ୍ଗଲରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖାଯାଇଛି। ହେଲେ ସୁନାବେଡ଼ା ଅଭୟାରଣ୍ୟ ମାଓବାଦୀପ୍ରବଣ ଅଞ୍ଚଳ ହୋଇଥିବାରୁ ଭୟରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡିଛି। ମୃତକଙ୍କ ପରିଚୟ ମିଳିନାହିଁ। ସୂଚନା ଅନୁଯାୟୀ ଉକ୍ତ ଜଙ୍ଗଲରେ ଯୁବକଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବାରୁ କେହି ହତ୍ୟା କରିଥିବା ସ୍ଥାନୀୟ ଲୋକେ ସନ୍ଦେହ କରିଛନ୍ତି। ଅପରାହ୍ନରେ ଖବର ଜଣାପଡିଥିଲେ ମଧ ମାଓବାଦୀ ଭୟରେ ପୋଲିସ ସେଠାକୁ ଯାଇ ନାହିଁ। ଏ ସମ୍ପର୍କରେ କୋମନା ଥାନା ଅଧିକାରୀ ସୁମନ୍ତ ନାଏକ କହିଛନ୍ତି, ଏ ନେଇ କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ହେବା ପରେ ବୁଧବାର ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ ସହ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।

### ରାଜସ୍ୱ ନିରୀକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କୋକସରା,୨୮।୫ (ଦୁଷ୍ମନ୍ତ କୁମାର ପାଇଯୋଷୀ):** କଳାହାଣ୍ଡି ଜିଲା କୋକସରା ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ କୁସୁମଖୁଣ୍ଟି ରାଜସ୍ୱ ନିରୀକ୍ଷକ ଅଗ୍ନି କୁମାର ନାଏକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ, ରାଜସ୍ୱ ସୁପରଭାଇଜର ଅଜୟ ରାଜ ଶିଖା, ମୁଖ୍ୟ କିରାଣି ଧବଳେଶ୍ୱର ବେହେରା, କୁସୁମଖୁଣ୍ଟି ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ବୈଷ୍ଣବ ଗୁରୁ, ଡହଗାଁ ରାଜସ୍ୱ ନିରୀକ୍ଷକ ରାଧା ଗୋବିନ୍ଦ ପଟ୍ଟନାୟକ, ଗୋତମୁଣ୍ଡା ରାଜସ୍ୱ ନିରୀକ୍ଷକ ଛନ୍ଦା ଚରଣ ଖମାରିଙ୍କ ସମେତ ତହସିଲ କର୍ମଚାରୀ ଉପେନ୍ଦ୍ର ନାଏକ, ପ୍ରମୋଦ କୁମାର ମାଝି ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଆର୍‌ଆଇ ନାଏକଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

### ଜଳଦାନ ସେବା ଶିବିର

**ଖଡ଼ିଆଳ,୨୮।୫ (ସୁଜିତ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜଳଦାନ ସେବା ଶିବିର ଅନୁଷ୍ଠିତ ହୋଇଛି। ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ନିର୍ଦ୍ଦେଶରେ ଗ୍ରୀଷ୍ମ ପ୍ରବାହରେ ଲୋକଙ୍କୁ ସେବା ଯୋଗାଇବା ପାଇଁ ଜିଲା ସଙ୍ଗଠନର ମୁଖ୍ୟ କମିଶନର, ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୋଏଙ୍କ ମାର୍ଗଦର୍ଶନରେ ଶିବିର ଆୟୋଜିତ ହୋଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ବଳଭଦ୍ର ମହାଉତି ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମହେଶ ଦଣ୍ଡସେନା, ଜିଲା ସମ୍ପାଦକ, ରୋଶନ ପଣ୍ଡା, ଜିଲା ଅଭିବୃଦ୍ଧି ସଂଯୋଜକ ମଞ୍ଜୁଷା ମଞ୍ଜରୀ ଜଗତ, ଗାଇଡ କ୍ୟାପଟେନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖଡିଆଳ ଉପସ୍ଥିତ ଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଯୋଗ ଦେଇ ପଥିକମାନଙ୍କୁ ଥଣ୍ଡାପାଣି ପ୍ରଦାନ କରିଥିଲେ।

### ଖଡ଼ିଆଳ ବନଖଣ୍ଡ ପକ୍ଷରୁ ହାତୀ ଗଣନା

**ଖଡ଼ିଆଳ,୨୮।୫ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ବନଖଣ୍ଡ ପକ୍ଷରୁ ପାଞ୍ଚଟି ବନାଞ୍ଚଳ ନୂଆପଡ଼ା, ଖଡ଼ିଆଳ, ଖରିଆର ରୋଡ, ସିନାପାଲି, କୋମନାରେ ହାତୀ ଗଣନା ଗତ ୨୨ଠାରୁ ୨୪ ତାରିଖ ପର୍ଯ୍ୟନ୍ତ କରାଯାଇଛି। ବିଶେଷକରି ଦୁଇ ଗୋଟି ପ୍ରଣାଳୀ ହାତୀର ମଳ ଓ ପାଦଚିହ୍ନ ଦେଖି ଗଣନା କରାଯାଇଥିଲା। ପାଞ୍ଚ ଗୋଟି ବନାଞ୍ଚଳର ୯୫ ଗୋଟି ବିଟ୍‌ରେ ହାତୀ ଗଣନା ହୋଇଛି। ନୂଆପଡ଼ା ଜିଲାରେ ହାତୀର ବାସସ୍ଥାନ ନ ଥିବା ବେଳେ ପଡୋଶୀ ଜିଲା ତଥା ରାଜ୍ୟରୁ ହାତୀ ଆସି ଚଳପ୍ରଚଳ କରି ଅଳ୍ପଦିନ ପରେ ନିଜ ସ୍ଥାନକୁ ଫେରିଯାଇଥାନ୍ତି। ବନ ବିଭାଗର ବହୁ କର୍ମଚାରୀ ଏହି ହାତୀ ଗଣନା କାର୍ଯ୍ୟରେ ସାମିଲ ଥିଲେ।

# ଲଙ୍କା ଚାଷରୁ ବାର୍ଷିକ ଆୟ କରୁଛନ୍ତି ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

**ସୁନ୍ଦରଗଡ,୨୮।୫(ଜୟ ନାରାୟଣ ମେଣ୍ଟୁଲି)**

- ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ଅନୁଗ୍ରହ
- ଚାଷକୁ ପ୍ରମୁଖ ଜୀବିକାଭାବେ ଆପଣେଇ ନେଇଛନ୍ତି



ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଜ୍ଞାନପାଲି ପଞ୍ଚାୟତ ଡମପୋଷ ରାଜସ୍ୱ ଗ୍ରାମର ଯୁବ ଚାଷୀ ଅନୁଗ୍ରହ ବାଡା ସମସ୍ତଙ୍କ ପାଇଁ ସାଜିଛନ୍ତି ଉଦାହରଣ। ପିଲାଟି ଦିନରୁ ଚାଷ ପ୍ରତି ଥିବା ଆଗ୍ରହ ଯୋଗୁ ସେ ତାଙ୍କ ଜୀବନରେ ଚାଷକୁ ପ୍ରମୁଖ ଜୀବିକାଭାବେ ଆପଣେଇ ନେଇଛନ୍ତି। ନିଜର ୪ ଏକର ଚାଷ ଜମିରେ ଆମ୍ବ ବଗିଚା ସହ ତରଭୁଜ ଏବଂ ଲଙ୍କା ଚାଷ କରୁଛନ୍ତି। କେବଳ ୨ ଏକର ଜମିରେ ଲଙ୍କା ଚାଷ କରି ବାର୍ଷିକ ଆୟ କରୁଛନ୍ତି ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା। ନିଜର ଅକ୍ଳାନ୍ତ ପରିଶ୍ରମ ଦ୍ୱାରା ୨୦୨୨-୨୩ରେ ୪.୫ ଲକ୍ଷ ଏବଂ ୨୦୨୩-୨୪ରେ ୫.୨ ଲକ୍ଷ ଟଙ୍କା କେବଳ ଚାଷରୁ ଆୟ କରିପାରିଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେବକ' ସହଯୋଗରେ ଜିଲା ଖଣିଜ ପ୍ରତିଷ୍ଠାନ ଏବଂ ଉଦ୍ୟାନ ବିଭାଗର ଆର୍ଥିକ ସହାୟତାରେ ଡମପୋଷ ଗ୍ରାମର ୧୮ ଆଗ୍ରହୀ ଚାଷୀଭାଇଙ୍କ ମୋଟ ୭୩ ଏକର ଜମିରେ ୱାଡି ପ୍ରକଳ୍ପ ଜରିଆରେ ଆମ୍ବ ବଗିଚା ଆରମ୍ଭ କରାଯାଇଥିଲା। ଅନୁଗ୍ରହ ବାଡା ନିଜର ୪ ଏକର ଜମିରେ ଆମ୍ବ ଗଛ ଲଗାଇଥିଲେ। ପ୍ରକଳ୍ପ ଜରିଆରେ ତାଙ୍କ ଜମିରେ ତାରବାଡ, ପାଣିର ସୁବିଧା ଏବଂ ସୋଲାର ପମ୍ପ ଜଳସେଚନ ପାଇଁ ଯୋଗାଇ ଦିଆଗଲା। ଆମ୍ବ ଗଛ ଛୋଟ ଥିବାରୁ ତୁରନ୍ତ ଚାଷୀଙ୍କ ରୋଜଗାର ପାଇଁ ସେବକ ଅନୁଷ୍ଠାନ ତରଫରୁ ଅନ୍ତଃଚାଷ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ସେବକ ଅନୁଷ୍ଠାନ ତରଫରୁ ତରଭୁଜ ଏବଂ ଲଙ୍କା ବିହନ ଯୋଗାଇ ଦିଆଯାଇଥିଲା। ୨୦୨୧-୨୨ରେ ସେ ପ୍ରଥମ ଥର ପାଇଁ ଅନ୍ତଃଚାଷ କରି ୨ ଲକ୍ଷ ଟଙ୍କା ରୋଜଗାର କରିଥିବା ବେଳେ ୨୦୨୨-୨୩ରେ ସେ ତାଙ୍କର ୨ ଏକର ଜମିରେ ତରଭୁଜ ଚାଷ କରି ମୋଟ ୩୫ ଟନ ଉତ୍ପାଦନ କରିବା ସହିତ ୨.୪୫ ଲକ୍ଷ ଏବଂ ୨ ଏକର ଜମିରେ ଲଙ୍କା ଚାଷ କରି ମୋଟ ୧୦ କୁଇଣ୍ଟାଲ ଶୁଖିଲା ଲଙ୍କା ଉତ୍ପାଦନ କରିବା ସହିତ ୨.୦୫ ଲକ୍ଷ, ସର୍ବମୋଟ ୪.୫ ଲକ୍ଷ ତଥା ୨୦୨୩-୨୪ରେ ମୋଟ ୫.୨ ଲକ୍ଷ ଟଙ୍କା ଆୟ କରିବାରେ ସଫଳ ହୋଇଛନ୍ତି। ୨୦୨୪-୨୫ ବର୍ଷରେ କେବଳ ତରଭୁଜ ଚାଷରୁ ୨.୬ ଲକ୍ଷ ଟଙ୍କା ପାଇଥିବାବେଳେ ୪ ଏକର ଜମିରେ ଲଙ୍କା ଚାଷ କରି ୬୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଶୁଖିଲା ଲଙ୍କା ଗଚ୍ଛିତ ରଖିଛନ୍ତି, ଯାହାର ଆନୁମାନିକ ବଜାର ମୂଲ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ପରିବାରର ସହଯୋଗ, ନିଜର ଅକ୍ଲାନ୍ତ ପରିଶ୍ରମ, ନିରନ୍ତର ପ୍ରୟାସ ଏବଂ ଉଦ୍ୟାନ ବିଭାଗ ଓ ସ୍ୱେଚ୍ଛାସେବୀ ସଂସ୍ଥା ସେବକ କର୍ମକର୍ତ୍ତାଙ୍କ ନିୟମିତ ସହଯୋଗ ପାଇ ସେ ଆଜି ସଫଳତା ଲାଭ କରିଛନ୍ତି ବୋଲି କହିଛନ୍ତି ଚାଷୀ ଅନୁଗ୍ରହ। ବର୍ତ୍ତମାନ ମୂଳାଚାଷ କରିଥିବା ବେଳେ ଆସନ୍ତା ସପ୍ତାହରୁ ଅମଳର ଆଶା ରଖିଛନ୍ତି। ଏଥିସହ ୩ ଏକର ଜମିରେ ବର୍ଷାଦିନିଆ ତରଭୁଜ ଚାଷ କରିବାର ଯୋଜନା କରୁଛନ୍ତି।

## ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟରେ ଛାତ୍ରୀଛାତ୍ରଙ୍କ ସଫଳତା

**ସୁନ୍ଦରଗଡ,୨୮।୫(ଜୟ ନାରାୟଣ ମେଣ୍ଟୁଲି)**

ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟରେ ସୁନ୍ଦରଗଡ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। କଳାରେ ପ୍ରଥମ ଶ୍ରେଣୀରେ ୫୪ଜଣ,ଦ୍ୱିତୀୟ ଶ୍ରେଣୀରେ ୪୭,ତୃତୀୟ ଶ୍ରେଣୀରେ ୧୨୫ଜଣ ପାସ କରିଥିବା ବେଳେ ୨୨ଜଣ ଫେଲ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ଟପ୍ପର ହୋଇଥିବା ୧୦ ଛାତ୍ରୀଛାତ୍ର ହେଉଛନ୍ତି ରୋଶନ କୁମାର ସିହ୍ନା ୫୪୮, ଅଦୈଦ ସାହାଣୀ ୫୪୬, କୁସୁମ ତନ୍ତୀ ୫୪୨, ତନିସା ସାହୁ ୫୩୦, ସିରିନ କୌସର ୫୨୯, ଟିକେଶ୍ୱର ସା ୫୨୧, ମିତ୍ରବିନ୍ଦ ହୋତା ୫୧୧, କଲ୍ୟାଣୀ ସିଂ ୫୦୦ ଓ ଆକାଶ ପ୍ରଧାନ ୪୯୭ ନମ୍ବର ରଖିଛନ୍ତି। ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ୬୪ଜଣ, ଦ୍ୱିତୀୟ ଶ୍ରେଣୀରେ ୯୧, ତୃତୀୟ ଶ୍ରେଣୀରେ ୭୬ଜଣ ପାସ କରିଥିବା ବେଳେ ୧୨ଜଣ ପରୀକ୍ଷାର୍ଥୀ ଫେଲ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ପାସ କରିଥିବା ୧୦ଜଣ ଟପ୍ପର ଛାତ୍ରୀଛାତ୍ର ହେଲେ ସ୍ରିଷ୍ଟି ବର୍ମା ୫୩୦, ପାୟୋଜା ମହାପାତ୍ର ୪୭୧, ନିରଞ୍ଜନ ମହାପାତ୍ର ୪୬୭, ରୋଶନୀ ବାରିକ ୪୬୬, ସତ୍ୟମ ପଟେଲ ୪୬୨,ଦେବାନ ଶୀ ଯୋଶୀ ୪୬୧, ଆକାଂକ୍ଷା ଚୌଧୁରୀ ୪୫୪, ଅଙ୍କିତା ନାଏକ ୪୫୩, ସଙ୍ଗୀତା ପ୍ରଧାନ ୪୪୩ ଓ ଡୋଳାମଣି ଜୟ ପୁରିଆ ୪୪୨ ନମ୍ବର ରଖିଛନ୍ତି। ସେହିପରି ବାଣିଜ୍ୟରେ ପ୍ରଥମ ଶ୍ରେଣୀରେ ୩୪ଜଣ,ଦ୍ୱିତୀୟ ଶ୍ରେଣୀରେ ୨୧ଜଣ,ତୃତୀୟ ଶ୍ରେଣୀରେ ୫୯ଜଣ ପାସ କରିଥିବା ବେଳେ ୧୪ଜଣ ଫେଲ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ପାସ କରିଥିବା ଛାତ୍ରୀଛାତ୍ର ମାନେ ହେଉଛନ୍ତି ନୂତନ ନାଏକ ୫୪୭,ଜ୍ୟୋତିର୍ମୟୀ ସାହୁ ୫୩୦, ଓମକାର ମାହାର ୫୦୪, ରାଜ ପେରୁଆ ୫୦୨, ପ୍ରିୟା ପଟେଲ ୫୦୨, ମନପ୍ରୀତ କୌର ଗୁଜୁରାଲ ୫୦୧,ସତ୍ୟଜୀତ କଉଡି ୪୯୪,ହରେକୃଷ୍ଣ ଭୋଇ ୪୯୨,ରିତୁ ସାହୁ ୪୮୬, ଭୋଜମତୀ ସିଦାର ୪୭୯ ନମ୍ବର ରଖିଛନ୍ତି। ସଫଳତା ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ବୀରେନ୍ଦ୍ର କୁମାର ପଟେଲ ଶୁଭେଚ୍ଛା ଜଣାଇଛନ୍ତି।

# ପାଣି ପାଇଁ ତହଲବିକଳ ଗ୍ରାମବାସୀ



**କୁତ୍ରା,୨୮।୫(ଦେବାଶିଷ ସାହୁ)**

ଜନ ସାଧାରଣଙ୍କ ସୁବିଧା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ହେଲେ ଉପାନ୍ତ ଅଞ୍ଚଳ ଗୁଡିକରେ ସରକାରଙ୍କ ଯୋଜନା ପହଞ୍ଚିବାରେ ବିଫଳ ହୋଇଥିବାରୁ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଝାରଖଣ୍ଡ ସୀମାନ୍ତବର୍ତ୍ତୀ ନୂଆଗାଁ ପଞ୍ଚାୟତ ରଙ୍ଗାମାଟି ଗ୍ରାମର ଖପାଟଖୋଲଠାରେ। ଏଠାରେ ଲୋକେ ପିଇବା ପାଣି ପାଇଁ ପ୍ରତ୍ୟେକ ଦିନ ତହଲବିକଳ ହେଉଛନ୍ତି। ୨୫ ପରିବାରକୁ ଗୋଟିଏ ନଳକୂପ ରହିଛି। ହେଲେ ନଳକୂପଟି ପ୍ରାୟ ୨ ବର୍ଷ ହେଲା ଖରାପ ହୋଇପଡିଛି। ଏନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ପିଇବା ପାଣି ପାଇଁ ଗ୍ରାମବାସୀ ଏକ ଛୋଟିଆ କୂଅ ଖୋଳି ବ୍ୟବହାର କରୁଛନ୍ତି। ବର୍ତ୍ତମାନ ଖରା ଯୋଗୁ କୂଅ, ପୋଖରୀ ସବୁ ଶୁଖିଗଲାଣି। ଆଗକୁ ଏଭଳି ପରିସ୍ଥିତି ରହିଲେ ପାଣି ଟୋପାଏ ମିଳିବା କଷ୍ଟକର ହୋଇଯିବ। ନିର୍ବାଚନ ସମୟରେ ମାଲମାଲ ନେତା ଆସୁଛନ୍ତି ପ୍ରତିଶ୍ରୁତି ଦେଉଛନ୍ତି ହେଲେ ସମସ୍ୟାର ସମାଧାନ ହେଉ ନାହିଁ। ଏଥିସହ ଗ୍ରାମରେ ମୋବାଇଲ ଟାୱାର ନାହିଁ। ଯାହା ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହାକୁ ନେଇ ବିଡିଓ ଜୁଗଲ କିଶୋର ବିଶ୍ୱାଳଙ୍କୁ ପଚାରିବାରୁ , ବୁଧବାର ବିଭାଗୀୟ ଯନ୍ତ୍ରୀଙ୍କୁ ଗାଁକୁ ପଠାଇବା ସହ ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

## ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ସ୍ୱନକ୍ଷତ୍ର ଦିବସ

**ଖଡ଼ିଆଳ,୨୮।୫(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳସ୍ଥିତ ଖଡିଆଳ ପାଟଣା କ୍ଷତ୍ରିୟ ସମାଜ ଭବନ ପରିସରରେ ୫୨ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ସମାଜର କୁଳପତି ସମ୍ଭୁକିଶୋର ଦଣ୍ଡସେନା ଅଧକ୍ଷତା କରିଥିଲେ। ସମାଜର ପୂର୍ବତନ କୁଳପତି ଜିତେନ୍ଦ୍ର ସିଂ ବାରିକ ମୁଖ୍ୟ ଅତିଥି, ବରିଷ୍ଠ ପରାମର୍ଶଦାତା ଜ୍ଞାନ ପ୍ରକାଶ ସିଂ ମୁଖ୍ୟବକ୍ତା, ଜିଲା କୃଷି ଅଧିକାରୀ ଦୀପ୍ତିମୟୀ ବାରିକ ସମ୍ମାନିତ ବକ୍ତା, ବରିଷ୍ଠ ପରାମର୍ଶଦାତା ନନ୍ଦଲାଲ ବାରିକ, ଉପକୁଳପତି ସୁରେନ୍ଦ୍ର କୁମାର ପ୍ରଧାନୀ, ମୁଖ୍ୟ ସମ୍ପାଦକ ଦିଲୀପ କୁମାର ନାଏକ, ଯୁଗ୍ମ ସମ୍ପାଦକ ଘୁମେଶ ଚଳାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ସମାଜର ଉନ୍ନତି କଳ୍ପେ କାମ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ସମ୍ପାଦକ ନାଏକ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠକ ପରମେଶ୍ୱର ବାରିକ ଅତିଥି ମାନଙ୍କୁ ମଞ୍ଚକୁ ଆବାହନ କରିଥିବା ବେଳେ ଡ. ସୁଶାନ୍ତ କୁମାର ବିଶି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଛତିଶଗଡ଼, ବଲାଙ୍ଗୀର ଓ ନୂଆପଡା ଜିଲାର ୩୦ ଗୋଟି ଅଞ୍ଚଳରୁ ସଭାପତି, ସମ୍ପାଦକ, ଦୁଇଜଣ କେନ୍ଦ୍ର ସଦସ୍ୟ ,୭ ଜଣ ମନୋନୀତ କେନ୍ଦ୍ର ସଦସ୍ୟଙ୍କ ସମେତ ଶତାଧିକ ନିମନ୍ତ୍ରିତ ସଦସ୍ୟ ଯୋଗଦାନ କରିଥିଲେ। ଶେଷରେ ସହ ସଙ୍ଗଠକ ବିଭୁତି ଭୂଷଣ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାସ୍ତରୀୟ ବେଲ୍ଟ ପରୀକ୍ଷା ଉଦ୍‌ଯାପିତ

**ଭବାନୀପାଟଣା, ୨୮।୫ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି କରାଟେ ସ୍କୁଲ ପକ୍ଷରୁ ଜିଲାସ୍ତରୀୟ ବେଲ୍ଟ ପରୀକ୍ଷା ମଙ୍ଗଳବାର ଭବାନୀପାଟଣା ହାଇଟେକ୍ ପବ୍ଲିକ୍ ସ୍କୁଲଠାରେ ଉଦ୍‌ଯାପିତ ହୋଇଯାଇଛି। କଳାହାଣ୍ଡି ଶାଖାର ଏସ୍.ଏସ୍. ହରିଚନ୍ଦନଙ୍କ ଅନୁମତିକ୍ରମେ ଜିଲାର ମୁଖ୍ୟ ପରୀକ୍ଷକ କେ.ସି. ସାହୁ ବ୍ଲାକ୍ ବେଲ୍ଟ ଓ କଲର ବେଲ୍ଟ ପରୀକ୍ଷା ନେଇଥିଲେ। ଏହି ପରୀକ୍ଷାରେ ୨୫ଜଣ ଛାତ୍ରୀଛାତ୍ର ଭାଗନେଇଥିଲେ। ସେମାନଙ୍କ ମଧ୍ୟରେ ଅମିତାଭ ନାଏକ, ଆଇଶା ସିଂ, ରବିଶ ପ୍ରତାପ ସିଂ, ଇକଚ୍ଛା ସିଂ, ତ୍ରିଶା ସିଂ, ଆରାଧ୍ୟା କୁମାର, ଭାଗ୍ୟଶ୍ରୀ ଶତପଥୀ, ଗୌସିଭ ସିନ୍ଦୂର, ନାସିକ ତାଣ୍ଡି, ପ୍ରତୀକ କେତକୀ, ନିର୍ମାଲ୍ୟ ବାରିକ ସିଲ୍‌ଭର ବେଲ୍ଟ ପାଇଥିବା ବେଳେ ଭୁବନେ ମାଝି, ଆର୍ଯ୍ୟନ ଆୟୁଷ୍ମାନ ବେହେରା, ନିବେଦନ କୁମାର ସାହୁ, ଚୂଡ଼ାମଣି ତାଣ୍ଡି, ସୁରଜ ଗୌଡ଼, କିଷାନ ମାଝି, ଯତୀନ କୁମାର ବର୍ଗର୍ତ୍ତି ଅରେଞ୍ଜ ବେଲ୍ଟ ପାଇଛନ୍ତି। ସେହିଭଳି ବର୍ଗୀଶ ନାଏକ, ନମନ ମହାରଣା, ତୁଷାର ସାହା ଗ୍ରୀନ୍ ବେଲ୍ଟ, ଅବନ୍ତିକା ପ୍ରଧାନ ପରପଲ ବେଲ୍ଟ, ସୌହାର୍ଦ୍ଦ୍ୟ ବିହାରୀ ବ୍ରାଉନ ବେଲ୍ଟ ଓ ଆଦିତ୍ୟ ମେହେର ବ୍ଲାକ୍ ବେଲ୍ଟ ପାଇଛନ୍ତି ବୋଲି ମୁଖ୍ୟ ପରୀକ୍ଷକ ସାହୁ ସୂଚନା ଦେଇଛନ୍ତି।

## ମଧୁବୈଶ୍ୟ ସମାଜର ବୈଠକ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ବଡ଼ଗାଁ,୨୮।୫(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ମଧୁବୈଶ୍ୟ ସମାଜର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ସ୍ୱର୍ଗତ ବିଶିକେଶନ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସମାଜ ସଭାପତି ସୁବାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ସମାଜର ରୀତିନୀତି ଚାଲି ଚଳନ ପରମ୍ପରା ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ସମାଜର ସମ୍ପାଦକ ଶରତ ସାହୁ, ଚିନ୍ତାମଣି ସାହୁ, ଗଗନ ସାହୁ, ସମାଜ ର ବେହେରା ମାଧବ ଚନ୍ଦ୍ର ସାହୁ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ।

## ଟ୍ରକ୍ ଦୁର୍ଘଟଣା: ଡ୍ରାଇଭର ମୃତ, ହେଲ୍‌ପର ଗୁରୁତର

**ନୂଆପଡ଼ା/ବୋଡେନ,୨୮।୫ (ମକାରୁ ବେମାଲ/ଟିକେଶ୍ୱର ନାଗ)**

ବିଜୁ ଏକ୍ସପ୍ରେସ ୱେର ନୂଆପଡ଼ା ଜିଲା ବୋଡେନ ଥାନା ଖଇରା ପଞ୍ଚାୟତ ପୋଡ଼ାଖୁଟ ନିକଟରେ ମଙ୍ଗଳବାର ଟ୍ରକ୍ ଦୁର୍ଘଟଣାରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବାବେଳେ ହେଲପର ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ରାୟଗଡା ଜିଲା କାଶୀପୁର ଥାନା ମାଣ୍ଡବିଶି ଗାଁର ତିରୁପତି ସିଂ। ଗୁରୁତର ହେଲପର କୈଳାଶ ଧଙ୍ଗଡାମାଝିଙ୍କୁ ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ମୁତାବକ ମଙ୍ଗଳବାର ଭୋର ୪ଟା ସମୟରେ ଧାଡି ବାନ୍ଧି ଅନେକଗୁଡିଏ ମାଲବୋଝେଇ ଟ୍ରକ ବିଜୁ ଏକ୍ସପ୍ରେସ ଫୋର ୱେରେ ନୂଆପଡ଼ା ପଟୁ ସିନାପାଲି ଯାଉଥିଲେ। ସେହି ସମୟରେ ଆଗ ଟ୍ରକ୍ ବ୍ରେକ୍ ଦେବାରୁ ପଛ ଟ୍ରକ୍ ଯାଇ ପିଟି ହୋଇଥିଲା। ସେହି ଟ୍ରକ୍‌କୁ ପଛରେ ଥିବା ଟ୍ରକ୍ ଧକ୍କା ଦେବାରୁ ଡ୍ରାଇଭର ଓ ହେଲପର ଗାଡି ଭିତରେ ଚାପି ହୋଇ ରହିଥିଲେ। ଖବର ପାଇ ବୋଡେନ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତମାନଙ୍କୁ ଉଦ୍ଧାର କରି ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡ୍ରାଇଭର ସିଂଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ହେଲପର ଧଙ୍ଗଡାମାଝି ଚିକିତ୍ସାଧୀନ ଅଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି ।



ରାଉରକେଲାକୁ ସଂଯୋଗ କରୁଥିବା ମୀଟ କୁତୁରି ପୋଲ ଅଧା କାମ ଯୋଗୁ ନଦୀ ପାର ହୋଇ ଯାଉଛନ୍ତି ଗ୍ରାମବାସୀ।




## ସଂକ୍ଷେପରେ

### ମାଟ୍ରିକ ପରୀକ୍ଷାଫଳରେ ଖୁସି ପ୍ରକଟ କଲେ ଜିଲାପାଳ

**ରାଜ୍ୟରେ ୫ମ ସ୍ଥାନରେ ଝାରସୁଗୁଡ଼ା ଜିଲା**

ଝାରସୁଗୁଡ଼ା,୨୮ା୫(ସଞ୍ଜୟ ମାଲି)

ଚଳିତବର୍ଷର ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷା ଫଳ ଗତ ୨୬ ତାରିଖରେ ପ୍ରକାଶ ପାଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଝାରସୁଗୁଡା ଜିଲାରେ ପାସ ହାର ୯୭.୨୮ ପ୍ରତିଶତ ରହିଛି। ପାସ ହାର ଅନୁଯାୟ ଗତ ବର୍ଷ ଝାରସୁଗୁଡା ଜିଲା ରାଜ୍ୟରେ ୧୫ ନମ୍ବର ସ୍ଥାନରେ ରହିଥିଲା। କିନ୍ତୁ ଚଳିତବର୍ଷ ପାସ ହାରକୁ ଦେଖିଲେ ଝାରସୁଗୁଡା ଜିଲା ରାଜ୍ୟରେ ୫ମ ସ୍ଥାନକୁ ଆସିଥିବାରୁ ଖୁସି ପ୍ରକଟ କରିଛନ୍ତି ଝାରସୁଗୁଡା ଜିଲାପାଳ ଅବୋଲି ସୁନୀଲ ନରୱଣେ। ଏହା ଜିଲା ପାଇଁ ଅତି ଖୁସିର ଖବର। ପିଲାମାନଙ୍କ ପାଠ ପଢ଼ାରେ ଦୃଢ଼ ପରିଶ୍ରମ ତଥା ଅଭିଭାବକମାନଙ୍କ ପିଲାଙ୍କ ପାଠପଢା ପାଇଁ ସଂକଳ୍ପ ହିଁ ଆଜି ରାଜ୍ୟରେ ଜିଲା ପଞ୍ଚମ ସ୍ଥାନ ଅଧିକାର କରିଛି। ମାଟ୍ରିକ ପରୀକ୍ଷାକୁ ଦୃଷ୍ଟିରେ ରଖି ଜିଲାରେ ଫଳାଫଳରେ ଉନ୍ନତି ଆଣିବା ସକାଶେ ପ୍ରୟାସ ସ୍ୱରୂପ ଗତବର୍ଷରେ ପ୍ରତି ଶୁକ୍ରବାର ରିମେଡିଆଲ(ପ୍ରତିକାର) କ୍ଲାସ ଅନୁଷ୍ଠିତ ହେଉଥିବା ବେଳେ ପ୍ରତି ଶନିବାର ମୂଲ୍ୟାଙ୍କନ କରାଯାଉଥିଲା। ଫଳସ୍ୱରୂପ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ ପାସ ହାରରେ ଉନ୍ନତି ପରିଲକ୍ଷିତ ହୋଇଛି। ପ୍ରୟାସ ଫଳପ୍ରଦ ହୋଇଥିବାରୁ ଏଥିପାଇଁ ଜିଲାପାଳ ଖୁସି ପ୍ରକଟ କରିଛନ୍ତି।

### କାର୍ ସହ ଗଞ୍ଜେଇ ଜବତ

ବିନ୍ନିକା, ୨୮ା୫(ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନ୍ନିକା ଥାନା ଅନ୍ତର୍ଗତ ଚୌକିଜୋରଠାରୁ ମଙ୍ଗଳବାର କାର ସହ ଗଞ୍ଜେଇ ଜବତ କରିଛି ଅବକାରୀ ବିଭାଗ। ପୂର୍ବାହ୍ନ ପ୍ରାୟ ୧୦ଟାରେ ସୋନପୁର ପଟରୁ ଏକ କାର ଓଡି ୧୪କ୍ୟୁ ୧୦୪୩ରେ ଚୋରା ଗଞ୍ଜେଇ ଚାଲାଣ ହେଉଥିଲା। ଏସମ୍ପର୍କରେ ଖବରପାଇ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଅବକାରୀ, ବିନ୍ନିକା ଅବକାରୀ ଟିମ୍ ମିଳିତ ଭାବରେ ଚୌକିଜୋର୍‌ଠାରେ ଛପି ରହିଥିଲେ। କାରଟି ଦ୍ରୁତ ଗତିରେ ଆସୁଥିଲା। ଅବକାରୀ ବିଭାଗର ଗାଡ଼ିକୁ ଦେଖି ଧକ୍କା ଦେଇ ପଳାଇବାକୁ ଚେଷ୍ଟା କରୁଥିବାବେଳେ ଓଲଟି ପଡ଼ିଥିଲା। ଗାଡ଼ି ଛାଡ଼ି ଦେଇ ଅଭିଯୁକ୍ତ ମାନେ ଫେରାର୍ ହୋଇଯାଇଥିଲେ।

# ଫଳଦୋକାନୀଙ୍କ ଝିଅ ପାଇଲେ ମାଟ୍ରିକ୍‌ରେ ଏ-୧ ଗ୍ରେଡ୍

ଝାରସୁଗୁଡ଼ା,୨୮ା୫(ସଞ୍ଜୟ ମାଲି)



ଝାରସୁଗୁଡ଼ା ଜିଲା ବେଲପାହାଡ ଅଞ୍ଚଳର ରୁପା ସା ଚଳିତବର୍ଷ ପ୍ରକାଶ ପାଇଥିବା ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ହାସଲ କରି ଅଞ୍ଚଳବାସୀଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ବାପା ଓମ ପ୍ରକାଶ ସା ଏବଂ ମା' ପୁରନ୍ଦା ସାଙ୍କ ଝିଅ ହେଉଛନ୍ତି ରୁପା। ଜଣେ ଛାତ୍ର ପାଠ ପଢିବା ପାଇଁ ଯେତେ ବେଳେ ସଂକଳ୍ପ କରିନେଇଛି ତା ହେଲେ ପଢିବାରେ ତାର ଅର୍ଥ କେବେ ବାଧା ସୃଷ୍ଟି କରେ ନାହିଁ। କିନ୍ତୁ ରୁପାଙ୍କ ସଂଘର୍ଷ ଏବଂ ସଫଳତା ସମସ୍ତଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛି। ଗିରିଧାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ରୁପାଙ୍କ ଏହି ସଫଳତା ପରେ ଅଞ୍ଚଳରେ ଖୁସିର ମହୋଲ ସୃଷ୍ଟି କରିଛି। ରୁପା ପ୍ରଥମରୁ ଜଣେ ମେଧାବୀ ଏବଂ କଠିନ ପରିଶ୍ରମୀ ହୋଇଥିବା ବେଳେ ଏବେ ଏହାର ଫଳ ତାଙ୍କୁ ମିଳିଛି। ପରିବାରର ଆର୍ଥିକସ୍ଥିତି ଏତେଟା ଭଲ ନ ଥିଲେ ମଧ୍ୟ ନିଜର ନିଷ୍ଠା, ପରିଶ୍ରମ ଏବଂ ଅଧ୍ୟବସାୟ ତାଙ୍କର ଭବିଷ୍ୟତର ମାର୍ଗକୁ ପ୍ରଶସ୍ତ କରିଛି। ତାଙ୍କ ବାପା ଓମ ପ୍ରକାଶ ଏକ ଫଳ ଦୋକାନ କରିଥିବା ବେଳେ ମା' ଜଣେ ଗୃହିଣୀ। ବେଳେ ବେଳେ ପାଠ ପଢ଼ାରୁ ଅଳ୍ପ ସମୟ ବାହାର କରି ସେ ବାପାଙ୍କ ଫଳ ଦୋକାନରେ ସାହାଯ୍ୟ କରୁଥିଲେ। ରୁପା କୁହନ୍ତି ପରୀକ୍ଷା ପାଇଁ ସେ ଦୈନିକ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରନ୍ତି। ବିଦ୍ୟାଳୟର

**ଡାକ୍ତର ହୋଇ ଲୋକଙ୍କ ସେବା କରିବି: ରୁପା ସା**

ଶିକ୍ଷକମାନେ ମଧ୍ୟ ସମସ୍ତ ସହଯୋଗ କରିଥାନ୍ତି। ରୂପାନ୍ତରଣ ପରେ ବିଦ୍ୟାଳୟରେ ଥିବା ଇ-ପାଠାଗାରରୁ ସେ ଅନେକ ତଥ୍ୟ ଗ୍ରହଣ କରିବା ସହିତ ବିଷୟକୁ ନେଇ ଥିବା ଦ୍ୱନ୍ଦ୍ୱ ମଧ୍ୟ ଦୂର କରିପାରନ୍ତି। ବିଜ୍ଞାନ ପ୍ରୟୋଗ ଶାଳା, ସ୍ମାର୍ଟ ଶ୍ରେଣୀଗୃହ ମଧ୍ୟ ତାଙ୍କୁ ଅନେକ ସହଯୋଗ କରିଛି। ରୁପାଙ୍କୁ ପଚାରିବାରୁ ସେ ପ୍ରତିକ୍ରିୟାରେ କହିଥିଲେ ଯେ, ଆଗକୁ ଯୁକ୍ତ ୨ ବିଜ୍ଞାନ ପଢିବା ସହିତ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଲୋକମାନଙ୍କ ସେବା କରିବା ପାଇଁ ରୁପା ଲକ୍ଷ୍ୟ ରଖିଛନ୍ତି। ତାଙ୍କର ଏହି ସଫଳତା ପରେ ସବୁଠୁ ତାଙ୍କୁ ଶୁଭେଚ୍ଛାର ଛୁଟୁଛି।

# ବିଦ୍ୟାଳୟର ପ୍ଲାଟିନମ ଜୁବିଲି ପାଇଁ ପ୍ରସ୍ତୁତି ବୈଠକ



ସମ୍ବଲପୁର,୨୮ା୫(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ମୁଦିପଡ଼ାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଆସନ୍ତା ଜୁନ ୧ରେ ୭୫ ବର୍ଷରେ ପାଦ ଥାପିବାକୁ ଯାଉଛି। ମଙ୍ଗଳବାର ଆୟୋଜନ କମିଟିର ଆହ୍ୱାନ କ୍ରମେ ବିଦ୍ୟାଳୟରେ ଅନୁଷ୍ଠିତ ପୂର୍ବତନ ଛାତ୍ରୀଛାତ୍ରଙ୍କ ସଭାରେ ଆସନ୍ତା ଜୁଲାଇରୁ ୨୦୨୫ ଜୁନ ମାସ ପର୍ଯ୍ୟନ୍ତ ବର୍ଷବ୍ୟାପୀ ବିଦ୍ୟାଳୟର ପ୍ଲାଟିନମ ଜୟନ୍ତୀ ମହୋତ୍ସବ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି ବିଦ୍ୟାଳୟରୁ ଅଧ୍ୟୟନ କରି ବହୁ ଛାତ୍ରୀଛାତ୍ର ଆଜି ରାଜ୍ୟ, ଦେଶ ଓ ବିଦେଶରେ ପ୍ରତିଷ୍ଠିତ ପଦପଦବୀରେ ରହି ସେବା ପ୍ରଦାନ କରି ସମ୍ବଲପୁରର ସୁନାମ ବୃଦ୍ଧି କରିଆସିଛନ୍ତି। ଆୟୋଜନ କମିଟିର ଆହ୍ୱାନ କ୍ରମେ ବିଦ୍ୟାଳୟରେ ଅନୁଷ୍ଠିତ ପୂର୍ବତନ ଛାତ୍ରୀଛାତ୍ରଙ୍କ ସଭାରେ ଆବାହକ କାର୍ତ୍ତିକ ପ୍ରସାଦ ବହିଦାର୍ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଡ଼. କିଶୋରୀ ଦାଶ ସଭାରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାଶ ପୂର୍ବରୁ ଅନୁଷ୍ଠିତ ହୋଇ ଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ଏହି ସଭାରେ ବର୍ଷବ୍ୟାପୀ ବିଦ୍ୟାଳୟର ପ୍ଲାଟିନମ ଜୟନ୍ତୀ ମହୋତ୍ସବ ପାଳନ, ବିଦ୍ୟାଳୟର ନୂତନ କୋଠା ନିର୍ମାଣ, ଛାତ୍ରୀଛାତ୍ରଙ୍କ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି, ପୂର୍ବତନ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଡ଼ିବା, କାର୍ଯ୍ୟକ୍ରମର ସଫଳତା ପାଇଁ ବିଭିନ୍ନ କମିଟି ଗଠନ କରିବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ଅଶୋକ କୁମାର ପଟେଲ, ହରିହର ପାଣି, ଗତିକୃଷ୍ଣ ଷଡ଼ଙ୍ଗୀ, ଭୋଳା ଶଙ୍କର ମହନ୍ତମ, ଶରତ ଚନ୍ଦ୍ର ବହିଦାର୍, ଦୁର୍ବାଦଳ ପାଣିଗ୍ରାହୀ, ସ୍ନିଗ୍ଧାମୟୀ ପ୍ରଧାନ, ରଞ୍ଜିତା ସେଠ, ସନ୍ଧ୍ୟାରାଣୀ ଦିକ୍ଷିତ ପ୍ରମୁଖ ଅଂଶ ଗ୍ରହଣ କରି ମୂଲ୍ୟବାନ ପ୍ରସ୍ତାବ ଦେଇଥିଲେ। ଶେଷରେ ଯୁଗ୍ମ ସମ୍ପାଦିକା ସ୍ୱସ୍ତିକା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସରାହାଲ ପାଲଟିଛି ମନ୍ଦିରମାଳିନୀ



ଝାରସୁଗୁଡ଼ା,୨୮ା୫(ସଞ୍ଜୟ ମାଲି)

ଶିଳ୍ପ ନଗରୀ ଝାରସୁଗୁଡ଼ା ସହରର ସରାହାଲ ଅଞ୍ଚଳରେ ଏକାଧିକ ମନ୍ଦିର ରହିଛି। ବାହାର ଲୋକଙ୍କ ପାଇଁ ଅଜଣା ଥିବା ବେଳେ ସାରା ସହରକୁ ଏହା ଆଧାତ୍ମିକ ରିତା ଦେଉଛି। ସରାହାଲ ଅଞ୍ଚଳରେ ଯେତିକି ମନ୍ଦିର ରହିଛି ସହରର କୌଣସି ସ୍ଥାନରେ ଏତିକି ମନ୍ଦିର ଦେଖିବାକୁ ମିଳୁନାହିଁ। ସମ୍ବଲପୁର ଜିଲା ରମେଲାରୁ ଜଗନ୍ନାଥ ମହାପ୍ରଭୁଙ୍କୁ ଆଣି ସରାହାଲରେ ୧୯୭୮ରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ପରେ ମାଉସୀ ମା' ମନ୍ଦିର ହୋଇଥିଲା। ମନ୍ଦିର ପରିସରରେ ହନୁମାନ ମନ୍ଦିର, ଶିବ ମନ୍ଦିର, ରାମ ମନ୍ଦିର, ପର୍ଶୁରାମ ମନ୍ଦିର, ପ୍ରତିଷ୍ଠା ହୋଇଛି। ସେହିପରି ପୁରୁଣା ରେଳ ଫାଟକ ନିକଟରେ ତ୍ରିନାଥ ମନ୍ଦିର, ପୁରୁଣା ବସଷ୍ଟାଣ୍ଡ ନିକଟରେ ହନୁମାନ ମନ୍ଦିର ଓ ଶନି ମନ୍ଦିର ରହିଥିବା ବେଳେ ମହିର ଛକ ନିକଟରେ ହନୁମାନ ମନ୍ଦିର, ଗୈଡପଡା ଛକ ନିକଟରେ ହନୁମାନ ମନ୍ଦିର, କିସାନପଡାରେ ଶିବ ମନ୍ଦିର, ତଳିପଡାରେ ହନୁମାନ ମନ୍ଦିର, ସରାହାଲ ମୁଖ୍ୟ ରାସ୍ତାରେ ବଟକେଶର ଶିବ ମନ୍ଦିର ରହିଛି। ଏହା ବ୍ୟତିତ ଏହି ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜାଠୁ ଆରମ୍ଭ କରି ଗଣେଷ ପୂଜା, ସରସ୍ୱତୀ ପୂଜା, ପଣା ସଂକ୍ରାନ୍ତି, ତ୍ରିନାଥ ମେଳା, ଚବିଶ ପ୍ରହର ନାମଯଜ୍ଞ, ଅଷ୍ଟ ପ୍ରହର ନାମଯଜ୍ଞ, ପାରାୟଣ, ଭାଗତ ପ୍ରବଚନ, ଉତାରାକାଣ୍ଡ, ସାମୁହିକ ବ୍ରତ ପୋନୟନ ଅନୁଷ୍ଠିତ ହୋଇଥାଏ। ସେହିପରି ରଥଯାତ୍ରା ଓ ବାହୁଡା ଯାତ୍ରା ମଧ୍ୟ ପାଳନ ହୋଇଥାଏ। ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଭକ୍ତଙ୍କ ଦ୍ୱାରା ମନ୍ଦିରଗୁଡ଼ିକରେ ଆଳତି ଓ ପୂଜା ଅର୍ଚ୍ଚନାରେ ଅଞ୍ଚଳ ମୁଖରିତ ହୋଇ ଉଠୁଛି।

# ଚୋରି ଉଦ୍ୟମ ବେଳେ ଧରାପଡ଼ିଲେ ୨ ଅଭିଯୁକ୍ତ

ଝାରସୁଗୁଡ଼ା,୨୮ା୫(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା ବଡ଼ମାଳ ଥାନା ଅନ୍ତର୍ଗତ ଶ୍ରିପୁରା ଗ୍ରାମରେ ଏକ ବଡ଼ ଧରଣର ଚୋରି ଘଟଣାକୁ ସ୍ଥାନୀୟ ଗ୍ରାମବାସୀ ତଥା ଘର ଲୋକେ ବିଫଳ କରିଦେଇଛନ୍ତି। ଚୋରି କରୁଥିବା ବେଳେ ୨ଜଣଙ୍କୁ ଗ୍ରାମବାସୀ କାବୁ କରି ବଡ଼ମାଳ ପୋଲିସକୁ ହସ୍ତାନ୍ତର କରିଛନ୍ତି। ସୂଚନାଯୋଗ୍ୟ ଯେ, ଶ୍ରିପୁରା ଗ୍ରାମ ରୋହିଦାସ ପଡ଼ା ନିବାସୀ ଆନନ୍ଦ ରୋହିଦାସ ଓ ତାଙ୍କ ସ୍ତ୍ରୀ ଉର୍ମିଳା ରୋହିଦାସ ସହ ପରିବାର ଲୋକେ ଶୋଇଥିଲେ। ମଙ୍ଗଳବାର ଭୋର୍ ୪ଟା ବେଳକୁ ୫ଜଣିଆ ଚୋରୋ ଗ୍ୟାଙ୍ଗ କବାଟ ଭାଙ୍ଗି ଘରେ ପଶିଥିଲେ। ସେମାନେ ଆଲମିରା ଭାଙ୍ଗିବା ସହିତ ଆସବାପତ୍ର ଖୋଲିଥିଲେ। ଏହି ସମୟରେ ପରିବାର ଲୋକ ଓ ଗ୍ରାମବାସୀଙ୍କ ହାତରେ ଧରା ପଡିଥିଲେ। ୫ଜଣ ଚୋରଙ୍କ ମଧ୍ୟରୁ ୩ଜଣ ଖସି ପଳାଇଥିଲେ ଏବଂ ୨ଜଣଙ୍କୁ ଗ୍ରାମବାସୀ କାବୁ କରିଥିଲେ। ଧରା ପଡ଼ିଥିବା ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ସେହି ଗ୍ରାମର ସୁଶାନ୍ତ ପୋଢ଼ ଏବଂ ଅନ୍ୟ ଜଣକ ଝାରସୁଗୁଡା ସହରର ବୋଲି ତଥ୍ୟରୁ ଜଣାପଡ଼ିଛି। ଖବର ପ୍ରକାଶ ପାଇବା ବେଳେକୁ ୨ଙ୍ଜଣଙ୍କୁ ବଡ଼ମାଳ ପୋଲିସ ନିଜ ହାଜତକୁ ନେଇ ଅଧିକ ତଦନ୍ତ ଜାରି ରହିଛି।

# ଗାଡ଼ି ଧକ୍କାରେ ଜଣେ ମୃତ

ବିନ୍ନିକା ୨୮ା୫( ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନ୍ନିକା ଥାନା ମେଘେଲା ପତ୍ରଫଡ଼ି ଖେଳପଡିଆ ନିକଟ ବୁଲାଣିଆ ରାସ୍ତାରେ ଏକ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ମେଘେଲା ଗ୍ରାମର କବିରାଜ ପୋଢ଼ (୪୬)। ସେ ମଙ୍ଗଳବାର ସକାଳେ ନିଜ ଝିଅ ଘର ସାରଙ୍ଗପାଲି ଗ୍ରାମରୁ ବାଇକ ଯୋଗେ ନିଜ ଗ୍ରାମକୁ ଫେରୁଥିବାବେଳେ ମେଘେଲା ପତ୍ରଫଡି ଖେଳପଡ଼ିଆ ନିକଟ ବୁଲାଣିଆ ରାସ୍ତାରେ ଏକ ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ଛିଟିକି ହୋଇ ପଡ଼ିଯାଇଥିଲେ। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଆଣି ବିନ୍ନିକା ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା କଲାପରେ ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ଭାଇ ଶୁକ୍ରୁପୋଢ଼ ବିନ୍ନିକା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବୌଦ୍ଧରେ ଅସହ୍ୟ ଗରମ, ଜନଜୀବନ ଅସ୍ତବ୍ୟସ୍ତ

ବୌଦ୍ଧ,୨୮ା୫( ଅଜିତ କୁମାର ବାରିକ)

- ୪୫ ଡିଗ୍ରୀ ଉପରେ ତାପମାତ୍ରା
- ଧ୍ୱଂସପାଉଛି ଜଙ୍ଗଲ

ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବୌଦ୍ଧ ଜିଲାରେ ତାପମାତ୍ରା ମଙ୍ଗଳବାର ଦିନ ୪୫ ଡିଗ୍ରୀ ଉପରେ ରହିଥିଲା। ତାପମାତ୍ରା ବୃଦ୍ଧି ସାଙ୍ଗକୁ ଗୁଳଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପୂର୍ବାହ୍ନ ୧୦ଟାରୁ ଘରୁ ବାହାରିବା କଷ୍ଟକର ହୋଇପଡିଛି। ବୌଦ୍ଧ ଜିଲାରେ ପ୍ରତିବର୍ଷ ପ୍ରାକୃତିକ ଜଙ୍ଗଲଗୁଡିକର ରକ୍ଷଣାବେକ୍ଷଣ ଓ ନୂତନ ବନୀକରଣ ସାଙ୍ଗକୁ ଅଧିକରୁ ଅଧିକ ମାତ୍ରାରେ ବୃକ୍ଷରୋପଣ କରିବା ଲାଗି ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରାଯାଉଛି । କିନ୍ତୁ ଏହା କାଗଜକଲମରେ ସୀମିତ ଥିବା ଅନୁମାନ କରାଯାଉଛି । ଅନ୍ୟପକ୍ଷରେ ପ୍ରତିବର୍ଷ ଜଙ୍ଗଲ କ୍ଷୟ ହେବା ସହ ବିଭିନ୍ନ ସ୍ଥାନରେ କ୍ରଶର ସ୍ଥାପନ ହେଉଛି । ବ୍ଲାଷ୍ଟିଂ ହେବା ଫଳରେ ବଡ ବଡ ପାହାଡ ନଷ୍ଟ ହେଉଥିବା ବେଳେ ଜଙ୍ଗଲରେ ବେଆଇନ ଗଞ୍ଜେଇ ଚାଷ ଯୋଗୁ ପ୍ରତିବର୍ଷ ଜଙ୍ଗଲ ନଷ୍ଟ ହେଉଛି । ଜଙ୍ଗଲ କ୍ଷୟ ଯୋଗୁ ଗ୍ରୀଷ୍ମ ଋତୁରେ ତାପମାତ୍ରା ଅହେତୁକ ଭାବରେ ବୃଦ୍ଧି ପାଇବା ଯୋଗୁ ଏହାର କୁପରିଣାମ ଜନସାଧାରଣଙ୍କ ଉପରେ ପଡୁଛି । ବୌଦ୍ଧ ସହର ଦେଇ ଚିରସ୍ରୋତା ମହାନଦୀ ପ୍ରବାହିତ ହୋଇଥିବା ବେଳେ ଏବେ ମହାନଦୀ ଶୁଖିଲା ପଡିଛି । ମହାନଦୀ ଶୁଖିଲା ପଡିବା ଯୋଗୁ ନଦୀର ବାଲି ଓ ନଦୀ ଭିତରେ ଥିବା ବଡ ବଡ ପଥର ତାତି ତାପମାତ୍ରା ବୃଦ୍ଧି ହେବାରେ ଲାଗିଛି । ପ୍ରବଳ ଖରା ସାଙ୍ଗକୁ ତତଲା ପବନ ପୁରା ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି । ସନ୍ଧ୍ୟା ନ ହେଲେ ଘରୁ ବାହାରିବା କଷ୍ଟକର ହୋଇପଡୁଛି । ବୌଦ୍ଧ ସହର ବର୍ତ୍ତମାନ ବୃକ୍ଷଶୂନ୍ୟ ହୋଇପଡିଛି। ସହରର ପ୍ରମୁଖ ରାସ୍ତାଗୁଡିକ ପ୍ରଶସ୍ତିକରଣ କରାଯିବା ଯୋଗୁ ରାସ୍ତା କଡରେ ଥିବା ବଡ ବଡ ଗଛଗୁଡିକ କାଟି ଦିଆଯାଇଥିଲା। ଗଛ କଟାଯିବା ଉତ୍ତାପ ବୃଦ୍ଧିର କାରଣ ପାଲଟିଛି। ବର୍ତ୍ତମାନ ସମୟ ଆସିଛି, ମହାନଦୀରେ ଖରାଦିନେ ଯେପରି ପାଣି ଭରପୁର ରହିପାରିବ ସେନେଇ ପଦକ୍ଷେପ ନେବା ଏକ ପ୍ରକାର ଜରୁରୀ ହୋଇପଡିଛି । ଏହାସହ ବୌଦ୍ଧ ସହରରେ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଗଲେ ଆଗାମୀ ଦିନରେ ଖରାରୁ ସାମାନ୍ୟ ଆଶ୍ୱସ୍ତି ମିଳିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ୪ମାସ ପରେ ବି ଲାଗିନି ସୂଚନା ଫଳକ

କୁଚିଣ୍ଡା,୨୮ା୫(ବିରଞ୍ଚି ଦର୍ଶୀ)

ସମ୍ବଲପୁର ରାସ୍ତା ଓ କୋଠାବାଡି ବିଭାଜନ-୨ର ପ୍ରତ୍ୟକ୍ଷ ନିୟନ୍ତ୍ରଣାଧିନ କୁଚିଣ୍ଡା ପୂର୍ତ୍ତ ବିଭାଗ ପକ୍ଷରୁ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକରେ ରାସ୍ତା ଉନ୍ନତିକରଣ, ପ୍ରଶସ୍ତିକରଣ ଓ ଦୃଢୀକରଣ ନାମରେ ବହୁ ପ୍ରକଳ୍ପ ପରିଚାଳିତ ହେଉଛି। ମାତ୍ର କାର୍ଯ୍ୟ ଆରମ୍ଭ ପରେ ବି କେତେକ ପ୍ରକଳ୍ପରେ ସୂଚନା ଫଳକ ଲଗାଯାଇ ନ ଥିବା ଯୋଗୁ ପ୍ରକଳ୍ପର ସ୍ୱଚ୍ଛତା ଉପରେ ସନ୍ଦେହ ସୃଷ୍ଟି ହୋଇଛି। କୁଚିଣ୍ଡା ବ୍ଲକ ଅନ୍ତର୍ଗତ ପାରୁଆଭାଡି-ବ୍ରାହ୍ମଣୀଡିହି ୧୮କି.ମି ରାସ୍ତା ପ୍ରଶସ୍ତୀକରଣ ପ୍ରକଳ୍ପ କାର୍ଯ୍ୟ ଆଜକୁ ୪ମାସ ହେବ ଆରମ୍ଭ ହୋଇଥିଲେ ମଧ୍ୟ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଫଳରେ ଏହା କେଉଁ ଠିକାସଂସ୍ଥା ଦ୍ୱାରା କେତେ ଟଙ୍କା ମୂଲ୍ୟର ପ୍ରକଳ୍ପ ହେଉଛି ଜନସାଧାରଣଙ୍କୁ ଅନ୍ଧାରରେ ରଖାଯାଇଥିବା ଅଭିଯୋଗ ହୋଇଛି। ପାରୁଆଭାଡି ଛକଠାରୁ ଏହି ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ବି ସମ୍ପୃକ୍ତ ଠିକାସଂସ୍ଥାର ପ୍ରକୃତ କାର୍ଯ୍ୟଶୈଳୀ ନିରୁତ୍ସାହଜନକ ହେଉଛି। ରାସ୍ତାର ଉଭୟ ପାର୍ଶ୍ୱ ପ୍ରଶସ୍ତୀକରଣରେ ଦୈର୍ଘ୍ୟ,ପ୍ରସ୍ଥ ସମ୍ପର୍କରେ କାହାରି ପାଖରେ ସୂଚନା ନ ଥିବା ଓ ପୂର୍ତ୍ତବିଭାଗ ନିୟନ୍ତ୍ରଣ ବାହାରେ ପ୍ରକଳ୍ପଗୁଡିକ ପରିଚାଳିତ ହେଉ ନ ଥିବା ଭଳି ମନେ ହେଉଛି। ରାସ୍ତା



ପାରୁଆଭାଡି-ବ୍ରାହ୍ମଣୀଡିହି ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଆରମ୍ଭର ଚାରିମାସ ପରେ ବି ସୂଚନା ଫଳକ ଲଗାଯାଇନି।।

ପ୍ରଶସ୍ତୀକରଣରେ ଉଭୟ ପାର୍ଶ୍ୱର ମାଟି ଖୋଳାଯାଇ ବାଲି ଫିଲିଂ ପରେ ମେଟାଲିଂ ଡଷ୍ଟ ପକାଯିବା ନିୟମକୁ ଏଠାରେ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। କେତେକ ସ୍ଥାନରେ ଆଦୌ ମାଟି ଖୋଳା ନ ଯାଇ କେବଳ ଉପରଠାଉରିଆ ଭାବେ ଉପରେ ମେଟାଲ ଡଷ୍ଟ ପକାଯାଇ ରୋଲିଂ କରାଯାଇଛି। ବିଦ୍ୟୁତ୍ ଖୁଣ୍ଟ ଓ ଗଛ ଥିବା ସ୍ଥାନରେ ସ୍ୱଳ୍ପ ଦୈର୍ଘ୍ୟପ୍ରସ୍ଥ ଅନୁପାତରେ ମେଟାଲିଂ ହେଉଥିବା ଦେଖିବାକୁ ମିଳିଥିବାବେଳେ ମାଟି ଖୋଳା ପରେ ଆଦୌ ବାଲି ପକାଯାଇ ନାହିଁ। ଫଳରେ ବର୍ଷା ଦିନେ ମାଟି ଦବିଯାଇ ରାସ୍ତା ଫାଟିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟ ଯୋଜନାରେ ୨୦୨୩/୨୪ ଆର୍ଥିକ ବର୍ଷରେ ସମ୍ବଲପୁରର ଏକ ଠିକା ସଂସ୍ଥା ୨୩କୋଟି ୪୧ଲକ୍ଷ ୧୦ହଜାର ୩୬୭ଟଙ୍କା ଅଟକଳରେ ଟେଣ୍ଡର ନେଇଥିବା ପୂର୍ତ୍ତବିଭାଗ ପକ୍ଷରୁ କୁହାଯାଉଥିବା ବେଳେ ବାସ୍ତବରେ ଏହି କାର୍ଯ୍ୟର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ

**ପାରୁଆଭାଡି-ବ୍ରାହ୍ମଣୀଡିହି ରାସ୍ତା ପ୍ରଶସ୍ତୀକରଣ**

ସୃଷ୍ଟି ହୋଇଛି। ଏହାଛଡା ଜମନକିରା ବ୍ଲକ କ୍ରିମାଲୋଇ-ଟିକିବା ରାସ୍ତା ଉନ୍ନତିକରଣ କାମରେ ମଧ୍ୟ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ୪କୋଟି ୧ଲକ୍ଷ ୩ହଜାର ୨୦୧ଟଙ୍କା ବ୍ୟୟ ଅଟକଳରେ ପରିଚାଳିତ ହେଉଥିବା ପ୍ରକଳ୍ପର ଟେଣ୍ଡର ପାଇଛନ୍ତି ପ୍ରଦୀପ କୁମାର ଅଗ୍ରୱାଲ ନାମକ କଣ୍ଟ୍ରାକ୍ଟର। ମାତ୍ର ଏହି ରାସ୍ତା ପୂରାପୂରି ଭାବେ ପାହାଡିଆ ଓ ଖାଲିମାଟି ହୋଇଥିଲେ ହେଁ ଆନୁପାତିକ ହାରରେ ମିଟାଲିଂ କିମ୍ବା ବାଲି ଭର୍ତ୍ତି କରାଯାଇ ନାହିଁ। ଫଳରେ ବର୍ଷାଦିନେ ଏହା ଦବିଯିବା ଭଳି ପରିସ୍ଥିତି ହେବ ବୋଲି ଅଞ୍ଚଳବାସୀ କହନ୍ତି। ରାସ୍ତାରେ ନିର୍ମାଣ ହେଉଥିବା କଲଭର୍ଟ ଗୁଡିକରେ ମଧ୍ୟ ନିମ୍ନମାନର କାମ ହେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ କୁଚିଣ୍ଡା ପୂର୍ତ୍ତବିଭାଗ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନବୀନ ବାଗେଙ୍କୁ ପଚାରିବାରେ ପାରୁଆଭାଡି- ବ୍ରାହ୍ମଣିଡିହି ରାସ୍ତା ସୂଚନାଫଳକ ପାଇଁ ଠିକାଦାରଙ୍କୁ ବାରମ୍ବାର କୁହାଯାଉଛି,କିନ୍ତ ସମୟ ଗଡାଇ ଚାଲିଥିବା କହିଛନ୍ତି। ଏହାଛଡା ନିମ୍ନମାନର କାମ ଉପରେ ତଦନ୍ତ କରି ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

# ଓଡ଼ିଶାରେ ସରକାର ଗଢ଼ି ଇତିହାସ ରଚିବ ଭାଜପା: ନଡ୍ଡା

ଓଡ଼ିଶାରେ ଲୋକ ସଭା ଓ ବିଧାନସଭା ନିର୍ବାଚନ ଲାଗି ପ୍ରଚାର ଜୋରଦାର ଚାଲିଛି। ରାଜ୍ୟରେ ଭାଜପା ଅଦ୍ୟାବଧି କ୍ଷମତା ହାସଲ କରିପାରି ନ ଥିବାବେଳେ ଚଳିତ ନିର୍ବାଚନରେ କେନ୍ଦ୍ରୀୟ ନେତା ଆକଳନ କରୁଛନ୍ତି ଯେ, ସେମାନଙ୍କ ଦଳ ଏଥର ନିଶ୍ଚୟ ଅଧିକ ଆସନରେ ବିଜୟୀ ହୋଇ ଏକାକୀ ସରକାର ଗଠନ କରିବ। ଏପରିକି ଜୁନ୍ ୧୦ରେ ଜଣେ ଓଡ଼ିଆ ଝିଅ କିମ୍ବା ପୁଅ ଭାଜପାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି କେନ୍ଦ୍ରୀୟ ନେତାମାନେ କହୁଛନ୍ତି। ଏହି କ୍ରମରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ **ଜଗତ୍ ପ୍ରକାଶ ନଡ୍ଡା** ଓଡ଼ିଶାକୁ ପ୍ରଚାର ଗସ୍ତରେ ଆସିଥିବା ବେଳେ 'ଧରିତ୍ରୀ'କୁ ଏକ ବିଶେଷ ସାକ୍ଷାତ୍କାର ଦେଇଛନ୍ତି। ତାଙ୍କୁ ଭେଟିଥିଲେ ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ **ଜିତେନ୍ଦ୍ର କୁମାର ନାୟକ** ଏବଂ ଖବରଦାତା **ସୁନିତ୍ ମିଶ୍ର**।



**ସାକ୍ଷାତ୍କାର**
**ଜେ.ପି. ନଡ୍ଡା**
**ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**

**ପ୍ରଶ୍ନ–** ୨୦୨୪ ନିର୍ବାଚନ ତାରିଖ ଘୋଷଣା ପରେ ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ହେବ ବୋଲି ଜୋରଦାର ଆଲୋଚନା ଆରମ୍ଭ ହୋଇଥିଲା। ଏହା ଦୀର୍ଘଦିନ ଧରି ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା। ପରବର୍ତ୍ତୀ ସମୟରେ ମେଣ୍ଟ ହୋଇପାରି ନ ଥିବାବେଳେ ଏଭଳି ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ପ୍ରଥମରୁ ନିଜ ମତ ସ୍ପଷ୍ଟ କରିବାରେ ଅସୁବିଧା କେଉଁଠି ଥିଲା ?

**ନଡ୍ଡା–** ଓଡ଼ିଶାରେ ବିଜେଡି ସହ ମେଣ୍ଟ କରିବା ନେଇ ଆମେ କେବେହେଲେ ଆଲୋଚନା କରିନାହୁଁ। ଆମ ଦଳର ରାଜ୍ୟ ଶାଖା ଏଠାରେ ଏକୁଟିଆ ଲଢ଼େଇ କରିବା ଲାଗି ନିଜର ଆଭିମୁଖ୍ୟ ସ୍ପଷ୍ଟ ରଖିଥିଲା।

**ପ୍ରଶ୍ନ–** ଦୁଇ ଦଳ ମଧ୍ୟରେ ମେଣ୍ଟ ହେବା ନେଇ ବିଜେଡି ପକ୍ଷରୁ କିଏ ଚାପ ପକାଉଥିଲେ ?

**ନଡ୍ଡା–** ମେଣ୍ଟ ପାଇଁ କୌଣସି ଚାପ ନ ଥିଲା।

**ପ୍ରଶ୍ନ–** ଓଡ଼ିଶାର ବିଭିନ୍ନ ଅଞ୍ଚଳ ଗସ୍ତ କରିବା ପରେ ରାଜ୍ୟରେ ଦଳର ସଙ୍ଗଠନ ବିଷୟରେ କ'ଣ ଭାବୁଛନ୍ତି ?

**ନଡ୍ଡା–**ରାଜ୍ୟ ଭାଜପା ଶାଖା ତଥା ଆମ ସଙ୍ଗଠନ ୨୦୧୯ ନିର୍ବାଚନ ତୁଳନାରେ ଏବେ କ୍ଷେତ୍ରସ୍ତରରେ ଭଲ ସ୍ଥିତିରେ ଥିବାରୁ ସମସ୍ତଙ୍କ ଆତ୍ମବିଶ୍ୱାସ ବଢ଼ିଛି। ସେସବୁ ଦେଖି ମୋର ମଧ୍ୟ ବ୍ୟକ୍ତିଗତ ସ୍ତରରେ ଆତ୍ମବିଶ୍ୱାସ ବୃଦ୍ଧିପାଇଛି। ଉଭୟ ବିଧାନସଭା ଓ ଲୋକ ସଭା ନିର୍ବାଚନମଣ୍ଡଳୀରେ ବୁଥ୍‌ସ୍ତରରେ ଆମ ସଙ୍ଗଠନ ମଜଭୁତ ଅଛି।

**ପ୍ରଶ୍ନ–** ହିନ୍ଦୁତ୍ୱ ଓ ମୋଦିଙ୍କ କାର୍ଯ୍ୟକ୍ରମକୁ ଦେଖିଲେ ଭାଜପାକୁ ଆଦର୍ଶଗତ ଦଳ ଭାବେ ଲୋକମାନେ ବିଚାର କରିଥାଆନ୍ତି। ଅନ୍ୟପକ୍ଷରେ ବିଜେଡି ଏକ ଆଞ୍ଚଳିକ ଦଳ ହୋଇଥିବାରୁ ଏହାର କାର୍ଯ୍ୟକ୍ରମ କେବଳ ରାଜ୍ୟ ଭିତରେ ସୀମିତ। ତେବେ ବିଜେଡିଠାରୁ ଆପଣଙ୍କ ଦଳର ଆଦର୍ଶଗତ ଭିନ୍ନତା କ'ଣ ?

**ନଡ୍ଡା–**ଭାଜପା ହେଉଛି ଏକ ଜାତୀୟ ଦଳ। ଏହାର ମୂଳ ଲକ୍ଷ୍ୟ ହେଉଛି 'ଦେଶ ଆଗ'। ଏହି ସମାନ ସମୟରେ କହିହେବ ଯେ, ଦେଶର ବିକାଶ ଲାଗି ଆଞ୍ଚଳିକ ଅସନ୍ତୁଳନତା ଯଥାସମ୍ଭବ କମ୍ କରିବା ଉପରେ ଭାଜପା ବିଶ୍ୱାସ କରିଥାଏ। ଆମେ ସର୍ବଦା ଆଞ୍ଚଳିକ ଦଳଗୁଡ଼ିକ ସହ ଉତ୍ତମ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିଆସିଛୁ। ଦେଶର ବହୁବିଧ ବିକାଶରେ ଆଞ୍ଚଳିକ ଦଳଗୁଡ଼ିକର ଯୋଗଦାନକୁ ମଧ୍ୟ ଗୁରୁତ୍ୱ ଦେଇଥାଉ।

**ପ୍ରଶ୍ନ–** ଗତ କିଛିଦିନ ଧରି ବିଜେଡିର ବହୁ ବିଧାୟକ, ମନ୍ତ୍ରୀ ଏବଂ ନେତା ଆସି ଭାଜପାରେ ଯୋଗ ଦେଉଛନ୍ତି। ଭାଜପାରେ ସେହି ପୂର୍ବତନ ବିଜେଡି ନେତାମାନେ ଯୋଗଦେବା ପରେ ସେମାନଙ୍କୁ ଦଳ ତୁରନ୍ତ ଟିକେଟ ଦେଇଛି। ସେହି ଦଳବଦଳକାରୀଙ୍କ ଆଦର୍ଶଗତ ବିଚାରଧାରାକୁ ନେଇ ଭାଜପା କେବେ ତର୍ଜମା କରିଛି କି? ସେମାନେ ଏମିତି କ'ଣ କରିଛନ୍ତି ଯେ, ଦଳରେ ଯୋଗ ଦେଉଦେଉ ସେମାନଙ୍କୁ ଭାଜପା ଟିକେଟ ଦେଇଦେଲା ?

**ନଡ୍ଡା–** ଏହା ସତ୍ୟ ଯେ, କେତେକ ବର୍ତ୍ତମାନ ଓ ପୂର୍ବତନ ବିଧାୟକ ବିଜେଡି ଛାଡ଼ି ଆସି ଭାଜପାରେ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଦଳ ଟିକେଟ ଦେଇଛି। ବାସ୍ତବରେ ସେମାନଙ୍କ ଅତୀତ ଓ ଆଦର୍ଶଗତ ଚିନ୍ତାଧାରା ବିଷୟରେ ପୁଙ୍ଖାନୁପୁଙ୍ଖ ତର୍ଜମା କରିଛୁ। ହେଲେ ବିଜୟ ସମ୍ଭାବନା ଥିବା ନେତାଙ୍କୁ ଦେଖି ଦଳ ପକ୍ଷରୁ ଟିକେଟ ଦିଆଯାଇଛି।

**ପ୍ରଶ୍ନ–** ସମୟ ଥିଲା ବହୁ ଲୋକ କଂଗ୍ରେସରେ ଯୋଗ ଦେଉଥିଲେ। କିନ୍ତୁ ସ୍ୱାଧୀନତା ସମୟରେ କଂଗ୍ରେସର ଯେଉଁ ବିଚାରଧାରା ଥିଲା, ଦଳବଦଳକାରୀଙ୍କ ଯୋଗୁ ସେଥିରେ ପରିବର୍ତ୍ତନ ଲକ୍ଷ୍ୟ କରାଗଲା। ଏହି ପରିପ୍ରେକ୍ଷୀରେ ଭାଜପାର ଭବିଷ୍ୟତ କ'ଣ ହେବ ବୋଲି ଭାବୁଛନ୍ତି ?

**ନଡ୍ଡା–**ଭାଜପା ଏକ କ୍ୟାଡରଭିତ୍ତିକ ରାଜନୈତିକ ଦଳ। ଆମ ଦଳରେ ଯୋଗଦେବା ଲାଗି ଲୋକଙ୍କୁ ଅନେକ ବିଷୟ ପ୍ରଭାବିତ କରିଥାଏ, ଯେଉଁଥିପାଇଁ ସେମାନେ ଏଥିରେ ରହିବାକୁ ଭଲପାଆନ୍ତି। ତେଣୁ କୌଣସି ଜଣେ ନିଜର ବ୍ୟକ୍ତିଗତ ଚିନ୍ତାଧାରାକୁ ନେଇ ଭାଜପାର ଭାବମୂର୍ତ୍ତିକୁ ପ୍ରଭାବିତ କରିବା କଷ୍ଟକର ହେବ।

**ପ୍ରଶ୍ନ–** ପାର୍ଲାମେଣ୍ଟରେ ବହୁ ବିଧେୟକ ପାରିତ ହେବାବେଳେ ବିଜେଡି ଏବଂ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟିର ଏମ୍‌ପିମାନେ ସମର୍ଥନ ଦେଇଆସୁଥିଲେ। ଭାଜପା ବିରୋଧରେ ଜାତୀୟସ୍ତରରେ ଅଣାଯାଇଥିବା ଅନେକ ପ୍ରସଙ୍ଗରେ ବିଜେଡି ସବୁବେଳେ ନୀରବତା ରକ୍ଷା କରି ଆସିଛି। ୨୦୨୪ ନିର୍ବାଚନ ପୂର୍ବରୁ ଏକ ରାଜନୈତିକ ରିଆଲାଏନ୍‌ମେଣ୍ଟ ହୋଇଥିଲା। ନିର୍ବାଚନ ଫଳାଫଳ ପ୍ରକାଶ ପରେ ସେପରି କିଛି ରାଜନୈତିକ ସମୀକରଣ ହେବ ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଆପଣ ଚିନ୍ତା କରୁଛନ୍ତି କି ?

**ନଡ୍ଡା–** ସଂସଦୀୟ ଗଣତନ୍ତ୍ରରେ କୌଣସି ବିଧେୟକ ଗୃହୀତ କରାଇବା ଲାଗି ଆମେ ସବୁଦଳର ସମର୍ଥନ ଲୋଡ଼ିଥାଉ। ସେହି ଦୃଷ୍ଟିରୁ ଦେଖିଲେ ଦେଶର ବିକାଶ ସମ୍ବନ୍ଧୀୟ ପ୍ରସଙ୍ଗକୁ ବିଜେଡି ସମେତ ଅନ୍ୟ ଯେଉଁ ରାଜନୈତିକ ଦଳଗୁଡ଼ିକ ସହଯୋଗ କରିଛନ୍ତି, ଆମେ ସେମାନଙ୍କୁ ଧନ୍ୟବାଦ ଜଣାଇଥାଉ। ମୁଁ ଆପଣଙ୍କୁ ଆଗରୁ କହିଛି ୨୦୨୪ ପୂର୍ବରୁ ସେଭଳି କୌଣସି ରାଜନୈତିକ ରିଆଲାଏନ୍‌ମେଣ୍ଟ ହୋଇ ନ ଥିଲା। ଆଉ ଏବେ ଯାହା ଜଣାପଡୁଛି ବିଜେଡି ଓ ଭାଜପା ମଧ୍ୟରେ ପ୍ରାୟ ସବୁ ନିର୍ବାଚନମଣ୍ଡଳୀରେ କଡ଼ା ମୁକାବିଲା ହେଉଛି।

**ପ୍ରଶ୍ନ–**ବହୁ ଦଳଡିଆଁଙ୍କୁ ଭାଜପା ତତ୍‌କ୍ଷଣାତ୍ ଟିକେଟ ଦେଇଛି। ଏହାର ଅର୍ଥ ନୁହେଁ କି, ଅନେକ ନିର୍ବାଚନମଣ୍ଡଳୀରେ ଆପଣଙ୍କ ସଙ୍ଗଠନ ଦୁର୍ବଳ ସ୍ଥିତିରେ ରହିଛି। ଏହା ଉପରେ କ'ଣ କହିବେ ?

**ନଡ୍ଡା–** ପୂର୍ବରୁ କହିସାରିଛି ଏହା ଠିକ୍ ନୁହେଁ। ପ୍ରାର୍ଥୀମାନଙ୍କ ବିଜୟ ସମ୍ଭାବନାକୁ ଦେଖି ଟିକେଟ ଦିଆଯାଇଛି। ମୋଟ୍ ଉପରେ କହିବାକୁ ଗଲେ ସବୁ ନିର୍ବାଚନର ମାନେ ହେଉଛି ଜିତିବା।

**ପ୍ରଶ୍ନ–** ରାମ ମନ୍ଦିର ପ୍ରତିଷ୍ଠା କରିବା ଭାଜପାର ଏକ ବଡ଼ ସ୍ୱପ୍ନ ଥିଲା, ତାହାକୁ ଖୁବ୍ କମ୍ ସମୟ ମଧ୍ୟରେ ସାକାର କରିବାରେ ଆପଣଙ୍କ ଦଳ ଓ ଆପଣ ସଫଳ ହୋଇଛନ୍ତି। ସେଥିଲାଗି ଧନ୍ୟବାଦ ଜଣାଉଛୁ। ଉତ୍ତର ଭାରତ ଲୋକଙ୍କ ମଧ୍ୟରେ ରାମ ମନ୍ଦିର ପ୍ରତିଷ୍ଠା ଖୁସି ଆଣିଦେଇଛି। କିନ୍ତୁ ଆପଣ ଯଦି ଓଡ଼ିଶାର ଯେଉଁ ଗାଁକୁ ଯିବେ ଦେଖିବେ ସବୁଠି ଗ୍ରାମଦେବୀ ଏମିତି କି ମା' ସମଲେଇ, ମା' ଜାଗୁଲେଇ, ମା' କଳରେଇ ଏବଂ ସବୁଆଡ଼େ ପ୍ରାୟ ଜଗନ୍ନାଥଙ୍କ ମନ୍ଦିର ଦେଖିବେ। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଯଦି ଆପଣଙ୍କ ଦଳ ସରକାର ଗଠନ କରେ, ତା'ହେଲେ ଆପଣ ଜଗନ୍ନାଥ ସଂସ୍କୃତିକୁ କିଭଳି ସୁରକ୍ଷା ଓ ସମ୍ମାନ ଦେବେ ?

**ନଡ୍ଡା–**ଜଗନ୍ନାଥ ହେଉଛନ୍ତି ବିଶ୍ୱ ଦେବତା। ସନାତନ ଧର୍ମରେ ଆମେ ବିଶ୍ୱାସ ରଖୁ। ଏହା ନିଶ୍ଚିତ ଯେ, ସମ୍ବିଧାନରେ ଉଲ୍ଲିଖିତ ଧର୍ମ ଓ ସଂସ୍କୃତିକୁ ଆମେ ସୁରକ୍ଷା ଦେବା ସହ ପ୍ରତ୍ୟେକ ଦେବଦେବୀଙ୍କୁ ସମ୍ମାନ ଦେଇଥାଉ।

**ପ୍ରଶ୍ନ–** ଭାଜପାର ଦୀର୍ଘ ବର୍ଷର ଲକ୍ଷ୍ୟ ବା ଯୋଜନା ଏକକ ଦେୱାନୀ ସଂହିତା(ୟୁସିସି) କାର୍ଯ୍ୟକାରୀ ହେଲେ ଏହା ଦେଶରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ଭାବୁଛନ୍ତି କି?

**ନଡ୍ଡା–**ବର୍ତ୍ତମାନ ପରିପ୍ରେକ୍ଷୀରେ ଏକକ ଦେୱାନୀ ସଂହିତା ନିତାନ୍ତ ଆବଶ୍ୟକ। ଏହା ମଧ୍ୟ ଭାଜପାର ସଂକଳ୍ପପତ୍ରରେ ଅଂଶବିଶେଷ ରହିଛି। ଆମେ ସୁନିଶ୍ଚିତ ଯେ, ଭାରତରେ ଏହା ବ୍ୟାପକ ପରିବର୍ତ୍ତନ ଆଣିପାରିବ।

**ପ୍ରଶ୍ନ–** ଓଡ଼ିଶାରେ ଚାଲିଥିବା ଏକକାଳୀନ ନିର୍ବାଚନ ନେଇ ଆପଣଙ୍କ ଆକଳନ କ'ଣ ? ଉଭୟ ଲୋକ ସଭା ଓ ବିଧାନସଭାରେ କେତେ ଆସନ ଭାଜପାକୁ ମିଳିବ ବୋଲି ଭାବୁଛନ୍ତି ?

**ନଡ୍ଡା–** ଓଡ଼ିଶାରେ ବିଧାନସଭା ଓ ଲୋକ ସଭା ନିର୍ବାଚନ ଏକକାଳୀନ ହୋଇଆସୁଛି। ଆମେ ନିଶ୍ଚିତ ଯେ, ଏଥର ଭାଜପା ଓଡ଼ିଶାରେ ଏକାକୀ ସରକାର ଗଠନ କରି ଇତିହାସ ରଚିବ। ଲୋକ ସଭା କଥା ଦେଖିଲେ ଓଡ଼ିଶାରେ ଭାଜପା ସର୍ବନିମ୍ନ ୧୭ରୁ ୧୮ ଆସନ ଜିତିବ।

**ପ୍ରଶ୍ନ–** ଆପଣଙ୍କ ଦଳ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଜଣେ ଓଡ଼ିଆଙ୍କୁ ଚେହେରା କରିବା ବିଷୟରେ କହୁଛନ୍ତି। ଯଦି ରାଜ୍ୟରେ ଭାଜପା ସରକାର ଗଠନ କରେ, ତେବେ ଦଳ କାହାକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବ ?

**ନଡ୍ଡା–**ନବନିର୍ବାଚିତ ବିଧାୟକମାନେ ଆସନ୍ତା ଜୁନ୍ ୬ରେ ମୁଖ୍ୟମନ୍ତ୍ରୀ କିଏ ହେବେ ଘୋଷଣା କରିବେ।

**ପ୍ରଶ୍ନ–** ଭାଜପା ପାର୍ଲାମେଣ୍ଟରେ ୩୩ ପ୍ରତିଶତ ମହିଳାଙ୍କୁ ସଂରକ୍ଷଣ ଦେବା ବିଷୟରେ କହିଆସୁଥିଲା। କିନ୍ତୁ ଏଥର ଆପଣଙ୍କ ଦଳ ୪୪୧ ଲୋକ ସଭା ଆସନ ମଧ୍ୟରୁ ମାତ୍ର ୭୦ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଛି, ଯାହା ୧୫.୮୭ ପ୍ରତିଶତ। ଏ ନେଇ କ'ଣ କହିବେ ?

**ନଡ୍ଡା–** ଆସନ୍ତା ନିର୍ବାଚନରେ ଏହି ପ୍ରତିଶତ ବହୁ ମାତ୍ରାରେ ବଢ଼ିବ।

**ପ୍ରଶ୍ନ–** ବିଭିନ୍ନ ପର୍ଯ୍ୟାୟରେ ଅଦ୍ୟାବଧି ହୋଇଥିବା ନିର୍ବାଚନରେ ମତଦାନ ହାର କମ୍ ରହୁଥିବା ଦେଖାଯାଉଛି। ଭାଜପାଠାରୁ ଲୋକମାନେ ମୁହଁ ଫେରାଉଥିବାର ଏହା ସଙ୍କେତ କି?

**ନଡ୍ଡା–** କମ୍ ମତଦାନ ହାରର ପ୍ରଭାବ କେବଳ ଭାଜପା ଉପରେ ପଡୁନାହିଁ। ଆସନ୍ତା ପର୍ଯ୍ୟାୟ ନିର୍ବାଚନରେ ଅଧିକ ମତଦାନ ପାଇଁ ସମସ୍ତେ ଚେଷ୍ଟା କରିବା ଦରକାର।

> **ଭାଜପା ହେଉଛି ଏକ ଜାତୀୟ ଦଳ। ଏହାର ମୂଳ ଲକ୍ଷ୍ୟ ହେଉଛି 'ଦେଶ ଆଗ'। ଏହି ସମାନ ସମୟରେ କହିହେବ ଯେ, ଦେଶର ବିକାଶ ଲାଗି ଆଞ୍ଚଳିକ ଅସନ୍ତୁଳନତା ଯଥାସମ୍ଭବ କମ୍ କରିବା ଉପରେ ଭାଜପା ବିଶ୍ୱାସ କରିଥାଏ। ଆମେ ସର୍ବଦା ଆଞ୍ଚଳିକ ଦଳଗୁଡ଼ିକ ସହ ଉତ୍ତମ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିଆସିଛୁ। ଦେଶର ବହୁବିଧ ବିକାଶରେ ଆଞ୍ଚଳିକ ଦଳଗୁଡ଼ିକର ଯୋଗଦାନକୁ ମଧ୍ୟ ଗୁରୁତ୍ୱ ଦେଇଥାଉ।**

**ଏଥର ଭାଜପା ଓଡ଼ିଶାରେ ସରକାର ଗଠନ କରିବ। ଲୋକ ସଭା କଥା ଦେଖିଲେ ସର୍ବନିମ୍ନ ୧୭ରୁ ୧୮ ଆସନ ଭାଜପା ଜିତିବ।**

**ଭାଜପାର ନବନିର୍ବାଚିତ ବିଧାୟକମାନେ ଆସନ୍ତା ଜୁନ୍ ୬ରେ ମୁଖ୍ୟମନ୍ତ୍ରୀ କିଏ ହେବେ ଘୋଷଣା କରିବେ।**



ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସହ 'ଧରିତ୍ରୀ'ର ଉପବାର୍ତ୍ତା ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ ଓ ଖବରଦାତା ସୁନିତ୍ ମିଶ୍ର। **(ଫଟୋ: ବିକାଶ ନାୟକ)**

## ବେରୋଜଗାରି ଯୋଗୁ ଓଡ଼ିଆ ଦାଦନ ଯାଉଛନ୍ତି: ହିମନ୍ତ

**ରାଇରଙ୍ଗପୁର, ୨୮।୫(ମାନସ ମହାନ୍ତି)**

ବେରୋଜଗାରି ଯୋଗୁ ଓଡ଼ିଆ ଯୁବତୀଯୁବକ ଗୁଜୁରାଟ ଏବଂ ଆସାମ ଭଳି ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି। ମୟୂରଭଞ୍ଜ ଜିଲା ବହଲଦା ବ୍ଲକ କାଙ୍କିପଡ଼ିଆଠାରେ ମଙ୍ଗଳବାର ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ହିମନ୍ତ ଯୋଗଦେଇ ବିଜେଡି ସରକାରଙ୍କ ଅମଳରେ ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣ ଏବଂ ଶିକ୍ଷିତ ଯୁବତୀ ଯୁବକମାନଙ୍କ ନିଯୁକ୍ତି କ୍ଷେତ୍ରରେ ଅବହେଳିତ ହୋଇଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କର ଅତି ଘନିଷ୍ଠ କାର୍ତ୍ତିକ ପାଣ୍ଡିଆନଙ୍କ ଯୋଗୁ ଓଡ଼ିଶାର ଆଜି ଏଭଳି ଅବସ୍ଥା ବୋଲି କହି ହିମନ୍ତ ରାଜ୍ୟ ସରକାରକୁ ତୀବ୍ର ସମାଲୋଚନା କରିଛନ୍ତି।

ନବଓଡ଼ିଶା ଗଠନ ସକାଶେ ଡବଲ ଇଞ୍ଜିନ ସରକାର ଆବଶ୍ୟକ ବୋଲି କହିବା ସହ ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ଏବଂ ଚାରି ଦ୍ୱାର ଖୋଲାଯିବା ସମ୍ପର୍କରେ ହିମନ୍ତ ପ୍ରଶ୍ନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସମ୍ପାଦକ ନବୀନ କୁମାର ରାମ, ମୟୂରଭଞ୍ଜ ଏମ୍‌ପି ପ୍ରାର୍ଥୀ ନବ ଚରଣ ମାଝୀ ଏବଂ ରାଇରଙ୍ଗପୁର ବିଧାୟକ ପ୍ରାର୍ଥୀ ଜଲେନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଜନସଭାରେ ରାଇରଙ୍ଗପୁର ବିଧାନ ସଭା ନିର୍ବାଚନମଣ୍ଡଳୀର ତିରିଂ, ଯାମଦା ଏବଂ ବହଲଦା ବ୍ଲକ ଅଞ୍ଚଳର ମହିଳା ଓ ଯୁବ କର୍ମୀମାନେ ଯୋଗ ଦେଇଥିଲେ।

## ଭଡ଼ାରେ ଆସୁଥିବା ନେତାଙ୍କୁ ଜବାବ ଦିଅ: ଧର୍ମେନ୍ଦ୍ର

**ବାରିପଦା, ୨୮।୫**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଭଡ଼ାରେ ନେତାଙ୍କୁ ଆଣି ଶାସନ ଚଳାଉଥିବା ବିଜେଡି ସରକାରକୁ ଉଚିତ ଜବାବ ଦିଅ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମୟୂରଭଞ୍ଜ ଜିଲା ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀର ତାଳପଦାଠାରେ ଆୟୋଜିତ ଭାଜପାର ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେଇ ଧର୍ମେନ୍ଦ୍ର ଏହା କହିଛନ୍ତି। କ୍ରୀତଦାସ ହୋଇ ମୁଣ୍ଡ ନୁଆଁଇବାକୁ ଚାହୁଁଛ ନା ଡବଲ ଇଞ୍ଜିନ ସରକାର ହେବା ଦରକାର ବୋଲି ସେ ଭୋଟରଙ୍କୁ ପ୍ରଶ୍ନ କରିଥିଲେ। ଦୁର୍ବଳତା ଓ ନିର୍ଭରତା ପାଇଁ ଭଡ଼ାରେ ଅଣଓଡ଼ିଆଙ୍କୁ ଆଣି ରାଜ୍ୟ ସରକାର ନେତା ବନାଇଛନ୍ତି। ମାଇକ୍, ଟେଣ୍ଟ, ଚୌକି, ଫଟୋ ଗ୍ରାଫର ଭଡ଼ାରେ ଅଣାଯାଏ। ମାତ୍ର ନେତା କେତେବେଳେ ଭଡ଼ାରେ ଅଣାଯାଏ ବୋଲି ଧର୍ମେନ୍ଦ୍ର ଜନସମାବେଶରେ ପ୍ରଶ୍ନ ପଚାରିଥିଲେ। ନବୀନ ପଟ୍ଟନାୟକ ଅଣଓଡ଼ିଆଙ୍କୁ ଭଡ଼ାରେ ଆଣି ନେତା ବନାଇବାକୁ ଅପଚେଷ୍ଟା କରୁଛନ୍ତି। ବାହାର ନେତା ମୁଖ୍ୟମନ୍ତ୍ରୀ ହେବେ ନା ଓଡ଼ିଶାର ପୁଅ ମୁଖ୍ୟମନ୍ତ୍ରୀ ହେବା ଉଚିତ ବୋଲି ସେ ପଚାରିଥିଲେ। ଘରକୁ ନଳ ଯୋଗେ ପାଣି ଯୋଗାଇ ଦିଆଯାଉଛି କି ନାହିଁ, ଚାଷ ଜମିରେ ଜଳସେଚନ ହେଉଛି କି ନାହିଁ, ସ୍କୁଲରେ ଶିକ୍ଷକ ଓ ଡାକ୍ତରଖାନାରେ ଡାକ୍ତର ଅଛନ୍ତି କି ନାହିଁ, କାମଧନ୍ଦା ମିଳୁଛି କି ନାହିଁ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ ପଚାରିଥିବା ବେଳେ ଉତ୍ତରରେ ଭୋଟରମାନେ ନା ବୋଲି କହିଥିଲେ। ବ୍ରିଟିଶମାନଙ୍କ ନିକଟରେ ଓଡ଼ିଆମାନେ ମୁଣ୍ଡ ନୁଆଇଁ ନ ଥିବା ବେଳେ ତାମିଲ ପାଖରେ ମୁଣ୍ଡ ନୁଆଁଇବା କି ବୋଲି ପ୍ରଶ୍ନ ପଚାରି ଏହାର ଜବାବ ଭୋଟ ମାଧ୍ୟମରେ ଦେବାକୁ ଧର୍ମେନ୍ଦ୍ର ନିବେଦନ କରିଥିଲେ।

## ଭାଜପାରେ ମିଶିଲେ ଜଗତ୍‌ସିଂହପୁର ଜିଲା ବିଜୁ ଯୁବ ଜନତା ଦଳ ସଭାପତି

**ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)**

ବୁଧବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଜଗତ୍‌ସିଂହପୁର ଜିଲା ବିଜୁ ଯୁବ ଜନତା ଦଳ ସଭାପତି ସୌମ୍ୟଜିତ୍ ମହାପାତ୍ର ଆନୁଷ୍ଠାନିକ ଭାବେ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ମହାପାତ୍ରଙ୍କ ସହ ଜିଲା ସମ୍ପାଦକ ସୁନୀଲ କୁମାର ବିଶ୍ୱାଳ, ବିଶ୍ୱଭୂଷଣ ସାସ୍‌ମଲ, ଜିଲା ସମ୍ପାଦକ ଅରୁଣ କୁମାର ମହାନ୍ତି, ଲଗ୍ନଜିତ୍ ମହାପାତ୍ର, ମନୋରଞ୍ଜନ ଦାସ, ଜିଲା ସାଧାରଣ ସମ୍ପାଦକ ଦୀପକ କୁମାର ଦାସ, ସୁଶାନ୍ତ କୁମାର ସ୍ୱାଇଁ, ବାଦଲ କୁମାର ବାରିକ, କାର୍ତ୍ତିକ ଦାସ ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ମିଶିଛନ୍ତି। କେନ୍ଦ୍ରମନ୍ତ୍ରୀ ତଥା ସାଧାରଣ ସମ୍ପାଦକ ଭୂପିନ୍ଦର ଯାଦବ, ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ଦାସ ଉତ୍ତରୀୟ ପିନ୍ଧାଇ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ଏହି ଅସବରରେ ଭୂପିନ୍ଦର ଯାଦବ କହିଛନ୍ତି, ଓଡ଼ିଶାରେ ଚାଲିଥିବା ଅଣଓଡ଼ିଆ ଶାସନକୁ ସମୂଳେ ଧ୍ୱଂସକରି ଭାଜପା ସରକାର ଗଠନ କରିବା ରାଜ୍ୟବାସୀଙ୍କ ଲକ୍ଷ୍ୟ। ବିଜେଡି ୨୫ ବର୍ଷ ଧରି ଅନ୍ୟାୟ, ଅନୀତି, ଦୁର୍ନୀତି, ଭ୍ରଷ୍ଟାଚାର ଚଳାଇଛି। ବ୍ୟଭିଚାରୀ ଶାସନକୁ ହଟାଇବା ପାଇଁ ଓଡ଼ିଶାର ଲୋକମାନେ ସଚେତନ ହୋଇଛନ୍ତି। ଏଥିଲାଗି ବିଜେଡିର ଶତାଧିକ ନେତା ଓ କାର୍ଯ୍ୟକର୍ତ୍ତା ଭାଜପାରେ ଯୋଗଦେଇଛନ୍ତି।

## ସଂକ୍ଷେପରେ

### ଜଙ୍ଗଲରେ ଯୁବକଙ୍କ ମୃତଦେହ, ହତ୍ୟା ସନ୍ଦେହ

ନୂଆପଡ଼ା,୨୮।୫(ମକାରୁ ବେମାଲ): ନୂଆପଡ଼ା ଜିଲା ସୁନାବେଡ଼ା ଅଭୟାରଣ୍ୟ କୋମନା ଥାନା ସୋସେଙ୍ଗ ପଞ୍ଚାୟତ ଗୋତମା ନିକଟ ନାଥନିସିଲ ଜଙ୍ଗଲରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖାଯାଇଛି। ହେଲେ ସୁନାବେଡ଼ା ଅଭୟାରଣ୍ୟ ମାଓବାଦୀପ୍ରବଣ ଅଞ୍ଚଳ ହୋଇଥିବାରୁ ଭୟରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡିଛି। ମୃତକଙ୍କ ପରିଚୟ ମିଳିନାହିଁ। ସୂଚନା ଅନୁଯାୟୀ ଉକ୍ତ ଜଙ୍ଗଲରେ ଯୁବକଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବାରୁ କେହି ହତ୍ୟା କରିଥିବା ସ୍ଥାନୀୟ ଲୋକେ ସନ୍ଦେହ କରିଛନ୍ତି। ଅପରାହ୍ନରେ ଖବର ଜଣାପଡିଥିଲେ ମଧ୍ୟ ମାଓବାଦୀ ଭୟରେ ପୋଲିସ ସେଠାକୁ ଯାଇ ନାହିଁ। ଏ ସମ୍ପର୍କରେ କୋମନା ଥାନା ଅଧିକାରୀ ସୁମନ୍ତ ନାଏକ କହିଛନ୍ତି, ଏ ନେଇ କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ହେବା ପରେ ବୁଧବାର ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ ସହ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।

### ରାଜସ୍ୱ ନିରୀକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କୋକସରା,୨୮।୫ (ଦୁଷ୍ମନ୍ତ କୁମାର ପାଇଯୋଷୀ): କଳାହାଣ୍ଡି ଜିଲା କୋକସରା ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ କୁସୁମଖୁଣ୍ଟି ରାଜସ୍ୱ ନିରୀକ୍ଷକ ଅଗ୍ନି କୁମାର ନାଏକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ, ରାଜସ୍ୱ ସୁପରଭାଇଜର ଅଜୟ ରାଜ ଶିଖା, ମୁଖ୍ୟ କିରାଣି ଧବଳେଶ୍ୱର ବେହେରା, କୁସୁମଖୁଣ୍ଟି ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ବୈଷ୍ଣବ ଗୁରୁ, ଡହଗାଁ ରାଜସ୍ୱ ନିରୀକ୍ଷକ ରାଧା ଗୋବିନ୍ଦ ପଟ୍ଟନାୟକ, ଗୋତମୁଣ୍ଡା ରାଜସ୍ୱ ନିରୀକ୍ଷକ ଛନ୍ଦା ଚରଣ ଖମାରିଙ୍କ ସମେତ ତହସିଲ କର୍ମଚାରୀ ଉପେନ୍ଦ୍ର ନାଏକ, ପ୍ରମୋଦ କୁମାର ମାଝି ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଆର୍‌ଆଇ ନାଏକଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

### ରାସ୍ତା ମରାମତି ଦାବି



କୋମନା,୨୮।୫(ସୋବିନ ଛତ୍ରିଆ): ନୂଆପଡ଼ା ଜିଲା କୋମନା ବ୍ଲକ ଟିକ୍ରାପଡ଼ା ହାଟପଦା ପଡ଼ାରୁ ମାଷ୍ଟରପଡ଼ା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବହୁଦିନ ତଳେ ରାସ୍ତା କାମ ହୋଇଥିବାବେଳେ ଏବେ ଅଧିକାଂଶ ସ୍ଥାନରେ ମେଟାଲ ଓ ଚିପ୍‌ସ ବାହାରି ଗର୍ତ୍ତ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ଗାଁର ଶତାଧିକ ଲୋକ ନିର୍ଭର କରୁଛନ୍ତି। ହେଲେ ଖାଲଖମା ପୂର୍ଣ୍ଣ ରାସ୍ତାରେ ଯିବାବେଳେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ବର୍ଷାଦିନ ଆସୁଥିବାରୁ ତୁରନ୍ତ ରାସ୍ତା ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଅବ୍ୟବସ୍ଥା ମଧ୍ୟରେ କୃଷି ଉଦ୍ୟାନ କେନ୍ଦ୍ର

**ଶୀତଳଭଣ୍ଡାର ଅଭାବରୁ ବିହନ ନଷ୍ଟ**

ଭବାନୀପାଟଣା,୨୮।୫ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୟପାଟଣା କୃଷି ଉଦ୍ୟାନ କାର୍ଯ୍ୟାଳୟ ଏବେ ଅବ୍ୟବସ୍ଥା ମଧ୍ୟରେ ଚାଲିଛି । ପୂର୍ବରୁ ଜୟପାଟଣା ବ୍ଲକରେ କୃଷି ଉଦ୍ୟାନ କାର୍ଯ୍ୟାଳୟ ନ ଥିଲା। ଏହାକୁ ଦୃଷ୍ଟିରେ ରଖି ସରକାର ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଏକ କାର୍ଯ୍ୟାଳୟ ନିର୍ମାଣ କଲେ। ହେଲେ ନିର୍ମାଣ ହେବାର କିଛିବର୍ଷ ପର୍ଯ୍ୟନ୍ତ ଏହି କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇ ନ ଥିଲା। ଏ ନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିବାରୁ ପ୍ରାୟ କିଛି ବର୍ଷ ହେବ ଉକ୍ତ ଅଫିସ କାର୍ଯ୍ୟକାରୀ ହୋଇଆସୁଛି।



ନଷ୍ଟ ହେବାକୁ ବସିଥିବା ଅଦା।

କାର୍ଯ୍ୟାଳୟ ନିର୍ମାଣ ହେଲା ସତ ହେଲେ ଏ ପର୍ଯ୍ୟନ୍ତ ଆବଶ୍ୟକତା ଅନୁସାରେ ଆନୁଷଙ୍ଗିକ ବ୍ୟବସ୍ଥା ହୋଇପାରିନାହିଁ। ଏଠାରେ ଶୌଚାଳୟ ଥିଲେ ବି କାମରେ ଆସୁନାହିଁ। ଶୌଚାଳୟରେ ଅଦା ଓ ହଳଦୀ ଭର୍ତ୍ତି କରାଯାଇଛି। ଏହି ଅଫିସରେ ଏକ ଶୀତଳଭଣ୍ଡାର ଆବଶ୍ୟକ ଥିବାବେଳେ ତାହା ମଧ୍ୟ ହୋଇନାହିଁ। କାର୍ଯ୍ୟାଳୟକୁ ଲକ୍ଷାଧିକ ଟଙ୍କାର ବିଭିନ୍ନ କିସମର ଚାରା ଓ ସାମଗ୍ରୀ ଆସୁଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେଉଛି। ଜଣେ ମାତ୍ର ମହିଳା କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟାଳୟ ଚାଲିଛି। ଅନ୍ୟପଟେ ଚାଷୀଙ୍କ ପାଇଁ ଆସିଥିବା ହଳଦୀ ଓ ଅଦା ଚାରା ବଣ୍ଟନ କରିବା ପରିବର୍ତ୍ତେ ବିଭାଗୀୟ କର୍ମଚାରୀ ଘର ଭିତରେ ରଖୁଥିବାରୁ ତାହା ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜୟପାଟଣା ସହକାରୀ ଉଦ୍ୟାନ ଅଧିକାରୀ ପିଙ୍କି ଜାଲଙ୍କୁ ପଚାରିବାରୁ ସେ କହିଥିଲେ, ଏକ ବିହନ ସଂରକ୍ଷଣ ଘର ନିର୍ମାଣ ପାଇଁ ଉପରିସ୍ଥ ଜିଲା ଅଧିକାରୀଙ୍କୁ ଅବଗତ କରିଛୁ। ସେହିପରି କୃଷକ ସାଥୀ ଜରିଆରେ ଆମେ ଚାଷୀଙ୍କୁ ବିହନ ବଣ୍ଟନ ବିଷୟରେ ସୂଚନା ଦେଉଛୁ, କିଏ ଆସୁଛି ତ କିଏ ନ ଆସୁଛି ବୋଲି କହିଥିଲେ।

# ଟ୍ରକ୍ ଦୁର୍ଘଟଣା: ଡ୍ରାଇଭର ମୃତ, ହେଲ୍‌ପର ଗୁରୁତର

ନୂଆପଡ଼ା/ବୋଡେନ,୨୮।୫ (ମକାରୁ ବେମାଲ/ଟିକେଶ୍ୱର ନାଗ)



ବିଜୁ ଏକ୍ସପ୍ରେସ ୱେର ନୂଆପଡ଼ା ଜିଲା ବୋଡେନ ଥାନା ଖଇରା ପଞ୍ଚାୟତ ପୋଡ଼ାଖୁଟ ନିକଟରେ ମଙ୍ଗଳବାର ଟ୍ରକ୍ ଦୁର୍ଘଟଣାରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବାବେଳେ ହେଲପର ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ରାୟଗଡା ଜିଲା କାଶୀପୁର ଥାନା ମାଣ୍ଡବିଶି ଗାଁର ତିରୁପତି ସିଂ। ଗୁରୁତର ହେଲପର କୈଳାଶ ଧଙ୍ଗଡାମାଝିଙ୍କୁ ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ମୁତାବକ ମଙ୍ଗଳବାର ଭୋର ୪ଟା ସମୟରେ ଧାଡି ବାନ୍ଧି ଅନେକଗୁଡିଏ ମାଲବୋଝେଇ ଟ୍ରକ ବିଜୁ ଏକ୍ସପ୍ରେସ ଫୋର ୱେରେ ନୂଆପଡ଼ା ପଟୁ ସିନାପାଲି ଯାଉଥିଲେ। ସେହି ସମୟରେ ଆଗ ଟ୍ରକ୍ ବ୍ରେକ୍ ଦେବାରୁ ପଛ ଟ୍ରକ୍ ଯାଇ ପିଟି ହୋଇଥିଲା। ସେହି ଟ୍ରକ୍‌କୁ ପଛରେ ଥିବା ଟ୍ରକ୍ ଧକ୍କା ଦେବାରୁ ଡ୍ରାଇଭର ଓ ହେଲପର ଗାଡି ଭିତରେ ଚାପି ହୋଇ ରହିଥିଲେ। ଖବର ପାଇ ବୋଡେନ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତମାନଙ୍କୁ ଉଦ୍ଧାର କରି ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡ୍ରାଇଭର ସିଂଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ହେଲପର ଧଙ୍ଗଡାମାଝି ଚିକିତ୍ସାଧୀନ ଅଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି ।



ଜିଲାସ୍ତରୀୟ ବେଲ୍ଟ ପରୀକ୍ଷାରେ କୃତୀ ଛାତ୍ରୀଛାତ୍ର।

# ଜିଲାସ୍ତରୀୟ ବେଲ୍ଟ ପରୀକ୍ଷା ଉଦ୍‌ଯାପିତ

ଭବାନୀପାଟଣା, ୨୮।୫ (ଉତ୍ତମ କୁମାର ଦାଶ)

କଳାହାଣ୍ଡି କରାଟେ ସ୍କୁଲ ପକ୍ଷରୁ ଜିଲାସ୍ତରୀୟ ବେଲ୍ଟ ପରୀକ୍ଷା ମଙ୍ଗଳବାର ଭବାନୀପାଟଣା ହାଇଟେକ୍ ପବ୍ଲିକ୍ ସ୍କୁଲଠାରେ ଉଦ୍‌ଯାପିତ ହୋଇଯାଇଛି। କଳାହାଣ୍ଡି ଶାଖାର ଏସ୍.ଏସ୍. ହରିଚନ୍ଦନଙ୍କ ଅନୁମତିକ୍ରମେ ଜିଲାର ମୁଖ୍ୟ ପରୀକ୍ଷକ କେ.ସି. ସାହୁ ବ୍ଲାକ୍ ବେଲ୍ଟ ଓ କଲର ବେଲ୍ଟ ପରୀକ୍ଷା ନେଇଥିଲେ। ଏହି ପରୀକ୍ଷାରେ ୨୫ଜଣ ଛାତ୍ରୀଛାତ୍ର ଭାଗନେଇଥିଲେ। ସେମାନଙ୍କ ମଧ୍ୟରେ ଅମିତାଭ ନାଏକ, ଆଇଶା ସିଂ, ରବିଶ ପ୍ରତାପ ସିଂ, ଇକଚ୍ଛା ସିଂ, ତ୍ରିଶା ସିଂ, ଆରାଧ୍ୟା କୁମାର, ଭାଗ୍ୟଶ୍ରୀ ଶତପଥୀ, ଗୌସିଭ ସିନ୍ଦୂର, ନାସିକ ତାଣ୍ଡି, ପ୍ରତୀକ କେତକୀ, ନିର୍ମାଲ୍ୟ ବାରିକ ସିଲ୍‌ଭର ବେଲ୍ଟ ପାଇଥିବା ବେଳେ ଭୁବନେ ମାଝି, ଆର୍ଯ୍ୟନ ଆୟୁଷ୍ମାନ ବେହେରା, ନିବେଦନ କୁମାର ସାହୁ, ଚୂଡ଼ାମଣି ତାଣ୍ଡି, ସୁରଜ ଗୌଡ଼, କିଷାନ ମାଝି, ଯତୀନ କୁମାର ବଗର୍ତ୍ତି ଅରେଞ୍ଜ ବେଲ୍ଟ ପାଇଛନ୍ତି। ସେହିଭଳି ବର୍ଗୀଶ ନାଏକ, ନମନ ମହାରଣା, ତୁଷାର ସାହା ଗ୍ରୀନ୍ ବେଲ୍ଟ, ଅବନ୍ତିକା ପ୍ରଧାନ ପରପଲ ବେଲ୍ଟ, ସୌହାର୍ଦ୍ଦ୍ୟ ବିହାରୀ ବ୍ରାଉନ ବେଲ୍ଟ ଓ ଆଦିତ୍ୟ ମେହେର ବ୍ଲାକ୍ ବେଲ୍ଟ ପାଇଛନ୍ତି ବୋଲି ମୁଖ୍ୟ ପରୀକ୍ଷକ ସାହୁ ସୂଚନା ଦେଇଛନ୍ତି।

### ଖଡ଼ିଆଳ ବନଖଣ୍ଡ ପକ୍ଷରୁ ହାତୀ ଗଣନା

ଖଡ଼ିଆଳ,୨୮।୫ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବନଖଣ୍ଡ ପକ୍ଷରୁ ପାଞ୍ଚଟି ବନାଞ୍ଚଳ ନୂଆପଡ଼ା, ଖଡ଼ିଆଳ, ଖରିଆର ରୋଡ, ସିନାପାଲି, କୋମନାରେ ହାତୀ ଗଣନା ଗତ ୨୨ଠାରୁ ୨୪ ତାରିଖ ପର୍ଯ୍ୟନ୍ତ କରାଯାଇଛି। ବିଶେଷକରି ଦୁଇ ଗୋଟି ପ୍ରଣାଳୀ ହାତୀର ମଳ ଓ ପାଦଚିହ୍ନ ଦେଖି ଗଣନା କରାଯାଇଥିଲା। ପାଞ୍ଚ ଗୋଟି ବନାଞ୍ଚଳର ୯୫ ଗୋଟି ବିଟ୍‌ରେ ହାତୀ ଗଣନା ହୋଇଛି। ନୂଆପଡ଼ା ଜିଲାରେ ହାତୀର ବାସସ୍ଥାନ ନ ଥିବା ବେଳେ ପଡୋଶୀ ଜିଲା ତଥା ରାଜ୍ୟରୁ ହାତୀ ଆସି ଚଳପ୍ରଚଳ କରି ଅଳ୍ପଦିନ ପରେ ନିଜ ସ୍ଥାନକୁ ଫେରିଯାଇଥାନ୍ତି। ବନ ବିଭାଗର ବହୁ କର୍ମଚାରୀ ଏହି ହାତୀ ଗଣନା କାର୍ଯ୍ୟରେ ସାମିଲ ଥିଲେ।

### ଜଳଦାନ ସେବା ଶିବିର

ଖଡ଼ିଆଳ,୨୮।୫ (ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜଳଦାନ ସେବା ଶିବିର ଅନୁଷ୍ଠିତ ହୋଇଛି। ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ନିର୍ଦ୍ଦେଶରେ ଗ୍ରୀଷ୍ମ ପ୍ରବାହରେ ଲୋକଙ୍କୁ ସେବା ଯୋଗାଇବା ପାଇଁ ଜିଲା ସଙ୍ଗଠନର ମୁଖ୍ୟ କମିଶନର, ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୋଏଙ୍କ ମାର୍ଗଦର୍ଶନରେ ଶିବିର ଆୟୋଜିତ ହୋଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ବଳଭଦ୍ର ମହାଉଡି ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମହେଶ ଦଣ୍ଡସେନା, ଜିଲା ସମ୍ପାଦକ, ରୋଶନ ପଣ୍ଡା, ଜିଲା ଅଭିବୃଦ୍ଧି ସଂଯୋଜକ ମଞ୍ଜୁଷା ମଞ୍ଜରୀ ଜଗତ, ଗାଇଡ କ୍ୟାପଟେନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖଡିଆଳ ଉପସ୍ଥିତ ଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଯୋଗ ଦେଇ ପଥିକମାନଙ୍କୁ ଥଣ୍ଡାପାଣି ପ୍ରଦାନ କରିଥିଲେ।

# ଜୀବିକା ସହାୟତା ରାଶିରୁ ବଞ୍ଚିତ ହିତାଧିକାରୀ

ନୂଆପଡ଼ା,୨୮।୫ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଦର୍ଲିପଡ଼ା ପଞ୍ଚାୟତର ବହୁ ହିତାଧିକାରୀ ଜୀବିକା ସହାୟତା ରାଶି ପାଇବାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି । ସରକାରଙ୍କ ତରଫରୁ ପ୍ରତି ରାଶନକାର୍ଡ ଧାରୀଙ୍କୁ ସହାୟତା ବାବଦକୁ ଏକହଜାର ଟଙ୍କା ଦିଆଯାଇଥିଲା। ପ୍ରତି ପଞ୍ଚାୟତର ଯୋଗାଣ ସହାୟକ ମାସିକ ଚାଉଳ ଦେବା ସମୟରେ ହିତାଧିକାରୀଙ୍କୁ ଏକହଜାର ଟଙ୍କା ଦେବା କଥା। ହେଲେ ଦର୍ଲିପଡ଼ା ପଞ୍ଚାୟତର କେତେଜଣ ହିତାଧିକାରୀଙ୍କୁ ଟଙ୍କା ଦିଆଯାଇଥିବାବେଳେ ଅନ୍ୟ କେତେଜଣ ବଞ୍ଚିତ ଅଛନ୍ତି। ଟଙ୍କା ଆସିଲେ ଘରକୁ ଯାଇ ଟଙ୍କା ଦେଇଦେବୁ ବୋଲି କୁହାଯାଇଥିଲା। ଇତିମଧ୍ୟରେ ୫ ମାସ ବିତିଯାଇଥିଲେ ମଧ୍ୟ ସହାୟତା ରାଶି ମିଳିନାହିଁ । ପଞ୍ଚାୟତର ଦର୍ଲିପଡା, ସିଲେଟପାଣି, ରେଙ୍ଗାବାହାଲ, ଜାମବାହାଲି, ହାତିସରା ଆଦି ଗାଁର ଅଧିକାଂଶ ହିତାଧିକାରୀ ଜୀବିକା ସହାୟତା ରାଶି ପାଇନାହାନ୍ତି। ଏ ସଂକ୍ରାନ୍ତରେ କୋମନା ବିଡିଓ ହିତାଂଶୁ ଶେଖର ସାମଲଙ୍କୁ ପଚାରିବାରୁ କ'ଣ ହୋଇଛି ତଦନ୍ତ କଲା ପରେ ଜଣାପଡିବ ବୋଲି କହିଥିଲେ ।

# କ୍ରିକେଟର ବିକାଶ ପାଇଁ ସମର କ୍ୟାମ୍ପ୍

ନୂଆପଡା,୨୮।୫ (ମକାରୁ ବେମାଲ)

ନୂଆପଡ଼ା ଜିଲାରେ କ୍ରିକେଟର ବିକାଶ ପାଇଁ ଯୁବବର୍ଗଙ୍କୁ ନେଇ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ସମର କ୍ୟାମ୍ପ ଆରମ୍ଭ ହୋଇଛି। ନୂଆପଡ଼ା କ୍ରିକେଟ ଆସୋସିଏଶନ ସଭାପତି ପ୍ରକାଶ ସାହୁ ଓ ସମ୍ପାଦକ ସରୋଜ କୁମାର ସାହୁଙ୍କ ପ୍ରଚେଷ୍ଟାରେ ୧୬ ବର୍ଷରୁ କମ ୪୦ଜଣ ଯୁବକ ଭାଗ ନେଇଛନ୍ତି। ଏଥିରେ ଓଡ଼ିଶା କ୍ରିକେଟ ଆସୋସିଏଶନ କୋଚ ପ୍ରଭାତ ରାଉତ ଓ ଜାତୀୟ କ୍ରିକେଟ ଏକାଡେମୀ ତାଲିମଦାତା ସଞ୍ଜୟ ସାର ପ୍ରମୁଖ ଯୋଗଦେଇ ତାଲିମ ଦେଉଛନ୍ତି। ଦିନକୁ ୨ଟି ପର୍ଯ୍ୟାୟ ସକାଳ ୬ରୁ ୯ ଓ ଅପରାହ୍ନ ୪ରୁ ସନ୍ଧ୍ୟା ପର୍ଯ୍ୟନ୍ତ କ୍ୟାମ୍ପ ଚାଲୁଛି । ପିଲାମାନେ ଥିଓରୀ, ପ୍ରାକ୍ଟିକାଲ, ଫିଟନେସ ଡେମୋ କ୍ଲାସ, ରେଟ ପ୍ରାକ୍ଟିସ ଗେମ ଉପରେ ତାଲିମ ନେଉଛନ୍ତି। ଏହି କ୍ୟାମ୍ପ ଜରିଆରେ ରାଜ୍ୟସ୍ତରୀୟ ଖେଳାଳି ବାହାର କରିବା ପାଇଁ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ସମ୍ପାଦକ ସାହୁ ପ୍ରକାଶ କରିଛନ୍ତି।



ତାଲିମ ନେଉଥିବା ପିଲାମାନେ।

### ଗଛରେ ପିଟିହେଲା ବାଇକ୍, ଯୁବକ ଗୁରୁତର

କୋମନା,୨୮।୫(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ନୂଆଗାଁ ପଞ୍ଚାୟତ କାଳିମାଟି ଗାଁରେ ଗଛରେ ପିଟିହୋଇ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗାଁର ଦିଗମ୍ବର ନାଏକ (୨୯)।

# ବଦଳାଯାଉନି ଭଙ୍ଗା ବିଦ୍ୟୁତ୍ ଖୁଣ୍ଟ



ଗଛ ପଡି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ରାସ୍ତା ଅବରୋଧ ହୋଇଛି।

କୋକସରା,୨୮।୫ (ଦୁଷ୍ମନ୍ତ କୁମାର ପାଇଯୋଷୀ)

**ଯାତାୟାତ ପାଇଁ ଲୋକେ ହଇରାଣ**

୨ମାସ ତଳେ କାଳବୈଶାଖୀ ପ୍ରଭାବରେ କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ଆର୍‌ଆଇ ଅଫିସ ଦେଇ ସିର୍ଲିଗୁଡା ରାସ୍ତାକୁ ସଂଯୋଗ କରୁଥିବା ପଡ଼ା ରାସ୍ତାରେ ଏକ ବିଦ୍ୟୁତ୍ ଖୁଣ୍ଟ ସହ ଗଛ ଭାଙ୍ଗି ରାସ୍ତା ଅବରୋଧ କରିରହିଛି। ଏତେଦିନ ପରେ ମଧ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁ ବିଦ୍ୟୁତ୍ ଖୁଣ୍ଟ ବଦଳାଯାଇ ନାହିଁ। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ପଡାର ଲୋକମାନେ ରାସ୍ତାରେ ଯିବାଆସିବା ସମୟରେ ଅସୁରକ୍ଷିତ ମନେକରୁଛନ୍ତି। ଏହି ରାସ୍ତା ଦେଇ ସିର୍ଲିଗୁଡା ରାସ୍ତାକୁ ସଂଯୋଗ କରୁଥିବା ବେଳେ ଲୋକମାନେ ବିପଦସଙ୍କୁଳ କାରଣରୁ ଅନ୍ୟ ରାସ୍ତା ଦେଇ ବୁଲି ବୁଲି ଯାଉଥିବା କହିଛନ୍ତି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବ୍ରଜମୋହନ ଦଳେଇଙ୍କ ପ୍ରତିକ୍ରିୟା ନେବାରୁ କର୍ମଚାରୀଙ୍କୁ ବିଦ୍ୟୁତ୍ ଖୁଣ୍ଟ ବଦଳାଇବା ପାଇଁ କୁହାଯାଇଛି। ଦିନେ ଦୁଇଦିନ ମଧ୍ୟରେ ଭଙ୍ଗା ଖୁଣ୍ଟ ହଟାଇ ନୂତନ ଖୁଣ୍ଟ ଲଗାଇବା ସହ ଗଛ କାଟି ରାସ୍ତା ସଫା କରାଯିବ ବୋଲି କହିଛନ୍ତି।

# ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ସ୍ୱନକ୍ଷତ୍ର ଦିବସ

ଖଡ଼ିଆଳ,୨୮।୫(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳସ୍ଥିତ ଖଡିଆଳ ପାଟଣା କ୍ଷତ୍ରିୟ ସମାଜ ଭବନ ପରିସରରେ ୫୨ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ସମାଜର କୁଳପତି ସମ୍ଭୁକିଶୋର ଦଣ୍ଡସେନା ଅଧ୍ୟକ୍ଷତା କରିଥିଲେ। ସମାଜର ପୂର୍ବତନ କୁଳପତି ଜିତେନ୍ଦ୍ର ସିଂ ବାରିକ ମୁଖ୍ୟ ଅତିଥି, ବରିଷ୍ଠ ପରାମର୍ଶଦାତା ଜ୍ଞାନ ପ୍ରକାଶ ସିଂ ମୁଖ୍ୟବକ୍ତା, ଜିଲା କୃଷି ଅଧିକାରୀ ଦୀପ୍ତିମୟୀ ବାରିକ ସମ୍ମାନିତ ବକ୍ତା, ବରିଷ୍ଠ ପରାମର୍ଶଦାତା ନନ୍ଦଲାଲ ବାରିକ, ଉପକୁଳପତି ସୁରେନ୍ଦ୍ର କୁମାର ପ୍ରଧାନୀ, ମୁଖ୍ୟ ସମ୍ପାଦକ ଦିଲୀପ କୁମାର ନାଏକ, ଯୁଗ୍ମ ସମ୍ପାଦକ ଘୁମେଶ ଚଳାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ସମାଜର ଉନ୍ନତି କଳ୍ପେ କାମ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ସମ୍ପାଦକ ନାଏକ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠକ ପରମେଶ୍ୱର ବାରିକ ଅତିଥି ମାନଙ୍କୁ ମଞ୍ଚକୁ ଆବାହନ କରିଥିବା ବେଳେ ଡ. ସୁଶାନ୍ତ କୁମାର ବିଶି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଛତିଶଗଡ଼, ବଲାଙ୍ଗୀର ଓ ନୂଆପଡା ଜିଲାର ୩୦ ଗୋଟି ଅଞ୍ଚଳରୁ ସଭାପତି, ସମ୍ପାଦକ, ଦୁଇଜଣ କେନ୍ଦ୍ର ସଦସ୍ୟ ,୭ ଜଣ ମନୋନୀତ କେନ୍ଦ୍ର ସଦସ୍ୟଙ୍କ ସମେତ ଶତାଧିକ ନିମନ୍ତ୍ରିତ ସଦସ୍ୟ ଯୋଗଦାନ କରିଥିଲେ। ଶେଷରେ ସହ ସଙ୍ଗଠକ ବିଭୁତି ଭୂଷଣ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଶୁଭୁନି ଶଗଡ଼ର କେଁ କଟର ଶବ୍ଦ

ରୁପ୍ରାରୋଡ,୨୮।୫(ସଞ୍ଜୀବ ଦାସ)

ଏକଦା ଗାଁଠାରୁ ସହର ପର୍ଯ୍ୟନ୍ତ ଶଗଡ଼ର ବହୁଳ ବ୍ୟବହାର ଦେଖିବାକୁ ମିଳୁଥିଲା। ଯାତ୍ରୀ ପରିବହନଠାରୁ ଆରମ୍ଭକରି ବିଭିନ୍ନ ଜିନିଷପତ୍ର ପରିବହନ ପାଇଁ ଏକମାତ୍ର ମାଧ୍ୟମ ଥିଲା ଶଗଡ଼ ଗାଡ଼ି। ଗାଁ ଗଣ୍ଡାର ଅଧିକାଂଶ ଘରେ ଶଗଡ଼ ଗାଡ଼ି ରହିଥିଲା। କିନ୍ତୁ ବିଜ୍ଞାନର ଅଗ୍ରଗତି ଓ ଯନ୍ତ୍ରଯୁଗର ଆଗମନ ପରେ କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଞ୍ଚଳରେ ଏହା ସତେଯେପରି ଅଲୋଡ଼ା ହୋଇପଡିଛି। ଶଗଡ଼ର କେଁ କଟର ଶବ୍ଦ ଆଉ ଶୁଭୁନାହିଁ। କାଠରେ ନିର୍ମିତ ଏହି ଗାଡ଼ି ଆଧୁନିକତାର ଛାପରେ ହଜିଯିବାକୁ ବସିଛି।

ବର୍ତ୍ତମାନ ସମୟରେ ପାୱାରଟିଲର, ଟ୍ରାକ୍ଟର ଆଦି କୃଷିଭିତ୍ତିକ ଯନ୍ତ୍ରରେ ଚାଷକାମ କରି ଧାନ ଅମଳ ଓ ପରିବହନ କରିବା ସହଜ ହେଉଛି। ପୂର୍ବରୁ ଯାନିଯାତ୍ରା, ବିବାହ ତଥା ଜଙ୍ଗଲରୁ କାଠ ଆଣିବା, ବାଲି, ମାଟି, ଇଟା, ପଥର ବୋହିବା କାର୍ଯ୍ୟରେ ବ୍ୟାପକ ଭାବେ ଶଗଡ଼ିର ବ୍ୟବହାର ହେଉଥିଲା। କିନ୍ତୁ କମ୍ ସମୟ ମଧ୍ୟରେ ଯାତାୟାତ ପାଇଁ ବାଇକ୍, କାର୍, ବସ୍ ଭଳି ଯାନବାହନର ବହୁଳ ପ୍ରଚଳନ ଯୋଗୁ ଶଗଡ଼ ଗାଡି ବ୍ୟବହାର ହେଉନାହିଁ। କାଁ ଭାଁ ଗ୍ରାମାଞ୍ଚଳରେ ଗରିବ, ଆର୍ଥିକ ଦୁର୍ବଳ ଓ ସ୍ୱାବଲମ୍ବୀ ଚାଷୀ ଶଗଡ଼ ଗାଡ଼ିରେ ଧାନକ୍ଷେତରୁ ଧାନ ଅମଳକରି ଖଳାକୁ ଆଣୁଥିବାର ବିରଳ ଦୃଶ୍ୟ ଦେଖିବାକୁ ମିଳୁଛି। ପୂର୍ବରୁ ଲୋକେ ବ୍ୟବହାର କରୁଥିବା ଶଗଡ଼ ଗାଡ଼ି ଏବଂ ଏଥିରେ ଲାଗିଥିବା ଚକ ବର୍ଜ୍ୟବସ୍ତୁ ଭଳି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏଭଳି ବିରଳ ଚିତ୍ର ନୂତନ ପିଢିଙ୍କ ମନରେ ଜିଜ୍ଞାସା ଭାବ ସୃଷ୍ଟି କରୁଛି। କାରଣ ଶଗଡ଼ ନିର୍ମାଣ ପାଇଁ ବ୍ୟବହାର ହେଉଥିବା କାଠ ଏବେ ସୁଲଭ ମୂଲ୍ୟରେ ମିଳୁନାହିଁ। ବଳଦ ଚରାଇବା ପାଇଁ ଲୋକଙ୍କ ଅଭାବ ଥିବାବେଳେ ସରକାର କିମ୍ବା ସାମାଜିକ ସ୍ତରରେ ସେମିତି କୌଣସି ପ୍ରୋତ୍ସାହନ ରାଶି ମିଳୁନାହିଁ। ଫଳରେ ଲୋକେ ଶଗଡ଼ ଗାଡ଼ି ଉପରେ ନିର୍ଭରଶୀଳ ନ ହୋଇ ଟ୍ରାକ୍ଟର, ପାୱାରଟିଲର ଓ ହାର୍ଭେଷ୍ଟର ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ତେଣୁ ଶଗଡ଼ ଗାଡ଼ିର ଚାହିଦା ଗାଁଠାରୁ ସହର ପର୍ଯ୍ୟନ୍ତ କାଁ ଭାଁ ଦେଖିବାକୁ ମିଳୁଛି।



## ସଂକ୍ଷେପରେ

### ସିରଜିନା ପକ୍ଷରୁ ଗଙ୍ଗାଧର ଗୁରୁ ଜୟନ୍ତୀ ପାଳିତ



ପଦ୍ମପୁର,୨୮।୫(ପ୍ରଦୀପ୍ତ ଦାଶ): ପଦ୍ମପୁର ଅନ୍ତର୍ଗତ ସିଙ୍ଘନପୁରଠାରେ ପ୍ରଜ୍ଞା ପୁରୁଷ ସାହିତ୍ୟ ସାଧକ ଡକ୍ଟର ଗଙ୍ଗାଧର ଗୁରୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ସୁଶ୍ରୀ ଜିତେଶ୍ୱରୀ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଟ୍ୟକାର ରାଜେନ୍ଦ୍ର କୁମାର ମହାନ୍ତି, ପ୍ରାବନ୍ଧିକ ଡ଼ ଅବନୀ କାନ୍ତ ସାହୁ, କୋଷାଧକ୍ଷ ଶଙ୍କର ଶତପଥି, କବି ରମଣୀ ରଞ୍ଜନ ବିଶ୍ୱାଳ, ପ୍ରମୋଦ ଚନ୍ଦ୍ର ନାଥ, ସଂଯୋଜକ ସୁଶାନ୍ତ ମହାପାତ୍ର, ଜ୍ୟୋସ୍ନା କର, ଆଖଣ୍ଡଳ ଦାଶ, ଅଖିଳେଶ୍ୱର ପୁରୋହିତ, ନରୋତ୍ତମ ଦାଶ, ଶୁଭଙ୍କର ପୁରୋହିତ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ କୁବେର ପୁରୋହିତ ତାଙ୍କ ବାସଭବନରେ ଗଙ୍ଗା ଧର ଗୁରୁ ସମ୍ମାନରେ ସମ୍ମାନିତ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ମାଟ୍ରିକ୍ ପାସ୍ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ପଦ୍ମପୁର,୨୮।୫(ପ୍ରଦୀପ୍ତ ଦାଶ): ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶିକ୍ଷାବର୍ଷ ୨୦୨୩-୨୪ ମାଟ୍ରିକ ପରୀକ୍ଷାରେ ଏ'୧ ପାଇଥିବା ମିତ୍ରାବରୁଣ ଦାଶ, ନମ୍ରତା ମଗର ଓ ପଲକ ପାଠୀ ସମେତ ମେଧା ଓ ଭାରତୀକୃଷ୍ଣ ଗଣିତ ପ୍ରତୀଭା ପରୀକ୍ଷାରେ ଓଡ଼ିଶାର ଶ୍ରେଷ୍ଠ ଦଶମ ସ୍ଥାନ ମଧରେ ଥିବା ସପ୍ତମ ଶ୍ରେଣୀ ପ୍ରଜ୍ଞାଶ୍ରୀ ପ୍ରଧାନ, ଶୋଭିତ ସାହୁ ଓ ପଞ୍ଚମ ଶ୍ରେଣୀ ଶ୍ରଦ୍ଧାମୟୀ ସାହୁ, ସ୍ୱାଗତ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଶିକ୍ଷା ବିକାଶ ସମିତି ପରିଷଦ ସଭାପତି ଡ. ବାଞ୍ଛାନିଧି ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ବ୍ରତୀ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶ୍ୱହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତ ସଭାପତି ଭକ୍ତ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ସଭାପତି ପୃଥ୍ୱୀରାଜ ସାହୁ, ସମ୍ପାଦକ ଜନକଲାଲ ମେହେର, ସଂକୁଳ ପ୍ରମୁଖ ଦ୍ୱାଦଶ କୁମାର ପ୍ରଧାନ, ଉପସଭାପତି ଗୋପାଳ କୃଷ୍ଣ ମିଶ୍ର, ସଦସ୍ୟ ଆଶିଷ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ହୋଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ କଲ୍ୟାଣୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉକ୍ତ ସଭାରେ ଅଭିଭାବକ, ଅଭିଭାବିକା ଓ ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ।

### ପାଣିରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ତରଭା, ୨୮।୫(ମାନଭଞ୍ଜନ ମିଶ୍ର): ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ଶିବତୁଲା ଗ୍ରାମର ବାରବିଶାଳୀ ବନ୍ଧରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶିବତୁଲା ଗ୍ରାମର ହରିଜନ ପଡାର ରାଜମିସ୍ତ୍ରୀ ଈଶାକାନ୍ତ ବାରିକ(୬୫)। ତରଭା ପୋଲିସ ସୂତ୍ରରୁ ପ୍ରକାଶ ଯେ, ମଙ୍ଗଳବାର ଅଢ଼େଇଟାରେ ଈଶାକାନ୍ତ ବନ୍ଧକୁ ଶୌଚ ପାଇଁ ଯାଇଥିଲେ। ସେଠାରେ ସେ କୌଣସି କାରଣବଶତଃ ପାଣିରେ ପଡି ବୁଡି ଯାଇଥିଲେ।

# ଧାନ ବିକିବାକୁ ଆସି ଚାଷୀ ହଇରାଣ

ବରଗଡ଼,୨୮।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି। ମାତ୍ର ଏହି ପ୍ରକ୍ରିୟା ଆରମ୍ଭରୁ ଚାଷୀ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ଧାନ ଧରି ବିକ୍ରି ପାଇଁ ଚାଷୀମାନେ ମଣ୍ଡିକୁ ଆସୁଛନ୍ତି। ମାତ୍ର ଧାନକ୍ରୟ ସଂସ୍ଥା ଏବଂ ମଣ୍ଡି କର୍ମଚାରୀଙ୍କୁ ସ୍ୱେଚ୍ଛାଚାରିତା ଯୋଗୁ ବହୁ ହଇରାଣ ହେବାକୁ ପଡୁଛି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ଗ୍ରେଡ଼ିଂ, କଟନିଛଟନି ଆଦି ଆଳ ଦେଖାଇ ମଣ୍ଡିକୁ ଆଣୁଥିବା ଧାନକୁ ତୁରନ୍ତ ମଣ୍ଡି କାଗଜାତ୍‌ରେ ଏଣ୍ଟ୍ରି କରାଯାଉ ନାହିଁ । ଅନ୍ୟପଟେ ସେଭଳି ଆଳ ଦେଖାଇ କମିଶନି କାରବାର ପାଇଁ ପରୋକ୍ଷରେ ବେପାରୀ ମାଧ୍ୟମରେ ସିଧାସଳଖ ରାଇସ ମିଲକୁ ଧାନ ନେଇ ଫଲ୍ସ ଏଣ୍ଟି କରିବାକୁ ବାଧ୍ୟ କରାଯାଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଚାଷୀ ଅସନ୍ତୋଷର ନିଆଁ କୁହୁଳୁ ଥିବାବେଳେ ଏ ଦିଗରେ ତ୍ୱରିତ୍ ପଦକ୍ଷେପ ନିଆ ନ ଗଲେ ସୋମବାର ଅତାବିରା ନିୟନ୍ତ୍ରୀତ ବଜାର କମିଟି ଅଧୀନ ସହରାଟିକ୍ରା ମଣ୍ଡିରେ ମହିଳାଙ୍କ ମଧ୍ୟରେ ଯେଭଳି ହାତାହାତି ହୋଇ ଅପ୍ରୀତିକର ପରିସ୍ଥିତି ଉପୁଜିଲା, ସେଭଳି ସ୍ଥିତି ଅନ୍ୟ ମଣ୍ଡିରେ ମଧ୍ୟ ଉପୁଜିବାର ସମ୍ଭାବନା ରହିଛି।



ପାଣିମୋରା ଧାନକ୍ରୟ କେନ୍ଦ୍ରରେ ଚାଷୀମାନେ ଧାନ ଜଗି ରହିଛନ୍ତି ।

ଗତ ଏପ୍ରିଲ ୧୬ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଧାନ ସଂଗ୍ରହ କମିଟି ବୈଠକ ବସିଥିଲା। ବୈଠକରେ ଧାନବିକ୍ରି ସମୟରେ ଚାଷୀମାନେ ଯେଭଳି କୌଣସି ହଇରାଣ ହରକତ ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ଦୃଷ୍ଟି ରଖି ଦାୟିତ୍ୱ ସମ୍ପନ୍ନ ଭାବେ କାର୍ଯ୍ୟ ସମ୍ପାଦନ କରିବାକୁ ଜିଲାପାଳ ଆଦିତ୍ୟ ଗୋୟଲ ଧାନକ୍ରୟ ସଂସ୍ଥା, ନିୟନ୍ତ୍ରୀତ ବଜାର କମିଟି କର୍ମଚାରୀମାନଙ୍କୁ ରୋକଠୋକ୍ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ବିଭିନ୍ନ ମଣ୍ଡିରେ ଧାନକ୍ରୟ ସଂସ୍ଥା, ମଣ୍ଡି କର୍ମଚାରୀ, ବେପାରୀ ଏବଂ ମିଲର୍ସଙ୍କ ମିଳିଭଗତ୍ ତଥା ସ୍ୱେଚ୍ଛାଚାରିତା ଯୋଗୁ ଧାନ ବିକ୍ରି ପାଇଁ ମଣ୍ଡିକୁ ଆସି ଚାଷୀମାନେ ବହୁ ହଇରାଣ ହେଉଥିବା ଅଭିଯୋଗ ହୋଇଛି।

ବରଗଡ଼ର ଚାଷୀ ସଙ୍ଗଠନ ଜୟ କିଶାନ

**ମଣ୍ଡି କର୍ମଚାରୀ-ମିଲର୍ସ ଏଜେଣ୍ଟଙ୍କ ମଧୁଚନ୍ଦ୍ରିକା**

ଆନ୍ଦୋଳନର ସମ୍ପାଦକ ହର ବଣିଆଁ ଅଭିଯୋଗ କରି କହିଛନ୍ତି, ମଣ୍ଡିରେ ବିଭିନ୍ନ ଆଳ ଦେଖାଇ ଚାଷୀଙ୍କୁ ଏଭଳି ହଇରାଣ ହରକତ ସହିତ ଭୟଭୀତ କରାଯାଉଛି ଯେ, ଚାଷୀମାନେ ଯେଭଳି ମଣ୍ଡିକୁ ଧାନ ଆଣିବା ବଦଳରେ ବେପାରୀ ଜରିଆରେ ସିଧାସଳଖ ମିଲର୍ସଙ୍କ ହାତକୁ କମ୍ ଦରରେ ସେମାନଙ୍କ କଷ୍ଟୋପାର୍ଜିତ ଧାନ ଟେକି ଦେବେ। ଜିଲାର ସୋହେଲା ବ୍ଲକ ଅନ୍ତର୍ଗତ ପାଣିମୋରା ଧାନକ୍ରୟ କେନ୍ଦ୍ରର ଦୃଷ୍ଟାନ୍ତ ଦେଇ ବଣିଆଁ କହିଛନ୍ତି, ଉକ୍ତ ଧାନକ୍ରୟ କେନ୍ଦ୍ରକୁ ଅନେକ ଚାଷୀ ବିକ୍ରି ପାଇଁ ଧାନ ଆଣିଥିଲେ। ସେମାନଙ୍କ ଧାନକୁ ତୁରନ୍ତ କାଗଜାତ୍‌ରେ ଏଣ୍ଟ୍ରି କରିବା ବଦଳରେ ବିଭାଗୀୟ କର୍ମଚାରୀମାନେ ଗ୍ରେଡ଼ିଂ, କଟନିଛଟନି ଆଳ ଦେଖାଇଲେ। ଫଳରେ ଦୀର୍ଘ ୧୧ଦିନ ଧରି ଧାନକ୍ରୟ କେନ୍ଦ୍ରରେ ଧାନ ପଡ଼ି ରହିଲା ଏବଂ ମଙ୍ଗଳବାର ସମ୍ପୃକ୍ତ ଚାଷୀଙ୍କ ଧାନ କାଗଜାତ୍‌ରେ ଏଣ୍ଟ୍ରି ହେବା ସହିତ ବିକ୍ରି ହୋଇଛି ବୋଲି ସେ କହିଛନ୍ତି।

ଧାନବିକ୍ରି ଟୋପନ ପାଇବା ପରେ ପାଣିମୋରା ଧାନକ୍ରୟ କେନ୍ଦ୍ରରେ ଅଶୋକ ପ୍ରଧାନ ୧୧୫ ପକେଟ୍, ପର୍ଶୁରାମ ପ୍ରଧାନ ୧୪୬ ପକେଟ୍, ଶେଷଦେବ ପ୍ରଧାନ ୧୭୫ ପକେଟ୍ ଧାନ ପକାଇଥିଲେ। କିନ୍ତୁ ସେମାନଙ୍କ ଧାନ ଏଣ୍ଟ୍ରି କରାଯାଉ ନ ଥିଲା। ଖରାତାତି ସହି ଚାଷୀମାନେ ସେହି ଧାନକୁ ଜଗି ରହୁଥିଲେ। ତେବେ ପୂର୍ବରୁ ଧାନର ଗୁଣମାନ ପରୀକ୍ଷା ପରେ ଆର୍ଦ୍ରତା ୧୭ ପ୍ରତିଶତ ଆସୁଥିବାବେଳେ ମଙ୍ଗଳବାର ସେହି ପରୀକ୍ଷା ପରେ ତାହା ୧୩ପ୍ରତିଶତ ଆସିଥିଲା ବୋଲି ବଣିଆଁ କହିଛନ୍ତି। ଅନୁରୂପ ଭାବେ ଉକ୍ତ ଧାନକ୍ରୟ କେନ୍ଦ୍ରରେ ତପୋବନ୍ତ ନାୟକ, ବୃନ୍ଦାବନ ନାୟକ, ଗୁପ୍ତେଶ୍ୱର ନାୟକଙ୍କ ଧାନ ଦୀର୍ଘଦିନ ଧରି ପଡ଼ି ରହିଥିଲା ଏବଂ ସେମାନଙ୍କ ଧାନ ମଧ୍ୟ ମଙ୍ଗଳବାର କାଗଜାତ୍‌ରେ ଏଣ୍ଟ୍ରି କରାଯାଇଥିବା ସେ କହିଛନ୍ତି। ତେବେ କେବଳ ପାଣିମୋରା କିମ୍ବା ସହରାଟିକ୍ରା ମଣ୍ଡି ନୁହେଁ, ଜିଲାର ଅଧିକାଂଶ ମଣ୍ଡିରେ ବିଭାଗୀୟ କର୍ମଚାରୀଙ୍କ ସ୍ୱେଚ୍ଛାଚାରିତା ଯୋଗୁ ଚାଷୀମାନେ ବହୁ ହଇରାଣ ହରକତର ସମ୍ମୁଖୀନ ହେଉଥିବା ଯୋଗୁ ପ୍ରଶାସନ ଏହାକୁ ଗୁରୁତ୍ୱର ସହିତ ନେବା ସାଙ୍ଗକୁ ତ୍ୱରିତ୍ ପଦକ୍ଷେପ ଗ୍ରହଣ ନ ନେଲେ ଆଗକୁ ଚାଷୀ ଆନ୍ଦୋଳନ ତୀବ୍ର ହୋଇପାରେ ବୋଲି ଆଶଙ୍କା ରହିଛି।

### ଅଞ୍ଚଳ କଲେଜ ଛାତ୍ରୀଛାତ୍ରଙ୍କ ସଫଳତା

ପଦ୍ମପୁର,୨୮।୫(ପ୍ରଦୀପ୍ତ ଦାଶ)

ପଦ୍ମପୁରର ଅଞ୍ଚଳ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଚଳିତବର୍ଷ ଯୁକ୍ତ ୨ ଓ ତିନି ଅନ୍ତିମ ବର୍ଷ ପରୀକ୍ଷାରେ ସଫଳ ହୋଇ ମହାବିଦ୍ୟାଳୟର ଗୌରବ ଆଣିଛନ୍ତି। ବିଶ୍ୱବିଦ୍ୟାଳୟର ସ୍ନାତକ ପରୀକ୍ଷାରେ ଶ୍ରେଷ୍ଠ ଦଶରେ ତନୁଜା କିସାନ (ଅର୍ଥନୀତି) ଷଷ୍ଠ ସ୍ଥାନ, ଗୁଲନାଦ ପରବିନ (ଉଦ୍ଭିଦ ବିଜ୍ଞାନ)ଚତୁର୍ଥ ସ୍ଥାନ, ଅଳକା ଭୋଇ ସପ୍ତମ ସ୍ଥାନରେ ପାସ କରିଛନ୍ତି। ଯୁକ୍ତ ୨କଳା ପରୀକ୍ଷାରେ ୭୩ଜଣ ପ୍ରଥମ, ବିଜ୍ଞାନରେ ୩୦ଜଣ ପ୍ରଥମ ସ୍ଥାନରେ ପାସ କରିଛନ୍ତି। କଳାରେ ସ୍ମୃତିସୁଧା ସତପଥି, ଛବିନ୍ଦ୍ର ମେହେର, ଡ଼ଲିରାଣୀ ସାହୁ, ଦୟାନିଧି ସାହୁ, ରୁବି ଭୋଇ ୮୦ରୁ ୯୦ ପ୍ରତିଶତ ମାର୍କ ରଖିଛନ୍ତି। ବିଜ୍ଞାନରେ ଓମ ପ୍ରକାଶ ପାଣିଗ୍ରାହୀ, ତିଲୋତ୍ତମା ଭୋଇ, ନୀଳମଣି ପ୍ରଧାନ, ଡୋଳାମଣି ସାହୁ, ମଳୟ ପ୍ରଧାନ ୭୦ରୁ ୮୦ପ୍ରତିଶତ ଓ ବାଣିଜ୍ୟ ବିଭାଗରେ ଏସକେ ଏମଡି ଫଏଜଲ ୭୫%ମାର୍କ ରଖି ସଫଳ ହୋଇଛନ୍ତି। ଛାତ୍ରୀଛାତ୍ରମାନଙ୍କ ସଫଳତାର ଶ୍ରେୟ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଶିକ୍ଷାନୁଷ୍ଠାନର ଶୈକ୍ଷୀକ ପରିବେଶ ସହଯୋଗ କରିଛି ବୋଲି ଅଧକ୍ଷ ଲଳିତ ମୋହନ ପଣ୍ଡା ଓ ପ୍ରାଧ୍ୟାପକ ଡ଼ ବିରଞ୍ଚି ସାହୁ ଜଣାଇଛନ୍ତି।



ତାତି ପ୍ରଭାବରୁ ବରଗଡ଼ ସହର ଥାନାଛକ ଶୂନଶାନ ହୋଇ ପଡ଼ିଛି

### ଅସହ୍ୟ ତାତି, ରାସ୍ତାଘାଟ ଶୂନଶାନ୍

ବରଗଡ଼,୨୮।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ମଙ୍ଗଳବାର ଅସମ୍ଭାଳ ତାତି ଅନୁଭୂତ ହୋଇଥିଲା। ସକାଳରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସାରା ଜିଲାରେ ତାତି ଯୋଗୁ ଜୀବନ ଦହଗଞ୍ଜ ହୋଇ ପଡ଼ିଥିଲା। ଏହି ଅବଧିରେ ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇ ପଡ଼ିଥିଲା। ଚଳିତ ଗ୍ରୀଷ୍ମରେ ମଙ୍ଗଳବାର ତାତି ସର୍ବାଧିକ ଥିଲା ବୋଲି ଲୋକେ କହିଥିଲେ। ମଧ୍ୟାହ୍ନ ସମୟରେ ବରଗଡ଼ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ରାସ୍ତାଘାଟ ଶୂନଶାନ ହୋଇ ପଡ଼ିଥିଲା। ଏଭଳିସ୍ଥଳେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଲୋକଙ୍କୁ ଅସ୍ତବ୍ୟସ୍ତ କରି ପକାଇଥିଲା। ଗୋଟିଏ ପଟେ ବିଦ୍ୟୁତ ବିଭ୍ରାଟ ଏବଂ ଅନ୍ୟପଟେ ଅସହ୍ୟ ତାତି ଯୋଗୁ ମଙ୍ଗଳବାର ଜିଲାରେ ଲୋକଙ୍କ ଜୀବନ ଦହଗଞ୍ଜ ହୋଇ ପଡ଼ିଥିଲା।

### ଭୋଟ୍ ଗଣତି ପାଇଁ ପ୍ରଶାସନର ପ୍ରସ୍ତୁତି

ବରଗଡ଼,୨୮।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଗତ ୨୦ ତାରିଖରେ ମତଦାନ ପ୍ରକ୍ରିୟା ସରିଯାଇଛି। ଆସନ୍ତ ଜୁନ ୪ ତାରିଖରେ ଭୋଟ୍ ଗଣତି ହେବ। ତେବେ ଶୃଙ୍ଖଳିତ ଏବଂ ତ୍ରୁଟିଶୂନ୍ୟ ଭୋଟ୍ ଗଣତି ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ ସୁରକ୍ଷା ବ୍ୟବସ୍ଥା ସହିତ ପଦ୍ମପୁର ଏବଂ ବିଜେପୁର ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ୍ ଗଣତି ପଦ୍ମପୁର ମାର୍କେଟ୍ ୟାର୍ଡ଼ ପରିସରରେ କରାଯିବା ପାଇଁ ସ୍ଥିର କରାଯାଇଛି। ସେହିପରି ବରଗଡ଼ ପଞ୍ଚାୟତ କଲେଜ ପରିସରରେ ବରଗଡ଼, ଅତାବିରା ଏବଂ ଭଟଲି ନିର୍ବାଚନମଣ୍ଡଳୀର ଭୋଟ୍ ଗଣତି କରିବାକୁ ସ୍ଥିର କରାଯାଇଛି। ବରଗଡ଼ ସଂସଦୀୟ କ୍ଷେତ୍ରର ଇଭିଏମ ଭୋଟ୍ ଗଣତି ନିମନ୍ତେ ସମୁଦାୟ ୭୦ଟି ଇଭିଏମ ଟେବୁଲ ବ୍ୟବସ୍ଥା ହୋଇଥିବାବେଳେ ଜଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀର ଇଭିଏମ ଭୋଟ୍ ଗଣତି ନିମନ୍ତେ ୧୪ଟି ଲେଖାଏଁ ଟେବୁଲ ହିସାବରେ ସମୁଦାୟ ୭୦ ଇଭିଏମ ଟେବୁଲର ବ୍ୟବସ୍ଥା ହୋଇଛି। ସେହିପରି ସମସ୍ତ ପୋଷ୍ଟାଲ ବାଲଟ୍ ଗଣତି ପାଇଁ ଉଭୟ ପଞ୍ଚାୟତ କଲେଜ ଏବଂ ପଦ୍ମପୁର ମାର୍କେଟ୍ ୟାର୍ଡ଼ରେ ସ୍ୱତନ୍ତ୍ର କୋଠରିର ବ୍ୟବସ୍ଥା କରାଯାଇଛି। ଶୃଙ୍ଖଳିତ ଭାବେ ସଂସଦୀୟ କ୍ଷେତ୍ର ଓ ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ୍ ଗଣତି ନିମନ୍ତେ ସମୁଦାୟ ୭୧୮ଜଣ କର୍ମଚାରୀଙ୍କ ମଧ୍ୟରୁ ୨୨୨ଜଣ ମାଇକ୍ରୋ ଅବଜର୍ଭର, ୨୨୨ଜଣ କାଉଣ୍ଟିଂ ସୁପରଭାଇଜର ଏବଂ ୨୭୪ଜଣ କାଉଣ୍ଟିଂ ଆସିଷ୍ଟାଣ୍ଟଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ସହିତ ଭୋଟ୍ ଗଣତି କାର୍ଯ୍ୟରେ ନିୟୋଜିତ କରିବା ବ୍ୟବସ୍ଥା କରାଯାଇଛି। ଉଭୟ ସଂସଦୀୟ କ୍ଷେତ୍ର ଏବଂ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ୍ ଗଣତି ପାଇଁ ପଦ୍ମପୁର ନିର୍ବାଚନ ମଣ୍ଡଳୀର ୨୪ରାଉଣ୍ଡ, ବିଜେପୁର ନିର୍ବାଚନମଣ୍ଡଳୀର ୨୧ରାଉଣ୍ଡ, ବରଗଡ଼ ନିର୍ବାଚନମଣ୍ଡଳୀର ୧୭ରାଉଣ୍ଡ, ଅତାବିରା ନିର୍ବାଚନମଣ୍ଡଳୀର ୧୯ରାଉଣ୍ଡ ଏବଂ ଭଟଲି ନିର୍ବାଚନମଣ୍ଡଳୀର ୨୧ରାଉଣ୍ଡରେ ଭୋଟ୍ ଗଣତି ପାଇଁ ଯୋଜନା ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ମାଟ୍ରିକ ଟପ୍ପର ଶୁଭଙ୍କରଙ୍କୁ ସମ୍ବର୍ଦ୍ଧନା

ସରଣ୍ଡା,୨୮।୫(ଯୁଧିଷ୍ଠିର ମହାପାତ୍ର)

ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା(ମାଟ୍ରିକ)ରେ ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲାଦେରପାଲିସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃପୁରୀର ଛାତ୍ର ଶୁଭଙ୍ଗର ସାହୁ ୯୭.୧୭ପ୍ରତିଶତ ମାର୍କ ରଖି ରାଜ୍ୟରେ ଟପ୍ପର ହୋଇଛନ୍ତି। ଶୁଭଙ୍କରଙ୍କ ଏହି ସଫଳତା ଯୋଗୁ ମଙ୍ଗଳବାର ତାଙ୍କୁ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃପୁରୀରେ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ ଶିକ୍ଷାନୁଷ୍ଠାନ ପରିଚାଳନା କମିଟି ସଭାପତି ଶେଷଦେବ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ଅତାବିରା ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ମୁଖ୍ୟଅତିଥି, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ରବୀନ୍ଦ୍ର ସାହୁ, ଶିକ୍ଷାବିତ୍ ଭୀଷ୍ମଦେବ ସରାଫ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଟିକେଲାଲ ଛନ୍ଦ, ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଜୟପ୍ରକାଶ ଅଗ୍ରୱାଲ, ପୂର୍ବତନ ଅଧ୍ୟକ୍ଷ ଅରୁଣ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀମା, ଶ୍ରୀଅରବିନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ, ଦୀପ ପ୍ରଜ୍ୱଳନ କରାଯାଇଥିଲା। ଶିକ୍ଷକ ସରୋଜ ରଥ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ନିରଞ୍ଜନ ପଶାୟତଙ୍କ ସଂଯୋଜନାରେ ଅନୁଷ୍ଠିତ ସମାରୋହରେ ଶିକ୍ଷକ ବବୃବାହନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜ୍ୟରେ ଟପ୍ପର ହୋଇଥିବା ଉକ୍ତ ବିଦ୍ୟାଳୟର ଶୁଭଙ୍କରଙ୍କ ସମେତ ଅନ୍ୟ କୃତୀଛାତ୍ର ଅର୍ପଣ ଲକ୍ଷ୍ମଣ ଭୋଇ, ରିତେଶ ସାହୁ, ସତ୍ୟସୁନ୍ଦର ପଣ୍ଡା, ପ୍ରୀତମ ସାହୁ, ଆଶିଷ ରଣା, ସିଲ୍ଲୀ ସାହୁ, ଆରିୟନ କର୍ଣ୍ଣ, ସିମରନ ପ୍ରଧାନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅତାବିରା ଜନ କଲ୍ୟାଣ କୁଲିତା ସମାଜ ସଭାପତି ଦିବାକର ପ୍ରଧାନ ଏବଂ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ସଭାପତି ବିରେନ କର ପ୍ରମୁଖ ଯୋଗଦେଇ ଶୁଭଙ୍କରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶୁଭଙ୍କରଙ୍କ ଯୁକ୍ତ୨ ଅଧ୍ୟୟନ ପାଇଁ ଜନ କଲ୍ୟାଣ କୁଲିତା ସମାଜ ସମସ୍ତ ଖର୍ଚ୍ଚ ବହନ କରିବ ବୋଲି ସଭାପତି ପ୍ରଧାନ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଶୁଭଙ୍କରଙ୍କ ମା' ସରମା ନାଏକ ଏବଂ ବାପା କୁଳମଣି ସାହୁ ମଧ୍ୟ ଉପସ୍ଥିତ ଥିଲେ।



ମାଟ୍ରିକ ଟପ୍ପର ଶୁଭଙ୍କର ସାହୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି ।

### ଦଉଡ଼ି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ପାଇକମାଲ,୨୮।୫(ବଢ଼ ଶତପଥୀ): ବରଗଡ଼ ଜିଲା ପାଇକମାଲ ବ୍ଲକ ମାଣ୍ଡିଆଡ଼ିପା ଗ୍ରାମପଞ୍ଚାୟତ ବଇଦପାଲି ଗ୍ରାମର ଜଣେ ଯୁବକ ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁଯାୟୀ ବଇଦପାଲି ନୂଆଗାଁର ମୃତକ ହେଲେ ସନ୍ତୋଷ ବାଗ (୪୬)। ମଙ୍ଗଳବାର ଘରେ କେହି ନ ଥିବା ବେଳେ ତାଙ୍କ ଶୋଇବା ଘର ଭିତରୁ ବନ୍ଦ କରି ଛାତରେ ଉପର ପଙ୍ଖା ଲଗାଇବା ପାଇଁ ଥିବା ହୁକରେ ଏକ ଦଉଡ଼ି ଦେଇ ବେକରେ ଲଗାଇ ଆତ୍ମହତ୍ୟା କରିଥିଲେ। ତାଙ୍କ ସ୍ତ୍ରୀ ଘରକୁ ଫେରି ସନ୍ତୋଷ ସୋଇ ପଡିଛନ୍ତି ଭାବି ବାରମ୍ବାର ଡାକିବା ସହ କବାଟ ବାଡେଇ ଥିଲେ। ପରେ ନ ଶୁଣିବାରୁ ଗାଁ ଲୋକଙ୍କୁ ଡାକି କବାଟ ଭାଙ୍ଗି ଦେଖିବା ବେଳକୁ ସନ୍ତୋଷ ଝୁଲନ୍ତା ଅବସ୍ଥାରେ ରହିଥିଲେ। ପାଇକମାଲ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସନ୍ଧ୍ୟା ୭ ଟାରେ ପ୍ରାଥମିକ ତଦନ୍ତ କରିବା ସହ ମୃତଦେହ ଜବତ କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭/୨୪) ରୁଜୁ ହୋଇଛି।

### ପାଣି ସମସ୍ୟା ପାଇଁ ରାସ୍ତାରୋକୋ କଲେ ଗ୍ରାମବାସୀ



ପଦ୍ମପୁର,୨୮।୫(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ବୁଢ଼ାମାଲ ଗ୍ରାମପଞ୍ଚାୟତ ଖଇରପାଲିଠାରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଗାଁରେ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଓଭର୍ ଟାଙ୍କି ନିର୍ମାଣ ହୋଇଥିଲେ ସୁଦ୍ଧା ନିର୍ମାଣ ତଥା ପରିଚାଳନାଗତ ତ୍ରୁଟି ଯୋଗୁ ଗାଁର ଗଣ୍ଡାପଡ଼ା, ବେତ୍ରାପଡ଼ା ଏବଂ ବରିହାପଡ଼ାବାସୀ ପାଣି ପାଇପାରୁ ନାହାନ୍ତି। ଗତ ୫ ଦିନ ହେଲା ଟ୍ୟାଙ୍କର ପରିଚାଳନାରେ ତ୍ରୁଟି ଯୋଗୁ ଗ୍ରାମବାସୀ ପାଣି ପାଇପାରୁ ନ ଥିବା କଥା ଗାଁବାସୀ କହୁଛନ୍ତି। ମହିଳାମାନେ ପାଣି ଗରା ଆଣି ଗାଇସିଲେଟ-ପଦ୍ମପୁର ମୁଖ୍ୟ ରାସ୍ତାରୋକୋ କରିଥିଲେ। ପରେ ସମିତି ସଭ୍ୟ ସାବିତ୍ରୀ ଚାନ୍ଦ ଓ ପଦ୍ମପୁର ପୋଲିସ ଟିମ ଆସି ସମସ୍ତଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ରୋକୋ ହଟିଥିଲା।

### କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ଫଳ ବଣ୍ଟନ

ବରଗଡ଼,୨୮।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅତାବିରା ଝାଙ୍କଯୋର କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ମଙ୍ଗଳବାର ବରଗଡ଼ର ଜନ କଲ୍ୟାଣ ସେବା ଟ୍ରଷ୍ଟ ଏବଂ ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମିତି ପକ୍ଷରୁ ଫଳ, ମିଷ୍ଟାନ୍ନ ବଣ୍ଟନ କରାଯାଇଛି। ଜନ କଲ୍ୟାଣ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ମୁକୁନ୍ଦ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଦସ୍ୟ ଶ୍ୟାମସୁନ୍ଦର ମେହେର, ଶେଷଦେବ ଦାଶ, ମନୀଷ ଶର୍ମା ପ୍ରମୁଖ କୁଷ୍ଠାଶ୍ରମକୁ ଯାଇ ଫଳ, ମିଷ୍ଟାନ୍ନ, ବିସ୍କୁଟ, ଲସି ଆଦି ବଣ୍ଟନ କରିଥିଲେ। ସେହିପରି କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ଆର୍ଥିକ ସହାୟତା ମଧ୍ୟ ଦିଆଯାଇଥିଲା ଏବଂ ବର୍ଷାକୁ ଆଖି ଆଗରେ ରଖି ଅନ୍ତେବାସୀଙ୍କ ଭଙ୍ଗାଘର ମରାମତି ପାଇଁ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ଜନ କଲ୍ୟାଣ ସେବା ଟ୍ରଷ୍ଟରର ସଭାପତି ଦାଶ ସୂଚନା ଦେଇଛନ୍ତି।



କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ଲସି, ଫଳ, ମିଷ୍ଟାନ୍ନ ବଣ୍ଟନ କରାଯାଉଛି ।

## ଆଲୋଚନା ବିଫଳ, ଧାନ କିଣାବିକା ବ୍ୟାହତ

ବରଗଡ଼,୨୮।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅତାବିରା ନିୟନ୍ତ୍ରୀତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନ ସହରାଟିକ୍ରା ଧାନ କ୍ରୟ କେନ୍ଦ୍ରରେ ସୋମବାର ଧାନ କିଣାବିକା ଅବ୍ୟବସ୍ଥାରୁ ଉପୁଜିଥିବା ଉତ୍ତେଜନା ଘଟଣା ଜିଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଧାନକ୍ରୟ ଦାୟିତ୍ୱ ନେଇଥିବା ସ୍ୱୟଂ ସହାୟକ ଗୋଷ୍ଠି ସଦସ୍ୟା ଏବଂ ଅଞ୍ଚଳର ମହିଳାଙ୍କ ମଧ୍ୟରେ ହାତାହାତି ଘଟଣା ପରେ ଉକ୍ତ ଧାନ କ୍ରୟ କେନ୍ଦ୍ରରେ ଧାନ ସଂଗ୍ରହ ପ୍ରକ୍ରିୟା ବ୍ୟାହତ ହୋଇଛି। ଅଞ୍ଚଳର ଚାଷୀମାନେ ଧାନ କ୍ରୟକେନ୍ଦ୍ରରୁ ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠିକୁ ବାଦ୍ ଦେଇ ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱାଭାବିକ କରିବା ପାଇଁ ଦାବି କରିଛନ୍ତି। ଏ ନେଇ ମଙ୍ଗଳବାର ସହରାଟିକ୍ରା ଧାନ କ୍ରୟ କେନ୍ଦ୍ରରେ ଚାଷୀ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ବୈଠକ ବସିଥିଲା। ତେବେ ବୈଠକରେ ଆଲୋଚନା ବିଫଳ ହୋଇଛି। ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠିକୁ ଧାନ ସଂଗ୍ରହ ପ୍ରକ୍ରିୟାରୁ ବାଦ୍ ନ ଦେବା ପର୍ଯ୍ୟନ୍ତ ଉକ୍ତ ଧାନ କ୍ରୟ କେନ୍ଦ୍ରରେ ଧାନ କିଣାବିକା କରା ନ ଯିବା ଦାବିରେ ଚାଷୀମାନେ ଅଟଳ ରହିଛନ୍ତି। ଫଳରେ ଧାନ ସଂଗ୍ରହ ପ୍ରକ୍ରିୟା ବ୍ୟାହତ ହୋଇଛି। ସହରାଟିକ୍ରା ଧାନକ୍ରୟ କେନ୍ଦ୍ରରେ ଉପୁଜିଥିବା ଅପ୍ରୀତିକର ଘଟଣାର ସମାଧାନ ପାଇଁ ମଙ୍ଗଳବାର ଭେଡ଼େନ ତହସିଲଦାର ଦେବାନନ୍ଦ ସାହୁ, ବିଡିଓ ତ୍ରିପୁରାରୀ ମହାନନ୍ଦ, ଅତାବିରା ନିୟନ୍ତ୍ରୀତ ବଜାର କମିଟି ସମ୍ପାଦକ ଡୋଲାମଣି ପୁରୋହିତଙ୍କ ସମେତ ଯୋଗାଣ ବିଭାଗ ଅଧିକାରୀମାନେ ସହରାଟିକ୍ରା ଧାନକ୍ରୟ କେନ୍ଦ୍ରକୁ ପହଞ୍ଚିଥିଲେ। ଉକ୍ତ ଧାନ କ୍ରୟକେନ୍ଦ୍ରରେ ଚାଷୀ ପ୍ରତିନିଧିଙ୍କ ସହିତ ଉପରୋକ୍ତ ଅଧିକାରୀଙ୍କ ଆଲୋଚନା ହୋଇଥିଲା। ଆଲୋଚନାରେ ଅଞ୍ଚଳର ଚାଷୀ ପ୍ରତିନିଧି ମହାଜନ ପ୍ରଧାନ, ମୋହନ ପ୍ରଧାନ, ବିଶିକେଶନ ପ୍ରଧାନ, ନିଳାମ୍ବର ପ୍ରଧାନ, ବିକ୍ରମ ଭୋଇ, ସରପଞ୍ଚ ପ୍ରତିନିଧି ଅଶ୍ୱିନୀ ଦାଶ, ଭେଡ଼େନ କୃଷକ ସଂଗଠନର ନରେନ୍ଦ୍ର ଭୋଇ, ବିଜୟ ସାହୁ, ସଂଯୁକ୍ତ କୃଷକ ସଂଗଠନର ରମେଶ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଧାନ ସଂଗ୍ରହ ପ୍ରକ୍ରିୟାରୁ ଉକ୍ତ ଧାନ କ୍ରୟକେନ୍ଦ୍ରରୁ ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠିକୁ ବାଦ୍ ଦେବା ଦାବିରେ ସେମାନେ ଅଟଳ ରହିଥିଲେ। ମାତ୍ର ବିଭାଗୀୟ ଅଧିକାରୀମାନେ ସେଥିରେ ଅସହାୟତା ପ୍ରକାଶ କରିଥିଲେ। ଫଳରେ ଆଲୋଚାନ ବିଫଳ ହୋଇଥିଲା ଏବଂ ଗୁରୁବାର ଚାଷୀମାନେ ରାସ୍ତାକୁ ଓହ୍ଲାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ସୂଚନା ମିଳିଛି। ପ୍ରକାଶଥାଉ କି, ସୋମବାର ଉପରୋକ୍ତ ଧାନ କ୍ରୟକେନ୍ଦ୍ରରେ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଥିଲା। ବହଲପାଲି ସମେତ ଆଖପାଖ ଗ୍ରାମର ଅନେକ ଚାଷୀ ଧାନ କ୍ରୟକେନ୍ଦ୍ରକୁ ବିକ୍ରି ପାଇଁ ଧାନ ଆଣିଥିଲେ। ମାତ୍ର ଚାଷୀଙ୍କ ଧାନକ୍ରୟ ବଦଳରେ କଟନିଛଟନି କଥା ଉଠିଥିଲା ଏବଂ ଏହାକୁ ନେଇ ଚାଷୀ-ଧାନ କ୍ରୟସଂସ୍ଥା ମଧ୍ୟରେ କଥା କଟାକଟି ହୋଇଥିଲା। ଫଳରେ ଅସନ୍ତୁଷ୍ଟ ଚାଷୀମାନେ ଘରକୁ ଫେରି ଯାଇଥିଲେ ଏବଂ କିଛି ସମୟରେ ସମ୍ପୃକ୍ତ ଚାଷୀ ପରିବାରର ଶତାଧିକ ମହିଳା ସହରାଟିକ୍ରା ଧାନ କ୍ରୟକେନ୍ଦ୍ରରେ ପହଞ୍ଚିଥିଲେ। ଏହାପରେ ଧାନ କ୍ରୟ ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠି ଏବଂ ଚାଷୀ ପରିବାରରୁ ଆସିଥିବା ମହିଳାଙ୍କ ମଧ୍ୟରେ ହାତାହାତି ହୋଇ ଅପ୍ରିତିକର ପରିସ୍ଥିତି ଉପୁଜିଥିଲା।



ସହରାଟିକ୍ରା ମଣ୍ଡିରେ ଚାଷୀ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା ।

**ଧାନ କ୍ରୟ କେନ୍ଦ୍ରରେ ମହିଳା ହାତାହାତି ଘଟଣା**

## ସଂକ୍ଷେପରେ

### ପୁରୀ ସମୁଦ୍ରରେ ଭାସି ରାଉରକେଲା ଝିଅ ନିଖୋଜ

**ରାଉରକେଲା,୨୮।୫(ଦିନେଶ ମିଶ୍ର):** ରାଉରକେଲା ସେକ୍ଟର-୭ ଥାନା ଅନ୍ତର୍ଗତ ଅଭିରାମପାଲୀ ବସ୍ତିର ରଶ୍ମି ପରିଡା(୨୩) ପୁରୀ ସମୁଦ୍ରରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଏନେଇ ପୁରୀ ଟାଉନ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ରଶ୍ମିଙ୍କ ପରିବାର ଲୋକେ ମଙ୍ଗଳବାର ପୁରୀରେ ପହଞ୍ଚି ଖୋଜାଖୋଜି କରୁଛନ୍ତି। ଖବର ଲେଖାହେବା ସୁଦ୍ଧା (ରାତି ୮ଟା) ଯୁବତୀଙ୍କ ପତ୍ତା ମିଳିନାହିଁ। ସୂଚନା ଅନୁଯାୟୀ, ରଶ୍ମି ଗତ ୨୬ରେ ବନ୍ଧୁଙ୍କ ସହ ପୁରୀ ବୁଲିବାକୁ ଯାଇଥିଲେ। ସେଠାରେ ସମୁଦ୍ରରେ ଗାଧୋଉଥିବା ବେଳେ ହଠାତ୍ ଭାସିଯାଇଥିଲେ। ପାଖରେ ଥିବା ସୁରକ୍ଷାବଳ ତାଙ୍କୁ ଉଦ୍ଧାରକରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ।

### କୂଅରେ ପଡ଼ି ନବ ବିବାହିତାଙ୍କ ମୃତ୍ୟୁ

**କୁତ୍ରା,୨୮।୫(ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ କନ୍ଦେଇମୁଣ୍ଡା ପଞ୍ଚାୟତ ତେଲିଘଣା ମଙ୍ଗାପଡାରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। କୂଅରେ ପଡ଼ି ଜଣେ ନବ ବିବାହିତାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଗୀତା ଏକ୍କା(୨୧)। କୁତ୍ରା ପୋଲିସ ମୃତଦେହ ଜବତ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଭୋରୁ ଗୀତା ଘର ନିକଟସ୍ଥ ବିଲକୁ ଶୌଚପାଇଁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ନିକଟସ୍ଥ କୂଅରେ ସେ ପଡିଯାଇଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

### ବକେୟା ପଇସା ନ ମିଳିବାରୁ ପୂର୍ବତନ ଏବିଓଙ୍କ ଧାରଣା

ଟେନସା,୨୮।୫(ସମୀର କୁମାର ପାଢୀ) ବକେୟା ପଇସା ନ ମିଳିବାରୁ ସୁନ୍ଦରଗଡ଼ ଜିଲା କୋଇଡା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ପୂର୍ବତନ ଏବିଓ ମହେନ୍ଦ୍ର କୁମାର କର ମଙ୍ଗଳବାର କୋଇଡା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟଙ୍କ ଅଫିସର ଧାରଣାରେ ବସିଥିଲେ। ଖୁବ ଶୀଘ୍ର ବକେୟା ପଇସା ମିଳିବା ନେଇ ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଥିଲେ। ପୂର୍ବତନ ଏବିଓ କର କେନ୍ଦୁଝର ଜିଲାରେ ଚାକିରୀ କରିଥିବା ବେଳେ କୌଣସି କାରଣ ପାଇଁ ସରକାର ତାଙ୍କୁ ସସପେଣ୍ଡ କରିଥିଲେ। କୋର୍ଟରେ ଡିଗ୍ରୀ ପାଇବା ପରେ ବକେୟା ପଇସା ପାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କେନ୍ଦୁଝର ଜିଲାରୁ ବଦଳି ହୋଇ ସୁନ୍ଦରଗଡ଼ ଜିଲା କୋଇଡା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରୁ ଅବସର ନେଇଥିଲେ। ଅବସର ପରେ ସମସ୍ତେ ଟଙ୍କା ପାଇଥିଲେ ମଧ୍ୟ ବକେୟା ପଇସା ମିଳି ନ ଥିଲା।

### ଦେଶୀ ମହୁଲି ମଦ ଜବତ: ୩ ଗିରଫ

**ରାଉରକେଲା,୨୮।୫,(ଦିନେଶ ମିଶ୍ର):** ରାଉରକେଲା ଅବକାରୀ ଆରକ୍ଷୀ ଅଧିକ୍ଷକ ଶେଖ ଆସିଫ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ମହିଳା ଅବକାରୀ ବିଭାଗ ସେକ୍ଟର-୨ ସ୍ଥିତ ବିଜୁ ପଟ୍ଟନାୟକ ଛକରେ ଚଢ଼ାଉ କରି ୩ ଜଣ ମଦ ବ୍ୟବସାୟୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରେଲୱେ କଲୋନୀ ରିମ୍‌ଝିମ୍ ବସ୍ତିର ପବନ ମୁଣ୍ଡା(୩୦), ଅନିଲ ନାଗ(୨୨) ଓ ରାଜା ସାହୁ(୨୨)। ସୂଚନାଯୋଗ୍ୟ, ମଙ୍ଗଳବାର ସକାଳେ ପବନ ଏକ କାର ଯୋଗେ ଝିରପାଣି ଅଞ୍ଚଳରୁ ଦେଶୀ ମହୁଲି ମଦ ନେଇ ରାଉରକେଲା ଅଭିମୁଖେ ଯାଉଥିଲେ। ରାଉରକେଲା ଅବକାରୀ ପୋଲିସ କୌଣସି ବିଶେଷ ସୂତ୍ରରୁ ଖବର ପାଇ ସେକ୍ଟର-୨ ସ୍ଥିତ ବିଜୁ ପଟ୍ଟନାୟକ ଛକରେ ଛକି ରହି କାରକୁ କାବୁ କରି ନେଇଥିଲା। ଉକ୍ତ କାର ଭିତରୁ ପୋଲିସ ୩ଶହ ଲିଟର ହାତରନ୍ଧା ଦେଶୀ ମହୁଲି ମଦ ଜବତ କରିଥିଲା। ଏନେଇ ପୋଲିସ( ନଂ.୮୮/୨୪) ରେ ଏକ ମାମଲା ରୁଜୁ କରିଛି। ଏହି ଚଢାଉରେ ଅବକାରୀ ମୋବାଇଲ ଇନ୍ସପେକ୍ଟର ଥାର୍ପା ମାରାଣ୍ଡି, ଅଜୟ କୁମାର ପ୍ରଧାନ, ନବୀନ ଭୂୟାଁ, ସପନ କୁମାର ସାହୁ, ସୁକାନ୍ତ ଅମାତ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ରାନୁ କିରୋ ପ୍ରମୁଖ ଉପସ୍ଥିତ ଥିଲେ।

# ଗଡୁନି ଚକ, ବଢୁଛି ଦୁଃଖ

■ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ରିକ୍ସା ଚାଳକ

■ ଆଧୁନିକତା ଭିତରେ ଲୋପ ପାଉଛି ରିକ୍ସା ଚାଳନା

ରାଉରକେଲା,୨୮।୫(ଦିନେଶ ମିଶ୍ର)





ଆଧୁନିକତାର ଚାକଚକ୍ୟରେ ଲୋପ ପାଇବାକୁ ବସିଲାଣି ରିକ୍ସା ଚାଳନା। ଫଳରେ ରାଉରକେଲା ସହରରେ ରିକ୍ସା ଚାଳକ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ସହରରେ ମୋ ବସ୍ ଠାରୁ ଆରମ୍ଭ କରି ଅଟୋ,ବାଇକ୍, କାର ଭଳି ବିଭିନ୍ନ ଯାନ ଯାତାୟତ କରୁଥିବା ବେଳେ କାଁ ଭାଁ କେଉଁଠି ରିକ୍ସା ଦେଖିବାକୁ ମିଳୁଛି। ଏହିଭଳି ପରିସ୍ଥିତିରେ ସହରର ଡେଲିମାର୍କେଟର ରିକ୍ସା ଚାଳକ ଲାଲଜିତ୍ ଯାଦବ କୁହନ୍ତି, ଡେଲିମାର୍କେଟ ପ୍ଲାଣ୍ଟସାଇଟ୍ ଛକରେ ମୁଁ ପ୍ରତିଦିନ ରିକ୍ସା ପାର୍କିଂ କରେ। ଦିନ ପରେ ଦିନ କଟି ଯାଉଥିଲେ ମଧ୍ୟ ଭଡା ମିଳିବାରେ ବହୁ ଅସୁବିଧା ହେଉଛି। ତଥାପି ସଂସାର ଚଳାଇବା ପାଇଁ ଭଡା ଆଶାରେ ରାସ୍ତା କଡରେ ଠିଆ ହେବାକୁ ପଡୁଛି। ଭଡ଼ା ନ ମିଳିଲେ ବାଧ ହୋଇ ଦୋକାନୀଙ୍କ ମାଲବୋହିବାକୁ ପଡିଥାଏ। ଆଗରୁ ରିକ୍ସାରେ ସ୍କୁଲ ପିଲାଙ୍କୁ ସକାଳୁ ଛାଡିବାକୁ ଯାଉଥିବାରୁ ୨ ପଇସା ଭଲ ଲାଭ ହେଉଥିଲା। ମାତ୍ର ବର୍ତ୍ତମାନ ଘରୋଇ ଅଟୋର ଚାହିଦା ବଢିବାରୁ ଆମ ରିକ୍ସା ଚାଳକଙ୍କ ଅବସ୍ଥା ଶୋଚନୀୟ ହୋଇପଡିଛି ବୋଲି ଯାଦବ କହିଥିଲେ। ସେହିଭଳି ଗୋପବନ୍ଧୁପାଲିରେ ବାସ କରୁଥିବା ରିକ୍ସା ଚାଳକ ଛୋଟୁଲାଲ କୁହନ୍ତି, ରାଉରକେଲା ସହରରେ ଆଜିକୁ ୧୫ ବର୍ଷ ଧରି ରିକ୍ସା ଚଲେଇ ଆସୁଛି। ପୂର୍ବରୁ ସହରରେ ଏତେ ପରିମାଣରେ ଅଟୋ କି ଘରୋଇ ବସ୍ ଓ ସରକାରୀ ମୋ ବସ୍ ନ ଥିଲା। ଲୋକ ରିକ୍ସା ଉପରେ ନିର୍ଭର କରିଥାନ୍ତି। ଫଳରେ ୨ ପଇସା ଲାଭ ହେଉଥିଲା। ବର୍ତ୍ତମାନ ସହରର ଆଧୁନିକତା ଭିତରେ ରିକ୍ସାର ଚାହିଦା ଆଉ ରହିଲା ନାହିଁ। ଯେଉଁମାନେ ରିକ୍ସା ଚଳାଉଥିଲେ ସେମାନେ ଠିକା ଶ୍ରମିକଭାବେ କାମ କରୁଛନ୍ତି। ରିକ୍ସା ଚାଳକଙ୍କ ପାଇଁ ସହରରେ ନା ସଙ୍ଗଠନ ଅଛି ନା ସେମାନେ କେଉଁ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିପାରିବାର ସାହାସ ଅଛି। କେବଳ ନିଜ ଦୁଃଖକୁ ନିଜ ଭିତରେ ଚାପି ରଖି ଦୁଃଖ କଷ୍ଟରେ ଦିନ କାଟିବା କଥା ବୋଲି ଛୋଟୁଲାଲ କହିଥିଲେ। ସହରରେ ଛୋଟୁଲାଲ ଓ ଲାଲଜିତ ଭଳି ଅନେକ ରିକ୍ସା ଚାଳକ ମଧ୍ୟ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି।



ଇନ୍ଦିରାଗାନ୍ଧୀ ପାର୍କ ପ୍ରାଣୀ ଉଦ୍ୟାନରେ ହରିଣମାନେ ବୁଲୁଛନ୍ତି।

## ପଶୁପକ୍ଷୀଙ୍କୁ ସୁରକ୍ଷା ଦେବା ପାଇଁ ଆର୍‌ଏସ୍‌ପିର ବିବିଧ ପଦକ୍ଷେପ

ରାଉରକେଲା,୨୮।୫(ଦିନେଶ ମିଶ୍ର)

ଇନ୍ଦିରାଗାନ୍ଧୀ ପାର୍କ ପ୍ରାଣୀ ଉଦ୍ୟାନର ପଶୁପକ୍ଷୀ ଓ ସରୀସୃପଙ୍କୁ ସୁରକ୍ଷା ପ୍ରଦାନ ପାଇଁ ରାଉରକେଲା ଇସ୍ପାତ କାରଖାନାର ଉଦ୍ୟାନ କୃଷି ବିଭାଗ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଓ ସତର୍କତା ଅବଲମ୍ବନ କରୁଛି। ଇନ୍ଦିରାଗାନ୍ଧୀ ପାର୍କରେ ଥିବା ମାଙ୍କଡ, ମାକାଉ ଓ ଅନ୍ୟାନ୍ୟ ପକ୍ଷୀ ପ୍ରଜାତିର ଏନକ୍ଲୋଜରରେ କୁଲର ସ୍ଥାପିତ କରାଯାଇଛି। ୱାଟର ଟ୍ୟାଙ୍କର ମାଧ୍ୟମରେ ନିୟମିତ ଭାବେ ଥଣ୍ଡାପାଣି ଭାଲୁ, ହରିଣ ଓ ଏମ୍ମୁ ଉପରେ ସ୍ପ୍ରେ କରାଯାଉଛି। ପ୍ରାଇମେଟସ୍, ଆଭେସ୍ ଓ ହରିଣଗୁଡିକ ନିମନ୍ତେ ପାନୀୟ ଜଳ ସହ ରସଯୁକ୍ତ ଖାଦ୍ୟ ଓ ଆଣ୍ଟି ଷ୍ଟ୍ରେସ୍ ଫର୍ମୁଲେସନ ଯୋଗାଇ ଦିଆଯାଉଛି। ସମସ୍ତ ଜୀବଜନ୍ତୁ ଓ ପକ୍ଷୀଙ୍କ ପାଇଁ ୨୪ ଘଣ୍ଟିଆ ଜଳଯୋଗାଣ ସୁନିଶ୍ଚିତ କରାଯାଇଛି। ଏଥିସହ ପଶୁପକ୍ଷୀ ରହୁଥିବା ବାସଗୃହକୁ ନିୟମିତ ସଫାସୁତରା କରିବା ସହ ସେଠାରେ ପ୍ରତିଦିନ ବିଶୋଧନ ଔଷଧ ପକାଯାଇ ସ୍ୱଚ୍ଛତାକୁ ଧ୍ୟାନ ଦିଆଯାଉଛି। ଅତ୍ୟାଧିକ ଉତ୍ତାପ ରୋକିବା ପାଇଁ ପ୍ରତ୍ୟେକ ବିକଳ୍ପ ଦିନରେ ପଶୁମାନଙ୍କ ସେଡରେ ପାଣି ଛିଞ୍ଚିବା ପାଇଁ ୱାଟର ଟ୍ୟାଙ୍କର ବ୍ୟବସ୍ଥା ହୋଇଛି। ସୂଚନାଯୋଗ୍ୟ, ଇନ୍ଦିରାଗାନ୍ଧୀ ପାର୍କ ପ୍ରାଣୀ ଉଦ୍ୟାନ ହେଉଛି ରାଜ୍ୟର ଦ୍ୱିତୀୟ ବୃହତ୍ତମ ଏକକୃତ ପ୍ରାଣୀ ଉଦ୍ୟାନ। ଯେଉଁଠାରେ ୨୩ଟି ପ୍ରଜାତିର ପ୍ରାଣୀ, ୧୩୫ ପ୍ରକାର ପକ୍ଷୀ ବାସ କରନ୍ତି।

### ଫୋନ୍ ଛଡ଼ାଇ ଫେରାର ହେଉଥିବା ବେଳେ ଧରାପଡ଼ିଲେ ଯୁବକ

**ବନ୍ଧମୁଣ୍ଡା,୨୮।୫(ସୁବ୍ରତ ଦେ):** ବନ୍ଧମୁଣ୍ଡାଠାରେ ମଙ୍ଗଳବାର ଜଣେ ଯୁବକ ମହିଳାଙ୍କଠାରୁ ଫୋନ ଛଡାଇ ନେଇ ଫେରାର ହେଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ବନ୍ଧମୁଣ୍ଡା ସିନେମାଟୋଲିର ଗୀତା ମିଞ୍ଜ ସି-ସେକ୍ଟରରୁ ପରିବା କିଣି ଘରକୁ ଫେରୁଥିବା ବେଳେ ଯୁବକ ଜଣକ ତାଙ୍କ ହାତରୁ ଫୋନ ଛଡାଇ ନେଇଥିଲେ। ମହିଳାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଯୁବକଙ୍କୁ କାବୁ କରିଥିଲେ। ସୂଚନା ପାଇ ବନ୍ଧମୁଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଆଲୋକ ଲୋହାର(୨୨)ଙ୍କୁ ଗିରଫ କରିଥିଲା। ଆଲୋକଙ୍କ ନିକଟରୁ ପୋଲିସ ଗୋଟିଏ ମୋବାଇଲ ଫୋନ ଜବତ କରିଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ରାଉରକେଲା,୨୮।୫(ସଙ୍ଗୀତା ଜେନା)

ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୬ ଅଞ୍ଚଳରେ ମଙ୍ଗଳବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ତାଙ୍କ ଘରୁ ଜବତ କରାଯାଇଛି। ମୃତକ ହେଲେ ସ୍ମୃତିରଞ୍ଜନ ବାରିକ(୩୪)। ପୋଲିସ ମୃତଦେହ ଜବତ କରି ଇସ୍ପାତ ଜେନେରାଲ ହସ୍ପିଟାଲ ମର୍ଗ ହାଉସରେ ରଖିବା ସହ ମାମଲା ନଂ. ୧୦/୨୪ ରୁଜୁ କରି ଘଟଣାର ତଦନ୍ତ କରୁଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡି ନାହିଁ।

## ଓକିଲ ସଂଘ ପକ୍ଷରୁ ଡିଆରଏମ୍‌ଙ୍କୁ ଦାବିପତ୍ର ପ୍ରଦାନ



ଡିଆରଏମଙ୍କୁ ଦାବିପତ୍ର ଦିଆଯାଉଛି।

ରାଉରକେଲା,୨୮।୫(ଦିନେଶ ମିଶ୍ର)

ଯାତ୍ରୀବାହୀ ଟ୍ରେନ ଚଳାଚଳ ବିଳମ୍ବକୁ ନେଇ ରାଉରକେଲା ଓକିଲ ସଂଘ ପକ୍ଷରୁ ପ୍ରତିବାଦ କରାଯାଇ ରାଉରକେଲା ଷ୍ଟେଶନମାଷ୍ଟରଙ୍କ ଜରିଆରେ ଡିଆରଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଉରକେଲା ତଥା ସୁନ୍ଦରଗଡବାସୀ ନିର୍ଭର କରୁଥିବା ଯାତ୍ରୀବାହୀ ଟ୍ରେନ ଯଥା ତପସ୍ୱିନୀ ଏକ୍ସପ୍ରେସ, ରାଜ୍ୟରାଣୀ ଏକ୍ସପ୍ରେସ୍, ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍, ସମଲେଶ୍ୱରୀ ଏକ୍ସପ୍ରେସ୍ ଭଳି ଟ୍ରେନ ଗୁଡିକ ବିଗତ କିଛି ଦିନ ହେବ ଅହେତୁକ ବିଳମ୍ବ ଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଭୁବନେଶ୍ୱର-ରାଉରକେଲା ଇଣ୍ଟସିଟି ରାତି ସାଢେ ୯ଟାରେ ପହଞ୍ଚିବା ପରିବର୍ତ୍ତେ ରାତି ସାଢେ ୧୨ଟାରେ ରାଉରକେଲାରେ ଅଧିକାଂଶ ସମୟରେ ପହଞ୍ଚୁଛି। ପ୍ରାୟ ଏକାଧିକ ଟ୍ରେନ ବିଳମ୍ବରେ ପହଞ୍ଚିବା ଏକ ନିତିଦିନିଆ ଘଟଣା ହୋଇଗଲାଣି। ରେଳବାଇ କର୍ତ୍ତୃପକ୍ଷ ଏଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ରାଉରକେଲା ଓକିଲ ସଂଘର ଏକ ପ୍ରତିନିଧି ଦଳ ରାଉରକେଲା ଷ୍ଟେଶନ ମାଷ୍ଟର ପ୍ରଭାସ ରଞ୍ଜନ ଦାସଙ୍କୁ ଭେଟି ଚକ୍ରଧରପୁର ଡିଆରଏମ୍‌ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମ୍ୟାର ତୁରନ୍ତ ସମାଧାନ ସାଙ୍ଗକୁ ସାଧାରଣ ଯାତ୍ରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି। ଏଥିରେ ରାଉରକେଲା ସଂଘ ସଭାପତି ସଦାନନ୍ଦ ସାହୁ, ଉପସଭାପତି ରାଜକିଶୋର ପ୍ରଧାନ, ଅଞ୍ଜନା ଗହୀର, ଉଦୟ ଲାକ୍ରା, ବିଦ୍ୟାନନ୍ଦ ପ୍ରଧାନ,ମାଧବ ନାୟକ, ସୁରେଶ ପ୍ରସାଦ, ଭାଗବତ ପ୍ରସାଦଚ ସାହୁ, ନାଗେଶ୍ୱର ଜଗଦଳା, ପ୍ରତୀକ କୁମାର ସିଂହ, ସତ୍ୟଧାନ ଭଗତ ପ୍ରମୁଖ ଉପସ୍ଥିତ ଥିଲେ।

## ମିରର ଅନୁଷ୍ଠାନ ପକ୍ଷରୁ ସହାୟତା ପ୍ରଦାନ




ଅତିଥିଙ୍କ ଗହଣରେ କୁନି କୁନି ପିଲାମାନେ।

ରାଉରକେଲା,୨୮।୫(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ଦ' ମିରର ଅନୁଷ୍ଠାନ ପକ୍ଷରୁ ସଭାପତି ବିଶ୍ୱଜିତ ରାଉତଙ୍କ ଅଧକ୍ଷତାରେ ସହରରେ ଥିବା ଅନାଥ ଆଶ୍ରମ ଓ ଦିବ୍ୟାଙ୍ଗ ଆଶ୍ରମରେ ବାସ କରୁଥିବା ଗରୀବ ଓ ଅସହାୟଙ୍କୁ ସହାୟତା ପ୍ରଦାନ କରାଯାଇଛି। ଏଥିରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଆଶ୍ରମରେ ବାସ କରୁଥିବା ଶତାଧିକ ଅସହାୟଙ୍କୁ ଶୁଖିଲା ଖାଦ୍ୟ ସାଙ୍ଗକୁ ଥଣ୍ଡା ପାନୀୟ ବିତରଣ କରାଯାଇଥିଲା। ଏଥିସହ ଆଶ୍ରମରେ ବାସ କରୁଥିବା ବିଦ୍ୟାର୍ଥୀଙ୍କୁ କିଭଳି ନିଷ୍ଠାର ସହ ପରିଶ୍ରମ କରି ନିଜ ଦକ୍ଷତା ଅନୁସାରେ ପାଠପଢ଼ି ଭଲ ମଣିଷ ହେବାକୁ ଅନୁଷ୍ଠାନ ପକ୍ଷରୁ ସାମାଜିକ କର୍ମୀ ଶ୍ରଦ୍ଧା ଷଡ଼ଙ୍ଗୀ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସୁନିଲ ରାଉତ, ଲଳିତା ସମାଦ୍, ବିଶ୍ୱନାଥ ରାଉତ, ବାସନ୍ତୀ ବିଶ୍ୱାଳ,ସୁନିଲ ରାଉତ, ସବିତା ଶତପଥୀ, ପିତାମ୍ବର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟର ଅନିଶ, ଅତୁଲ ଜିତିଲେ ୩ଟି ପଦକ

ବନ୍ଧମୁଣ୍ଡା,୨୮।୫( ସୁବ୍ରତ ଦେ)

ମହାରାଷ୍ଟ୍ର ପୁଣେ ସହରର ବାଲେୱାଡିସ୍ଥିତ ବକ୍ସିଂ ହଲରେ ଆୟୋଜିତ ୱାକୋ ଇଣ୍ଡିଆ ଶିଶୁ ଏବଂ କ୍ୟାଡେଟ୍ ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପରେ ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ଅତୁଲ ଓରାମ ଏବଂ ଅନିଶ ଓରାମ ସୁନ୍ଦରଗଡ ଜିଲାର ଗୌରବ ବଢାଇଛନ୍ତି। ଅନିଶ ପଏଣ୍ଟ ଫାଇଟରେ ଗୋଟିଏ ସିଲଭର ପଦକ ଏବଂ ଲାଇଟ କଣ୍ଟେକ୍ଟରେ ଗୋଟିଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ଅତୁଲ କିକ ଲାଇଟରେ ଗୋଟିଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ୨ ଯାଆଁଳା ଭାଇ ଫେବୃଆରୀରେ ଅନ୍ତର୍ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପରେ ଅଂଶଗ୍ରହଣ କରି ୨ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅନିଶ ଏବଂ ଅତୁଲଙ୍କ ଏହି ସଫଳତାରେ ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟର ପ୍ରିନ୍ସିପାଲ ହେମଲତା ନାୟକ ତଥା ଅଞ୍ଚଳର ସମସ୍ତ କ୍ରୀଡ଼ାପ୍ରେମୀ ୨ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଅଲିମ୍ପିକ୍ସରେ ସ୍ଥାନ ପାଇବା ପାଇଁ ଆଶା ପ୍ରକଟ କରିଛନ୍ତି।



ପଦକ ଜିତି ଥିବା ଅନିଶ ଓ ଅତୁଲ।



ଛାତ୍ରୀଛାତ୍ରମାନେ କ୍ରୀଡା ପ୍ରଶିକ୍ଷଣ ନେଉଛନ୍ତି।

## ଆର୍‌ଏସ୍‌ପିର ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର ଉଦ୍‌ଯାପିତ

ରାଉରକେଲା,୨୮।୫,(ଦିନେଶ ମିଶ୍ର)

ଆରଏସ୍‌ପି ଦ୍ୱାରା କ୍ରୀଡା ପ୍ରତିଭାଙ୍କ ପାଇଁ ଆୟୋଜିତ ହୋଇଥିବା ୩୭ତମ ବାର୍ଷିକ ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡା ଶିବିର ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍‌ଏସ୍‌ପିର କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଆର୍‌ଏସ୍‌ପିର ମାନବ ସମ୍ବଳ ଓ ସହର ବିଭାଗର ଜିଏମ ଇନଚାର୍ଜ ପି.କେ ଦାସ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ କ୍ରୀଡା ନୈପୁଣ୍ୟତା ପ୍ରଦର୍ଶନ କରିଥିବା ବିଭିନ୍ନ ଦଳ ଓ କୋଚଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ପିଏଚ୍ କ୍ରୀଡା ଓ ବିମାନବନ୍ଦର ବିଭାଗର ଜିଏମ ଇନଚାର୍ଜ ଆର.କେ ବର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ରୀଡା ବିଭାଗର ସହାକାରୀ ପ୍ରବନ୍ଧକ ରଘୁନାଥ ପାଢୀ ବିଭାଗୀୟ ସାମୁଦାୟିକ ସହଯୋଗରେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସିଆରଏମ ବିଭାଗର ବରିଷ୍ଠ ଟେକ୍ନିସିଆନ ଅନିଲ ମଲ୍ଲିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ମେ ୭ରୁ ଉଦ୍‌ଘାଟିତ ହୋଇଥିବା ଏହି ଗ୍ରୀଷ୍ମକାଳୀନ କ୍ରୀଡା ଶିବିରରେ ୧୫ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହି ଶିବିରରେ ଆଥଲେଟିକ୍ ଠାରୁ ଆରମ୍ଭ କରି କ୍ରିକେଟ୍, ଫୁଟବଲ, ବ୍ୟାଡମିଣ୍ଟନ, ବକ୍‌ସିଙ୍ଗ,ସାଇକେଲିଙ୍ଗ୍, ଚେସ୍ ଭଳି ୧୪ଟି ବିଭାଗରେ ଅଭିଜ୍ଞ କୋଚ୍ ଠାରୁ ଖେଳର ବିଭିନ୍ନ କୌଶଳ ତାଲିମ ପ୍ରଦାନ କରାଯାଇଥିଲା। ୧୯୮୭ରୁ ଆରମ୍ଭ ହୋଇଥିବା ଏହି ଗ୍ରୀଷ୍ମକାଳୀନ କ୍ରୀଡା ଶିବିର ଦ୍ୱାରା ବହୁ ଜାତୀୟ ଓ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କ୍ରୀଡାବିତ ସୃଷ୍ଟି ହୋଇଛନ୍ତି। ଆରଏସପିର ଏହି କ୍ରୀଡା ଶିବିର ଯୋଗୁ ବହୁ ଖେଳାଳି ସୃଷ୍ଟି ହୋଇ ସହର ତଥା ରାଜ୍ୟ ପାଇଁ ଗୌରବ ଆଣିବାରେ ବେଶ ସହାୟକ ହେଉଛି ବୋଲି ପାଢୀ ସୂଚନା ଦେଇଛନ୍ତି।

# ନିର୍ମାଣ ପରେ ମଧ୍ୟ ଆରମ୍ଭ ହୋଇନାହିଁ

ସମ୍ବଲପୁର,୨୮।୫(ପ୍ରମୋଦ ବହିଦାର)



ବୁଢ଼ାରଜା ମାଛ ବଜାର ପାଇଁ ନିର୍ମିତ ଅତ୍ୟାଧୁନିକ କୋଠା।

**■ ବୁଢ଼ାରଜା ମାଛ ବଜାର ଭୂତକୋଠି ପାଲଟିଛି**
**■ ୮୫ ଲକ୍ଷରେ ନିର୍ମାଣ ଅତ୍ୟାଧୁନିକ କୋଠା**
**■ ମରାମତି କରାଯାଇ ଶୁଭାରମ୍ଭ ହେବ: ଏସ୍ଏମ୍ସି କମିଶନର**

ସମ୍ବଲପୁର ଦାନିପାଲି ବୁଢ଼ାରଜାରେ ଏକ ଅତ୍ୟାଧୁନିକ ମାଛ ବଜାର ନିର୍ମାଣ ହୋଇ ମଧ୍ୟ ଦୀର୍ଘଦିନ ହେଲା ଆରମ୍ଭ ନ ହୋଇ ଏକ ପ୍ରକାର ଭୁତକୋଠିରେ ପରିଣତ ହୋଇଛି। ସମ୍ବଲପୁର ଗ୍ରାହକଙ୍କୁ ଏକ ସ୍ୱାସ୍ଥ୍ୟକର ପରିବେଶରେ ମାଛ କ୍ରୟ ସୁବିଧା ସହିତ ମାଛ ବ୍ୟବସାୟୀଙ୍କୁ ମଧ୍ୟ ବ୍ୟବସାୟ ସୁବିଧା ସହ ଏକ ସ୍ୱଚ୍ଛ ବାତାବରଣରେ ବ୍ୟବସାୟ କରିବାର ସୁବିଧା ଯୋଗାଇବା ଲକ୍ଷ୍ୟରେ ଏଠାରେ ଏକ ଅତ୍ୟାଧୁନିକ ମାଛ ବଜାର ନିର୍ମାଣ ପାଇଁ ଗତ ୨୦୧୫-୧୬ରେ ଶିଳାନ୍ୟାସ ହୋଇଥିଲା। ତତ୍କାଳୀନ ସମ୍ବଲପୁର ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ଏହାର ଶିଳାନ୍ୟାସ କରିଥିବା ବେଳେ ପାଇପ୍ ଜଳ, ଫିଜର ସୁବିଧା, ଓଜନ ମେଶିନ, ଇଟିପି(ଦୂଷିତ ଜଳ ବିଶୋଧକ) ମେଶିନ ଖଚିତ ଅତ୍ୟାଧୁନିକ ମାଛ ବଜାର ନିର୍ମାଣ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇ ସାରିଛି। ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠିରୁ ପ୍ରାୟ ୮୫ ଲକ୍ଷ ୯୭ ହଜାର ୮୭୮ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ଅତ୍ୟାଧୁନିକ ମାଛ ବଜାରର ଶୁଭାରମ୍ଭ ଏପର୍ଯ୍ୟନ୍ତ ହୋଇ ପାରିନାହିଁ। ଗୋଲବଜାର ବ୍ୟତୀତ ସମ୍ବଲପୁର ସହରର ଅନ୍ୟ କୌଣସି ସ୍ଥାନରେ ଏକ ସଙ୍ଗଠିତ ମାଛ ବଜାର ନାହିଁ। ତେବେ କାଇଶିର ରୋଡ଼, ବୁଢ଼ାରଜା, ବଡ଼ବଜାର, କମଲିବଜାର, ଚେରୁଆପଡ଼ା ଛକ, ଦମକଳ ଅଫିସ ନିକଟ, ଧୁଚୁରାପଡ଼ା, ପୀରବାବା ଛକ, ଚାରବାଟି ଛକ, ସାକ୍ଷୀପଡ଼ା ରାସ୍ତା ଆଦି ସ୍ଥାନରେ ରାସ୍ତାକଡ଼ରେ ମାଛ ବ୍ୟବସାୟୀ ନିଜ ପସରା ମେଲାଇ ବ୍ୟବସାୟ କରୁଥିବା ଦେଖାଯାଇଛି। ଅଧିକାଂଶ ମାଛ ବ୍ୟବସାୟୀ ଡ୍ରେନ୍ ନିକଟ ବା ଫୁଟପାଥରେ ବସି ମାଛ ବିକ୍ରୟ କରୁଛନ୍ତି। ଫଳରେ ମାଛର ଅବଶେଷ ନାଳ ନର୍ଦ୍ଦମାରେ ପଡ଼ି ନିୟମିତ ସଫେଇ ଅଭାବରୁ ଏଥିରୁ ବାହାରୁଥିବା ଦୁର୍ଗନ୍ଧ ପରିବେଶକୁ ଦୂଷିତ କରୁଛି। ଯାହାକୁ ନେଇ ସ୍ଥାନ ବିଶେଷରେ ଜନଅସନ୍ତୋଷ ମଧ୍ୟ ଦେଖାଦେଇଛି। ବର୍ତ୍ତମାନ ସମ୍ବଲପୁରରେ ପ୍ରତିଦିନ ହାରାହାରି ୩୦ରୁ ୫୦ କୁଇଣ୍ଟାଲ ମାଛ ସହିତ ୩ ରୁ ୫ କୁଇଣ୍ଟାଲ ସାମୁଦ୍ରିକ ଖାଦ୍ୟ ଯଥା ଚିଙ୍ଗୁଡ଼ି, କଙ୍କଡ଼ା ଆଦି ବିକ୍ରୟ ହୋଇଥାଏ। ବୁଧବାର ଓ ରବିବାର ସାମାନ୍ୟ ଅଧିକ ବିକ୍ରୟ ହୋଇଥିବାବେଳେ ଗୁରୁବାର ବଜାର ସାଧାରଣତଃ ଫିକା ପଡ଼ିଥାଏ ବୋଲି କହିଛନ୍ତି ଅଇଁଠାପାଲିର ଜଣେ ମାଛ ବ୍ୟବସାୟୀ। ସେ କହିଛନ୍ତି ଯେ, ଏହି ବଜାରକୁ ଠିକା ନେଇଥିବା ଠିକାଦାରଙ୍କୁ ଯେତେ ଅନୁରୋଧ କଲେ ମଧ୍ୟ କୌଣସି ପ୍ରକାର ସୁବିଧା ଯୋଗାଉ ନାହାନ୍ତି। ମାତ୍ର ପ୍ରତ୍ୟେକ ମାଛ ବ୍ୟବସାୟୀଙ୍କ ଠାରୁ ନିୟମିତ ଭାବେ ଦୈନିକ ୮୦ ଟଙ୍କା ଲେଖାଏଁ ଶୁଳ୍କ ଆଦାୟରେ କଦାପି ହେଳା କରନ୍ତି ନାହିଁ ବୋଲି ସେ କହିଛନ୍ତି। ଏପରିକି ଏଠାରେ ମାଛ ବ୍ୟବସାୟୀଙ୍କ ପାଇଁ ଆବଶ୍ୟକ ଖରାରୁ ରକ୍ଷା ପାଇଁ ଛାତ ଓ ପାଣିର ସର୍ବନିମ୍ନ ସୁବିଧା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଠାରେ ମାଛର ଅବଶେଷ ପରିଚାଳନା ପାଇଁ ନିୟମିତ ଭାବେ ମହାନଗର ନିଗମର ଆବର୍ଜନା ଗାଡ଼ି ଆସୁ ନ ଥିବାରୁ ବ୍ୟବସାୟୀମାନେ ନିଜେ ଏହାକୁ ସଫେଇ କରୁଛନ୍ତି। ବ୍ୟବସାୟୀମାନେ ୧ କିଲୋମିଟର ଦୂରରେ ସମସ୍ତ ଅବଶେଷକୁ ଫୋପାଡ଼ି ଥାଆନ୍ତି ବୋଲି ଉକ୍ତ ମାଛ ବ୍ୟବସାୟୀ କହିଛନ୍ତି।

ଏସମ୍ପର୍କରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣଙ୍କୁ ପଚାରା ଯିବାରେ ସେ କହିଲେ, ମାଛ ବଜାର ନିର୍ମାଣ ସମ୍ପନ୍ନ ହେବା ପରେ ସମ୍ଭବତଃ କୋଭିଡ୍ଜନିତ ସଟଡାଉନ କାରଣରୁ ଏହାର ଶୁଭାରମ୍ଭ ହୋଇ ପାରିନାହିଁ। ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବନ୍ଦ ରହିଥିବାରୁ ଏଠାରେ ଲାଗିଥିବା ବିଭିନ୍ନ ବୈଦ୍ୟୁତିକ ସାମଗ୍ରୀ ଓ ସରଞ୍ଜାମ କ୍ଷତିଗ୍ରସ୍ତ ହୋଇଥିବା ଅନୁମାନ କରାଯାଉଛି। ତେଣୁ ନିର୍ବାଚନ ଶେଷ ହେବାପରେ ଏହାର କ୍ଷୟକ୍ଷତି ଆକଳନ କରାଯାଇ ମରାମତି ପାଇଁ ଟେଣ୍ଡର ଡକାଯିବ ଓ ଏହାର ମରାମତି ସରିବା କ୍ଷଣି ମାଛ ବଜାରର ଶୁଭାରମ୍ଭ କରାଯାଇ ବ୍ୟବସାୟୀମାନଙ୍କୁ ଥଇଥାନ କରାଯିବ ବୋଲି ବେଦଭୂଷଣ କହିଛନ୍ତି।

# ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ଭୋଟଗଣତି ତାଲିମ ଶିବିର



ଦେବଗଡ଼,୨୮।୫(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଭୋଟ ଗଣତି ପାଇଁ ଦ୍ୱିତୀୟ ଦିନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଜିଲାରେ ବିଧାନସଭା ଓ ଲୋକ ସଭା ପାଇଁ ଆସନ୍ତା ଜୁନ ୪ ତାରିଖରେ ଭୋଟ ଗଣତି ହେବ। ଏହି ପରିପ୍ରେକ୍ଷୀରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ତଥା ରିଟର୍ନିଂ ଅଫିସର ପରକ୍ଷିତ ସାହୁ ଭୋଟ ଗଣତି କିପରି ଶାନ୍ତିଶୃଙ୍ଖଳାର ସହ ହୋଇପାରିବ ସେଥି ପାଇଁ ତାଲିମ ପ୍ରଦାନ କରିଥିଲେ। ଗଣତି କେନ୍ଦ୍ରରେ କିଭଳି ଗଣତି କରାଯିବ। ପ୍ରତି ପର୍ଯ୍ୟାୟରେ କିଭଳି ଗଣତି ହେବ, ଗଣତି ପରେ କିଭଳି ରାଜ୍ୟ କମିଶନଙ୍କୁ ତଥ୍ୟ ପ୍ରଦାନ କରାଯିବ, ଗଣତି କାର୍ଯ୍ୟରେ ଅଣୁ ପର୍ଯ୍ୟବେକ୍ଷକ, କାଉଣ୍ଟିଂ ସୁପରଭାଇଜର, କାଉଣ୍ଟିଂ ଆସିଷ୍ଟାଣ୍ଟମାନେ ଉପସ୍ଥିତ ରହିବେ ସେ ସମ୍ପର୍କରେ ଇଭିଏମ ମେଶିନ କିପରି ଭାବେ ଗଣତି କରାଯିବ ସେ ଉପରେ ପ୍ରଶିକ୍ଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସୂର୍ଯ୍ୟକାନ୍ତ ବରିହା, ଅଞ୍ଜୁନୀ କୁଜୁର, ସହକାରୀ ଜିଲାପାଳ ଶୁଶ୍ରୀ ରେଖା ମହନ୍ତ, ଜିଲା ଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନ, ଜିଲା ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ, ଜିଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ଉପନିର୍ଦ୍ଦେଶକ ଯୋଜନା ରାମ ସେବକ ପ୍ରଧାନ, ପିଏ ଆଇଟିଡିଏ ସନ୍ଧ୍ୟାରାଣୀ ମାଝି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ଋତୁସ୍ରାବ ଦିବସ ନେଇ ଜନସଚେତନତା

ସମ୍ବଲପୁର,୨୮।୫(ଭବାନୀ ଶଙ୍କର ଭୋଇ)

ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କ୍ଷେତରାଜପୁର ଠାରେ ମଙ୍ଗଳବାର ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଇନ୍ଦୁଶେଖର ମାଝିଙ୍କ ପରିଚାଳନାରେ କିଶୋରୀ ବାଳିକା ଓ ମହିଳାମାନଙ୍କୁ ଋତୁସ୍ରାବ ଜନିତ ସାଧାରଣ ପରିଚ୍ଛନ୍ନତା ଉପରେ ସଚେତନ କରାଯାଇଥିଲା। ଋତୁସ୍ରାବ ସମୟରେ କେଉଁ ଖାଦ୍ୟ ଖାଇବା ଉଚିତ, କେଉଁ ଖାଦ୍ୟ ଖାଇବା ଅନୁଚିତ ପୁଣି ଋତୁସ୍ରାବ ଜନିତ ମାନସିକ ସମସ୍ୟାରୁ କିପରି ମୁକ୍ତି ପାଇପାରିବେ ସେହି ବିଷୟରେ ପିଏଚଏମ ଦିଲୀପ କୁମାର ନନ୍ଦ ବୁଝାଇଥିଲେ। ବସ୍ତି ଅଞ୍ଚଳରେ କିଶୋରୀ ବାଳିକା ଋତୁସ୍ରାବ ସମୟରେ ସ୍ୱଚ୍ଛତା ଠିକ ଭାବରେ ପାଳନ କରିବା ଉପରେ ଆଶା ଦିଦି ପ୍ରତିଭା ଦୀକ୍ଷିତ ବୁଝାଇଥିଲେ। କାର୍ଯ୍ୟକ୍ରମରେ ମନୀଷା ଆଚାର୍ଯ୍ୟ, କଳ୍ପନା ମିଶ୍ର, ରିଙ୍କି ବାଗ, ଘନସୁନ୍ଦର ସାହୁ, ଝରେଷ ଭୋଇ ପ୍ରମୁଖ ଉପସ୍ଥିତ ରହି ଋତୁସ୍ରାବ ସମ୍ପର୍କରେ ବିଭିନ୍ନ ଧାରଣା ନେଇ ଆଲୋଚନା କରିଥିଲେ।




ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳନ ଅବସରରେ ଉପସ୍ଥିତ ମହିଳା, ବାଳିକା।

# ୨ ମହଲା ଛାତ ଉପରୁ ପଡ଼ି ନାବାଳିକା ଗୁରୁତର

ଦେବଗଡ଼,୨୮।୫(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଥାନା ଅନ୍ତର୍ଗତ ସମରଖାଇ ଗ୍ରାମରେ ୨ ମହଲା ଘର ଛାତ ଉପରୁ ଖସିପଡି ଜଣେ ନାବାଳିକା ଗୁରୁତର ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ସମରଖାଇ ଗ୍ରାମର କୃତାର୍ଥ ବେହେରାଙ୍କ ଝିଅ ପ୍ରଜ୍ଞା ଈଶ୍ୱରୀ ବେହେରା (୧୪) ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟାରେ ନିଜ ଦୁଇ ମହଲା ଘର ଛାତ ଉପରେ ବୁଲାବୁଲି କରୁଥିଲେ। ଏହି ସମୟରେ ଅସାବଧାନତା ବସତଃ ତାଙ୍କର ଗୋଡ ଖସିଯିବାରୁ ସେ ତଳକୁ ଖସି ପଡିଥିଲେ। ଫଳରେ ତାଙ୍କର ବାମ କାନ୍ଧରେ ଗଭୀର ଆଘାତ ଲାଗିବା ସହ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କର ଚିତ୍କାର ଶୁଣି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେ ଏବେ ସେଠାରେ ଚିକିତ୍ସାଧୀନ ଥିବା ଜଣାପଡିଛି।

# ସାଧାରଣ ନିର୍ବାଚନ ୨୦୨୪ ଭୋଟ ଗଣନା ଉପରେ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୨୮।୫(ବି.ଶଙ୍କର)

ଏକକାଳୀନ ସାଧାରଣ ନିର୍ବାଚନ ୨୦୨୪ର ଭୋଟ ଗଣନାର ସୁଗମ ଆଚରଣ ପାଇଁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଓସାନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅକ୍ଷୟ ସୁନୀଲ ଅଗ୍ରୱାଲ ଅଧକ୍ଷତା କରିଥିଲେ। ବୈଠକରେ ଗଣନା ବ୍ୟବସ୍ଥା, ଯୋଗାଯୋଗ କକ୍ଷ, ସୁରକ୍ଷା ବ୍ୟବସ୍ଥା, ଇଭିଏମ ଏବଂ ଭିଭିପିଏଟ ଗଣନା, ଖାଦ୍ୟ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଉପରେ ଆଲୋଚନା ହୋଇଛି। ସମ୍ବଲପୁର ଏସ୍ପି ମୁକେଶ କୁମାର ଭାମୁ, ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ସୂଚାରୁ କୁମାର ବଳ, ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ଅଜାମ୍ବର ମହାନ୍ତି, ଉପଜିଲାପାଳ (ସଦର) ଡ. ପୁଷ୍ପାଞ୍ଜଳି ପଣ୍ଡା ଏବଂ ଅନ୍ୟ ସମସ୍ତ ରିଟର୍ନିଂ ଅଧିକାରୀ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।

# ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ସମ୍ବଲପୁର,୨୮।୫(ଭବାନୀଶଙ୍କର ଭୋଇ)

**ଶହଶହ ଭୋଟର ମତଦାନ ଅଧିକାରରୁ ବଞ୍ଚିତ ଘଟଣା**

ଗଣତନ୍ତ୍ରର ମହାନ ପର୍ବରେ ସାମିଲ ହୋଇ ନିଜର ମତସାବ୍ୟସ୍ତ କରିବା ପାଇଁ ପ୍ରାୟ ସବୁ ମତଦାତାଙ୍କ ମନରେ ପ୍ରବଳ ଉତ୍ସାହ ରହିଥିଲା। ଭୋଟ ଗ୍ରହଣ ଦିନ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀର ବୁର୍ଲା, ହୀରାକୁଦ ଓ ସମ୍ବଲପୁରରେ ସବୁ ସ୍ଥାନରେ ଲମ୍ବ ଲାଇନ ଦେଖିବାକୁ ମିଳିଥିଲା। ହେଲେ ବହୁ ଭୋଟରଙ୍କ ନା ତାଲିକାରେ ନ ଥିବାରୁ ମତଦାନ ଅଧିକାରରୁ ବଞ୍ଚିତ ରହିଥିଲେ। ମତଦାତାଙ୍କ ପାଇଁ ଲାଗୁଥିବା ଛାଉଣୀ ଠିକ ନ ଥିଲା। ପିଇବା ପାଣିର ବ୍ୟବସ୍ଥା ବି ଠିକ ରୂପେ ନ ଥିଲା ବୋଲି କଂଗ୍ରେସର ସମ୍ବଲପୁର ପ୍ରାର୍ଥୀ ଦୁର୍ଗା ପାଢ଼ୀ ଅଭିଯୋଗ କରିଛନ୍ତି। ମତଦାନ ସମୟରେ ଅବ୍ୟବସ୍ଥା ପାଇଁ ସରକାର ଓ ନିର୍ବାଚନ ପରିଚାଳନା କରୁଥିବା ଅଧିକାରୀଙ୍କୁ ଦୁର୍ଗା ପାଢୀ ଦାୟୀ କରିଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଶିକ୍ଷିତ ଓ ସଚେତନ ମତଦାତାଙ୍କ ନାମ ସୂଚୀରେ ନ ରହିବା ପାଇଁ କେବଳ ସରକାର ଦାୟୀ ବୋଲି କଂଗ୍ରେସ ପକ୍ଷରୁ ଦଳୀୟ ପ୍ରାର୍ଥୀ ଦୁର୍ଗା ପାଢ଼ୀଙ୍କ ସହ କଂଗ୍ରେସ ନେତା ତଥା ବରିଷ୍ଠ ଓକିଲ ପ୍ରକାଶ ଶତପଥୀ, କଂଗ୍ରେସର ନିର୍ବାଚନ ସଂଯୋଜକ ଅରୁଣ କୁମାର, ଚନ୍ଦ୍ର ମହାନ୍ତି, ବିଜୁ ପ୍ରଧାନ, ଡ. ସନ୍ତୋଷ କାନୁନଗୋ, ଦଶରଥ ଦାସ, ବିରଞ୍ଚି ମହାପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି।

# ଜେସିବି ହେଲ୍ପରଙ୍କୁ ମାଡ଼ ମାରି ଟଙ୍କା ଲୁଟ୍: ୨ଗିରଫ

କୁଚିଣ୍ଡା,୨୮।୫(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ମହୁଲପାଲି ଥାନା ଦୁମୁକୁ ପଡିଆମାଲ ଗ୍ରାମର ଜମି ସମତଳ କାମ କରୁଥିବା ଜେସିବି ହେଲପର ସଞ୍ଜୟ ଏକ୍କାଙ୍କୁ ମାଡ଼ ମାରି ଟଙ୍କା ଲୁଟିବା ଅଭିଯୋଗରେ ମହୁଲପାଲୀ ପୋଲିସ ମଙ୍ଗଳବାର ଉକ୍ତ ଗ୍ରାମର ଆକ୍ରମଣକାରୀ ଦୁଇଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁଶାନ୍ତ ଖେସ ଓ ପ୍ରଶାନ୍ତ ଖେସ। ଜମି ସମତଳ କରାଉଥିବା ଦୁମୁକୁ ପଡିଆମାଲ ଗ୍ରାମର ଜମି ମାଲିକ ମେରୀ କାମାଲିନା ଏକ୍କା (୪୫)ଙ୍କ ରିପୋର୍ଟ ଆଧାରରେ ପୋଲିସ ମହୁଲପାଲି ଥାନାରେ ଏକ ମାମଲା (ନଂ.୯୩/୨୦୨୪)ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ଅଭିଯୁକ୍ତଙ୍କଠାରୁ ୪ହଜାର ଟଙ୍କା ସହ ଜେସିବି ଚାବି ଓ କାଗଜପତ୍ର ଜବତ କରିଛି। ସୂଚନାରୁ ପ୍ରକାଶ ଯେ, ସୋମବାର ମହୁଲପାଲି ଥାନା ଦୁମୁକୁ ପଡିଆମାଲ ଗ୍ରାମର ମେରୀ କିମାଲିନା ଏକ୍କା ତାଙ୍କ ଚାଷ ଜମିକୁ ସମତଳ କରିବା ପାଇଁ ଜେସିବି ମେସିନ ଲଗାଇ ଥିଲେ। କିଛି ସମୟ କାମ କରିବା ପରେ ସକାଳ ସାଢେ ୮ଟାରେ ଜେସିବି ହେଲପର ସଞ୍ଜୟ ଏକ୍କା ଜମି କଡ଼ରେ ବସି ଜଳଖିଆ ଖାଉଥିବା ସମୟରେ ସେହି ଗ୍ରାମର ଦୁଇ ଭାଇ ସୁଶାନ୍ତ ଖେସ ଓ ପ୍ରଶାନ୍ତ ଖେସ ଜମିକୁ ପହଞ୍ଚି ହେଲପରକୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ମୁଥ ମାରି ତାଙ୍କ ମୁହଁ ଫଟାଇ ଦେଇଥିଲେ। ଏଥିରେ ଭୟଭୀତ ହୋଇ ସଞ୍ଜୟ ଘଟଣାସ୍ଥଳରୁ ଦୌଡ଼ି ପଳାଇ ଜମି ମାଲିକ ଘରେ ପହଞ୍ଚି ଏବାବଦରେ ଜଣାଇଥିଲେ। ସେତିକିବେଳେ ଆକ୍ରମଣକାରୀ ସୁଶାନ୍ତ ଓ ପ୍ରଶାନ୍ତ ଦୁଇ ଭାଇ ସେଠାକୁ ପହଞ୍ଚି ମେରୀଙ୍କୁ ଏକ ବାଡ଼ିରେ ମାଡମାରି ଗାଳିଗୁଲଜ କରି ହେଲପର ସଞ୍ଜୟଙ୍କୁ ଖୋଜାଖୋଜି କରିଥିଲେ। କୌଣସି ସୂତ୍ରରୁ ଖବର ପାଇ ଜେସିବି ମାଲିକ ଏବଂ ଡ୍ରାଇଭର ସେଠାରେ ପହଞ୍ଚିଯିବାରୁ ଅଭିଯୁକ୍ତମାନେ ଫେରାର ମାରିଥିଲେ ଏବଂ ଜମିରେ ଠିଆ ହୋଇଥିବା ଜେସିବିରୁ ନଗଦ ୯ ହଜାର ଟଙ୍କା, ଜେସିବି ଚାବି ସହ ଗାଡ଼ିର କାଗଜପତ୍ର ନେଇ ଯାଇଥିଲେ। ଜେସିବି ମାଲିକ ଘଟଣାସ୍ଥଳରୁ ହେଲପର ଏବଂ ଜମି ମାଲିକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସା ପରେ ସୁସ୍ଥ ହୋଇ ଜମି ମାଲିକ ମେରୀ କାମାଲିନା ମହୁଲପାଲି ଥାନାରେ ଲିଖିତ ରିପୋର୍ଟ କରିଥିଲେ।



ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ।



ସମ୍ବଲପୁର ମହାନଦୀ ରିଂରୋଡରେ ଦୁଇ ଜଣ ଧୀବର ମାଛ ମାରିବା ସକାଶେ ଜାଲ ପ୍ରସ୍ତୁତ କରୁଛନ୍ତି।



ସମ୍ବଲପୁରସ୍ଥିତ ଡାକ୍ତର ଝସକେତନ ସାହୁ ସୁଇମିଂ ପୁଲରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ନେବା ସହ ପ୍ରଶିକ୍ଷାର୍ଥୀମାନେ ଜଳ କ୍ରୀଡାର ମଜା ନେଉଛନ୍ତି।

# ଜୁନ୍ ୪ ପରେ ନବୀନ ହେବେ ପୂର୍ବତନ ମୁଖ୍ୟମନ୍ତ୍ରୀ: ଶାହା

ଚାନ୍ଦବାଲି,୨୮।୫(କିଷାନ ପାତ୍ର)

ଜୁନ୍ ୪ ପରେ ନବୀନ ବାବୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭାବେ ଗଣାଯିବେ ବୋଲି ଭାଜପାର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ଚାନ୍ଦବାଲି ଦୁର୍ଗାପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ସେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ଏବେ ଓଡ଼ିଶାରେ ନା ତାମିଲନାଡୁରେ ଅଛି ବୋଲି ସେ ପ୍ରଶ୍ନ କରିଛନ୍ତି। ନବୀନ ସରକାର କେନ୍ଦ୍ରର ସମସ୍ତ ଯୋଜନାକୁ ହଡ଼ପ କରି କେବଳ ବାହାବା ନେଉଛନ୍ତି। ପ୍ରକୃତରେ ଯୋଜନା ସବୁ ମୋଦିଜୀଙ୍କର। ନବୀନ ବାବୁ ଜଣେ ତାମିଲ ବାବୁ ହାତରେ ଶାସନ ଭାର ଟେକି ଦେଇଛନ୍ତି। ଓଡ଼ିଶାର ଖଣି, ପାଣି ସବୁ ଲୁଟ୍ ହେଉଛି, କିନ୍ତୁ ମୁଖିଆ କିଛି ଜାଣିପାରୁ ନାହାନ୍ତି ନା ସବୁ ଜାଣି ଚୁପ୍ ବସୁଛନ୍ତି। ଓଡ଼ିଶାର ଲୋକ ଏଥର ୨୫ବର୍ଷର ସ୍ଥାଣୁ ସରକାରକୁ ଉପାଡ଼ି ଫୋପାଡ଼ି ଦେବେ ବୋଲି ତାଙ୍କର ଆଶା ବୋଲି ଶାହା କହିଛନ୍ତି।

ଓଡ଼ିଶାରେ ଲୋକ ଏଥର ଜଣେ ଓଡ଼ିଆ କହିପାରୁଥିବା ମୁଖ୍ୟମନ୍ତ୍ରୀ ପାଇବାକୁ ଯାଉଛନ୍ତି। ଓଡ଼ିଶାରେ ଭାଜପା ସରକାର ଆସିଲେ ଚିଟ୍‌ଫଣ୍ଡ ଜମାକାରୀଙ୍କ ଟଙ୍କା ସୁଧ ମୂଳ ସହ ଫେରାଯିବ। ଏହାବ୍ୟତୀତ ଓଡ଼ିଶାରେ ଭାଜପା ସରକାର ଗଠନ ହେଲେ ୬ ମାସ ମଧ୍ୟରେ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ସହ ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିବ ବୋଲି ଶାହା ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ସେ ଭାଜପାର ଭଦ୍ରକ ଲୋକ ସଭା ପ୍ରାର୍ଥୀ ଏବଂ ସମସ୍ତ ବିଧାନସଭା ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ନିବେଦନ କରିଛନ୍ତି।

ସେହିପରି ଯୁବନେତା ପ୍ରିୟରଞ୍ଜନ ଜେନା ସଭାସ୍ଥଳରୁ ଚାନ୍ଦବାଲି ବିଧାୟକଙ୍କୁ ଟାର୍ଗେଟ କରି ଚାନ୍ଦବାଲି ମାଟିରେ ଏଥର ପଦ୍ମ ଫୁଟିବ ବୋଲି କହିଥିଲେ। ସମାବେଶରେ ଭାଜପା ରାଜ୍ୟ ସଭାପତି ତଥା ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ମନମୋହନ ସାମଲ, ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଧାମନଗର ବିଧାୟକ ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ, ବାସୁଦେବପୁର ବିଧାୟକ ପ୍ରାର୍ଥୀ ବାଣୀକଲ୍ୟାଣ ମହାନ୍ତି, ଜିଲା ସଭାପତି ହେମନ୍ତ ପାଢ଼ୀ, ଉପସଭାପତି କମଳାକାନ୍ତ ସୂତାର, ଭାଜପାର ଭଦ୍ରକ ଲୋକ ସଭା ପ୍ରଚାର କମିଟି ଅଧ୍ୟକ୍ଷ ଅଜୟ କୁମାର ନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର ରାଉଳ ପ୍ରମୁଖ ଯୋଗ ଦେଇଥିଲେ।


ଚାନ୍ଦବାଲି ଦୁର୍ଗାପଡ଼ିଆରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ଭାଜପା ପ୍ରାର୍ଥୀ ଓ ଅନ୍ୟମାନେ।

# ଧର୍ମଶାଳାର ସ୍ୱାଧୀନ ପ୍ରାର୍ଥୀଙ୍କ ବିରୋଧରେ ସିଇଓଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର,୨୮।୫(ଅନିଲ ଦାସ)

ଧର୍ମଶାଳା ନିର୍ବାଚନମଣ୍ଡଳୀର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ସାହୁଙ୍କ ବିରୋଧରେ ବିଜେଡି ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି। ବିଜେଡି ଅଭିଯୋଗ କରିଛି ଯେ, ଗତ ସୋମବାର ଧର୍ମଶାଳା ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଣବ ବଳବନ୍ତରାୟ ଧର୍ମଶାଳା ବ୍ଲକ ଅଧୀନ ଓସରା ଛକ ନିକଟରେ ରାଲିରେ ଯାଉଥିବାବେଳେ ଏକ ସ୍କର୍ପିଓ ଅତର୍କିତ ଭାବେ ତାଙ୍କ ଆଗକୁ ମାଡ଼ିଆସିଥିଲା। କିଛି ବୁଝିବା ପୂର୍ବରୁ ୧୦ରୁ ଅଧିକ ବାଇକ ଉପରେ ସ୍କର୍ପିଓ ଚଢ଼ିଯାଇଥିଲା। ଫଳରେ ସେଠାରେ ଥିବା ୨୦ରୁ ଅଧିକ ବିଜେଡି କର୍ମୀ ଓ ସାଧାରଣ ଲୋକ ଆହତ ହୋଇଥିଲେ। ବିଧାୟକ ପ୍ରାର୍ଥୀଙ୍କ ପ୍ରରୋଚନାରେ ଏଭଳି ଘଟଣା ଘଟିଥିବା ବିଜେଡି ଦର୍ଶାଇଛି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦଳ ଦାବି କରିଛି।

# ଇଭିଏମ୍ ଭଙ୍ଗାରେ ଜଗଦ୍ଦେବଙ୍କ ଭୂମିକା ନାହିଁ: ଅପରାଜିତା

ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ିଯାଇଛି। କେଉଁ ପରିସ୍ଥିତିରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଉଦ୍ଦେଶମୂଳକ ଭାବେ ଜେଲ ପଠାଯାଇଛି, ସେକଥା ସ୍ପଷ୍ଟ କରାଯାଉନାହିଁ। ଏ ବିଷୟକୁ ନେଇ ଗାଡ଼ି ଚାଳକ ବନମାଳୀ ବାବୁଙ୍କୁ ପୋଲିସ କିପରି ହଇରାଣ କରିଛି ତାହା ସମସ୍ତେ ଜାଣିଛନ୍ତି। ୪ ଜଣ ପୋଲିସ କର୍ମଚାରୀ ତାଙ୍କୁ ଧମକ ଦେଇଥିଲେ। ପ୍ରଶାନ୍ତ ଇଭିଏମ୍ ଭାଙ୍ଗିଛନ୍ତି ବୋଲି ବନମାଳୀଙ୍କ ଦ୍ୱାରା କୁହାଇବାକୁ ଚେଷ୍ଟା କରାଯାଇଥିଲା। ମାତ୍ର ବନମାଳୀ ସାହସ ଜୁଟାଇ ଏ ବିଷୟରେ ଗଣମାଧ୍ୟମ ଆଗରେ ସବୁ କହିଦେଇଥିଲେ। ବନମାଳୀଙ୍କ ଭିଡିଓ ସମସ୍ତେ ଦେଖିଥିବାବେଳେ ଭାଜପାର ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ସିସିଟିଭିର ଏକ ଫୁଟେଜ୍‌କୁ ସାର୍ବଜନୀନ କରିଛନ୍ତି। ଉକ୍ତ ଫୁଟେଜ୍‌ରେ ଇଭିଏମ୍ ଭାଙ୍ଗିବା ଘଟଣାରେ ଜଗଦ୍ଦେବଙ୍କ କୌଣସି ଭୂମିକା ନ ଥିବା ପ୍ରମାଣିତ ହୋଇଛି। ଇଭିଏମ୍ ଅନ୍ୟ ଜଣେ ବ୍ୟକ୍ତି ଭାଙ୍ଗିଥିବା ଜଣାପଡ଼ିଛି। ଆଉ ଏକ ଅଡିଓ ତାଙ୍କର ହସ୍ତଗତ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି; ଯେଉଁଥିରେ ଇଭିଏମ୍ ଭାଙ୍ଗିବାରେ ଜଗଦ୍ଦେବଙ୍କ କୌଣସି ଭୂମିକା ନାହିଁ ବୋଲି ଜଣେ ବିଜେଡି କର୍ମୀ କହୁଛନ୍ତି। ଏହାଛଡ଼ା ଖୋର୍ଦ୍ଧା ଜିଲାର ଜଣେ ଉଚ୍ଚପଦସ୍ଥ ସରକାରୀ ଅଧିକାରୀ ତାଙ୍କ ନାମ ଗୋପନ ରଖି ଏସବୁ ୩ୟ ମହଲାର ନିର୍ଦ୍ଦେଶରେ ହୋଇଥିବା କହିଛନ୍ତି। ଜଗଦ୍ଦେବଙ୍କୁ ଫସାଇବାକୁ କେଉଁ ପ୍ରକାର ଅପଚେଷ୍ଟା କରାଯାଉଛି ସେଥିରୁ ଜଣାପଡୁଛି ବୋଲି ଅପରାଜିତା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ଅପରାଜିତା କହିଛନ୍ତି, ତାଙ୍କ ଲୋକପ୍ରିୟତାକୁ ଡରି ଏପରି ଷଡ଼ଯନ୍ତ୍ର କରାଯାଉଛି। ସିସିଟିଭି ଫୁଟେଜ ରାଜ୍ୟ ସରକାର ସାର୍ବଜନୀନ ନ କରି ଜଣେ ବିଧାୟକଙ୍କୁ କିପରି ଗିରଫକଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଛେଣ୍ଡିପଦା ବିଧାୟକ ସ୍ପଷ୍ଟ ଦିବାଲୋକରେ ଲୋକଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଏପରି ପାତରଅନ୍ତର କାହିଁକି କରୁଛନ୍ତି ବୋଲି ଅପରାଜିତା ପ୍ରଶ୍ନ କରିଛନ୍ତି।

# ନବୀନଙ୍କ ହାତଥରା ଭିଡିଓ ଭାଇରାଲ୍

ଭୁବନେଶ୍ୱର,୨୮।୫(ଅନିଲ ଦାସ)

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏକ ଭିଡିଓକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡି ନେତା ଭି.କେ. ପାଣ୍ଡିଆନଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ ତାଙ୍କ 'ଏକ୍ସ' ହ୍ୟାଣ୍ଡେଲରେ ଉକ୍ତ ଭିଡିଓକୁ ପୋଷ୍ଟ କରି ଏହା ଅତ୍ୟନ୍ତ ଚିନ୍ତାଜନକ ବୋଲି ଲେଖିଛନ୍ତି।

ଆସାମ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ଏହା ଏକ ଅତ୍ୟନ୍ତ ଦୁଃଖଦାୟକ ଭିଡିଓ। ଏଥିରେ ଭି.କେ. ପାଣ୍ଡିଆନଜୀ ନବୀନବାବୁଙ୍କ ହାତର ଗତିକୁ ମଧ୍ୟ ନିୟନ୍ତ୍ରଣ କରୁଛନ୍ତି। ତାମିଲନାଡୁର ଜଣେ ଅବସରପ୍ରାପ୍ତ ପୂର୍ବତନ ଅମଲାତନ୍ତ୍ରୀ ବର୍ତ୍ତମାନ ଓଡ଼ିଶାର ଭବିଷ୍ୟତ ଉପରେ କିପରି ନିୟନ୍ତ୍ରଣ କରୁଛନ୍ତି, ତାହା କଳ୍ପନା କରି ମୁଁ ହତଚକିତ ହୋଇଯାଉଛି। ଭାଜପା ରାଜ୍ୟବାସୀଙ୍କ ହାତରେ ପୁଣି ଥରେ ଓଡ଼ିଶାର ଶାସନ ଭାର ଧରାଇ ଦେବାକୁ ବଦ୍ଧପରିକର। ଏହି ଭିଡିଓକୁ କେବଳ ହିମନ୍ତ ବିଶ୍ୱଶର୍ମା ନୁହନ୍ତି, ଅମିତ ମାଳବ୍ୟଙ୍କ ସମେତ ଭାଜପାର ଅନେକ କେନ୍ଦ୍ରୀୟ ନେତା ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି।

# ଅଣପ୍ରସଙ୍ଗକୁ ପ୍ରସଙ୍ଗ କରୁଛି ଭାଜପା: ନବୀନ

ଭୁବନେଶ୍ୱର,୨୮।୫(ଅନିଲ ଦାସ)

ହିମନ୍ତ ବିଶ୍ୱଶର୍ମା ଓ ଭାଜପା ନେତାଙ୍କୁ ମଧ୍ୟ ନବୀନ ପାଲଟା ଜବାବ ଦେଇଛନ୍ତି। ହାତ ବାଢ଼େଇ ଦମ୍ଭ ଦେଖାଇଛନ୍ତି। ଏକ ଭିଡିଓ ବାର୍ତ୍ତାରେ ନବୀନ କହିଛନ୍ତି ମୋ ହାତକୁ ନେଇ ଭାଜପା ଅଣ ଇସ୍ୟୁକୁ ଇସ୍ୟୁ କରି ଅପପ୍ରଚାର କରୁଛି। ହେଲେ ଭାଜପାର ଏହି ଅପପ୍ରଚାର କାମ ଦେବନାହିଁ।

ଓଡ଼ିଆ ଅସ୍ମିତାଠାରୁ ଆରମ୍ଭ କରି ଅନେକ ନିର୍ବାଚନୀ ପ୍ରସଙ୍ଗ ଫେଲ୍ ମାରିବା ପରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଭାଜପା ହୀନ ରାଜନୀତି ଆରମ୍ଭ କରିଦେଇଛି। ଦଳର ଅନେକ ବରିଷ୍ଠ ନେତା ଅଶାଳୀନ ଭାଷା ପ୍ରୟୋଗ କରିବା ସହ ଅପପ୍ରଚାର କରି ଆସୁଛନ୍ତି ବୋଲି ବିଜେଡି କହିଛି।

ଗତ ୩ଟି ପର୍ଯ୍ୟାୟ ଭୋଟରେ ବିଜେଡିକୁ ମିଳୁଥିବା ସଫଳତା ଓ ବିଜେଡିର ଦମ୍ଭୋକ୍ତି ଭାଜପା ନେତାଙ୍କୁ ହତାଶ କରିଦେଇଛି।

# ଆଜି ଆସୁଛନ୍ତି ମୋଦି, ଖାର୍ଗେ

ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)

ଶେଷ ପର୍ଯ୍ୟାୟ ଭୋଟ ଲାଗି ପ୍ରଚାର କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ପ୍ରଧାନମନ୍ତ୍ରୀ ମଧ୍ୟାହ୍ନ ୧୨ଟା ୩୦ରେ ବାରିପଦାର ଛଉପଡ଼ିଆ, ଅପରାହ୍ନ ୨ଟାରେ ବାଲେଶ୍ୱରର ରେମୁଣାସ୍ଥିତ ନରହରି ପଡ଼ିଆ ଏବଂ ଅପରାହ୍ନ ୪ଟାରେ କେନ୍ଦ୍ରାପଡ଼ାର ବରୁଆ ପଡ଼ିଆଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ସେହିପରି କଂଗ୍ରେସ ପାଇଁ ପ୍ରଚାର କରିବା ଲାଗି ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ବୁଧବାର ଓଡ଼ିଶା ଗସ୍ତରେ ଆସି ଭଦ୍ରକ ଓ ବାଲେଶ୍ୱରରେ ୨ଟି ବିଶାଳ ଶୋଭାଯାତ୍ରା କରିବେ ବୋଲି ସୂଚନା ଦେଇଛନ୍ତି।

# ମିଶନ ଶକ୍ତି ବନ୍ଦ କରିବାକୁ ଷଡ଼ଯନ୍ତ୍ର କରୁଛି ଭାଜପା: ପାଣ୍ଡିଆନ

ବାଲେଶ୍ୱର(ମାନସ ବିଶ୍ୱାଳ)/
ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/
କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୨୮।୫

ମିଶନ ଶକ୍ତି ବନ୍ଦ କରିବାକୁ ଭାଜପା ଷଡ଼ଯନ୍ତ୍ର କରୁଛି ବୋଲି ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ବାଲେଶ୍ୱର ଲୋକ ସଭା ଅନ୍ତର୍ଗତ ବସ୍ତା ବିଧାନସଭା ନିର୍ବାଚନମଣ୍ଡଳୀର ବାସୁଦେବପୁର ପଡ଼ିଆରେ ମଙ୍ଗଳବାର ଆୟୋଜିତ ନିର୍ବାଚନୀ ସଭାରେ ବିରୋଧୀ ଭାଜପାକୁ ଟାର୍ଗେଟ କରି ପାଣ୍ଡିଆନ ଏହା କହିଛନ୍ତି।

ଶେଷ ପର୍ଯ୍ୟାୟ ନିର୍ବାଚନ ଲାଗି ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅଧୀନ ବିଭିନ୍ନ ନିର୍ବାଚନମଣ୍ଡଳୀରେ ପାଣ୍ଡିଆନ ମାରାଥନ୍ ନିର୍ବାଚନୀ ପ୍ରଚାର କରିଛନ୍ତି। ସେ ଜଳେଶ୍ୱର, ଭୋଗରାଇ, ବସ୍ତା, ରେମୁଣା ଓ ନୀଳଗିରି ନିର୍ବାଚନମଣ୍ଡଳୀରେ ଆୟୋଜିତ ସଭାରେ ଯୋଗଦେଇ ଦଳୀୟ ବିଧାୟକ ପ୍ରାର୍ଥୀ ଓ ଏମ୍‌ପି ପ୍ରାର୍ଥିନୀଙ୍କ ପାଇଁ ପ୍ରଚାର କରିଥିଲେ। ଏହି କ୍ରମରେ ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ବାସୁଦେବପୁର ପଡ଼ିଆରେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ନିର୍ବାଚନୀ ସଭାରେ ପାଣ୍ଡିଆନ ଯୋଗଦେଇ କହିଛନ୍ତି, ମିଶନ ଶକ୍ତି ବନ୍ଦ କରିବାକୁ ଭାଜପା ଷଡ଼ଯନ୍ତ୍ର କରୁଛି, ଯାହା ଆପଣମାନେ ହେବାକୁ ଦେବେ ନାହିଁ। ଯଦି ଭାଜପା ଏଠାରେ ସରକାର ଗଠନ ପରେ ମିଶନଶକ୍ତି, ବିଏସ୍‌କେୱାଇ ଯୋଜନା ବନ୍ଦ କରିବ। ମିଶନ ଶକ୍ତିକୁ ଯିଏ ବନ୍ଦ କରିବାକୁ ଷଡଯନ୍ତ୍ର କରିବ ମା'ମାନେ ଉଚିତ୍ ଜବାବ ଦେବେ। ଭାଜପାର ସୂର୍ଯ୍ୟ ଘର ଯୋଜନାକୁ କଟାକ୍ଷ କରି ଭାଜପା ଲୋକଙ୍କୁ ଦିନରେ ଲଣ୍ଠନ ଦେଖାଉଛି ବୋଲି ପାଣ୍ଡିଆନ କହିଛନ୍ତି। ଏଥିସହ ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ବସ୍ତାବାସୀଙ୍କୁ ବଡ଼ ଉପହାର ଦେବେ। ବାଲିଆପାଳ ସୂତାକଳର ପୁନରୁଦ୍ଧାର, ବାଲିଆପାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁପରସ୍ପେସିଆଲିଟି ହସ୍ପିଟାଲରେ ପରିଣତ, ବସ୍ତା-ବାଲିଆପାଳ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମିର ବିକାଶ କରାଯିବ। ବସ୍ତା ନିର୍ବାଚନ ମଣ୍ଡଳୀର ଆହୁରି ଅଧିକ ବିକାଶ ପାଇଁ ଆସନ୍ତା ନିର୍ବାଚନରେ ବିଧାୟକ ପ୍ରାର୍ଥିନୀ ସୁବାସିନୀ ଜେନା ଏବଂ ବାଲେଶ୍ୱର ଏମ୍‌ପି ପ୍ରାର୍ଥିନୀ ଡ. ଲେଖାଶ୍ରୀ ସାମନ୍ତ ସିଂହାରଙ୍କୁ ଯୋଡ଼ି ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ପଡ଼ିବ ବୋଲି ପାଣ୍ଡିଆନ କହିଛନ୍ତି। ସଭାରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ବିଜେଡି ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ କୁମାର ସାମଲ, ବିଜେଡି ନେତା ମହାଦେବ ଦାସ ଏବଂ ଲକ୍ଷ୍ମୀଧର ଦାସଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।


ବାଲିଆପାଳର ବାସୁଦେବପୁର ପଡ଼ିଆରେ ଆୟୋଜିତ ବିଜେଡିର ନିର୍ବାଚନୀ ସଭାରେ କାର୍ତ୍ତିକ ପାଣ୍ଡିଆନ ଓ ଅନ୍ୟ ନେତୃବୃନ୍ଦ।

# 'ନବୀନ ତାମିଲନାଡୁରୁ ନିର୍ବାଚନ ଲଢ଼ନ୍ତୁ'

ନିମାପଡ଼ା,୨୮।୫
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନବୀନ ପଟ୍ଟନାୟକ ତାମିଲନାଡୁରୁ ନିର୍ବାଚନ ଲଢ଼ନ୍ତୁ। ଓଡ଼ିଶାରେ ତାମିଲ ମୁଖ୍ୟମନ୍ତ୍ରୀ ନୁହେଁ ଓଡ଼ିଆ ମୁଖ୍ୟମନ୍ତ୍ରୀ ଦରକାର। ତାମିଲ ପ୍ରଶାସନିକ ଅଧିକାରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାକୁ ଦିବା ସ୍ୱପ୍ନ ଦେଖୁଛନ୍ତି ବୋଲି ନିମାପଡ଼ାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସିଧାସଳଖ ନବୀନ ପଟ୍ଟନାୟକ ଓ ପାଣ୍ଡିଆନଙ୍କୁ ଟାର୍ଗେଟ କରିଛନ୍ତି। ଓଡ଼ିଶାରେ ଭାଜପା କ୍ଷମତାକୁ ଆସିଲେ ଦୁଇ ଗୁଣା ବିକାଶ ହେବ। ଦେଢ଼ ବର୍ଷ ଭିତରେ ଦେଢ଼ ଲକ୍ଷ ବେକାର ଯୁବତୀଯୁବକ ରୋଜଗାର ପାଇବେ। ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନାରେ ୫୦ହଜାର ଟଙ୍କାର କ୍ୟାଶ ଭାଉଚର, ଚିଟ୍‌ଫଣ୍ଡ ଜମାକାରୀଙ୍କ ଟଙ୍କା ରିଟର୍ନ, ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୩୧ଶହ ଟଙ୍କା ଆଦି ପ୍ରଦାନ କରାଯିବ। ଖୁବ୍‌ଶୀଘ୍ର ଜଗନ୍ନାଥ ମନ୍ଦିରର ୪ଦ୍ୱାର ଖୋଲିବା ସହିତ ରତ୍ନ ଭଣ୍ଡାର ଚାବି ଖୋଲି ଶହେ ଦିନ ମଧ୍ୟରେ ରିପୋର୍ଟ ସାର୍ବଜନୀନ କରାଯିବ ବୋଲି ଶାହା କହିଛନ୍ତି। ଗରିବଙ୍କ ପାଇଁ ମାଗଣା ପକ୍କା ଘର, କୃଷକଙ୍କ ନିମନ୍ତେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯିବ। ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର କୋଣାର୍କର ବହୁବିଧ ବିକାଶ କରାଯିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ପ୍ରତିଶ୍ରୁତି ଦେଇଥିଲାବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓଡ଼ିଆ ଲୋକ ହେବ ବୋଲି କହିଥିଲେ।

ନିମାପଡ଼ାସ୍ଥିତ ଇନ୍‌ଡୋର ଷ୍ଟାଡିୟମଠାରେ ମଙ୍ଗଳବାର ଭାଜପା ପକ୍ଷରୁ ଏକ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ଏବେ ତାମିଲ ଶାସନ ଚାଲିଛି, ତେଣୁ ଏହି ତାମିଲ ଶାସନକୁ ହଟାଇବାକୁ ହେବ। ଯାହା ଜଣାପଡୁଛି ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ବାବୁ ନିର୍ବାଚନ ଲଢୁନାହାନ୍ତି, ତାମିଲନାଡୁର ପାଣ୍ଡିଆନ ଏହି ନିର୍ବାଚନ ଲଢୁଛନ୍ତି ବୋଲି କହି ନବୀନଙ୍କୁ କଟାକ୍ଷ କରି କହିଥିଲେ। ଏଥିସହ ଶାହା କଂଗ୍ରେସକୁ ମଧ୍ୟ ଟାର୍ଗେଟ କରି କହିଥିଲେ, କଂଗ୍ରେସ ଏବଂ ରାହୁଲ ଗାନ୍ଧୀ ପାକିସ୍ତାନର ଏଜେଣ୍ଟ ଭଳି କାମ କରୁଛନ୍ତି, ପାକିସ୍ତାନ ପାଖରେ ଆଟମ୍ ବମ୍ ରହିଥିବା କହି ରାହୁଲ ଦେଶବାସୀଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରୁଛନ୍ତି। ଭାଜପା ଏଥିରେ ଭୟଭୀତ ନୁହେଁ ବୋଲି ଶାହା କହିଥିଲେ। ନିମାପଡ଼ାବାସୀ ଡବଲ ଇଞ୍ଜିନ ସରକାର ଗଠନ ପାଇଁ ୨ଥର ପଦ୍ମ ଫୁଲରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥିଭାବେ ଭାଜପା ରାଜ୍ୟ ମୁଖପାତ୍ର ସମୀର ଦାଶ, ପୁରୀ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ଏମ୍‌ପି ପ୍ରାର୍ଥୀ ବିଭୁପ୍ରସାଦ ତରାଇ, ବିଧାୟକ ପ୍ରାର୍ଥିନୀ ପ୍ରଭାତୀ ପରିଡ଼ା ପ୍ରମୁଖ ଯୋଗଦେଇ ଭାଜପା ପ୍ରାର୍ଥୀଙ୍କୁ ଜିତାଇବାକୁ ନିମାପଡ଼ାବାସୀଙ୍କୁ ନିବେଦନ କରିଥିଲେ। ତେବେ ସମାବେଶରେ ଶାହା ନିମାପଡ଼ା ବଦଳରେ ବାରମ୍ବାର ଜଗତ୍‌ସିଂହପୁରବାସୀ ବୋଲି ସମ୍ବୋଧିତ କରିବା ଘଟଣା ଉପସ୍ଥିତ ଜନତାଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା।

# ବିଶ୍ୱରଞ୍ଜନ, ବର୍ଷା, ସ୍ମୃତିରେଖା, ବବିତାଙ୍କ ନାମରେ ମାମଲା

ଯାଜପୁର,୨୮।୫(ହର୍ଷବର୍ଦ୍ଧନ ବେହେରା)

- ଭୋଟର ଜାଣିପାରିଲେ ନାହିଁ ପ୍ରାର୍ଥୀଙ୍କ ଅପରାଧ
- ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକୁ ଅମାନ୍ୟ
- ଖଣି, ଶିଳ୍ପାଞ୍ଚଳର ପ୍ରାର୍ଥୀ ଧନୀ ତାଲିକାରେ ସର୍ବାଗ୍ରେ

ଭାରତୀୟ ଗଣତନ୍ତ୍ର ପାଇଁ ରାଜନୀତିର ଅପରାଧୀକରଣ ଉଦ୍‌ବେଗର ବିଷୟ। ଏହାସହ ପ୍ରାର୍ଥୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ତାଲିକା ମଧ୍ୟ ରାଜନୀତି ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହିକ୍ରମରେ ଚଳିତ ସାଧାରଣ ନିର୍ବାଚନରେ ଯାଜପୁର ସଂସଦୀୟ କ୍ଷେତ୍ରର ୭ ବିଧାନସଭା ଆସନ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ବିଜେଡି, ଭାଜପା ଓ କଂଗ୍ରେସର ୪ ପ୍ରାର୍ଥୀଙ୍କ ନାମରେ ଏକାଧିକ ମାମଲା ରହିଛି। ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ଅପରାଧିକ ମାମଲାରେ ସମ୍ପୃକ୍ତ ଥିବା ପ୍ରାର୍ଥୀମାନେ ଦୈନିକ ଖବରକାଗଜରେ ବିଜ୍ଞାପନ ଦେଇ ଜନସାଧାରଣଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ସେହି ପ୍ରାର୍ଥୀମାନେ ଅଳ୍ପ ଛପା ଯାଉଥିବା କେତେକ ଖବରକାଗଜରେ ବିଜ୍ଞାପନ ଦେଇ ଅଞ୍ଚଳବାସୀଙ୍କୁ ଏକପ୍ରକାର ଅନ୍ଧାରରେ ରଖିଥିବା ମତପ୍ରକାଶ ପାଇଛି।

ସତ୍ୟପାଠରୁ ମିଳିଥିବା ତଥ୍ୟ ଅନୁଯାୟୀ, ବରୀ ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକଙ୍କ ନାମରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ମାମଲା ରହିଛି। ସେଥିମଧ୍ୟରୁ ବିଭିନ୍ନ ଥାନାରେ ଆଇପିସି ୫୦୭, ୫୦୬, ୨୯୪,୩୨୩ ଭଳି ମାମଲା ରୁଜୁ ହୋଇଛି। ସେହିଭଳି ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀ ୪୨୦, ୩୪୧, ୧୮୬, ୧୭୦, ୫୦୬, ୨୯୪, ୪୪୮, ୪୬୧, ଆଟ୍ରୋସିଟି ଭଳି ଅନେକ ମାମଲାରେ ଛନ୍ଦି ହୋଇଛନ୍ତି। ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ସ୍ମୃତିରେଖା ପହିଙ୍କ ନାମରେ ବିଭିନ୍ନ ଥାନାରେ ୧୮୮, ୨୬୯, ୨୭୦, ୩୪୧, ୨୯୪, ୩୨୩, ୫୦୬, ୩୭୯, ୪୨୭, ୧୪୩, ୧୪୯, ୩୯୪, ୫୦୭ ଭଳି ମାମଲା ବିଚାରାଧୀନ ରହିଛି। ବିଞ୍ଝାରପୁର ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ବବିତା ମଲିକଙ୍କ ନାମରେ ୧୪୭, ୩୪୧, ୨୮୩, ୨୯୦, ୨୯୪, ୫୦୬, ୧୪୯ ଭଳି କେତେକ ମାମଲା ବିଚାରାଧୀନ ରହିଛି। ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁଙ୍କ ନାମରେ ମଧ୍ୟ ଏକାଧିକ ମାମଲା ବିଚାରାଧୀନ ଥିବା ସତ୍ୟପାଠରେ ଦର୍ଶାଯାଇଛି।

ଅନ୍ୟପକ୍ଷେ ଯାଜପୁର ଜିଲାର ୧୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ କୋଟିପତି। ସେଥିମଧ୍ୟରୁ ଶିଳ୍ପ ଓ ଖଣି ସମେତ ଲଘୁ ଖଣିଜ ଦ୍ରବ୍ୟ ସମ୍ପଦରେ ଭରପୂର ଥିବା ଦୁଇ ବିଧାନସଭା ନିର୍ବାଚନମଣ୍ଡଳୀର ସୁକିନ୍ଦା ଓ ଧର୍ମଶାଳାର ୩ ପ୍ରାର୍ଥୀ କ୍ରମାଗତ ଭାବେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

ଏଥର ଯାଜପୁର ଜିଲାର ଗୋଟିଏ ଲୋକ ସଭା ଓ ୭ଟି ବିଧାନସଭା ପାଇଁ ୭୪ ଜଣ ପ୍ରାର୍ଥୀ ମଇଦାନରେ ରହିଛନ୍ତି। ସେଥିମଧ୍ୟରୁ ଦାଖଲ କରିଥିବା ସତ୍ୟପାଠରୁ ଜଣାପଡିଛି, ସୁକିନ୍ଦା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରୀତିରଞ୍ଜନ ଘଡେଇ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୨୬.୪୯ କୋଟି ଟଙ୍କା ରହିଛି। ତା'ପରକୁ ଧର୍ମଶାଳା ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ପ୍ରଣବ ବଳବନ୍ତରାୟ(ଜିତୁ) ଓ ତାଙ୍କ ସ୍ତ୍ରୀଙ୍କ ନାମରେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ପ୍ରାୟ ୨୨.୨୫ କୋଟି ଟଙ୍କା ଓ ତୃତୀୟରେ ଶିଳ୍ପ ଓ ଖଣି ସମୃଦ୍ଧ ସୁକିନ୍ଦା ଆସନ ପାଇଁ ଭାଜପା ପ୍ରାର୍ଥୀ ପ୍ରଦୀପ ବଳସାମନ୍ତ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ପ୍ରାୟ ୧୭.୩୦ କୋଟି ଟଙ୍କା ରହିଛି।

# ସିମୁଳିଆ ବିଧାନସଭା ନିର୍ବାଚନମଣ୍ଡଳୀ
# ଦିନକୁ ଦିନ ବଢୁଛି ଦ୍ୱନ୍ଦ୍ୱ

ଖଇରା, ୨୮।୫(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଚାର ଜମିଚାଲିଛି। ଭୋଟଗ୍ରହଣ ଆଉ ମାତ୍ର ୨ ଦିନ ବାକି ଥିବା ବେଳେ ଏପର୍ଯ୍ୟନ୍ତ ସବୁ ଦଳରେ ଦଳବଦଳ, ମିଶ୍ରଣ ଚାଲିଛି। ଅପରପକ୍ଷେ ଦଳରୁ ପ୍ରଥମେ ଇସ୍ତଫା ଏବଂ ପରେ ଫେରିଆସି ବାଲେଶ୍ୱର ଜିଲାସଭାପତି ଆସନ ପାଇଥିବା ସ୍ଥାନୀୟ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ କାର୍ଯ୍ୟ ସିମୁଳିଆ ଭୋଟରଙ୍କୁ ଦ୍ୱନ୍ଦ୍ୱରେ ପକାଇଛି।

ବାଲେଶ୍ୱର ଜିଲା ଏବଂ ଭଦ୍ରକ ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା ୪୨ନମ୍ବର ସିମୁଳିଆ ନିର୍ବାଚନମଣ୍ଡଳୀରେ ଏଥର ୬ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ବିଜେଡିରୁ ସୁବାସିନୀ ସାହୁ, ଭାଜପାରୁ ପଦ୍ମଲୋଚନ ପଣ୍ଡା, କଂଗ୍ରେସରୁ ହିମାଂଶୁ ଶେଖର ବେହେରା, ବହୁଜନ ସମାଜପାର୍ଟିରୁ ପୃଥ୍ୱୀରାଜ ଦାସ, ନ୍ୟାଶନାଲ ଅପନି ପାର୍ଟିରୁ ରଞ୍ଜନ କୁମାର ସାମଲ ଓ ସବିତାରାଣୀ ପାଟଳ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଛନ୍ତି। ପ୍ରତିଦ୍ୱନ୍ଦ୍ୱିତା ମୁଖ୍ୟତଃ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ହେବ ବୋଲି କୁହାଯାଉଛି। ଭାଜପାର ପଦ୍ମଲୋଚନ ବିଭିନ୍ନ ଦଳରୁ ୬ ଥର ପ୍ରାର୍ଥୀ ହୋଇସାରିଥିବା ବେଳେ ଏଥର ୭ମ ଥର ପାଇଁ ମଇଦାନକୁ ଓହ୍ଲାଇଛନ୍ତି। ପୂର୍ବରୁ ସେ ୩ଥର କଂଗ୍ରେସ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ୨୦୧୯ରେ ଭାଜପାରେ ମିଶି ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ ହେଁ ବିଜେଡିର ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କଠାରୁ ପରାଜିତ ହୋଇଥିଲେ। ଏଥର ଜ୍ୟୋତିପ୍ରକାଶଙ୍କ ବଦଳରେ ବିଜେଡି ରାଜ୍ୟ ମାନବ ସମ୍ବଳ ଓ ସଂସ୍କୃତି ବିଭାଗ ସମ୍ପାଦକ ଶଶିକୁମାର ସାହୁଙ୍କ ସ୍ତ୍ରୀ ସୁବାସିନୀଙ୍କୁ ଟିକେଟ ଦେଇଥିବା ବେଳେ କଂଗ୍ରେସ ଯୁବ ଚେହେରା ଖଇରା ବ୍ଲକର ହିମାଂଶୁ ଶେଖର ବେହେରାଙ୍କୁ ପ୍ରାର୍ଥୀ କରିଛି। ଏଥର ଅଭିଜ୍ଞ ପଦ୍ମଲୋଚନଙ୍କୁ ନୂଆ ମୁହଁ ଭାବେ ସୁବାସିନୀ ଓ ହିମାଂଶୁ ଟକ୍କର ଦେଉଛନ୍ତି। ବିଧାୟକ ଜ୍ୟୋତିପ୍ରକାଶଙ୍କ ଟିକେଟ କଟିବା ପରେ ତାଙ୍କର ସମର୍ଥକମାନେ ପ୍ରଥମେ ହୋ ହଲ୍ଲା କରିବା ପରେ ଆଉ ତାଙ୍କର ନିଷ୍ପତ୍ତିକୁ ଅପେକ୍ଷା କରି ନ ପାରି ଅଧିକାଂଶ ସୁବାସିନୀଙ୍କ ଶିବିରକୁ ଆଉ କିଛି ଗେରୁଆଦଳକୁ ମୁହାଁଇଛନ୍ତି। ୧୮ତାରିଖରେ ଖଇରା ଦୁର୍ଗାମଣ୍ଡପରେ ବିଜେଡି ମିଶ୍ରଣ ପର୍ବରେ ୧୩ ଲୋକପ୍ରତିନିଧି, ପୂର୍ବତନ ଲୋକପ୍ରତିନିଧିଙ୍କ ମିଶ୍ରଣ ପରେ ତାଙ୍କୁ କାଉଣ୍ଟର କରି ୨୩ତାରିଖରେ କୁପାରୀଠାରେ ଭାଜପାର ଏକ ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା। ସେଥିରେ ୧୪ଜଣ ଲୋକପ୍ରତିନିଧି ଓ ପୂର୍ବତନ ଲୋକପ୍ରତିନିଧି ଭାଜପାରେ ସାମିଲ ହୋଇଥିଲେ। ସେବେଠାରୁ ପ୍ରତ୍ୟେକ ଦିନ ଉଭୟ ଦଳରେ ଛୋଟବଡ ମିଶ୍ରଣ ଲାଗିରହିଛି। ଭାଜପା ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ବିଜେଡି ପ୍ରାର୍ଥିନୀଙ୍କ ପାଇଁ ପ୍ରଚାର ଆରମ୍ଭ କରିଥିବା ବେଳେ ବିଜେଡିର ଜିଲା ପରିଷଦ ସଭ୍ୟା ସାବିତ୍ରୀ ପାଢୀ ଓ ସଭ୍ୟ ଉମାକାନ୍ତ ମହାରଣାଙ୍କ ନୀରବତା ଭୋଟରଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ବିଧାୟକ ଜ୍ୟୋତି ପାଣିଗ୍ରାହୀ ୨୨ତାରିଖ ସକାଳ ୯ଟାରେ ବିଜେଡିରୁ ଇସ୍ତଫା ଦେବାର ୨୪ ଘଣ୍ଟା ନ ପୂରୁଣୁ ଇସ୍ତଫା ପ୍ରତ୍ୟାହାର ସହ ଜିଲା ସଭାପତି ହେବା ଭଳି ନାଟକୀୟ ଘଟଣାବଳୀ ସିମୁଳିଆ ରାଜନୈତିକ ସମୀକରଣକୁ ଓଲଟପାଲଟ କରିଦେଇଛି। ବିଧାୟକ ମଙ୍ଗଳବାର ସୁବାସିନୀଙ୍କ ସହ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ବିଜେଡି ଏଠାରେ ପ୍ରଥମ କରି ସୁଯୋଗ ଦେଇଥିବା ମହିଳା ପ୍ରାର୍ଥୀ ଜିତିବେ ବୋଲି ଦଳୀୟ ସମର୍ଥକମାନେ କହୁଥିବା ଶୁଣିବାକୁ ମିଳୁଛି। ସେପଟେ ବିଧାୟକଙ୍କୁ ହାଇଜାକ୍ କରାଯିବା, ଇସ୍ତଫା ପ୍ରତ୍ୟାହାର ପାଇଁ ଚାପ ପକାଯିବା ଭଳି ପ୍ରସଙ୍ଗ ଉଠାଇ ସ୍ଥିର ସରକାର ପାଇଁ ଭାଜପାକୁ ବିପୁଳମାତ୍ରାରେ ଭୋଟଦେଇ ବିଜୟୀ କରାଇବେ ବୋଲି ପଦ୍ମଲୋଚନଙ୍କ ସମର୍ଥକମାନେ ସଭାସମିତିରେ କହୁଛନ୍ତି। ସେପଟେ ସିମୁଳିଆ ଖଇରା ଭୋଟର ଅଞ୍ଚଳର ବିକାଶ ପାଇଁ କଂଗ୍ରେସକୁ ବିଜୟୀ କରାଇବେ ବୋଲି କଂଗ୍ରେସ ସମର୍ଥକମାନେ ସଭାସମିତିରେ କହୁଛନ୍ତି।


ପଦ୍ମଲୋଚନ ପଣ୍ଡା


ହିମାଂଶୁ ବେହେରା


ସୁବାସିନୀ ସାହୁ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁଡୁଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦୈନିକ ୫୧,୦୦୦ ଖାଦ୍ୟ ପ୍ୟାକେଟ ବିତରଣ କରିବ ମାଲାବାର

ଭୁବନେଶ୍ୱର,୨୮।୫ (ଅଭୟ ଦାଶ)

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମାଲାବାର ଗ୍ରୁପ୍‌ର ଗୋଆସ୍ଥିତ ମାଲାବାର ହେଡ୍‌କ୍ୱାର୍ଟର୍ସ ପରିସରରେ ବିଶ୍ୱ କ୍ଷୁଧା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମାଲାବାର ଗ୍ରୁପ୍‌ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ହଙ୍ଗର-ଫ୍ରି ୱାଲର୍ଡ' ଜରିଆରେ ଦୈନିକ ୫୧,୦୦୦ ପର୍ଯ୍ୟନ୍ତ ପୋଷଣଯୁକ୍ତ ଖାଦ୍ୟ ପ୍ୟାକେଟ ବିତରଣ ସହ ଅଧିକରୁ ଅଧିକ ସହର ଓ ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଗ୍ରୁପ୍ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ଅଧୀନରେ ସର୍ବାଧିକ ୩୧,୦୦୦ ଖାଦ୍ୟ ପ୍ୟାକେଟ ବିତରଣ କରାଯାଉଛି,ଯାହାକୁ ମିଳିତ ଜାତିସଂଘର 'ସଷ୍ଟେନେବୁଲ




ଡେଭଲପମେଣ୍ଟ ଗୋଲ ୨-ଜିରୋ ହଙ୍ଗର' ଅଭିଯାନକୁ ସମର୍ଥନ କରିବା ପାଇଁ ଆରମ୍ଭ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ମାଲାବାର ଗ୍ରୁପ୍ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋଆର ରାଜ୍ୟପାଳ ପି.ଏସ୍ .ଶ୍ରୀଧରନ ପିଲାଇ ଔପଚାରିକ ଭାବେ ଏହାକୁ ଆରମ୍ଭ କରିଛନ୍ତି। ସେହିଭଳି ମାଲାବାର ଗ୍ରୁପ୍‌ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ଏହି ଘୋଷଣା ଓ ସମ୍ପ୍ରସାରଣ ଯୋଜନା କରାଯାଇଛି ବୋଲି ଗ୍ରୁପ୍ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ବିଧାୟକ ପି.ଟି.ଏ. ରହିମ୍ 'ହଙ୍ଗର-ଫ୍ରି ୱାର୍ଲଡ ଡୋନେଶନ ଗେଟ୍‌ୱେ'ର ଏବଂ ବିଧାୟକ ଥୋଟ୍ଟାଥିଲ ରବିନ୍ଦ୍ରନ ଗ୍ରୁପ୍‌ର ଅଫିସିଆଲ ନ୍ୟୁଜ୍‌ଲେଟର୍‌କୁ ଆନୁଷ୍ଠାନିକ ଭାବେ ଅନାବରଣ (ଉନ୍ମୋଚନ) କରିଥିଲେ। ସେହିପରି ଆଇପିଆର୍‌ଏଚ୍ ଦୟା ରିହାବିଲିଟେଶନ ଟ୍ରଷ୍ଟର ପ୍ରକଳ୍ପ ମୁଖ୍ୟ ଡା. ବାସିଥ୍ ବଡକାୟିଲ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲାବେଳେ ପିକେ ଗ୍ରୁପ୍‌ର ଅଧ୍ୟକ୍ଷ ପି.କେ . ଅହମ୍ମଦ,ମାତୃଭୂମିର ପରିଚାଳନା ସମ୍ପାଦକ ପି .ଭି. ଚନ୍ଦ୍ରନ ସମ୍ବର୍ଦ୍ଧନା ଜଣାଇଛନ୍ତି।

ଏହି ଅବସରରେ ମାଲାବର ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, କେ ପି ବୀରାନ କୁଟ୍ଟୀ ଉପସ୍ଥିତ ରହିଥିଲେ। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ପରିଚାଳନା ନିର୍ଦ୍ଦେଶକ (ଇଣ୍ଡିଆ ଅପରେଶନ୍ସ) ଓ ଆସେର୍ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ମାଲାବାର ଗ୍ରୁପ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ, ନିଶାଦ ଏ କେ ଧନ୍ୟବାଦ ଅର୍ପଣ କରିଛନ୍ତି।


## Second Birthday Wish



SHREYANSHI (Guduli)
Kharakhia, Old Town, Bhubaneswar
Many many happy returns of the day. Happy Birthday Shreyanshi.
Best Wishes From: Bapa, Maa, Baba, Mama, Aja, Aai, Mamu, Maain, Kaka & Relatives.
ଧ-୩୯୯


# ଖସିଲା ଶେୟାର ବଜାର

ଭୁବନେଶ୍ୱର,୨୮।୫

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୨୦(୨୨୦.୦୫) ପଏଣ୍ଟ କମି ୭୫,୧୭୦(୭୫,୧୭୦.୪୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୪୪(୪୪.୩୦) ପଏଣ୍ଟ ହ୍ରାସ ଘଟି ୨୨,୮୮୮(୨୨,୮୮୮.୧୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।


CLASSIFIED DISPLAY
MORE SPACE ' SAME PRICE
TARIFF
GST 5%

BINET SCIENCE ACADEMY
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.:
9438014738, 8847864947

## ପଚାଶ ବର୍ଷ ବିବାହ ପୂର୍ତ୍ତି ଉତ୍ସବ



ଶ୍ରୀମତୀ ତୁଳସୀପ୍ରଭା ନାୟକ
ଶ୍ରୀଯୁକ୍ତ ପ୍ରକାଶ କୁମାର ନାୟକ
ନୂଆଗାଁ, ଜାରକା, ଧର୍ମଶାଳା, ଯାଜପୁର
ଶୁଭେଚ୍ଛା ସହ: ପରିବାରବର୍ଗ, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ ।
ଧ-୩୯୦

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ପରମେଶ୍ୱର ପୂର୍ବତଟ ରେଳପଥର ମହାପ୍ରବନ୍ଧକ

ଭୁବନେଶ୍ୱର,୨୮।୫(ଅନୁରାଧା ମହାରଣା)

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଭାବେ ଆଇଆର୍‌ଏମ୍‌ଏସ୍ ପରମେଶ୍ୱର ଫୁଙ୍କୱାଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଆଇଆଇଟି କାନପୁରର ଛାତ୍ର ଥିଲେ ଏବଂ ଭାରତୀୟ ରେଳବାଇ ଇଞ୍ଜିନିୟର୍ସ ସେବା ୧୯୮୮ ବ୍ୟାଚ୍ ଅଧିକାରୀ । ସେ ଡିଆର୍‌ଏମ୍‌ଏସ୍, ଅହମ୍ମଦାବାଦ ଏଡିଆର୍‌ଏମ୍, ଆର୍‌ଆର୍‌ବି ଅଧ୍ୟକ୍ଷ ଏବଂ ଆର୍‌ଡିଏସ୍‌ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇଛନ୍ତି । ପୂର୍ବତଟ ରେଳପଥରେ ନିଯୁକ୍ତି ପାଇବା ପୂର୍ବରୁ ସେ ପଶ୍ଚିମ ରେଳପଥ ମୁମ୍ବାଇରେ ପ୍ରିନ୍ସିପାଲ ଚିଫ୍ ଇଞ୍ଜିନିୟର ଭାବେ କାର୍ଯ୍ୟକରୁଥିଲେ। ଆର୍‌ଡିଏସ୍‌ଓରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବେଗ ବୃଦ୍ଧି କରିବା ପାଇଁ ଟ୍ରାକ୍ ଏବଂ ବ୍ରିଜ୍ କ୍ଷେତ୍ରରେ ଅଭିନବ ଜ୍ଞାନକୌଶଳ ପ୍ରଚଳନ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରେଲୱେ ଇଞ୍ଜିନିୟରିଂ ବ୍ୟତୀତ ମାନବ ସମ୍ବଳ କାର୍ଯ୍ୟ, ଗବେଷଣା ଏବଂ


ପରମେଶ୍ୱର ଫୁଙ୍କୱାଲ

ଡିଜାଇନ ଏବଂ ସାଧାରଣ ପ୍ରଶାସନରେ ତାଙ୍କର ବିପୁଳ ଅଭିଜ୍ଞତା ରହିଛି । ଟ୍ରାକ୍, ବ୍ରିଜ୍ ଏବଂ ପରିବେଶ ଇଞ୍ଜିନିୟରିଂ ଉପରେ ସେ ଅନେକ ଗବେଷଣା ପତ୍ର ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶ କରିଛନ୍ତି। ଚାଇନାର ବେଜିଂ, କାନାଡାର କାଲଗରୀ ଏବଂ ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ହେଭି ହଲ୍ ଆସୋସିଏସନ (ଆଇଏଚ୍‌ଏଚ୍‌ଏ) ସମ୍ମିଳନୀରେ ସେ ରିସର୍ଚ୍ଚ ପେପର ଉପସ୍ଥାପନ କରିଥିଲେ।

# ବେଦାନ୍ତ ମୋବାଇଲ ହେଲ୍‌ଥ ୟୁନିଟ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୨୮।୫

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ସୁବିଧାଭିତ୍ତିକ ମେଡିକାଲ ସେବା 'ମୋବାଇଲ ହେଲ୍‌ଥ ୟୁନିଟ୍ ବା ଏମ୍‌ଏମ୍‌ୟୁ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। କମ୍ପାନୀ ଏହି ସେବାକୁ ଓଡ଼ିଶାର ରାୟଗଡ଼ା ଏବଂ କଳାହାଣ୍ଡି ଜିଲାର ସିଜିମାଳି ଖଣି ପରିସର ଅଞ୍ଚଳରେ ଆରମ୍ଭ (ପ୍ରସାରିତ) କରିଛି। ବିଶେଷକରି ସ୍ଥାନୀୟ ଗୋଷ୍ଠୀର ଆବଶ୍ୟକତା ଅନୁଯାୟୀ ଏମ୍‌ଏଚ୍‌ୟୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ପ୍ରଦାନ କରିଛି। ଉଲ୍ଲେଖଯୋଗ୍ୟ, ସିଜିମାଳି ଖଣି ଆଖପାଖରେ ଥିବା ୪୦ ଗାଁର ୧୦,୦୦୦ରୁ ଅଧିକ ଲୋକଙ୍କ ପାଖରେ କମ୍ପାନୀର ଏହି ଏମ୍‌ଏଚ୍‌ୟୁ ସେବା ପହଞ୍ଚିଛି। ଏପରିକି ବେଦାନ୍ତର ଏମ୍‌ଏଚ୍‌ୟୁ ସେବା ରାଜ୍ୟର



୧୦୦ରୁ ଅଧିକ ଗାଁରେ ପହଞ୍ଚିବା ସହ ୨ଲକ୍ଷ ଲୋକଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛି। ମୋବାଇଲ ହେଲ୍‌ଥ ୟୁନିଟ୍ ହେଉଛି, ଏକ ବିଶେଷ ଭ୍ୟାନ୍। ଏଥିରେ ଗୁରୁତ୍ୱପୂର୍ଣ୍ଣ ଡାକ୍ତରୀ ଚିକିତ୍ସା ଉପକରଣ ଏବଂ ଔଷଧ ସହ ମେଡିକାଲ କର୍ମଚାରୀଙ୍କ ସହିତ ଜଣେ ଡାକ୍ତର, ନର୍ସ, ଲ୍ୟାବ୍ ଟେକ୍‌ନିସିଆନ ଓ ଫାର୍ମାସି ରହିଥାନ୍ତି। ଏ ସମ୍ପର୍କରେ ଥୁଆମୂଳା ରାମପୁର ଗ୍ରାମର ମେଡିକାଲ ଅଧିକାରୀ ନୀତୀଶ ଝା କହିଛନ୍ତି, ଦୁର୍ଗମ ଅଞ୍ଚଳରେ ଗୋଷ୍ଠୀର ବିକାଶ ଲାଗି ବେଦାନ୍ତର ଏହି ପଦକ୍ଷେପକୁ ମୁଁ ପ୍ରଶଂସା କରୁଛି। ବିଶେଷକରି ଲୋକମାନଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣକରି କମ୍ପାନୀ ଭବିଷ୍ୟତ ସୃଷ୍ଟି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି, ଯଦ୍ୱାରା ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଆବଶ୍ୟକତା ପୂରଣ ହୋଇପାରିବ।


# Classified Everyday 0674-2580101, 2549949


MATRIMONIAL

## BRIDE WANTED

Handsome Brahmin Boy 1992, 5'7", M.Tech Serving OAS "SUNASANSAR". 9937512659, 8249969649. D-402

## GROOM WANTED

Khandayat bride- age 31y/ 5.3"/ B.Tech. SBI employee. Father Central Government retired class-I employee. Settled in Bhubaneswar. Looking for a suitable groom. Bank or Government employee preferable. Caste no bar. Mob- 9438135083/ 9348578447. D-350

Doctor bride MBBS 24+, 5'4" very fair, early marriage. 7008468672. D-379

Suitable Brahmin Groom for Girl 27yrs 5.3' Magha Simha Masters Development Economics IIT Madras, Senior Manager Startup, Bengaluru Send HBP - 7855990091. D-360

ବୟସ 32 Primary School ଚାକିରି କରୁଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7077016578. D-85335


REAL ESTATE

## SALE

Residential plot for sale just 2.5K.M. from Patia Rlystation, Bhubaneswar. Immediate registration & possesion. 7848939838. D-75961

1700sqft. Roadside plot for sale Banamali Prasad, Dhenkanal. Contact- 9658877226, 9861254667. D-76011

**1BHK Ready to move in flats available in Hi-Tech Brundaban Project near Bata-mangala Temple, Puri Town. 8328857872, 8895816302.** D-401

ପାହାଳ ଜଗନ୍ନାଥ ମନ୍ଦିରରୁ 4K.M. ଅଟକାରେ SC Plot 2000sqft. 28,00,000/-. 9114705579. D-75956

Freehold 60'x45' (2,700sqft.) Vacant GA corner plot (North & West facing) in Saheed Nagar, Bhubaneswar. 7205845077. D-75540

Purchase single plot with boundarywall at Chandaka, Nakhara, Patrapada, Jatani gate immediate registration. 9439363944. D-75960

**Developed gharabari plot at ଉତ୍ତରାଛକ ଗୁଡ଼ିଆପୋଖରୀ ଏବଂ ପିପିଲି- NH. 9337110932.** D-322




Monalisa massage Club: All types Body massage with hiprofile smart lady rooms service available. 9708545108. D-376

Newly open health benefits SPA special offer @ 999 Bapujinagar. 8018429809. D-76123

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75745

**Relax, Refresh your body, Mind at Saikrupa Spa with best therapies. 8984068077.** D-306

## LOST

Notice is here by given that the following Lease Deed in favor of M/s Ashamani Poly Products Pvt. Ltd. bearing No.- 10061109857, have been misplaced and not traceable . If found inform to below address Bhagabat Das, Salabani, Januganj, Remuna,Balasore-756019 M-7978136109, Email- ashapolly@rediffmail.com. D-395

## AFFIDAVIT

I, Santosh Kumar Sahu S/o Maheswar Sahu, R/o Vill-Palia, Paliabindha, Dist.-Bhadrak, PIN-756167,Odisha declare by this affidavit No-.65AA 931419, dated.17.05.2024 that Santosh Sahu and Santosh Kumar Sahu both are one and same person and shall henceforth be known as Santosh Kumar Sahu for all future purposes. D-396

I, BADRIS RANJAN PADHEE, S/o- Late Harish Chandra Padhee, R/o- G.M. College Road, P.S.- Sambalpur Town, Dist.- Sambalpur-768001, Odisha. declare by this affidavit No.-13915 dt. 22.05.2024 that now onwards I shall be known as BADRISH RANJAN PADHEE for all future purposes. D-397

I, D Tulasiram, S/o- Danda Narasinga Murti, resident of At/P.O.- Boipariguda, Dist.- Koraput, Odisha, PIN- 764043 declare by this affidavit No.- 916 dated 24.05.2024, that now onwards I shall be known as **DANDA TULASI RAM** for all future purposes. D-392

I, Prateek Kumar Sahoo, aged about 28 yrs., S/o- Pramod Kumar Sahoo, resident of Qrs. No.- L/80, Phase-1, Chhend Colony, Rourkela-769015, P.S.- Chhend, Dist.- Sundargarh, Odisha declare by affidavit No.-8902/1 dated 24.05.2024, that now onwards I shall be known as Prateek Kumar Sahoo for all future purposes. Prateek Kumar Sahoo & Prateek Sahoo stand for one & same person. D-398

## ମନେ ପଡ଼ନ୍ତି

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ହରିପ୍ରିୟା ମହାନ୍ତି
Qrs No.- IVR-PF-19, Unit-6, BBSR
ଆବିର୍ଭାବ: ଅଗଷ୍ଟ,୧୯୪୬
ତିରୋଧାନ: ୨୦।୦୫।୨୦୧୪
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୪୦୦

୨୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶ୍ରୀ ହୃଦାନନ୍ଦ ମହାନ୍ତି
ସର୍ବୋଦୟ ନଗର, ଗୁଣ୍ଡିଚା ବିହାର, ହୃଦାନନ୍ଦ କଲୋନୀ, ପୁରୀ-୨
ଆବିର୍ଭାବ: ୦୯।୦୭।୧୯୨୭
ତିରୋଧାନ: ୦୬।୦୫।୧୯୯୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଆପଣଙ୍କ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ ।
ଧ-୭୫୬୦୩


# ମେ'୩୧ ସୁଦ୍ଧା ଆଧାର-ପାନ୍ ଲିଙ୍କ୍ କରିବାକୁ ପରାମର୍ଶ

ଭୁବନେଶ୍ୱର,୨୮।୫(ଅନୁରାଧା ମହାରଣା)

ମେ' ୩୧ ତାରିଖ ସୁଦ୍ଧା ଲୋକଙ୍କୁ ସେମାନଙ୍କର ପ୍ୟାନ୍ ଏବଂ ଆଧାରକୁ ଲିଙ୍କ୍ କରିବାକୁ ପଡ଼ିବ। ଏନେଇ ଆୟକର(ଆଇଟି) ବିଭାଗ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ଜାରି କରାଯାଇଛି। ଆଇଟି ବିଭାଗ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଲେଖିଛି ଯେ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ଏହି କାର୍ଯ୍ୟ ସମାପ୍ତକରି ଅଧିକ ଟିକସ ପୈଠକୁ ଏଡ଼ାଇ ପାରିବେ ବୋଲି ଉଲ୍ଲେଖ ରହିଛି। ଆୟକର ଅଧିନିୟମର ଧାରା ୨୦୬ଏଏ ଏବଂ ୨୦୬ସିସି ମଧ୍ୟ ଏଥିରେ ଉଲ୍ଲେଖ କରାଯାଇଛି। ଚଳିତବର୍ଷ ଆୟକର ରିଟର୍ନ ଦାଖଲ କରିବାର ଶେଷ ତାରିଖ ଜୁଲାଇ ୩୧ ଧାର୍ଯ୍ୟ କରାଯାଇଛି। ଏହାପୂର୍ବରୁ ସିବିଡିଟି ମଧ୍ୟ କରଦାତାଙ୍କୁ ସେମାନଙ୍କର ପାନ୍ ଏବଂ ଆଧାର ଲିଙ୍କ୍ କରିବାକୁ ପରାମର୍ଶ ଦେଇଥିଲା। ସିବିଡିଟି ଏହି ସର୍କୁଲାର ଏପ୍ରିଲ୨୩ରେ ଜାରି କରିଥିଲା। ଏଥିରେ ପାନ୍ ଏବଂ ଆଧାରକୁ ସଂଯୋଗ ନ କରିବାର ଅସୁବିଧା ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା। ଏଥିରେ କୁହାଯାଇଥିଲା ଯେ ପାନ୍ ଓ ଆଧାର ଲିଙ୍କ୍ ନ ହେବା ଦ୍ୱାରା କରଦାତାଙ୍କଠାରୁ ୨ଗୁଣା ଟ୍ୟାକ୍ସ ଆଦାୟ କରାଯାଇପାରେ। ଆୟକରର ଧାରା ୧୩୯ଏଏ ଅନୁଯାୟୀ, ପ୍ରତ୍ୟେକ ପାନ୍ କାର୍ଡଧାରୀଙ୍କୁ ତାଙ୍କର ଆଧାର ନମ୍ବର ଲିଙ୍କ୍ କରିବାକୁ ପଡ଼ିବ। ଏପରି ନ କଲେ ପାନ୍ କାର୍ଡ ଅବୈଧ ଘୋଷଣା କରାଯିବ। ସୂଚନା ଥାଉ କି, ୨୦୨୩ ଜୁନ୍ ୩୦ ପରେ ଅନେକ ପାନ୍ କାର୍ଡ ଅବୈଧ ଘୋଷିତ ହୋଇଛି। ପାନ୍ ଏବଂ ଆଧାରକୁ ଲିଙ୍କ୍ କରିବାକୁ ଇନ୍‌କମ୍ ଟାକ୍ସ ଇ-ଫାଇଲ ପୋର୍ଟାଲକୁ ଯିବାକୁ ପଡ଼ିବ। ଏହା ପରେ ଲିଙ୍କ୍ ଆଧାର ଅପ୍‌ସନକୁ ଯାଇ ପାନ୍, ଆଧାର କାର୍ଡ ଏବଂ ମୋବାଇଲ ନମ୍ବର ବିଷୟରେ ସୂଚନା ଦେବାକୁ ପଡ଼ିବ। ୨୦୨୪ ଜାନୁୟାରୀ ୨୯ ସୁଦ୍ଧା ମିଳିଥିବା ସୂଚନାନୁସାରେ ଦେଶରେ ୧୧.୪୮ କୋଟି ପାନ୍ କାର୍ଡ ଆଧାର ସହ ଲିଙ୍କ୍ ହୋଇନାହିଁ।

# ଶ୍ରୀଦୁର୍ଗାର ସ୍ୱତନ୍ତ୍ର ଅଫର

ଭୁବନେଶ୍ୱର,୨୮।୫

ରାଜ୍ୟର ସର୍ବବୃହତ୍ ଶାଢ଼ି ଏବଂ ଗାର୍ମେଣ୍ଟ୍ସ ଶୋ'ରୁମ୍ 'ଶ୍ରୀଦୁର୍ଗା'ର ସ୍ୱତନ୍ତ୍ର ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ବର୍ଷର ସାବିତ୍ରୀ ଓ ରଜ ଉପଲକ୍ଷେ ସାବିତ୍ରୀ ରାଣୀ ଓ ରଜ କୁମାରୀମାନଙ୍କୁ ସପିଂର ନିଆରା ଅନୁଭୂତି ଦେବା ପାଇଁ 'ଶ୍ରୀଦୁର୍ଗାର ସରପ୍ରାଇଜିଂ ସପିଂର ସୁବର୍ଣ୍ଣ ସୁଯୋଗ' ଶୋ'ରୁମ୍ ପକ୍ଷରୁ ଯୋଗାଇ ଦିଆଯାଉଛି। ସେହିଭଳି ପ୍ରତିଦିନ 'ଫାଣ୍ଟାଷ୍ଟିକ୍ ଫାଇଣ୍ଡ୍ସ' ସେକ୍ସନରେ ଆକର୍ଷଣୀୟ ଅଫର୍ ଉପଲବ୍ଧ ରହିଛି। ଏହି ଅଫର୍ ୨୦୨୪ ଜୁନ ୨୦ ପର୍ଯ୍ୟନ୍ତ ଶ୍ରୀଦୁର୍ଗାର ସମସ୍ତ ଆଉଟଲେଟରେ ଉପଲବ୍ଧ। ଏହି ଅଫର ଜରିଆରେ ଗ୍ରାହକ ୭୯୯୯ ଟଙ୍କା ମୂଲ୍ୟର ଶାଢ଼ି, ସାଲୱାର ସୁଟ୍ ଏବଂ ପିଲାଙ୍କ ଡ୍ରେସ୍ ଆଜି ସପିଂ କଲେ ୪,୦୦୧ ଟଙ୍କାର ଅତିରିକ୍ତ ମାଗଣା ସପିଂ କରିପାରିବେ। ଅପରପକ୍ଷରେ ସର୍ବନିମ୍ନ ୧୯୯୯ ଟଙ୍କାର ସପିଂ କଲେ ଗ୍ରାହକଙ୍କୁ ନିଶ୍ଚିତ ଅଫର୍ ଷ୍ଟୋର୍ ପକ୍ଷରୁ ଯୋଗାଇ ଦିଆଯାଉଛି। ସେହିପରି କାରବାର ସମୟରେ ଗ୍ରାହକ ଏସ୍‌ବିଆଇ କାର୍ଡ ବ୍ୟବହାର କଲେ ୫%ର କ୍ୟାଶ୍‌ବ୍ୟାକ୍ ଅଫର୍ ମଧ୍ୟ ରହିଛି। ଏହି ଅଫର୍ ଭୁବନେଶ୍ୱରସ୍ଥିତ ଜନପଥ ଓ ପାତ୍ରପଡ଼ା ଏବଂ ବ୍ରହ୍ମପୁରସ୍ଥିତ ବଡ଼ ବଜାର ଶୋ'ରୁମ୍‌ରେ ଉପଲବ୍ଧ।

# ସାରା ଓଡ଼ିଶାରେ ବିଏର ୫ଜି ନେଟ୍‌ୱର୍କ

ଭୁବନେଶ୍ୱର,୨୮।୫

ଦେଶର ପ୍ରମୁଖ ଘରୋଇ ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀ ଭାରତୀ ଏୟାରଟେଲ(ବିଏ)ର ଓଡ଼ିଶା ୟୁନିଟ ନିକଟରେ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି କମ୍ପାନୀ ସାରା ଓଡ଼ିଶାରେ ୫ଜି ନେଟ୍‌ୱର୍କ ଉପଲବ୍ଧ କରାଇବା ସହ ରାଜ୍ୟରେ ମୋଟ ୧୯ ଲକ୍ଷ ଗ୍ରାହକ ୫ଜି ସେବା ଉପଭୋଗ କରୁଛନ୍ତି। କମ୍ପାନୀ ରାଜ୍ୟର ସମସ୍ତ ସହର ଓ ଜିଲାରେ ୫ଜି ସେବାକୁ ସଫଳତାର ସହ ନିୟୋଜିତ କରିଛି, ଯାହା ପରବର୍ତ୍ତୀ ପିଢ଼ିର ମୋବାଇଲ ସଂଯୋଗ ପ୍ରଦାନ ଦିଗରେ ଏକ ଆଶାଜନକ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି। ଗତ ୬ ମାସ ମଧ୍ୟରେ ରାଜ୍ୟର ଏୟାରଟେଲ ୫ଜି ଉପଭୋକ୍ତାଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ବୃଦ୍ଧି ଘଟିଛି। କମ୍ପାନୀର ବିସ୍ତୃତ ନେଟ୍‌ୱର୍କ ନିୟୋଜନ ସହ ସମଗ୍ର ରାଜ୍ୟରେ କମ୍ପାନୀ ସେବାକୁ ପ୍ରଭାବଶାଳୀ ଭାବେ ବିସ୍ତାର କରିଛି, ଯାହା ଗ୍ରାହକମାନଙ୍କୁ ୫ଜି ଗ୍ରହଣ କରିବାର ପ୍ରକ୍ରିୟାକୁ ବହୁତ ସରଳ କରିଛି। ବିଏର ଓଡ଼ିଶା ସିଓଓ ଆର ବାଲାଜୀ ସିଂହ କହିଛନ୍ତି, ଓଡ଼ିଶାରେ ୫ଜି ସେବାକୁ ବ୍ୟାପକ ଭାବେ ଗ୍ରହଣ କରିବା ପାଇଁ ଆବଶ୍ୟକ ନେଟ୍‌ୱର୍କ ଭିତ୍ତିଭୂମି ନିର୍ମାଣ ଦିଗରେ ଆମେ ଉଲ୍ଲେଖନୀୟ ଅଗ୍ରଗତି କରୁଛୁ।

**ଲୋହିତ ସାଗରରେ ଜାହାଜକୁ ଟାର୍ଗେଟ**

ୟେମେନ୍ ଉପକୂଳ ଲୋହିତ ସାଗରରେ ମଙ୍ଗଳବାର ଏକ ଜାହାଜ ଉପରେ ମିଶାଇଲ ଆକ୍ରମଣ ହୋଇଛି। ପୂର୍ବରୁ ହୁଟି ବିଦ୍ରୋହୀମାନେ ଇସ୍ରାଏଲ୍‌ର ଗାଜା ଯୁଦ୍ଧକୁ ବିରୋଧକରି ଅନେକ ଜାହାଜକୁ ଟାର୍ଗେଟ କରିଆସିଥିବାବେଳେ ସଦ୍ୟ ଆକ୍ରମଣ ପାଇଁ କୌଣସି ସଙ୍ଗଠନ ନିଜକୁ ଦାୟୀ କରିନାହାଁନ୍ତି। କ୍ଷତିଗ୍ରସ୍ତ ହୋଇଥିବା ଜାହାଜଟି ୟୁଏଇର ଫୁଜାଇରାହ ଆଡ଼କୁ ମୁହାଁଇଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ପ୍ରଚଣ୍ଡ ଗ୍ରୀଷ୍ମ ଲହର: କୋଟାରେ ୨୧ ମଲେଣି

ଜୟପୁର,୨୮।୫

ରାଜସ୍ଥାନରେ ପ୍ରଚଣ୍ଡ ଗ୍ରୀଷ୍ମ ଲହର ଲାଗିରହିଥିବାବେଳେ ୧୧ଟି ସହରର ତାପମାତ୍ରା ୪୭ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହିଛି। ରାଜଧାନୀ ଜୟପୁରରେ ତାପମାତ୍ରା ୪୬ ଡିଗ୍ରୀରୁ ଅଧିକ ରହିଛି, ଯାହାକି ୮ ବର୍ଷ ମଧ୍ୟରେ ସର୍ବାଧିକ। ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅକସ୍ମାତ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଛି। କେବଳ କୋଟାରେ ଗତ ୪୮ ଘଣ୍ଟାରେ ୨୧ ପରିତ୍ୟକ୍ତ ମୃତଦେହ ମିଳିବା ପରେ ସେଗୁଡ଼ିକର ଶେଷକୃତ୍ୟ ପାଇଁ କର୍ମଯୋଗୀ ସେବା ସଂସ୍ଥାନ ନାମକ ଏକ ଏନ୍‌ଜିଓକୁ ହସ୍ତାନ୍ତର କରାଯାଇଛି। ଫୁଟ୍‌ପାଥ, ଅଣ୍ଡରବ୍ରିଜ୍, ରେଳଲାଇନ ନିକଟ ଏବଂ ମନ୍ଦିର ଓ ଦରଘା ବାହାରୁ ଏହି ମୃତଦେହଗୁଡ଼ିକ ମିଳିଥିଲା। ତେବେ ସେଗୁଡ଼ିକ ଅଂଶୁଘାତଜନିତ ମୃତ୍ୟୁ ନୁହେଁ ବୋଲି ସରକାର କହିଛନ୍ତି। ସରକାରୀ ଭାବେ ଜଣେ ଅଂଶୁଘାତରେ ମରିଥିବା କୁହାଯାଇଛି। ତେବେ ବାସ୍ତବରେ ଅଂଶୁଘାତଜନିତ ମୃତ୍ୟୁସଂଖ୍ୟା ବହୁତ ଅଧିକ। ଅନ୍ୟ କେତେଜଣଙ୍କର ବହୁବିଧ ରୋଗ ଥିବାବେଳେ ଅସହ୍ୟ ଗ୍ରୀଷ୍ମରେ ସେମାନଙ୍କର ମୃତ୍ୟୁ ଘଟିଲାଣି। ମୃତକଙ୍କ ମଧ୍ୟରୁ ୨ ଜଣଙ୍କ ପରିଚୟ ମିଳିଥିବାବେଳେ ଅନ୍ୟମାନେ ବାସହରା ହୋଇଥିବାରୁ ସେମାନଙ୍କ ପରିଚୟ ମିଳିପାରି ନାହିଁ।

### ବାରାଣସୀ ଯିବାକୁ ଥିବା ବିମାନରେ ବୋମା ଆତଙ୍କ

ନୂଆଦିଲ୍ଲୀ,୨୮।୫(ପି.ଟି.)

ବାରାଣସୀ ଯିବାକୁ ଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ବୋମା ଖଞ୍ଜାଯାଇଥିବା ଖବର ମିଳିବା ପରେ ମଙ୍ଗଳବାର ସକାଳେ ଦିଲ୍ଲୀ ବିମାନବନ୍ଦରରେ ଆତଙ୍କ ଖେଳିଯାଇଥିଲା। ତେବେ ବିମାନରେ ତଲାସି ନିଆଯିବା ପରେ ତାହା ଏକ ମିଥ୍ୟା କଲ୍ ଥିବା ଜଣାପଡ଼ିଥିଲା। ବୋମା ରହିଥିବା ନେଇ ଭୋର ୫ଟାରେ ବିମାନ ପାଇଖାନାରୁ ମିଳିଥିବା ଏକ କାଗଜରୁ ଜଣାପଡ଼ିଥିଲା। ସେଥିରେ 'ବମ୍ @ ୫.୩୦' ଲେଖାଥିଲା ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ଫଳରେ ବିମାନବନ୍ଦର କର୍ତ୍ତୃପକ୍ଷ ବିମାନର ୧୭୬ ଯାତ୍ରୀ ଓ ସମସ୍ତ କର୍ମଚାରୀଙ୍କୁ ଓହ୍ଲାଇଦେଇଥିଲେ। ତଲାସି ଅଭିଯାନରେ କୌଣସି ସନ୍ଦିଗ୍ଧ ସାମଗ୍ରୀ ମିଳି ନ ଥିଲା।

### କଲେଜ ଛାତ୍ରଙ୍କୁ ପିଟି ହତ୍ୟା

ପାଟନା,୨୮।୫

ପାଟନା ବିଏନ୍ କଲେଜର ଜଣେ ୨୨ ବର୍ଷୀୟ ଛାତ୍ରଙ୍କୁ ୧୦ରୁ ୧୫ ଜଣ ଲୋକ ଲାଠିରେ ପିଟି ଓ ଇଟାରେ ଛେଚି ମାରିଦେଇଛନ୍ତି। ହର୍ଷ ରାଜ୍ ନାମକ ଏହି ଛାତ୍ର ଜଣକ ସୋମବାର ପରୀକ୍ଷା ଦେବା ପାଇଁ ସୁଲତାନଗଞ୍ଜ ଲ' କଲେଜକୁ ଯାଉଥିବାବେଳେ ମୁଖାପିନ୍ଧା ଲୋକମାନଙ୍କ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ସହରରେ ଉତ୍ତେଜନା ଦେଖାଦେବା ସହ ଯୁବକଙ୍କୁ ନ୍ୟାୟ ଦାବିରେ ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିବା ସହ ଆକ୍ରମଣର କାରଣ ଜାଣିବାକୁ ପାଇଛି। ଗତବର୍ଷ ଦାଣ୍ଡିଆ ନାଇଟ୍‌କୁ ନେଇ ବଚସାରୁ ଆକ୍ରମଣ ହୋଇଥିଲା, ଯେଉଁଥିରେ ୨୨ ବର୍ଷୀୟ ଛାତ୍ର ହର୍ଷ ରାଜଙ୍କ ଜୀବନ ଯାଇଥିବା ପୋଲିସ କହିଛି। ହର୍ଷ ବିଏନ୍ କଲେଜର ତୃତୀୟ ବର୍ଷ ଭୋକେଶନାଲ ଇଂଲିଶ ଛାତ୍ର। ହତ୍ୟା ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରାଯାଇଛି।

# ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ମାନ୍ୟତା

## ସ୍ପେନ୍, ନରୱେ, ଆୟର୍ଲାଣ୍ଡ ଦେଲେ

ମାଡ୍ରିଡ୍/ଡବ୍ଲିନ୍/ଓସ୍‌ଲୋ,୨୮।୫




ଇସ୍ରାଏଲ୍‌ର କଡ଼ା ପ୍ରତିକ୍ରିୟା ସତ୍ତ୍ୱେ ସ୍ପେନ୍, ନରୱେ ଓ ଆୟର୍ଲାଣ୍ଡ ମଙ୍ଗଳବାର ଯୁଦ୍ଧ ପ୍ରଭାବିତ ପାଲେଷ୍ଟାଇନ୍‌କୁ ଆନୁଷ୍ଠାନିକ ଭାବେ ରାଷ୍ଟ୍ର ମାନ୍ୟତା ପ୍ରଦାନ କରିଛନ୍ତି। କେବଳ ଏତିକି ନୁହେଁ, ଗାଜାରେ ହମାସ୍ ସହ ଇସ୍ରାଏଲ୍‌ର ଯୁଦ୍ଧବିରତି ଉଦ୍ୟମକୁ ଆହୁରି ଜୋର୍‌ଦାର କରାଯିବ ବୋଲି ଏହି ୩ ୟୁରୋପୀୟ ଦେଶ ସ୍ପଷ୍ଟ କରିଛନ୍ତି। ଏଥିସହ ଅନ୍ୟ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ସେମାନଙ୍କ ପଦାଙ୍କ ଅନୁସରଣ କରିବେ ବୋଲି ଆଶାବାଦୀ ଥିବା କହିଛନ୍ତି।

ଗତବର୍ଷ ଅକ୍ଟୋବର ୭ରେ ହମାସ୍‌ର ଆକ୍ରମଣ ପରଠୁ ସାଢ଼େ ୭ ମାସ ଧରି ଗାଜାରେ ଇସ୍ରାଏଲ୍ ଗଣହତ୍ୟା ଜାରି ରଖିଥିବାବେଳେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଉପରେ ଅନ୍ତର୍ଜାତୀୟ ଚାପ ବୃଦ୍ଧି ଉଦ୍ଦେଶ୍ୟରେ ଏହି ସମନ୍ୱିତ ସ୍ୱୀକୃତି ଦିଆଯାଇଥିବା କୁହାଯାଉଛି। ଅନ୍ୟପକ୍ଷେ ଗାଜାରେ ଚାଲିଥିବା ଯୁଦ୍ଧ ଉପରେ ଏପରି କୂଟନୈତିକ ପଦକ୍ଷେପର କୌଣସି ପ୍ରଭାବ ପଡ଼ିବ ନାହିଁ କହି ତେଲ୍ ଆଭିଭ୍ ନିନ୍ଦା କରିଛି।

ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ନିଜ ଦେଶବାସୀଙ୍କୁ ଏକ ଟିଭି ସମ୍ବୋଧନରେ କହିଛନ୍ତି, ଏହା ଏକ ଐତିହାସିକ ନିଷ୍ପତ୍ତି, ଯାହାର ଏକମାତ୍ର ଲକ୍ଷ୍ୟ ରହିଛି। ସେହି ଲକ୍ଷ୍ୟ ହେଲା, ଶାନ୍ତି ପ୍ରତିଷ୍ଠା ପାଇଁ ଇସ୍ରାଏଲୀ ଓ ପାଲେଷ୍ଟିନୀୟମାନଙ୍କୁ ସାହାଯ୍ୟ କରିବା। ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ମାନ୍ୟତା ପ୍ରଦାନ ପାଇଁ ଗତ ସପ୍ତାହରେ ସ୍ପେନ୍ ସହ ନିଷ୍ପତ୍ତି ନେଇଥିବା ଆୟର୍ଲାଣ୍ଡ ଓ ନରୱେ ମଧ୍ୟ ଆନୁଷ୍ଠାନିକ ଭାବେ ଅନୁରୂପ କଥା କହିଛନ୍ତି। ଡବ୍ଲିନ୍‌ସ୍ଥିତ ଆୟର୍ଲାଣ୍ଡ ପାର୍ଲାମେଣ୍ଟ ଲେଇନ୍‌ଷ୍ଟର ହାଉସ୍‌ରେ ପାଲେଷ୍ଟିନୀୟ ପତାକା ଉଡ଼ାଯାଇଛି। ଆୟର୍ଲାଣ୍ଡ ପ୍ରଧାନମନ୍ତ୍ରୀ ସାଇମନ୍ ହାରିସ୍ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ଉପରେ ମୋହର ମାରିବା ପରେ ଘୋଷଣା କରିଛନ୍ତି, ଏହା ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ଦୁଇ-ରାଷ୍ଟ୍ର ସମାଧାନ ଲକ୍ଷ୍ୟ ପୂରଣ ଦିଗରେ ଏକ ଦେଶ ଏପରି ବ୍ୟବହାରିକ ପଦକ୍ଷେପ ନେଇପାରିବ ବୋଲି ଏଥିରୁ ସାରା ବିଶ୍ୱକୁ ସନ୍ଦେଶ ଯାଇଛି, ଯେତେବେଳେ କି ଅନ୍ୟମାନେ ନିର୍ଦ୍ଦୟ ଭାବେ ବୋମାମାଡ଼ କରୁଛନ୍ତି। ନରୱେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍ପେନ୍ ବର୍ଥ ଏଡେ ଏକ ବିବୃତିରେ କହିଛନ୍ତି, ୩୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ନରୱେ ପାଲେଷ୍ଟିନୀୟ ରାଷ୍ଟ୍ରର ବଡ଼ ସମର୍ଥକ ରହିଆସିଛି। ଆଜି ନରୱେ ଆନୁଷ୍ଠାନିକ ଭାବେ ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ସ୍ୱୀକୃତି ଦେଇଛି। ଏହା ହେଉଛି ନରୱେ ଓ ପାଲେଷ୍ଟାଇନ୍ ମଧ୍ୟରେ ସମ୍ପର୍କର ଏକ ମାଇଲଖୁଣ୍ଟ। ଅନ୍ୟପକ୍ଷେ ଇସ୍ରାଏଲ ବହିର୍ବ୍ୟାପାର ମନ୍ତ୍ରୀ ଇସ୍ରାଏଲ କାଟ୍‌ଜ ଏକ୍ସ'ରେ ତତ୍କାଳ ଏହାର ଜବାବ ଦେଇ ଲେଖିଛନ୍ତି, ସାଞ୍ଚେଜ୍‌ଙ୍କ ସରକାର ଇହୁଦୀମାନଙ୍କ ବିରୋଧରେ ଗଣହତ୍ୟା ଓ ଯୁଦ୍ଧ ଅପରାଧକୁ ଉସୁକାଉଛନ୍ତି।

ପ୍ରାୟ ୧୪୦ ଦେଶ ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ଭାବେ ସ୍ୱୀକୃତି ଦେଇସାରିଥିବାବେଳେ ଜାତିସଂଘର ଦୁଇ-ତୃତୀୟାଂଶରୁ ଅଧିକ ସଦସ୍ୟଙ୍କ ମଧ୍ୟରୁ କୌଣସି ପାଶ୍ଚାତ୍ୟ ଶକ୍ତି ଏପରି କରିନାହାନ୍ତି। ଏହି ସ୍ଥଳେ ୩ ୟୁରୋପୀୟ ଦେଶର ସମର୍ଥନ ପାଲେଷ୍ଟାଇନ୍ ପାଇଁ ଏକ ବଡ଼ ବିଜୟ ବୋଲି କୁହାଯାଉଛି। ଏହା ପରେ ଫ୍ରାନ୍ସ ଓ ଜର୍ମାନୀ ଭଳି ହେଭିୱେଟ୍ ଉପରେ ନିଜ ଆଭିମୁଖ୍ୟ ସମ୍ପର୍କରେ ପୁନଃ ଚିନ୍ତନ ପାଇଁ ଚାପ ପଡ଼ିପାରେ।

▶▶ଗାଜାର ହସ୍ପିଟାଲଗୁଡ଼ିକ ମଧ୍ୟରୁ ମାତ୍ର ଏକ-ତୃତୀୟାଂଶ ବର୍ତ୍ତମାନ ଆଂଶିକ ଭାବେ କାର୍ଯ୍ୟକ୍ଷମ ରହିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି।

▶▶ରାଫାହ ଆକ୍ରମଣ ପରେ ଆମେରିକୀୟ ଦୂତାବାସକୁ ବନ୍ଦ କରିବା ପାଇଁ ଇରାକ୍‌ର ପ୍ରଭାବଶାଳୀ କ୍ଲେରିକ୍ ସଦର ଦାବି କରିଛନ୍ତି।

▶▶ରାଫାହ ସୀମାନ୍ତ ଅଞ୍ଚଳରେ ଇସ୍ରାଏଲୀ ସେନାଙ୍କ ସହ ଗୁଳି ବିନିମୟ ବେଳେ ଇଜିପ୍ଟର ଜଣେ ସୈନ୍ୟ ନିହତ ହୋଇଛନ୍ତି।

## ରାଫାହରେ ଏୟାରଷ୍ଟ୍ରାଇକ୍‌କୁ ନିନ୍ଦା

କାଏରୋ,୨୮।୫

ଗାଜାର ଦକ୍ଷିଣାଞ୍ଚଳ ସହର ରାଫାହରେ ଇସ୍ରାଏଲୀ ସୈନ୍ୟ ଏୟାରଷ୍ଟ୍ରାଇକ୍ କରିଛନ୍ତି। ଏହି ଆକ୍ରମଣ ଫଳରେ ଏକ ଶରଣାର୍ଥୀ ଶିବିରରେ ନିଆଁ ଲାଗିଯିବାରୁ ସେଠାରେ ରହୁଥିବା ୪୫ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ଅନ୍ୟୁନ ୧୨ ଜଣ ହେଉଛନ୍ତି ମହିଳା। ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ) ପକ୍ଷରୁ ରାଫାହରେ ବର୍ବରତା ବନ୍ଦ ପାଇଁ ଇସ୍ରାଏଲ୍‌କୁ ନିର୍ଦ୍ଦେଶ ଦିଆଯିବା ସତ୍ତ୍ୱେ ଏଥିରେ ରୋକ୍ ଲାଗୁ ନ ଥିବାରୁ ଏହାକୁ ବିଶ୍ୱନେତାମାନେ କଡ଼ା ନିନ୍ଦା କରିଛନ୍ତି। ଅନ୍ୟପକ୍ଷେ ଇସ୍ରାଏଲ୍ କହିଛି, ହମାସ୍ କମାଣ୍ଡରମାନଙ୍କୁ ଟାର୍ଗେଟ କରାଯାଇଥିଲା। ନାଗରିକମାନଙ୍କୁ କ୍ଷତି ପହଞ୍ଚାଇବା ଏହାର ଉଦ୍ଦେଶ୍ୟ ନୁହେଁ।



ଗାଜା ସୀମାରେ ଇସ୍ରାଏଲର ଏକ ଟ୍ୟାଙ୍କ (ସୌଜନ୍ୟ ରଏଟର୍ସ)।

## ଯୁଦ୍ଧବିରତି ଦାବିକରୁ କେନ୍ଦ୍ର: ସିପିଆଇଏମ୍

ନୂଆଦିଲ୍ଲୀ,୨୮।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଗାଜାରେ ଇସ୍ରାଏଲ୍‌ର ଯୁଦ୍ଧବିରତି ଦାବି କରିବା ଉଚିତ। ରାଫାହର ଏକ ଶିବିରରେ ତେଲ୍ ଆଭିଭ୍ ପକ୍ଷରୁ କରାଯାଇଥିବା ଏୟାରଷ୍ଟ୍ରାଇକ୍‌କୁ ମଧ୍ୟ ନିନ୍ଦା କରିବା ଉଚିତ ବୋଲି ମଙ୍ଗଳବାର ସିପିଆଇଏମ୍ କହିଛି। ଏଥିସହ ଇସ୍ରାଏଲ୍‌କୁ ସମସ୍ତ ଯୁଦ୍ଧାସ୍ତ୍ର ରପ୍ତାନି ବନ୍ଦ କରାଯାଉ ବୋଲି ସିପିଆଇଏମ୍ ପଲିଟ୍‌ବ୍ୟୁରୋ ଏକ ବିବୃତିରେ ଦାବି କରିଛି।

# ପଥର କ୍ୱାରି ଭୁଶୁଡ଼ି ୨୩ ମୃତ

ଆଇଜଲ,୨୮।୫(ପି.ଟି.)



ଭୁଶୁଡ଼ି ପଡ଼ିଥିବା ପଥର କ୍ୱାରିରେ ଉଦ୍ଧାର କାର୍ଯ୍ୟ ଚାଲିଛି।

ବାତ୍ୟା ରେମାଲଜନିତ ଲଗାଣ ବର୍ଷା ଯୋଗୁ ମଙ୍ଗଳବାର ସକାଳେ ମିଜୋରାମର ଆଇଜଲ ଜିଲାରେ ଏକ ପଥର କ୍ୱାରି ଭୁଶୁଡ଼ି ୨ ପିଲାଙ୍କ ସମେତ ୨୩ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି। ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟି ଅନେକ ଲୋକ ନିଖୋଜ ଥିବାବେଳେ ରାଜ୍ୟ ରାଜଧାନୀ ଦେଶର ଅନ୍ୟାନ୍ୟ ଭାଗଠାରୁ ବିଚ୍ଛିନ୍ନ ହୋଇଯାଇଛି। ଆଇଜଲ ସହରର ଦକ୍ଷିଣ ଭାଗ ମେଲଥୁମ ଏବଂ ହ୍ଲିମେନ୍ ମଧ୍ୟବର୍ତ୍ତୀ ଅଞ୍ଚଳରେ ଭୂସ୍ଖଳନ ହୋଇଛି। ସନ୍ଧ୍ୟା ସୁଦ୍ଧା ୨୩ ଜଣଙ୍କ ମୃତଦେହ ବାହାର କରାଯାଇଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଆଉ ୬ରୁ ୭ ଜଣ କ୍ୱାରିରେ ଫସି ରହିଥିବା ସନ୍ଦେହ କରାଯାଉଛି। ପ୍ରବଳ ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଭୂସ୍ଖଳନରେ ୬ ନମ୍ବର ଜାତୀୟ ରାଜପଥ ବିଚ୍ଛିନ୍ନ ହୋଇଥିବାବେଳେ ଅନ୍ୟ କେତେକ ଆନ୍ତଃରାଜ୍ୟ ରାଜପଥ କ୍ଷତିଗ୍ରସ୍ତ ହୋଇଛି। ମୁଖ୍ୟମନ୍ତ୍ରୀ ଲୋଲ୍ଡୁହୋମା ଜରୁରୀ ବୈଠକରେ ସ୍ଥିତି ଅନୁଧ୍ୟାନ କରିବା ସହ ମୃତକମାନଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। କ୍ୱାରି ଭୁଶୁଡ଼ି ଏତେ ସଂଖ୍ୟାରେ ଲୋକଙ୍କ ଜୀବନ ଯିବା ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୋକବ୍ୟକ୍ତ କରିଛନ୍ତି। ଏଥିସହ ଉଦ୍ଧାର ଓ ରିଲିଫ କାର୍ଯ୍ୟର ସଫଳତା ଏବଂ ଆହତମାନଙ୍କ ଆଶୁ ଆରୋଗ୍ୟ ପାଇଁ ସେ ପ୍ରାର୍ଥନା କରିଛନ୍ତି।

## କେଜ୍‌ରିୱାଲଙ୍କ ଆବେଦନର ତ୍ୱରିତ୍ ଶୁଣାଣି ହେବନି

ନୂଆଦିଲ୍ଲୀ,୨୮।୫

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତାଙ୍କ ଅନ୍ତରୀଣ ଜାମିନ ସମୟସୀମାକୁ ଆଉ ୭ ଦିନ ବଢ଼ାଇବା ପାଇଁ ଆବେଦନ କରିଥିଲେ। ଉକ୍ତ ପିଟିଶନ୍‌ର ତ୍ୱରିତ୍ ଶୁଣାଣି ପାଇଁ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ମଙ୍ଗଳବାର ମନା କରିଦେଇଛନ୍ତି। ଆବେଦନକୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ପାଖକୁ ନିଆଯିବ ବୋଲି ଅଦାଲତ କହିଛନ୍ତି। ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଜେଲରେ ଥିବା କେଜ୍‌ରିୱାଲଙ୍କୁ ଲୋକ ସଭା ନିର୍ବାଚନରେ ପ୍ରଚାର ପାଇଁ ସୁଯୋଗ ଦେବା ନିମନ୍ତେ ଗତ ୧୦ ତାରିଖରେ ସର୍ବୋଚ୍ଚ ଅଦାଲତ ତାଙ୍କୁ ଅନ୍ତରୀଣ ଜାମିନ ଦେଇଥିଲେ। ଏହାର ଅବଧି ଜୁନ୍ ୧ରେ ଶେଷ ହେଉଥିବାବେଳେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଜାମିନ ସମୟସୀମା ୭ ଦିନ ବଢ଼ାଇବାକୁ କେଜ୍‌ରିୱାଲ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଆଉ ଏକ ମହାମାରୀ ନିଶ୍ଚିତ

## ସତର୍କ କରାଇଲେ ବ୍ରିଟିଶ ବୈଜ୍ଞାନିକ

ନୂଆଦିଲ୍ଲୀ,୨୮।୫(ପି.ଟି.)

ଅନ୍ୟ ଏକ ମହାମାରୀ ନିଶ୍ଚିତ ବୋଲି ବ୍ରିଟେନ୍‌ର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ପରାମର୍ଶଦାତା ସାର୍ ପାଟ୍ରିକ୍ ଭାଲାନ୍ସ ସତର୍କ କରାଇଛନ୍ତି। ସେଥିପାଇଁ ଆଗାମୀ ସରକାର ପ୍ରସ୍ତୁତି ଉପରେ ପ୍ରାଥମିକତା ଦେବାକୁ ସେ ପରାମର୍ଶ ଦେଇଛନ୍ତି। ନୂତନ ଭାବେ ସୃଷ୍ଟି ହେଉଥିବା ବିପଦକୁ ଶୀଘ୍ର ଚିହ୍ନଟ କରିବା ପାଇଁ ଉନ୍ନତ ସର୍ଭିଲାନ୍ସ ବ୍ୟବସ୍ଥା ସ୍ଥାପନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ସେ ୨୦୨୧ରେ ଜି-୭ ନେତାମାନଙ୍କୁ ଦେଇଥିବା ବାର୍ତ୍ତାକୁ ଦୋହରାଇବା ସହ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନକୁ ପ୍ରାଥମିକତା ଦେଇଛନ୍ତି। କୋଭିଡ୍-୧୯ ମହାମାରୀ ବେଳେ ତ୍ୱରିତ୍ ନିଦାନ, ଟିକା ଏବଂ ଚିକିତ୍ସା ଯୋଗୁ ଏହାକୁ ରୋକାଯାଇପାରିଥିଲା। ଏହା ହାସଲଯୋଗ୍ୟ ହୋଇଥିବାବେଳେ ଅନ୍ତର୍ଜାତୀୟ ସମନ୍ୱୟରେ ଉଲ୍ଲେଖନୀୟ ଉନ୍ନତି ଆବଶ୍ୟକ ବୋଲି ଭାଲାନ୍ସ କହିଛନ୍ତି। ୨୦୨୧ରେ ସେ ଯେଉଁସବୁ ପରାମର୍ଶ ଦେଇଥିଲେ ୨୦୨୩ ସୁଦ୍ଧା ଜି-୭ ଦେଶଗୁଡ଼ିକ ତାହା ଭୁଲିଯାଇଥିବା ଭଳି ମନେହୁଏ। ମହାମାରୀ ମୁକାବିଲା ପାଇଁ ପ୍ରସ୍ତୁତିକୁ ଯୁଦ୍ଧକାଳୀନ ପ୍ରସ୍ତୁତି ଭଳି ଗୁରୁତ୍ୱର ସହ ନେବାକୁ ଭାଲାନ୍ସ ସୁପାରିସ କରିଛନ୍ତି। ମହାମାରୀ ପ୍ରସ୍ତୁତିରେ ଦେଶଗୁଡ଼ିକ ପରସ୍ପରକୁ ସହଯୋଗ କରିବା ନିମନ୍ତେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ମହାମାରି ଚୁକ୍ତିନାମା ପାଇଁ ଉଦ୍ୟମ ଚଳାଇଛି। ଏହା ଏକ ସକାରାତ୍ମକ ପଦକ୍ଷେପ ହେଲେ ମଧ୍ୟ ଯଥେଷ୍ଟ ନୁହେଁ। ଯଦି ଏହି ପ୍ରସଙ୍ଗ ଜି୭ ଏବଂ ଜି୨୦ ଏଜେଣ୍ଡାରୁ ହଟିଯାଉଛି, ତେବେ ଆମେ ସମାନ ସ୍ଥିତିରେ ରହିଛୁ ବୋଲି ଧରିନେବାକୁ ହେବବୋଲି ଭାଲାନ୍ସ କହିଛନ୍ତି।

# ଶାହାଜାହାନଙ୍କ ନାଁରେ ହତ୍ୟା ଉଦ୍ୟମ ଅଭିଯୋଗ

## ସନ୍ଦେଶଖାଲି ମାମଲାରେ ସିବିଆଇ ଚାର୍ଜଶିଟ୍

ନୂଆଦିଲ୍ଲୀ,୨୮।୫(ପି.ଟି.)

ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ଜାନୁଆରୀ ୫ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଫିସରମାନଙ୍କ ଟିମ୍ ଉପରେ ଆକ୍ରମଣ ମାମଲାରେ ସିବିଆଇ ସୋମବାର ବସିରହାଟ ସ୍ୱତନ୍ତ୍ର କୋର୍ଟରେ ପ୍ରଥମ ଚାର୍ଜଶିଟ୍ ଦାଖଲ କରିଛି। ଉକ୍ତ ଚାର୍ଜଶିଟ୍‌ରେ ଟିଏମ୍‌ସିର ନିଲମ୍ବିତ ନେତା ଶାହାଜାହାନ ଶେଖ୍, ତାଙ୍କ ଭାଇ ଓ ଅନ୍ୟ ୫ ଜଣଙ୍କୁ ଆପରାଧିକ ଷଡ଼ଯନ୍ତ୍ର ଏବଂ ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତ କରାଯାଇଛି।

ପଶ୍ଚିମବଙ୍ଗରେ ବହୁକୋଟି ଟଙ୍କାର ରାଶନ ବଣ୍ଟନ ଦୁର୍ନୀତି ମାମଲା ସହ ସମ୍ପୃକ୍ତ ଶେଖ୍‌ଙ୍କ ଘର ଉପରେ ଚଢ଼ାଉ କରିବାକୁ ଇଡି ଟିମ୍ ଯାଇଥିବାବେଳେ



ଶାହାଜାହାନ ଶେଖ୍

ପ୍ରାୟ ୧,୦୦୦ ଲୋକ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଉକ୍ତ ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ରାଜ୍ୟର ପୂର୍ବତନ ଖାଦ୍ୟମନ୍ତ୍ରୀ ଜ୍ୟୋତିପ୍ରିୟ ମଲ୍ଲିକଙ୍କ ସହ ଶେଖଙ୍କର ଘନିଷ୍ଠ ସମ୍ପର୍କ ଥିବାରୁ ଇଡି ତାଙ୍କୁ ଗିରଫ କରିବାକୁ ଯାଇଥିଲା। ଚାର୍ଜଶିଟ୍‌ରେ ଶେଖ୍ ଓ ତାଙ୍କ ଭାଇ ଆଲମଗିରଙ୍କ ସମେତ ସେମାନଙ୍କ ସହଯୋଗୀ ଜିଆଉଦ୍ଦିନ ମୋଲ୍ଲା, ମଫୁଜର ମୋଲ୍ଲା ଏବଂ ଦିଦରବକ୍ସ ମୋଲ୍ଲାଙ୍କ ନାଁ ରହିଛି। ସିବିଆଇ ସେମାନଙ୍କ ବିରୋଧରେ ଆଇପିସିର ଧାରା ୧୨୦-ବି(ଆପରାଧିକ ଷଡ଼ଯନ୍ତ୍ର) ଏବଂ ୩୦୭ (ହତ୍ୟା ଉଦ୍ୟମ) ସମେତ ଦଙ୍ଗା ସୃଷ୍ଟି କରିବା ଓ ବେଆଇନ କାର୍ଯ୍ୟକଳାପ ନେଇ ଅଭିଯୋଗ ଦାଏର କରିଛି।

ଶେଖ୍ ଓ ତାଙ୍କ ଲୋକମାନେ ସ୍ଥାନୀୟ ମହିଳାମାନଙ୍କୁ ଯୌନ ନିର୍ଯାତନା ଦେବା ସହ ସେମାନଙ୍କ ସମ୍ପତ୍ତି ଦଖଲ କରିବା ଅଭିଯୋଗକୁ ନେଇ କୋଲକାତାଠାରୁ ୮୦ କି.ମି. ଦୂରରେ ଅବସ୍ଥିତ ସନ୍ଦେଶଖାଲି ଖବର ଶିରୋନାମା ମଣ୍ଡନ କରିଥିଲା। ଜାନୁଆରୀ ୫ର ଘଟଣାକୁ ନେଇ ସିବିଆଇ ୩ଟି ମାମଲାର ତଦନ୍ତ କରୁଛି। ଫେବୃଆରୀ ୨୯ରେ ରାଜ୍ୟ ପୋଲିସ ଶେଖ୍‌ଙ୍କୁ ଗିରଫ କରିବା ପରେ ମାର୍ଚ୍ଚ ୬ରେ ସିବିଆଇ ତାଙ୍କୁ ହାଜତକୁ ନେଇଥିଲା।

## ଆତିଶୀଙ୍କୁ ଦିଲ୍ଲୀ କୋର୍ଟଙ୍କ ସମନ

ନୂଆଦିଲ୍ଲୀ,୨୮।୫

ମାନହାନି ମାମଲାରେ ଦିଲ୍ଲୀର ଏକ ଅଦାଲତ ମଙ୍ଗଳବାର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତ୍ରୀ ଆତିଶୀଙ୍କୁ ସମନ ଜାରି କରିଛନ୍ତି। ତାଙ୍କୁ ଜୁନ୍ ୨୯ରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆପ୍ ବିଧାୟକମାନଙ୍କୁ କିଣିବା ପାଇଁ ଭାଜପା ଉଦ୍ୟମ ଚଳାଇଥିବା ଆତିଶୀ ଅଭିଯୋଗ କରିଥିଲେ। ଏଥିପାଇଁ ଭାଜପା ମିଡିଆ ସେଲ୍ ମୁଖ୍ୟ ପ୍ରବୀଣ ଶଙ୍କର କପୁର ତାଙ୍କ ନାଁରେ ମାନହାନି ମାମଲା ଦାଏର କରିଥିଲେ। ଉକ୍ତ ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନାଁ ରହିଥିଲେ ମଧ୍ୟ ତାଙ୍କୁ ସମନ ହୋଇନାହିଁ। କେଜ୍‌ରିୱାଲଙ୍କ ବିରୋଧରେ କୌଣସି ତଥ୍ୟ ପ୍ରମାଣ ମିଳି ନ ଥିବା କୋର୍ଟ କହିଛନ୍ତି।

## ହତ୍ୟା ମାମଲାରେ ରାମ ରହିମ ନିର୍ଦ୍ଦୋଷ

ଚଣ୍ଡିଗଡ଼, ୨୮।୫



୨୦୦୨ର ଡେରା ମ୍ୟାନେଜର ରଣଜିତ ସିଂଙ୍କ ହତ୍ୟା ମାମଲାରେ ଡେରା ସଚ୍ଚା ସୌଦା ପ୍ରମୁଖ ଗୁରମିତ ରାମ ରହିମ ସିଂଙ୍କୁ ମଙ୍ଗଳବାର ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଦୋଷମୁକ୍ତ କରିଛନ୍ତି। ୨୦୨୧ରେ ପଞ୍ଚକୁଲାର ସ୍ୱତନ୍ତ୍ର ସିବିଆଇ ଅଦାଲତ ଏହି ମାମଲାରେ ରାମ ରହିମ ଓ ଅନ୍ୟ ୪ ଜଣଙ୍କୁ ଦୋଷୀସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ। ସିବିଆଇ କୋର୍ଟଙ୍କ ନିଷ୍ପତ୍ତିକୁ ରାମ ରହିମ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ସୁରେଶ୍ୱର ଠାକୁର ଏବଂ ଲଳିତ ବତ୍ରାଙ୍କ ଖଣ୍ଡପୀଠ ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ତେବେ ସାମ୍ବାଦିକ ରାମଚନ୍ଦ୍ର ପ୍ରଜାପତି ହତ୍ୟାକାଣ୍ଡ ଏବଂ ଡେରାରେ ୨ ଜଣ ସାଧ୍ୱୀଙ୍କୁ ବଳାତ୍କାର ମାମଲାରେ ରାମରହିମ ଦୋଷୀ ସାବ୍ୟସ୍ତ ହୋଇ ଏବେ ରୋହତକର ସୁନାରିଆ ଜେଲରେ ସଜା କାଟୁଥିବାରୁ ସେ ଜେଲରୁ ମୁକୁଳି ପାରିବେ ନାହିଁ। ଉଭୟ ମାମଲାରେ ସେ ତଳ କୋର୍ଟଙ୍କ ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ସୂଚନାଯୋଗ୍ୟ, ୧୦ ଜୁଲାଇ ୨୦୦୨ରେ ହରିୟାଣା କୁରୁକ୍ଷେତ୍ର ଅନ୍ତର୍ଗତ ଖାନପୁରଠାରେ ଡେରା ସଚ୍ଚା ସୌଦାର ତତ୍କାଳୀନ ମ୍ୟାନେଜର ରଣଜିତ ସିଂଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା।

## ଫୁରସତ

# ଏଭରେଷ୍ଟ ଡେ'

ପ୍ରତିବର୍ଷ ମେ' ୨୯କୁ ଅନ୍ତର୍ଜାତୀୟ ଏଭରେଷ୍ଟ ଡେ' ପାଳନ କରାଯାଇଆସୁଛି। ୧୯୫୩ର ଏହି ଦିନରେ ସୁଉଚ୍ଚ ଏଭରେଷ୍ଟ ଆରୋହଣ କରିବାରେ ସକ୍ଷମ ହୋଇଥିଲେ। ଏମାନେ ହେଉଛନ୍ତି ନେପାଳର ତେନଜିଙ୍ଗ ନରଗେ ଏବଂ ନ୍ୟୁଜିଲ୍ୟାଣ୍ଡର ଏଡମଣ୍ଡ ହିଲାରୀ। ଏହି ସ୍ମୃତିକୁ ନେଇ ଉକ୍ତ ଦିବସ ପାଳନ କରାଯାଏ।

ନେପାଳ କ୍ରମାଗତ ଭାବରେ ଅନ୍ତର୍ଜାତୀୟ ମାଉଣ୍ଟ ଏଭରେଷ୍ଟ ଦିବସ ପାଳନ କରିବାକୁ ମନୋନୀତ ହୋଇଛି। ଉକ୍ତ ଦିନ ନେପାଳର ରାଜଧାନୀ କାଠମାଣ୍ଡୁରେ ପର୍ବତ ଆରୋହଣକାରୀଙ୍କୁ ପ୍ରଶଂସା କରିବା ପାଇଁ ପରେଡ କରାଯାଏ। ସମଗ୍ର ବିଶ୍ୱରେ ଉଚ୍ଚତମ ପର୍ବତ ଭାବେ ପରିଚିତ ମାଉଣ୍ଟ ଏଭରେଷ୍ଟ। ବହୁ ବ୍ୟକ୍ତି ଦିନଟିଏ ପାଇଁ ବି ଏହି ପର୍ବତର ବିରାଟ ଉଚ୍ଚତାକୁ ନିଜ ଆଖିରେ ଦେଖିବା ପାଇଁ



ଇଚ୍ଛା ପ୍ରକାଶ କରନ୍ତି। ଆପଣ ଜଣେ ସଫଳ ପର୍ବତାରୋହୀ ହୁଅନ୍ତୁ କିମ୍ବା ପ୍ରକୃତିର ଅପରୂପକୁ ଗୁରୁତ୍ୱ ଦେଉଥିବା ବ୍ୟକ୍ତି ହୁଅନ୍ତୁ, ମାଉଣ୍ଟ ଏଭରେଷ୍ଟ ଡେ' ଏଭଳି ଏକ ଅନୁଭୂତି ଆଣିଥାଏ। ଏଥିସହିତ ଉକ୍ତ ଦିନ ପାର୍ବତ୍ୟାଞ୍ଚଳବାସୀଙ୍କ ସମସ୍ୟା, ପରିବେଶ ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନର ପ୍ରଭାବ, ପର୍ବତାରୋହୀଙ୍କୁ ଉତ୍ସାହିତ କରିବା ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥାଏ।

# ସହରୀକରଣରୁ ରାତି ତାପମାତ୍ରା ବୃଦ୍ଧି

## ଆଇଆଇଟି ଭୁବନେଶ୍ୱରର ଅଧ୍ୟୟନ

ନୂଆଦିଲ୍ଲୀ, ୨୮।୫ (ପି.ଟି)

ଭାରତର ୧୪୦ଟି ମୁଖ୍ୟ ସହରରେ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳଠାରୁ ରାତ୍ରି ସମୟରେ ୬୦ ପ୍ରତିଶତ ଅଧିକ ଗରମ ଅନୁଭୂତ ହେଉଛି। ଏହାର ପ୍ରମୁଖ କାରଣ ସହରୀକରଣ ହୋଇଥିବା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି(ଆଇଆଇଟି) ଭୁବନେଶ୍ୱର ପକ୍ଷରୁ କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି। ସହରୀକରଣର ଏହି ପ୍ରଭାବ ସର୍ବାଧିକ ଅହମଦାବାଦ, ରାଜକୋଟ ଏବଂ ଜୟପୁର ସହର ଉପରେ ପଡ଼ିଥିବାବେଳେ ଦିଲ୍ଲୀ-ଏନ୍‌ସିଆର୍ ଏବଂ ପୁଣେ ଏହି ମାମଲାରେ ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ରହିଛନ୍ତି। ସହରୀକରଣ ଯୋଗୁ ଦେଶରେ କଂକ୍ରିଟ ଜଙ୍ଗଲର ମାତ୍ରା ବଢ଼ିବାରେ



ଲାଗିଛି। ଏହାର ପରିଣାମ ଭାରତର ବିଭିନ୍ନ ସହରବାସୀ ଭୋଗୁଥିବା ଅଧ୍ୟୟନରେ କୁହାଯାଇଛି। ସହରରେ ଅଧିକ ମାତ୍ରାରେ ଏୟାର କଣ୍ଡିଶନ ପରି ଉପକରଣର ନିର୍ଭରଶୀଳତା ବଢ଼ିଥିବାରୁ ଉତ୍ତାପ ବଢ଼ିବାରେ ଲାଗିଛି। ଖାସ୍‌କରି ବର୍ଦ୍ଧିତ ସହରୀକରଣ ଯୋଗୁ ରାସ୍ତା ଏବଂ ଗୃହ ନିର୍ମାଣରେ ବ୍ୟବହୃତ କଂକ୍ରିଟ୍ ଏବଂ ଆସ୍‌ଫାଲ୍ଟ ଦିନରେ ଉତ୍ତାପକୁ ସଂରକ୍ଷଣ କରି ରାତିରେ ଛାଡୁଛି। ଫଳରେ ସହରର ରାତି ତାପମାତ୍ରା ବୃଦ୍ଧି ପାଉଥିବା ନେଚର ସିଟିଜ୍ ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନରେ ଆଇଆଇଟି ଭୁବନେଶ୍ୱରର ଗବେଷକମାନେ ଦର୍ଶାଇଛନ୍ତି। ୨୦୦୩ରୁ ୨୦୨୦ ମଧ୍ୟରେ ସାଟେଲାଇଟ୍ ଡାଟାର ସାହାଯ୍ୟ ନେଇ ରାତ୍ରି ସମୟରେ ଭୂପୃଷ୍ଠରେ ତାପମାତ୍ରାର ତଥ୍ୟକୁ ଏହି ଅଧ୍ୟୟନରେ ବିଶ୍ଳେଷଣ କରାଯାଇଛି। ଦେଶର ବିଭିନ୍ନ ସହରରେ ଉତ୍ତାପ ବଢ଼ିବା ହାର ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳଠାରୁ ଢ଼େର ଅଧିକ ରହିଥିବା ଏହି ଅଧ୍ୟୟନ କହିଛି। ଖାସ୍‌କରି ପୂର୍ବ ଏବଂ ମଧ୍ୟଭାରତୀୟ ସହରଗୁଡ଼ିକ ବିକାଶଶୀଳ ହୋଇଥିବାରୁ ଏହାର ବିସ୍ତାର ଦ୍ରୁତ ଗତିରେ ଘଟୁଛି। ତେଣୁ ଏହିସବୁ ସହରରେ ରାତ୍ରି ତାପମାତ୍ରା ବୃଦ୍ଧିର ହାର ଦେଶର ଅନ୍ୟ ପ୍ରାନ୍ତ ଅପେକ୍ଷା ଅଧିକ ରହିଛି। ଭାରତୀୟ ସହରଗୁଡ଼ିକରେ ପ୍ରତି ଦଶନ୍ଧିରେ ରାତ୍ରି ତାପମାତ୍ରା ହାରାହାରି ୦.୫୩ ଡିଗ୍ରୀ ସେଲସିୟସ ବୃଦ୍ଧି ପାଉଥିବା ଏହି ଅଧ୍ୟୟନରେ କୁହାଯାଇଛି। ସେହିପରି ସମଗ୍ର ଦେଶରେ ଏହି ସଂଖ୍ୟା ୦.୨୬ ଡିଗ୍ରୀ ସେଲସିୟସ ରହିଛି।

# ଆଇସିସି ଟି୨୦ ବିଶ୍ୱକପ୍ କାର୍ଯ୍ୟସୂଚୀ




ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ-୨୦୨୪ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଜୁନ୍ ୨ରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ମେଗା ଇଭେଣ୍ଟରେ ଏଥର ରେକର୍ଡ ୨୦ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଭାରତ ଗ୍ରୁପ୍ 'ଏ'ରେ ପାକିସ୍ତାନ, କାନାଡ଼ା, ଆୟର୍ଲାଣ୍ଡ ଓ ଆମେରିକା ସହ ସ୍ଥାନ ପାଇଛି । କାନାଡ଼ା, ଉଗାଣ୍ଡା ଓ ଆମେରିକା ଏଥର ପ୍ରଥମଥର ପାଇଁ ଏହି ବିଶ୍ୱକପ ଖେଳିବେ ।

| ତାରିଖ | ମ୍ୟାଚ | ଭେନ୍ୟୁ | ସମୟ |
|---|---|---|---|
| ଜୁନ୍ ୨ | ଆମେରିକା ବନାମ କାନାଡ଼ା | ଡଲାସ | ସକାଳ ୬ଟା |
| | ୱେଷ୍ଟଇଣ୍ଡିଜ ବନାମ ପପୁଆ ନ୍ୟୁ ଗିନି | ଗୁୟାନା | ରାତି ୮ଟା |
| ଜୁନ ୩ | ନାମ୍ବିୟା ବନାମ ଓମାନ | ବାର୍ବାଡୋସ | ସକାଳ ୬ଟା |
| | ଶ୍ରୀଲଙ୍କା ବନାମ ଦକ୍ଷିଣ ଆଫ୍ରିକା | ନ୍ୟୁୟର୍କ | ରାତି ୮ଟା |
| ଜୁନ୍ ୪ | ଆଫଗାନିସ୍ତାନ ବନାମ ଉଗାଣ୍ଡା | ଗୁୟାନା | ସକାଳ ୬ଟା |
| | ଇଂଲଣ୍ଡ ବନାମ ସ୍କଟଲାଣ୍ଡ | ବାର୍ବାଡୋସ | ରାତି ୮ଟା |
| | ନେଦରଲାଣ୍ଡ୍ସ ବନାମ ନେପାଳ | ଡଲାସ | ରାତି ୯ଟା |
| **ଜୁନ ୫** | **ଭାରତ ବନାମ ଆୟର୍ଲାଣ୍ଡ** | **ନ୍ୟୁୟର୍କ** | **ରାତି ୮ଟା** |
| ଜୁନ ୬ | ପପୁଆ ନ୍ୟୁ ଗିନି ବନାମ ଉଗାଣ୍ଡା | ଗୁୟାନା | ପ୍ରାତଃ ୫ଟା |
| | ଅଷ୍ଟ୍ରେଲିଆ ବନାମ ଓମାନ | ବାର୍ବାଡୋସ | ସକାଳ ୬ଟା |
| | ଆମେରିକା ବନାମ ପାକିସ୍ତାନ | ଡଲାସ | ରାତି ୯ଟା |
| | ନାମ୍ବିୟା ବନାମ ସ୍କଟଲାଣ୍ଡ | ବାର୍ବାଡୋସ | ରାତି ୧୨ଟା ୩୦ |
| ଜୁନ ୭ | କାନାଡ଼ା ବନାମ ଆୟର୍ଲାଣ୍ଡ | ନ୍ୟୁୟର୍କ | ରାତି ୮ଟା |
| ଜୁନ ୮ | ନ୍ୟୁଜିଲାଣ୍ଡ ବନାମ ଆଫଗାନିସ୍ତାନ | ଗୁୟାନା | ପ୍ରାତଃ ୫ଟା |
| | ଶ୍ରୀଲଙ୍କା ବନାମ ବାଂଲାଦେଶ | ଡଲାସ | ସକାଳ ୬ଟା |
| | ନେଦରଲାଣ୍ଡ୍ସ ବନାମ ଦକ୍ଷିଣ ଆଫ୍ରିକା | ନ୍ୟୁୟର୍କ | ରାତି ୮ଟା |
| | ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ | ବାର୍ବାଡୋସ | ରାତି ୧୦ଟା ୩୦ |
| ଜୁନ ୯ | ୱେଷ୍ଟଇଣ୍ଡିଜ ବନାମ ଉଗାଣ୍ଡା | ଗୁୟାନା | ସକାଳ ୬ଟା |
| | **ଭାରତ ବନାମ ପାକିସ୍ତାନ** | **ନ୍ୟୁୟର୍କ** | **ରାତି ୮ଟା** |
| | ଓମାନ ବନାମ ସ୍କଟଲାଣ୍ଡ | ଆଣ୍ଟିଗୁଆ | ରାତି ୧୦ଟା ୩୦ |
| ଜୁନ ୧୦ | ଦକ୍ଷିଣ ଆଫ୍ରିକା ବନାମ ବାଂଲାଦେଶ | ନ୍ୟୁୟର୍କ | ରାତି ୮ଟା |
| ଜୁନ ୧୧ | ପାକିସ୍ତାନ ବନାମ କାନାଡ଼ା | ନ୍ୟୁୟର୍କ | ରାତି ୮ଟା |
| ଜୁନ ୧୨ | ଶ୍ରୀଲଙ୍କା ବନାମ ନେପାଳ | ଫ୍ଲୋରିଡ଼ା | ପ୍ରାତଃ ୫ଟା |
| | ଅଷ୍ଟ୍ରେଲିଆ ବନାମ ନାମ୍ବିୟା | ଆଣ୍ଟିଗୁଆ | ସକାଳ ୬ଟା |
| | **ଆମେରିକା ବନାମ ଭାରତ** | **ନ୍ୟୁୟର୍କ** | **ରାତି ୮ଟା** |
| ଜୁନ ୧୩ | ୱେଷ୍ଟଇଣ୍ଡିଜ ବନାମ ନ୍ୟୁଜିଲାଣ୍ଡ | ତ୍ରିନିଦାଦ | ସକାଳ ୬ଟା |
| | ବାଂଲାଦେଶ ବନାମ ନେଦରଲାଣ୍ଡ୍ସ | ସେଣ୍ଟ ଭିନସେଣ୍ଟ | ରାତି ୮ଟା |
| | ଇଂଲଣ୍ଡ ବନାମ ଓମାନ | ଆଣ୍ଟିଗୁଆ | ରାତି ୧୨ଟା ୩୦ |
| ଜୁନ ୧୪ | ଆଫଗାନିସ୍ତାନ ବନାମ ପପୁଆ ନ୍ୟୁଗିନି | ତ୍ରିନିଦାଦ | ସକାଳ ୬ଟା |
| | ଆମେରିକା ବନାମ ଆୟର୍ଲାଣ୍ଡ | ଫ୍ଲୋରିଡ଼ା | ରାତି ୮ଟା |
| ଜୁନ ୧୫ | ଦକ୍ଷିଣ ଆଫ୍ରିକା ବନାମ ନେପାଳ | ସେଣ୍ଟ ଭିନସେଣ୍ଟ | ପ୍ରାତଃ ୫ଟା |
| | ନ୍ୟୁଜିଲାଣ୍ଡ ବନାମ ଉଗାଣ୍ଡା | ତ୍ରିନିଦାଦ | ସକାଳ ୬ଟା |
| | **ଭାରତ ବନାମ କାନାଡ଼ା** | **ଫ୍ଲୋରିଡ଼ା** | **ରାତି ୮ଟା** |
| | ନାମ୍ବିୟା ବନାମ ଇଂଲଣ୍ଡ | ଆଣ୍ଟିଗୁଆ | ରାତି ୧୦ଟା ୩୦ |
| ଜୁନ ୧୬ | ଅଷ୍ଟ୍ରେଲିଆ ବନାମ ସ୍କଟଲାଣ୍ଡ | ସେଣ୍ଟ ଲୁସିଆ | ସକାଳ ୬ଟା |
| | ପାକିସ୍ତାନ ବନାମ ଆୟର୍ଲାଣ୍ଡ | ଫ୍ଲୋରିଡ଼ା | ରାତି ୮ଟା |
| ଜୁନ ୧୭ | ବାଂଲାଦେଶ ବନାମ ନେପାଳ | ସେଣ୍ଟ ଭିନସେଣ୍ଟ | ପ୍ରାତଃ ୫ଟା |
| | ଶ୍ରୀଲଙ୍କା ବନାମ ନେଦରଲାଣ୍ଡ୍ସ | ସେଣ୍ଟ ଲୁସିଆ | ସକାଳ ୬ଟା |
| | ନ୍ୟୁଜିଲାଣ୍ଡ ବନାମ ପପୁଆ ନ୍ୟୁଗିନି | ତ୍ରିନିଦାଦ | ରାତି ୮ଟା |
| ଜୁନ ୧୮ | ୱେଷ୍ଟଇଣ୍ଡିଜ ବନାମ ଆଫଗାନିସ୍ତାନ | ସେଣ୍ଟ ଲୁସିଆ | ସକାଳ ୬ଟା |
| ସୁପର-୮ ପର୍ଯ୍ୟାୟ | | | |
| ଜୁନ ୧୯ | ଏ-୨ ବନାମ ଡି-୧ | ଆଣ୍ଟିଗୁଆ | ରାତି ୮ଟା |
| ଜୁନ ୨୦ | ବି-୧ ବନାମ ସି-୨ | ସେଣ୍ଟ ଲୁସିଆ | ସକାଳ ୬ଟା |
| | ସି-୧ ବନାମ ଏ-୧ | ବାର୍ବାଡୋସ | ରାତି ୮ଟା |
| ଜୁନ ୨୧ | ବି-୨ ବନାମ ଡି-୨ | ଆଣ୍ଟିଗୁଆ | ସକାଳ ୬ଟା |
| | ବି-୧ ବନାମ ଡି-୧ | ସେଣ୍ଟ ଲୁସିଆ | ରାତି ୮ଟା |
| ଜୁନ ୨୨ | ଏ-୨ ବନାମ ସି-୨ | ବାର୍ବାଡୋସ | ସକାଳ ୬ଟା |
| | ଏ-୧ ବନାମ ଡି-୨ | ଆଣ୍ଟିଗୁଆ | ରାତି ୮ଟା |
| ଜୁନ ୨୩ | ସି-୧ ବନାମ ବି-୨ | ସେଣ୍ଟ ଭିନସେଣ୍ଟ | ସକାଳ ୬ଟା |
| | ଏ-୨ ବନାମ ବି-୧ | ବାର୍ବାଡୋସ | ରାତି ୮ଟା |
| ଜୁନ ୨୪ | ସି-୨ ବନାମ ଡି-୧ | ଆଣ୍ଟିଗୁଆ | ସକାଳ ୬ଟା |
| | ବି-୨ ବନାମ ଏ-୧ | ସେଣ୍ଟ ଲୁସିଆ | ରାତି ୮ଟା |
| ଜୁନ ୨୫ | ସି-୧ ବନାମ ଡି-୨ | ସେଣ୍ଟ ଭିନସେଣ୍ଟ | ସକାଳ ୬ଟା |
| ଜୁନ ୨୭ | ପ୍ରଥମ ସେମିଫାଇନାଲ | ତ୍ରିନିଦାଦ | ସକାଳ ୬ଟା |
| | ଦ୍ୱିତୀୟ ସେମିଫାଇନାଲ | ଗୁୟାନା | ରାତି ୮ଟା |
| **ଜୁନ ୨୯ ଫାଇନାଲ** | | **ବାର୍ବାଡୋସ** | **ସନ୍ଧ୍ୟା ୮ଟା** |



# ରୁଡ୍, ମେଡଭେଡେଭଙ୍କ ସହଜ ବିଜୟ

**ଫ୍ରେଞ୍ଚ୍ ଓପନ୍**



ରିଟର୍ନ ଶଟ୍ ଖେଳିବା ଅବସରରେ କାସ୍ପର ରୁଡ୍ ।

**ପ୍ୟାରିସ୍, ୨୮।୫**

ଗ୍ରାଣ୍ଡସ୍ଲାମ ଇଭେଣ୍ଟ ଫ୍ରେଞ୍ଚ ଓପନ ଟେନିସ ଟୁର୍ନାମେଣ୍ଟର ତୃତୀୟ ଦିନ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ସହଜ ବିଜୟ ହାସଲ କରିଛନ୍ତି କାସ୍ପର ରୁଡ୍ ଓ ଡାନିଲ ମେଡଭେଡେଭ୍ । ଦିନର ଅର୍ଦ୍ଧାଧିକ ମ୍ୟାଚ୍ ବର୍ଷା କାରଣରୁ ସସ୍‌ପେଣ୍ଡ ହୋଇଥିବା ବେଳେ ଦୁଇ ସିଡେଡ୍ ଖେଳାଳି ସହଜ ବିଜୟ ହାସଲ କରିଛନ୍ତି । ବିଶ୍ୱ ମାନ୍ୟତାର ସପ୍ତମ ସ୍ଥାନରେ ଥିବା ନରୱେର କାସ୍ପର ରୁଡ୍ ୬-୩, ୬-୪ ଓ ୬-୩ ସେଟ୍‌ରେ ବ୍ରାଜିଲ୍‌ର ଫେଲିପ୍ ଆଲ୍ଭେଙ୍କୁ ପରାସ୍ତ କରିଛନ୍ତି । ପ୍ରଥମ ସର୍ଭରେ ୮୦ ପ୍ରତିଶତ ଓ ଦ୍ୱିତୀୟ ସର୍ଭରେ ୮୮ ପ୍ରତିଶତ ପଏଣ୍ଟ ହାସଲ କରିଥିଲେ ରୁଡ୍ । ଅନ୍ୟ ଏକ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୫ ନମ୍ବର ସ୍ଥାନରେ ଥିବା ରୁଷିଆର ଡାନିଲ ମେଡଭେଡେଭ ୬-୩, ୬-୪, ୫-୭ ଓ ୬-୩ ସେଟ୍‌ରେ ଜର୍ମାନୀର ଡୋମିନିକ୍ କୋପଫରଙ୍କୁ ପରାସ୍ତ କରିଛନ୍ତି । ଅନ୍ୟ ଏକ ମ୍ୟାଚ୍‌ରେ ୨୮ ନମ୍ବର ଖେଳାଳି ଥୋମାସ୍ ମାର୍ଟିନ୍ ଏଚେଭେରୀ ୩-୬, ୬-୨, ୬-୧, ୬-୪ ସେଟ୍‌ରେ ଫ୍ରାନ୍ସର ଆର୍ଥର କାଜାକ୍ସଙ୍କୁ ପରାସ୍ତ କରିଛନ୍ତି । ପ୍ରଥମ ସେଟ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ୩ ସେଟରେ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ ଥୋମାସ୍ ମାର୍ଟିନ୍ ଏଚେଭେରୀ । ଇଟାଲୀର ଫାବିଓ ଫଗନିନି ଏକ ମ୍ୟାଚରେ ଫ୍ରାନ୍ସର ଅଣ ସିଡେଡ ଖେଳାଳି ବୋଟିକ୍ ଭାନ୍ ଡେ ଜାଣ୍ଡସ୍କଲ୍ପଙ୍କୁ ୬-୧, ୬-୧, ୭-୫ରେ ପରାସ୍ତ କରିଥିଲେ ।

ମହିଳା ବିଭାଗରେ ମଧ୍ୟ ଏକାଧିକ ମ୍ୟାଚ୍ ସସ୍‌ପେଣ୍ଡ ହୋଇଥିଲା । ତେବେ ଆରିନା ସାବାଲେଙ୍କା, ଏଲେନା ରିବାକିନା, କ୍ୱିନୱେନ ଝେଙ୍ଗ ଓ ବର୍ନାର୍ଡା ପେରାଙ୍କ ପରି ଖେଳାଳି ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି । ବିଶ୍ୱ ମାନ୍ୟତାର ଦୁଇ ନମ୍ବର ସ୍ଥାନରେ ରହିଥିବା ବେଲାରୁଷର ସାବାଲେଙ୍କା ୬-୧, ୬-୨ ସେଟରେ ଏରିକା ଆଣ୍ଡ୍ରିଭାଙ୍କୁ ପରାସ୍ତ କରିଥିଲେ । ୪ନମ୍ବର ସ୍ଥାନରେ ଥିବା ଏଲେନା ରିବାକିନା ମଧ୍ୟ ଏକ ସହଜ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । କାଜାଖସ୍ତାନର ରିବାକିନା ୬-୨, ୬-୩ ସେଟରେ ବେଲଜିୟମର ଗ୍ରିଟ ମିନ୍ନେନ୍‌ଙ୍କୁ ପରାସ୍ତ କରିଛନ୍ତି । ବିଶ୍ୱ ମାନ୍ୟତାର ୭ ନମ୍ବର ସ୍ଥାନରେ ଥିବା ଚାଇନାର କ୍ୱିନୱେନ୍ ଝେଙ୍ଗ ସ୍ଥାନୀୟ ଖେଳାଳି ଆଲିଜ୍ କର୍ନେଟଙ୍କୁ ୬-୨, ୬-୧ରେ ପରାସ୍ତ କରିଥିଲେ । ମହିଳା ସିଙ୍ଗଲ୍ସରେ ମଧ୍ୟ ଏକ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା । ବିଶ୍ୱ ମାନ୍ୟତାର ୧୩ ତମ ସ୍ଥାନରେ ଥିବା ବ୍ରାଜିଲର ବିଟ୍ରିଜ୍ ହଦଦ ମାଇଆ ଇଟାଲୀର ଏଲିସାବେଟା କୋସିଆରେଟୋଙ୍କ ନିକଟରୁ ୩-୬, ୬-୪ ଓ ୬-୧ ସେଟରେ ପରାଜିତ ହୋଇଥିଲେ । ଗତ ବର୍ଷର ସେମି ଫାଇନାଲିଷ୍ଟ ରହିଥିବା ବିଟ୍ରିଜ ପ୍ରଥମ ସେଟ୍ ଜିତିଥିଲେ ମଧ୍ୟ ପରବର୍ତ୍ତୀ ଦୁଇ ରାଉଣ୍ଡରେ ହାରି ଯାଇଥିଲେ ।

## କୋଚ୍‌ଙ୍କ ବିରୋଧରେ ବନ୍ଧୁକ ଟ୍ୟାମ୍ପରିଂ ଅଭିଯୋଗ

**ନୂଆଦିଲ୍ଲୀ, ୨୮।୫ (ପି.ଟି.):** ଜଣେ ପ୍ରତିଷ୍ଠିତ ଜାତୀୟ କୋଚ ଶୁଟରମାନଙ୍କ ବନ୍ଧୁକ ଟ୍ୟାମ୍ପରିଂ କରିଥିବା ସେମାନଙ୍କ ଅଭିଭାବକମାନେ ଏକ ସଙ୍ଗିନ ଅଭିଯୋଗ ଆଣିଛନ୍ତି । ଜାତୀୟ ମହାସଂଘ ପକ୍ଷରୁ କିନ୍ତୁ ଏହାର ଦୃଢ ଖଣ୍ଡନ କରାଯାଇଛି । ବ୍ୟକ୍ତିଗତ ଭାବେ ଏ ସଂକ୍ରାନ୍ତରେ ବିଧିବଦ୍ଧ ଅଭିଯୋଗ କରିବା ଲାଗି କୁହାଯାଇଛି । ଅଭିଯୋଗକାରୀମାନେ କୋଚ୍‌ଙ୍କ ପରିଚୟ ଦେବାକୁ ମନା କରିଦେଇଥିଲେ । କ୍ଷତିଗ୍ରସ୍ତ ଶୁଟରମାନଙ୍କ ମଧ୍ୟରୁ ଜଣଙ୍କ ଅଭିଭାବକ ନିଜ ନାମ ଗୋପନ ରଖି କହିଛନ୍ତି ଯେ, କୋଚ୍ ଜଣକ ଓରିଜିନାଲ ରାଇଫଲଟିକୁ ଖରାପ କରିଦେବା ପରେ ସେ ତାଙ୍କ ପିଲାଙ୍କ ପାଇଁ ଏକ ନୂଆ ରାଇଫଲ କ୍ରୟ କରିବାକୁ ପଡ଼ିଥିଲା । ଏକ ବିଶ୍ୱକପ୍‌ର ଦିନକ ପୂର୍ବରୁ ଶୁଟରଙ୍କ ଅଜ୍ଞାତରେ କୋଚ୍ ଜଣକ ରାଇଫଲର ସେଟିଂରେ ପରିବର୍ତ୍ତନ କରିଥିଲେ । ଗତବର୍ଷ ଭୋପାଳରେ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ବେଳେ ଏହା ଘଟିଥିଲା । ଏହା କେବଳ ଗୋଟିଏ ଦୃଷ୍ଟାନ୍ତ ନୁହେଁ ଅତୀତରେ ଅନେକ ଥର ଏପରି ଘଟିଛି । ବିଦେଶ ଗସ୍ତ ସମୟରେ କୋଚ୍ ଏସବୁ କାର୍ଯ୍ୟ କରିଥାନ୍ତି । ପୂର୍ବରୁ ଯେତେବେଳେ ଶୁଟରମାନଙ୍କ ସହ ଅଭିଭାବକମାନେ ଯାଉଥିଲେ, ସେତେବେଳେ ଆମ୍ଭମାନଙ୍କ ଉପସ୍ଥିତିରେ କୋଚ୍ ଜଣକ ବନ୍ଧୁକକୁ ସ୍ପର୍ଶ କରି ନ ଥାନ୍ତି । କୋଚ୍ ଜଣକ ଯୁକ୍ତି ଦର୍ଶାଇଛନ୍ତି ଯେ ପରୀକ୍ଷଣ ଓ ନିରୀକ୍ଷଣ ପାଇଁ ବେଳେ ବେଳେ ତାଙ୍କୁ ସେଟିଂରେ ପରିବର୍ତ୍ତନ କରିବାକୁ ପଡ଼ିଥାଏ ।

# ଆଲିଜ୍ କର୍ନେଟଙ୍କ ଅବସର



ଫ୍ରେଞ୍ଚ ଓପନ ଡିରେକ୍ଟର ତଥା ପୂର୍ବତନ ଟେନିସ୍ ଷ୍ଟାର ଆମେଲି ମୌରେସ୍ମୋ(ବାମ) ଓ ଫ୍ରେଞ୍ଚ ଟେନିସ୍ ଫେଡେରେଶନ ମୁଖ୍ୟ ଗିଲ୍ସ ମୋରେଟନଙ୍କ ସହ ଆଲିଜ୍ କର୍ନେଟ୍ ।

**ପ୍ୟାରିସ୍, ୨୮।୫**

ଗ୍ରାଣ୍ଡସ୍ଲାମ ଇଭେଣ୍ଟ ଫ୍ରେଞ୍ଚ ଓପନ ଟେନିସ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ପରାଜୟ ସହ ଅବସର ଘୋଷଣା କରିଛନ୍ତି ଫ୍ରେଞ୍ଚ ଖେଳାଳି ଆଲିଜ୍ କର୍ନେଟ୍ । ବିଶ୍ୱ ମାନ୍ୟତାର ୭ ନମ୍ବର ସ୍ଥାନରେ ଥିବା ଚାଇନାର କ୍ୱିନୱେନ୍ ଝେଙ୍ଗଙ୍କ ନିକଟରୁ ୬-୨, ୬-୧ରେ ପରାଜିତ ହୋଇଥିଲେ କର୍ନେଟ । ଏହି ଟୁର୍ନାମେଣ୍ଟ ପାଇଁ ୩୪ ବର୍ଷୀୟା କର୍ନେଟଙ୍କୁ ୱାଇଲ୍ଡ କାର୍ଡ ମିଳିଥିଲା । ଫିଲିପ୍ ଚାର୍ଟିଅର କୋର୍ଟରେ ଏହି ମ୍ୟାଚ୍‌ଟି ଖେଳା ଯାଇଥିଲା । ୨୦୦୪ରେ ପ୍ରଫେଶନାଲ କ୍ୟାରିୟର ଆରମ୍ଭ କରିଥିବା କର୍ନେଟ ୨୦ ବର୍ଷର କ୍ୟାରିୟରରେ ୬ଟି ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ । କ୍ୟାରିୟର ଶ୍ରେଷ୍ଠ ୧୧ତମ ର୍ୟାଙ୍କିଂ ହାସଲ କରିଥିବା କର୍ନେଟ କ୍ରମାଗତ ୬୯ ଗ୍ରାଣ୍ଡସ୍ଲାମରେ ଅଂଶଗ୍ରହଣ କରିଥିଲେ । ମଙ୍ଗଳବାର ମ୍ୟାଚ୍ ପରେ ଫ୍ରେଞ୍ଚ ଓପନ ଡିରେକ୍ଟର ତଥା ପୂର୍ବତନ ଟେନିସ୍ ଷ୍ଟାର ଆମେଲି ମୌରେସ୍ମୋ ଓ ଫ୍ରେଞ୍ଚ ଟେନିସ୍ ଫେଡେରେଶନ ମୁଖ୍ୟ ଗିଲ୍ସ ମୋରେଟନ ଏକ ଫେୟାରୱେଲ ଟ୍ରଫି ସହ ଆଲିଜ୍ କର୍ନେଟଙ୍କୁ ସମ୍ମାନିତ କରିଥିଲେ ।

# ମେଜର ଲିଗ୍ କ୍ରିକେଟକୁ ଲିଷ୍ଟ ଏ ମାନ୍ୟତା

**ସାନ୍‌ଫ୍ରାନ୍ସିସ୍କୋ, ୨୮।୫(ପି.ଟି)**

ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍ ପକ୍ଷରୁ ଆମେରିକାର ଟି୨୦ ଲିଗ୍ ମେଜର ଲିଗ୍ କ୍ରିକେଟ(ଏମ୍‌ଏଲ୍‌ସି)କୁ ଲିଷ୍ଟ ଏ ମାନ୍ୟତା ପ୍ରଦାନ କରାଯାଇଛି । ଚଳିତବର୍ଷ ମେଜର ଲିଗ୍‌ର ଦ୍ୱିତୀୟ ସିଜନ ଖେଳାଯିବ । ଏକ ସପ୍ତାହ ମଧ୍ୟରେ ଟି୨୦ ବିଶ୍ୱକପ ଖେଳା ଯାଉଥିବାରୁ ଆଇସିସି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ଫଳରେ ଏହା ଆମେରିକାର ପ୍ରଥମ ବିଶ୍ୱସ୍ତରୀୟ ଘରୋଇ ଟୁର୍ନାମେଣ୍ଟର ମାନ୍ୟତା ପାଇଛି । ଲିଷ୍ଟ ଏ ମାନ୍ୟତା ମିଳିବା ପରେ ବର୍ତ୍ତମାନ ଏଥିରେ ସ୍କୋର ହେଉଥିବା ରନ୍, ଅର୍ଦ୍ଧଶତକ, ଶତକ, ୫ ଉଇକେଟ ସଫଳତା, ବିଜୟ ଓ ପରାଜୟକୁ ଡକ୍ୟୁମେଣ୍ଟ କରାଯିବ । ସେହିପରି ଏହି ଟୁର୍ନାମେଣ୍ଟକୁ ବର୍ତ୍ତମାନ ଖେଳାଳିଙ୍କ କ୍ୟାରିୟର ପରିସଂଖ୍ୟାନରେ ସାମିଲ ମଧ୍ୟ କରାଯିବ । ଅନ୍ତର୍ଜାତୀୟ ସ୍ତରର ଫର୍ମାଟ ହିସାବରେ ଏହାକୁ ଗ୍ରହଣ କରାଯିବ ବୋଲି ଏମ୍‌ଏଲ୍‌ସି ପକ୍ଷରୁ କୁହାଯାଇଛି । ଆଇସିସିର ଏହି ପଦକ୍ଷେପ ଦ୍ୱାରା ସ୍ଥାନୀୟ ଖେଳାଳିମାନଙ୍କୁ ଅନ୍ତର୍ଜାତୀୟ ପରିଚୟ ମିଳିବ ଓ ଘରୋଇ କ୍ରିକେଟ ବ୍ୟବସ୍ଥା ସୁଧୁରିବ ବୋଲି ମଧ୍ୟ କୁହାଯାଇଛି । ଏମ୍‌ଏଲ୍‌ସି ମ୍ୟାଚ୍ ସଂଖ୍ୟା ୧୯ରୁ ୩୪କୁ ବୃଦ୍ଧି କରାଯିବ ବୋଲି ସିଇଓ ବିଜୟ ଶ୍ରୀନିବାସନ କହିଛନ୍ତି । ୨୦୨୩ରେ ଏମ୍‌ଏଲ୍‌ସିର ପ୍ରଥମ ସିଜନରେ ଆମେରିକାରେ ଏକ କ୍ରିକେଟ ମାନିଆ ଆରମ୍ଭ ହୋଇଥିଲା ।

# ବିଶ୍ୱକପ୍‌ରେ ରହିବ ବୋଲରଙ୍କ ପ୍ରାଧାନ୍ୟ

**ବେଙ୍ଗାଲୁରୁ, ୨୮।୫(ପି.ଟି)**

ଆଇସିସି କ୍ରିକେଟ ଟି୨୦ ବିଶ୍ୱକପ୍‌ରେ ବୋଲରଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିବ । ସଦ୍ୟ ସମାପିତ ଆଇପିଏଲ୍‌ରେ ଯେଉଁଭଳି ଭାବରେ ବିଶାଳ ସ୍କୋର ହେଉଥିଲା ତାହା ବିଶ୍ୱକପ୍‌ରେ ଦେଖିବାକୁ ମିଳିବ ନାହିଁ । ଆଇପିଏଲ୍‌ରେ ବଡ ସ୍କୋର କରିଥିବା ଟ୍ରାଭିସ୍ ହେଡ୍ ଓ ଆନ୍ଦ୍ରେ ରସେଲଙ୍କ ପରି ଖେଳାଳି ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ହେବାକୁ ଥିବା ବିଶ୍ୱକପ୍‌ରେ ନଜର ଆସିବେ । ଆଇପିଏଲ୍ ପରେ ଆଉ ଏକ ହାଇସ୍କୋରିଂ ଟୁର୍ନାମେଣ୍ଟ ପାଇଁ ଫ୍ୟାନମାନେ ଆଶାବାଦୀ । ଆଇପିଏଲ୍‌ରେ ୨୫୦ ରନ୍ ଅତି ସହଜରେ ସ୍କୋର ହେଉଥବା ବେଳେ ଟି୨୦ ବିଶ୍ୱକପ୍‌ରେ ଥରେ ମାତ୍ର ଏଭଳି ହୋଇଛି । ଏପରିକି ବିଶ୍ୱକପ୍‌ରେ ବ୍ୟାଟ ଓ ବଲ୍ ମଧ୍ୟରେ କଡା ସଂଘର୍ଷ ଦେଖିବାକୁ ମିଳିବ ବୋଲି କୁହାଯାଉଛି । ଏହାର ଏକ ପ୍ରମୁଖ କାରଣ ହେଉଛି ଇମ୍ପାକ୍ଟ ପ୍ଲେୟର ନିୟମ । ଅନ୍ତର୍ଜାତୀୟ କ୍ରିକେଟରେ ଇମ୍ପାକ୍ଟ ପ୍ଲେୟର ନ ଥିବାରୁ ପାରମ୍ପରିକ ଫର୍ମାଟର କ୍ରିକେଟ ଦେଖିବାକୁ ମିଳିବ । ନିକଟରେ କୋଲକାତା ନାଇଟ ରାଇଡର୍ସକୁ ଚାମ୍ପିୟନ କରିଥିବା ମିଚେଲ୍ ଷ୍ଟାର୍କ ମଧ୍ୟ ସମାନ ମତ ରଖିଛନ୍ତି । ଆଇପିଏଲ୍‌ରେ ୮ ନମ୍ବର ଯାଏ ବ୍ୟାଟିଂ ଉପଲବ୍ଧ ରହୁଥିବା ବେଳେ ଅନ୍ତର୍ଜାତୀୟ କ୍ରିକେଟରେ ଏହା ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ଆଇପିଏଲ୍ ଭଳି ହାଇ ସ୍କୋରିଂ ମ୍ୟାଚ୍ ବିଶ୍ୱକପ୍‌ରେ ଦେଖିବାକୁ ମିଳିବ ନାହିଁ ବୋଲି କହିଛନ୍ତି ଷ୍ଟାର୍କ । ସେ ଶିବମ ଦୁବେଙ୍କ ଉଦାହରଣ ଦେଇ କହିଥିଲେ ଚେନ୍ନାଇ ତାଙ୍କୁ ଇମ୍ପାକ୍ଟ ପ୍ଲେୟର ଭାବରେ ବ୍ୟବହାର କରିଥିଲା । ଜଣେ ବୋଲରଙ୍କ ସ୍ଥାନରେ ଦୁବେ ୪-୫ ନମ୍ବରରେ ବ୍ୟାଟିଂ କରିବାକୁ ଆସୁଥିବା ବେଳେ ଏକାଧିକ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ । ମାତ୍ର ବିଶ୍ୱକପ୍‌ରେ ଦୁବେଙ୍କୁ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିବା କଷ୍ଟ । ବୋଲିଂ ଦକ୍ଷତା ନ ଦେଖାଇଲେ ଏହି ଖେଳାଳିଙ୍କୁ ସ୍ଥାନ ମିଳିବନି ବୋଲି ଷ୍ଟାର୍କ କହିଛନ୍ତି । ଏପରିକି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପାଇଁ ମଧ୍ୟ ସମାନ ନିୟମ ରହିଛି । ତେବେ ବ୍ୟାଟରଙ୍କ ପାଇଁ ମଧ୍ୟ ଏହା ସମାନ ଭାବରେ କଷ୍ଟସାଧ୍ୟ ରହିବ । ଆଇପିଏଲ୍‌ରେ ଜଣେ ଅତିରିକ୍ତ ବ୍ୟାଟର ରହିଥିବା ବେଳେ ଏହା ଖେଳିବା ପରିସ୍ଥିତିକୁ ସହଜ କରି ଦେଇଥାଏ, ଯାହା ଅନ୍ତର୍ଜାତୀୟ କ୍ରିକେଟରେ ଅସମ୍ଭବ ।

ସେହିପରି ୱେଷ୍ଟଇଣ୍ଡିଜ୍ ପିଚ୍‌ରେ ବଡ ପରିବର୍ତ୍ତନ ଦେଖିବାକୁ ମିଳିଛି । ୮୦-୯୦ ଦଶକର ପିଚ୍ ଅପେକ୍ଷା ଏହା ଅତ୍ୟନ୍ତ ଧିମା ହୋଇ ଯାଇଛି । ବଲ୍ ତଳୁଆ ରହୁଥିବା ବେଳେ ଏଠାରେ ବଡ ସ୍କୋର ହେବାର ସମ୍ଭାବନା ଅତ୍ୟନ୍ତ କମ୍ ରହିବ ବୋଲି ଜଣେ କ୍ୟୁରେଟର୍ କହିଛନ୍ତି । ଭାରତ ଏହି ଟୁର୍ନାମେଣ୍ଟ ପାଇଁ ୪ ସ୍ପିନରଙ୍କୁ ସାମିଲ କରିଥିବା ବେଳେ ଟୁର୍ନାମେଣ୍ଟରେ ବଡ ସ୍କୋରର ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି । ଆମେରିକା ମାଟିରେ କେବଳ ଫ୍ଲୋରିଡା ପୂର୍ବରୁ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିଛି । ଅନ୍ୟ ସମସ୍ତ ଭେନ୍ୟୁରେ ପ୍ରଥମ ଥର ବଡ ଟୁର୍ନାମେଣ୍ଟ ଖେଳାଯାଉଥିବା ବେଳେ ପିଚ୍ କିଭଳି ବ୍ୟବହାର କରିବ ତାହା କହିବା କଷ୍ଟ । କାରିବିଆନ୍ ପ୍ରିମିୟର ଲିଗ୍‌ରେ ଖେଳିଥିବା ଡେଭିଡ୍ ୱାର୍ନର ମଧ୍ୟ ସମାନ ମତ ଦେଇଛନ୍ତି । ଆଇପିଏଲ୍‌ରେ ଆଭରେଜ ସ୍କୋର ୧୮୦ ରହିଥିବା ବେଳେ ହାଇଦ୍ରାବାଦ ପିଚ୍‌ରେ ଆଭରେଜ୍ ସ୍କୋର ୨୩୦ ରହିଥିଲା । ତେବେ ୱେଷ୍ଟଇଣ୍ଡିଜ୍‌ରେ ଏହା ସମ୍ପୂର୍ଣ୍ଣ ଭିନ୍ନ ରହିବ । ଆଣ୍ଟିଗୁଆରେ ୧୨୩, ବାର୍ବାଡୋସରେ ୧୩୮, ଗୁୟାନାରେ ୧୨୪, ତ୍ରିନିଦାଦରେ ୧୧୫, ସେଣ୍ଟ ଭିନସେଣ୍ଟରେ ୧୧୮ ଓ ଗ୍ରସ୍ ଆଇଲେଟ୍‌ରେ୧୩୯ ଆଭରେଜ ସ୍କୋର ରହିଛି । ତେଣୁ ଅନ୍ତତଃପକ୍ଷେ ବୋଲରଙ୍କ ପାଇଁ ଏହି ଟୁର୍ନାମେଣ୍ଟ ରହିବ ବୋଲି ୱାର୍ନର କହିଛନ୍ତି ।

# ଜାତୀୟ କ୍ୟାମ୍ପ୍‌ରେ ଓଡ଼ିଶାର ଲିପିକା

**୧୮ ବର୍ଷରୁ କମ୍ ମହିଳା ଭଲିବଲ**

**ଭୁବନେଶ୍ୱର, ୨୮।୫ (ତପନ ସ୍ୱାଇଁ)**

ଏସିଆନ ଭଲିବଲ କନ୍‌ଫେଡେରେଶନ (ଏଭିସି) ଆନୁକୂଲ୍ୟରେ ଥାଇଲାଣ୍ଡର ନାଖୋନ ପାଥୋମଠାରେ ୧୮ ବର୍ଷରୁ କମ୍ ୧୫ଶ ଏସିଆନ ମହିଳା ଭଲିବଲ ଚାମ୍ପିୟନଶିପ୍ ଜୁନ ୧୬ରୁ ଆରମ୍ଭ ହେବ । ଏହା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଭାରତୀୟ ଦଳର କୋଚିଂ କ୍ୟାମ୍ପ ବେଙ୍ଗାଲୁରୁ ସର୍ଦର୍ନ ସେଣ୍ଟରସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପରିସରରେ ଚଳିତ ମାସ ୨୮ରୁ ମେ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି କ୍ୟାମ୍ପ ପାଇଁ ଓଡ଼ିଶାର ଲିପିକା ଖେସ୍ (ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ) ଯୋଗ୍ୟ ବିବେଚିତ ହୋଇଛନ୍ତି । କ୍ୟାମ୍ପ ପାଇଁ ଅନୁଷ୍ଠିତ ଚୟନ ଟ୍ରାଏଲ୍‌ରେ ସେ ଅଂଶଗ୍ରହଣ କରି ପ୍ରଭାବିତ କରିଥିଲେ । ପୂର୍ବରୁ ସେ ଅନେକଥର ଜାତୀୟ ସବ୍-ଜୁନିୟର ଓ ଜୁନିୟର ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି । ଓଡ଼ିଶା ଭଲିବଲ ଆସୋସିଏଶନ ସଭାପତି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ସମ୍ପାଦକ ଗଗନେନ୍ଦୁ ଦାଶ ଖୁସିବ୍ୟକ୍ତ କରିବା ସହ ଲିପିକାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରକାଶଯୋଗ୍ୟ ଯେ, ଗତ ୩ ବର୍ଷ ଧରି ଅନେକ ଓଡ଼ିଶା ଖେଳାଳି ଭାରତର ବିଭିନ୍ନ ବର୍ଗର ଦଳରେ ସ୍ଥାନ ପାଇ ରାଜ୍ୟକୁ ଗର୍ବିତ କରିଛନ୍ତି ।



ଲିପିକା ଖେସ୍

## ଭାରତ 'ଏ'-ଅଷ୍ଟ୍ରେଲିଆ 'ଏ' ମ୍ୟାଚ

**ମେଲବୋର୍ନ, ୨୮।୫ (ପି.ଟି.):** ଚଳିତବର୍ଷ ପରବର୍ତ୍ତୀ ଭାଗରେ ଖେଳାଯିବାକୁ ଥିବା ବର୍ଡର ଗାଭାସ୍କର ଟ୍ରଫି ପୂର୍ବରୁ ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ଭାରତ 'ଏ' ଦୁଇଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିବ । କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ତରଫରୁ ମଙ୍ଗଳବାର ଏ ବିଷୟ ଘୋଷଣା କରାଯାଇଛି । ଏହି ଦୁଇଟି ମ୍ୟାଚ ଯଥାକ୍ରମେ ଗ୍ରେଟ୍ ବ୍ୟାରିୟର ରିଫ୍ ଆରେନା ଓ ଏମ୍‌ସିଜିରେ ଅକ୍ଟୋବର ୩୧ରୁ ନଭେମ୍ବର ୩ ଏବଂ ନଭେମ୍ବର ୭ରୁ ୧୦ ପର୍ଯ୍ୟନ୍ତ ଖେଳାଯିବ । ଏହି ୱାର୍ମଅପ୍ ମ୍ୟାଚରୁ ଉଭୟ ଦଳ ଆବଶ୍ୟକ ପଡ଼ିଲେ ଟେଷ୍ଟ ମ୍ୟାଚ ପାଇଁ ପ୍ରଦର୍ଶନଭିତ୍ତିରେ କେତେଜଣ ଖେଳାଳିଙ୍କୁ ନେବା ଲାଗି ସୁଯୋଗ ପାଇବେ । ଭାରତୀୟ ଦଳ ଆହୁରି ମଧ୍ୟ ୱାକା ଗ୍ରାଉଣ୍ଡରେ ଏକ ୩ ଦିନିଆ ଇଣ୍ଟ୍ରା ସ୍କ୍ୱାଡ ମ୍ୟାଚ ନଭେମ୍ବର ୧୭ରୁ ଖେଳିବ ।

# ଇଣ୍ଡୋନେସିଆକୁ ହରାଇଲା ଭାରତ

**ଏସୀୟ ମହିଳା ଭଲିବଲ ଚ୍ୟାଲେଞ୍ଜ୍ କପ୍**



ସପୋର୍ଟ ଷ୍ଟାଫ୍‌ଙ୍କ ସହ ଭାରତୀୟ ମହିଳା ଭଲିବଲ ଦଳ ।

**ଭୁବନେଶ୍ୱର, ୨୮।୫ (ତପନ ସ୍ୱାଇଁ)**

ଫିଲିପାଇନ୍ସର ମାନିଲାଠାରେ ଚାଲିଥିବା ୫ମ ଏସୀୟ ମହିଳା ଭଲିବଲ (ଏଭିସି) ଚ୍ୟାଲେଞ୍ଜ କପ୍‌ରେ ଭାରତୀୟ ଦଳ ମଙ୍ଗଳବାର ଇଣ୍ଡୋନେସିଆକୁ ପରାସ୍ତ କରିଛି । ୫-୮ ସ୍ଥାନ ପାଇଁ ଅନୁଷ୍ଠିତ ଏହି କ୍ଲାସିଫିକେଶନ ମ୍ୟାଚରେ ଭାରତ ୩-୧ (୨୫-୧୬, ୩୦-୩୨, ୨୫-୨୦, ୨୭-୨୫) ସେଟ୍‌ରେ ବିଜୟୀ ହୋଇଛି । ଭାରତ ବିଜୟରେ ବ୍ଲକର ସୋର୍ଯ୍ୟା, ସେଟର ଜିନି ଓ ଅନୁଶ୍ରୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଇଣ୍ଡୋନେସିଆକୁ ହରାଇବାପରେ ଭାରତୀୟ ଦଳ ଏବେ ୫-୬ ସ୍ଥାନ ପାଇଁ ଇରାନ ସହ ବୁଧବାର ଖେଳିବ । ଭାରତୀୟ ମହିଳା ଭଲିବଲ ଦଳ ପ୍ରିଲିମିନାରୀ ଷ୍ଟେଜ୍‌ରେ ଇରାନ ଓ ଚାଇନିଜ ତାଇପେକୁ ହରାଇବା ପରେ ଅଷ୍ଟ୍ରେଲିଆ ଓ ଆୟୋଜକ ଫିଲିପାଇନ୍ସଠାରୁ ଶେଷ ୨ ମ୍ୟାଚରେ ହାରି ଯାଇଥିଲା । ଲିଗ୍ ଓ ନକ୍‌ଆଉଟ ବିଶିଷ୍ଟ ପ୍ରତିଯୋଗିତାରେ ଅଷ୍ଟ୍ରେଲିଆ, ଚାଇନିଜ ତାଇପେ, ହଂକଂ ଚାଇନା, ଇଣ୍ଡୋନେସିଆ, ଭାରତ, ଇରାନ, ଫିଲିପାଇନ୍ସ, ଭିଏତ୍‌ନାମ, ସିଙ୍ଗାପୁର ଓ କାଜାଖସ୍ତାନ ଆଦି ୧୦ଟି ଦଳ ଅଂଶଗ୍ରହଣ କରିଥିଲେ । ପ୍ରକାଶଯୋଗ୍ୟ ଯେ, ଭାରତୀୟ ଦଳରେ ଜଣେ ଓଡ଼ିଆ ଖେଳାଳି ସାମିଲ ଅଛନ୍ତି । ସେ ହେଉଛନ୍ତି ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲର ଲିପିକା ଖେସ । ଏହା ବ୍ୟତୀତ ଲୋତକ ବିନ୍ଦୁ ଦାଶ ଭାରତୀୟ ଦଳର କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି ।

# ଧାନଚାଷ ପାଇଁ ଜମି ପ୍ରସ୍ତୁତି



## ଜୁନ୍ ମାସର କୃଷି ସୂଚନା

ଧାନଚାଷ କରିବା ପୂର୍ବରୁ ଜମିକୁ ଗଭୀର ଚାଷକରି ମାଟିକୁ ଗୁଣ୍ଡକରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଛଟାବୁଣା ନ କରି ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨-୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ। ବୁଣିସାରି ଥରେ ମଇ ଦେଇ ଦିଅନ୍ତୁ। ସହଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ। ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନକରି ବୁଣନ୍ତୁ। ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ। ଏକ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲି ତଳିଘରାରେ ୧ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଚଉଡ଼ାର ନାଳି ଛାଡ଼ନ୍ତୁ। ତଳି ପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ। ଦୋରସା ମାଟି ଥିବା ବର୍ଷା ଆଧାରିତ ଜମିରେ ଶୁଖିଲା ତଳି ପଟି ମଧ୍ୟ କରାଯାଇପାରିବ। ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ। ତଳି ପତ୍ର ଫିଟିଗଲେ ଏଥିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ। ଗଜା ହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ। ସାଧାରଣତଃ ଖରିଫ୍/ବର୍ଷା ଋତୁରେ ମୋଟ ୬୦ ମିଲିମି. ବର୍ଷା ହେବା ପରେ ହିଁ ବୁଣାବୁଣି କାର୍ଯ୍ୟ କରନ୍ତୁ। ଯେଉଁ ଜମିଗୁଡ଼ିକରେ ଘାସ ଉପଦ୍ରବ ଦେଖାଦେଇଛି ବିଶେଷକରି ଢିପଜମିରେ ଘାସମରା ବିଷ ବ୍ୟବହାରକରି ଘାସ ଦମନ କରନ୍ତୁ। ଏଥିପାଇଁ ଢିପଜମିରେ ହେକ୍ଟର ପ୍ରତି ବୁଟାକ୍ଲୋର କିମ୍ବା ପ୍ରେଟିଲାକ୍ଲୋର ୧ ଲିଟର (ସକ୍ରିୟ ଉପାଦାନ) ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେୟରରେ ବୁଣିବାର ୨-୩ ଦିନ ପରେ ମାଟିରେ ବତର ଥିବା ଅବସ୍ଥାରେ ସିଞ୍ଚନ କରନ୍ତୁ। ରୋଇବା ପାଇଁ ଉଦ୍ଦିଷ୍ଟ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଧନିଚା ବୁଣନ୍ତୁ। ଜଳସେଚିତ ଜମିଗୁଡ଼ିକରେ ଜଳର ସୁବିଧା ଥିଲେ ସବୁଜ ସାର ନିମିତ୍ତ ଆଜୋଲା ବଢ଼ାନ୍ତୁ। ସାଧାରଣ ଉର୍ବର ଜମିରେ ବୁଣାବେଳେ ହେକ୍ଟର ପ୍ରତି ୧୫ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ। ଫସଲକୁ ବିହନଜନିତ ରୋଗରୁ ରକ୍ଷାକରିବା ପାଇଁ ବୁଣିବା ପୂର୍ବରୁ ବିହନକୁ କେ.ଜି. ପ୍ରତି ୨ ଗ୍ରାମ୍ କାର୍ବୋକ୍ସିନ୍ + ଥିରାମ୍ ବା ୧ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିଶୋଧନ କରନ୍ତୁ। ଉପଦ୍ରୁତ ଅଞ୍ଚଳରେ ରୋଗପୋକ ସହଣୀ ଶକ୍ତି ଥିବା କିସମର ଧାନଚାଷ କରନ୍ତୁ। **ତଣ୍ଟିକଟା (କେଣ୍ଡା ମହିଷା) ରୋଗର ପ୍ରତିକାର ପ୍ରଣାଳୀ :** ୧ କି.ଗ୍ରା. ବିହନକୁ ୨.୦ ଗ୍ରାମ୍ ହିସାବରେ ମିଶ୍ରିତ ଫିମ୍ପିନାଶକ କାର୍ବୋସ୍କିନ୍ (୩୭.୫%) + ଥିରାମ୍ (୩୭.୫%) ଦ୍ୱାରା ବିଶୋଧନ କରିବେ ଏବଂ ହେକ୍ଟର ପ୍ରତି ଟାବୁକୋନାଜୋଲ୍ ୫୦୦ ମି.ଲି. କିମ୍ବା କାଜୁଗାମାଇସିନ୍ (୩% ଏସ୍.ଏଲ୍.) ୫୦୦ ମି.ଲି. କିମ୍ବା ୭୫୦ ମି.ଲି. ଆଇସୋପ୍ରୋଥିଲେନ୍ (୪୦% ଇସି) ଦୁଇଥର ପତ୍ର ସିଞ୍ଚନ କରିବେ। **ମକାଚାଷ ପାଇଁ ଜମି ପ୍ରସ୍ତୁତି :** ଜମି ପ୍ରସ୍ତୁତକରି ହେକ୍ଟର ପ୍ରତି ୨୦ କି.ଗ୍ରା. ବିହନ ବିଶୋଧନ କରି ଧାଡ଼ିରେ ବୁଣନ୍ତୁ। ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ବୁଣିଲାବେଳେ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ। ପାଣି ଜମି ରହିଲେ ମକା ଗଛ ଭଲ ବଢ଼େ ନାହିଁ। ତେଣୁ ଜଳ ନିଷ୍କାସନର ସୁବିଧା କରନ୍ତୁ। **ଢିପଜମିରେ ଡାଲି ଜାତୀୟ ଫସଲ ଚାଷ :** ଜମି ପ୍ରସ୍ତୁତକରି ନିଗିଡ଼ା ଢିପ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫-୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ। ହରଡ଼ରେ ଧାଡ଼ିକୁ ଧାଡ଼ି ୪୫-୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ। ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ। ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ। ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ।

**ଚିନାବାଦାମ :** ଜମିକୁ ଗଭୀର ଚାଷକରି ମାଟି ଗୁଣ୍ଡ କରନ୍ତୁ। ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ)। ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ। କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଉଚିତ। ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ। ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ। ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ।

**ରାଶି :** ଜମି ପ୍ରସ୍ତୁତକରି ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନରେ ବୁଣନ୍ତୁ। ବୁଣିବା ବେଳକୁ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଅନୁମୋଦିତ କିସମ ଗୁଡ଼ିକ ହେଲା - କନକ, ଉଷା, ଉମା, ଅମ୍ରିତ୍, ପ୍ରାଚୀ, ନିର୍ମଳା, ସ୍ମାରକ ଓ ଶୁଭ୍ରା।

**କପା :** ଜମିକୁ ୮-୧୦ ଓଡ଼ ଗଭୀର ଚାଷକରି ମଇ ଦେଇ ମାଟିକୁ ଭଲରେ ଗୁଣ୍ଡକରି ଦିଅନ୍ତୁ। ହେକ୍ଟର ପ୍ରତି ଉନ୍ନତ କିସମ (ଏମ୍‌ସିୟୁ-୫) ବିହନ ବା ସଙ୍କର ଜାତୀୟ (ସବିତା, ସୂର୍ଯ୍ୟ) ୨.୦-୨.୫ କି.ଗ୍ରା. ଧାଡ଼ିକୁ ଧାଡ଼ି ୯୦ ସେ.ମି. ଏବଂ ମଞ୍ଜିକୁ ମଞ୍ଜି ୬୦ ସେ.ମି. ବ୍ୟବଧାନ ରଖି ଓ ୪-୫ ସେ.ମି. ଗଭୀରରେ ଦୁଇଟି ଲେଖାଏ ମଞ୍ଜି ପୋତନ୍ତୁ। ସଘନ କପାଚାଷ ପଦ୍ଧତି ପାଇଁ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ବିହନକୁ ୬୦ x ୧୦ ସେ.ମି. ବ୍ୟବଧାନରେ ବୁଣାଯାଏ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର-୩

## ନଳିତାରେ ଘାସ ବଛା

ନଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ। ଫସଲ ଗଜାହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଓ ଏହାର ଠିକ୍ ୭ ଦିନ ପରେ ଆଉ ଥରେ କୋଡ଼ାଖୁସା ଓ ଘାସ ବଛା କରି ଗଛ ପତଳାକରି ଦିଅନ୍ତୁ ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ । ଏହି ସମୟରେ ହେକ୍ଟର ପ୍ରତି ୨୦-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ଜୁନ୍ ମାସରେ ଘୋଡ଼ାପୋକ ଓ ପତ୍ରକଟା ପୋକ ଦ୍ୱାରା ଫସଲ ଆକ୍ରାନ୍ତ ହୋଇଥାଏ । ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ହେକ୍ଟର ପ୍ରତି ୧ଲିଟର ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।



## ମଲ୍ଲୀ ଗଛ: ଶୀଘ୍ର ଚେର ହେବାର ଉପାୟ



ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପିପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାରକରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ରୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡିକୁ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ଜୁଲାଇ ମାସରେ ପଟାଳିକରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ।

## ଆଖୁଚାଷରେ ଭେଳାବନ୍ଧା



ଆଖୁଚାଷ କରୁଥିଲେ ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ । ଏହି ଫସଲ ୩-୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ। ସଅଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଗାମା ଜାପୋନିକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ କିମ୍ବା ଥାୟାମେଥୋକ୍ସାମ୍ ୧୫୦ ଗ୍ରାମ୍/ହେକ୍ଟର (କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ କିମ୍ବା ଫିପ୍ରୋନିଲ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରନ୍ତୁ। ସୁବିଧା ଥିଲେ, ପତ୍ରକନ୍ଦାରେ ଦାନାଦାର ବିଷ ପ୍ରୟୋଗ କରାଯାଇପାରେ।

# ମାଛ ଯାଆଁଳ ଛାଡୁଥିଲେ...

ମାଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ । ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୁପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ। କାରଣ ବିଭିନ୍ନ ପ୍ରକାର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗକରି ସୁଚାରୁ ରୂପେ ବଢ଼ିଥାନ୍ତି । ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ । ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ । କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ । ଫଳରେ ମାଛ ଉତ୍ପାଦନ କମିଯିବ । ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ଟି ଜାତୀୟ ଏବଂ ୩ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ । ସଘନ ମାଛଚାଷ ପାଇଁ ୧ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ । କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ଟି ଭାକୁର, ୧୬୦୦ଟି ରୋହି ଏବଂ ୧୨୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛଚାଷ କରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ଏକର ପିଛା ଭାକୁର ୧୨୦୦ଟି, ରୋହି ୧୬୦୦ ଟି, ମିରିକାଳି ୮୦୦ଟି ଏବଂ ବିଲାତି ରୋହି ୪୦୦ ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ ।



## ପ୍ରାଣୀଙ୍କୁ ଜ୍ୱର ହେଲେ..

ଆଗକୁ ବର୍ଷା ଋତୁ ଆସୁଛି। ସାଧାରଣତଃ ଏହି ଦିନରେ ପ୍ରାଣୀଙ୍କୁ ଜ୍ୱର ହେବା ଦେଖାଯାଏ। ଜ୍ୱର ହେଲେ ଗୋ-ମହିଷାଦିଙ୍କ ଦେହରେ ଅଧିକ ତାତି ରହେ ଓ ଗୋଟିଏ ଗୋଡ଼ ଟେକି ରଖେ । ଜ୍ୱରର ଉପଶମ ପାଇଁ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ । ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ଆଶଙ୍କା ଥାଏ । ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା ଲାଗି ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ୨ଥର ଫିନାଇଲ ଆଦି ବିଶୋଧକ ପଦାର୍ଥରେ ସଫା କରନ୍ତୁ। ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ। ଏହା ପ୍ରାଣୀଙ୍କ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ ।



## ଫଳ ଚାରା ଲଗାଇବା ସମୟରେ...



ଆମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛିଦିନ ପାଇଁ ଛାଡ଼ିଦିଅନ୍ତୁ । ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା:- ଆମ୍ବ ଓ ସପେଟା - ୧ ମି. x ୧ ମି. x ୧ ମି., ନଡ଼ିଆ - ୧ ମି. x ୧ ମି. x୧ ମି. , କଦଳୀ - ୦.୫ ମି. x ୦.୫ ମି.x ୦.୫ ମି. , କମଳା/ଲେମ୍ବୁ - ୦.୬ ମି. x ୦.୬ ମି. x ୦.୬ ମି.। ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ । ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବରଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ। ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ। ଅନ୍ୟପକ୍ଷରେ ନର୍ସରି ପାଇଁ ଆମ୍ବଟାକୁଆ ସଂଗ୍ରହକରି ଚାରା ପକାନ୍ତୁ । ଆମ୍ବ ଚାରାକୁ ପଲିଥିନ୍‌ରେ ଭରନ୍ତୁ। ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ । ମାଆ ଗଛଗୁଡ଼ିକରେ ପ୍ରଥମ ଦଫା ସାର, ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ନୂତନ ଗଛଗୁଡ଼ିକରେ ଛାଇ ପ୍ରଦାନ ସହ ଜଳସେଚନ କରନ୍ତୁ । ମଞ୍ଜି ନଡ଼ିଆକୁ ନର୍ସରିରେ ପୋତନ୍ତୁ। ସପେଟା କଲମୀ କରନ୍ତୁ । ବାତ୍ୟାରେ ଭାଙ୍ଗିପଡ଼ିଥିବା ଡାଳପତ୍ର ସବୁକୁ ବଗିଚାରୁ ସଫାକରି କମ୍ପୋଷ୍ଟ ଖାତରେ ଭରି ଦିଅନ୍ତୁ।

# ବର୍ଷାଦିନିଆ ପନିପରିବା

ବର୍ଷାଦିନେ ସାଧାରଣତଃ ବାଇଗଣ, ବର୍ଷାଦିନିଆ ବିଲାତି ବାଇଗଣ, ବର୍ଷାଦିନିଆ କୋବି, ବର୍ଷାଦିନିଆ ପିଆଜ, ଲଙ୍କା, ଭେଣ୍ଡି, କଖାରୁ, ଛଚିନ୍ଦ୍ରା, ଜହ୍ନି, କଲରା, କାକୁଡ଼ି, କୁନ୍ଦୁରି, କାଙ୍କଡ଼, ଝୁଡ଼ଙ୍ଗ ଆଦି ପନିପରିବା ଫସଲ ଚାଷ କରାଯାଇଥାଏ। ସେଗୁଡ଼ିକ ମଧ୍ୟରୁ ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ । ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷକରି ସେଥିରୁ ଘାସଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହ ୧୫୦ ଗ୍ରାମ୍ ସୁପର୍ ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ। ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜକରି ୨ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରି ଲଗାନ୍ତୁ। ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ।





Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ


Symphony®
Thinking of Tomorrow
ଭାରତର ନଂ.1 କୁଲର୍
ସିମ୍ଫୋନୀ!*
Diet 3D 30i
MRP (1N) : ₹11,299/-
Offer Price (1N) : ₹10,391/-
Winter 80 XL
MRP (1N) : ₹16,499/-
Offer Price (1N) : ₹12,991/-
Sumo 75XL
MRP (1N) : ₹15,499/-
Offer Price (1N) : ₹13,491/-
40+ ବର୍ଷର
କୁଲିଂ କ୍ଷେତ୍ରରେ ଅଭିଜ୍ଞତା
60+ ଦେଶରେ
ସେବାଯୋଗାଣ
25 ମିଲୟନ୍+
ସୁଖୀ ଗ୍ରାହକ
*ଜୁଲାଇ '22 ରୁ ଜୁନ୍ '23 ମେଟ୍ରିକ୍ସ ରିସର୍ଚ୍ଚ ରିପୋର୍ଟ ଉପରେ ଆଧାରିତ **ସମସ୍ତ ଟ୍ୟାକ୍ସର MRP ଅନ୍ତର୍ଭୁକ୍ତ
www.symphonylimited.com
କଷ୍ଟମର କେୟାର
symphonylimited.com/care
Call: 079-35235235 / 9510976161
WhatsApp 'Hi' on: 9510976161
ଏଠାରେ କିଣାକିଣି କରନ୍ତୁ
Available at all leading outlets &
Symphony e-Shop
shop.symphonylimited.com
PATRA ELECTRONICS
RAJ ELECTRONICS
GUPTA DISTRIBUTORS
Reliance digital
croma A TATA Enterprise
amazon
Flipkart
For Trade Enquiries and More Details, Contact : SAMBALPUR : 9337610435, 9016201893, 91243 20050 BOLANGIR : 7227054734
For bulk enquiries: institutional@symphonylimited.com



Symphony®
Thinking of Tomorrow
ଭାରତର ନଂ.1 କୁଲର୍
ସିମ୍ଫୋନୀ!*
Diet 3D 30i
MRP (1N) : ₹11,299/-
Offer Price (1N) : ₹10,391/-
Winter 80 XL
MRP (1N) : ₹16,499/-
Offer Price (1N) : ₹12,991/-
Sumo 75XL
MRP (1N) : ₹15,499/-
Offer Price (1N) : ₹13,491/-
୪0+ ବର୍ଷର
କୁଲିଂ କ୍ଷେତ୍ରରେ ଅଭିଜ୍ଞତା
60+ ଦେଶରେ
ସେବାଯୋଗାଣ
25 ମିଲିୟନ୍+
ସୁଖୀ ଗ୍ରାହକ
*ଜୁଲାଇ '22 ରୁ ଜୁନ୍ '23 ମେଟ୍ରିକ୍ସ ରିସର୍ଚ୍ଚ ରିପୋର୍ଟ ଉପରେ ଆଧାରିତ **ସମସ୍ତ ଟ୍ୟାକ୍ସର MRP ଅନ୍ତର୍ଭୁକ୍ତ
www.symphonylimited.com
କଷ୍ଟମର କେୟାର
symphonylimited.com/care
Call: 079-35235235 / 9510976161
WhatsApp 'Hi' on: 9510976161
ଏଠାରେ କିଣାକିଣି କରନ୍ତୁ
Available at all leading outlets &
Symphony e-Shop
shop.symphonylimited.com
PATRA ELECTRONICS
RAJ ELECTRONICS
GUPTA DISTRIBUTORS
Reliance digital
croma A TATA Enterprise
amazon
Flipkart
For Trade Enquiries and More Details, Contact : 9016201893, 91243 20050, 7227054734
For bulk enquiries: institutional@symphonylimited.com